ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୮/୨୦୨୧ (୧୨+୮=୨୦ ପୃଷ୍ଠା) Bhubaneswar, Monday, October 18/2021 ★★★★

୪୭ଶ ଭାଗ ୩୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ੴ

# ANTIM ARDAAS



With profound grief we regret the sad demise of our beloved

## Shri Kamaljeet Singh Ahluwalia

(Chairman, KJS Group)

A caring brother, a loving father and doting grandfather, Shri Ahluwalia was a visionary and a pioneer who leaves behind an everlasting legacy. A larger than life personality who had touched the hearts and lives of many with his kindness.
We have been blessed to have shared his life with him. He will be truly missed and our memories of him will last forever.

Date: 18th October, 2021
Time: 04:00 PM to 05:00 PM

IN GRIEF:
Manjula Ahluwalia (Wife)
Himangini & Karanpal Singh (Daughter & Son-in-Law), Naman and Mehaan (Grand-sons), Promilla Ahluwalia (Sister-in-law), Santosh Ahluwalia (Sister-in-law), Indu and Pavan Ahluwalia (Sister-in-law and brother) Gopa and Prashant Ahluwalia (sister-in law and brother), Rekha Walia (Sister) Sudha & DK Mehta (Sister and Brother-in-law) and entire family

Please scan this QR for live on Youtube

https://qr.w69b.com/g/sw7BvQtJS

Please scan this QR to join on zoom

Meeting ID: 817 8725 3103
Passcode: 1234

KJS GROUP

KJS CEMENT
HUM HAIN, TOH DUM HAI

# ‘ଦିଲ୍ଲୀ ପ୍ରଦୂଷଣ ପାଇଁ ପଡ଼ୋଶୀ ଦାୟୀ’

ନୂଆଦିଲ୍ଲୀ,୧୭।୧୦



ଦିଲ୍ଲୀରେ ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଥିବାବେଳେ ଏଥିପାଇଁ ପଡ଼ୋଶୀ ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶ ଉପରେ ଦୋଷ ଲଦିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ଏହି ୩ ରାଜ୍ୟରେ ବହୁଳ ଭାବେ ନଡ଼ାମୂଳି ପୋଡ଼ାଯାଉଥିବାରୁ ଦିଲ୍ଲୀର ବାୟୁ ପ୍ରଦୂଷିତ ହେଉଛି। କିନ୍ତୁ କୌଣସି ରାଜ୍ୟର ସରକାର କୃଷକଙ୍କୁ ଏଥିରୁ ନିବୃତ୍ତ କରିବାକୁ କିଛି କରୁନାହାନ୍ତି ବୋଲି ଆମ୍ ଅଦ୍‌ମୀ ପାର୍ଟି (ଏଏପି) ଆବାହକ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ୟୁପି ଏବଂ ହରିୟାଣାରେ ଭାଜପା ସରକାର କ୍ଷମତାସୀନ ଥିବାବେଳେ ପଞ୍ଜାବରେ କଂଗ୍ରେସ ସରକାର ଚାଲିଛି। ଏହି ଦୃଷ୍ଟିରୁ ଦିଲ୍ଲୀ ପ୍ରଦୂଷଣ ପାଇଁ ୩ ପଡ଼ୋଶୀ ରାଜ୍ୟର ସରକାରଙ୍କୁ କେଜ୍‌ରିୱାଲ ଦାୟୀ କରିବାକୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ୧୪୩୦ ଶଯ୍ୟା ବିଶିଷ୍ଟ ଶାଲିମାରବାଗ୍ ସରକାରୀ ହସ୍ପିଟାଲକୁ ଉଦ୍‌ଘାଟନ କରି କହିଛନ୍ତି, ପଞ୍ଜାବ, ହରିୟାଣା ଏବଂ ୟୁପି କୃଷକଙ୍କ ନଡ଼ାମୂଳି ପୋଡ଼ିରୁ ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହି ୩ ରାଜ୍ୟର ସରକାରମାନେ ଏହାକୁ ରୋକି ବାୟୁ ପ୍ରଦୂଷଣ ହ୍ରାସ କରିବାରେ ନିଜ ଉତ୍ତରଦାୟିତ୍ୱ ବୁଝିବା ଦରକାର। ମାସେ ହେଲା ଦିଲ୍ଲୀର ଏୟାର କ୍ୱାଲିଟି ଡାଟାକୁ ନେଇ ସେ ଟୁଇଟ୍ କରିଚାଲିଛନ୍ତି। ବିଶେଷକରି ଗତ ୩-୪ ଦିନ ଧରି ପ୍ରଦୂଷଣ ହାର ବେଶି ବଢ଼ିଛି। ସେମାନଙ୍କ ସରକାର ନଡ଼ାମୂଳି ପୋଡ଼ି ରୋକିବା ପାଇଁ କିଛି କୃଷକଙ୍କୁ ସହାୟତା ଦେଉନାହାନ୍ତି। ଫଳରେ ଚାଷୀ ବାଧହୋଇ ଚାଷଜମିରେ ନଡ଼ାମୂଳି ପୋଡୁଛନ୍ତି। କିନ୍ତୁ ଦିଲ୍ଲୀ ସରକାର ଆଷ୍ଟାଇ ଡଷ୍ଟ ଅଭିଯାନରୁ ନେଇ ବାୟୋ ଡିକମ୍ପୋଜର ଲିକୁଇଡ୍



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ

ସିଞ୍ଚନ ପର୍ଯ୍ୟନ୍ତ ସବୁ ପ୍ରକାର ସହାୟତା ଦେଉଛନ୍ତି। ପଡ଼ୋଶୀ ରାଜ୍ୟଗୁଡ଼ିକ ଏଭଳି ପଦକ୍ଷେପ କାହିଁକି ନେଉନାହାନ୍ତି ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ରବିବାର ଅପରାହ୍ନ ୨ଟାରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୩୯ ଥିଲା, ଯାହାକୁ ଅତ୍ୟନ୍ତ ଖରାପ ଶ୍ରେଣୀରେ ଧରାଯାଇଥାଏ। ଏକ୍ୟୁଆଇ ଶୂନରୁ ୫୦ ମଧ୍ୟରେ ରହିଲେ ଉତ୍ତମ ଏବଂ ୫୧ରୁ ୧୦୦ ରହିଲେ ସନ୍ତୋଷଜନକ ବୋଲି କୁହାଯାଏ। ଏହା ପୂର୍ବରୁ ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାଏ ମଧ୍ୟ ଅନୁରୂପ ଚିନ୍ତା ପ୍ରକଟ କରି ପ୍ରଦୂଷଣ ପାଇଁ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଦାୟୀ କରିଥିଲେ।

# ପଦ୍ମ ଧରିବେ ଅଞ୍ଜଳି

ଢେଙ୍କାନାଳ ଅଫିସ,୧୭।୧୦

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ଭାଜପାରେ ମିଶିବେ। ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ନିଜ ସମର୍ଥକଙ୍କ ସହିତ ଯୋଗଦେବେ ବୋଲି ରବିବାର ଫୋନ୍ ଯୋଗେ ସୂଚନା ଦେଇଛନ୍ତି। ଭାଜପାରେ ସାମିଲ ହେବା ପରେ ଦଳର ନିର୍ଦ୍ଦେଶ ହେଲେ ଆସନ୍ତା ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

ହିନ୍ଦୋଳ ବିଧାନସଭା ଆସନରୁ ବିଜେଡି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରି ୨୦୦୦, ୨୦୦୪ ଏବଂ ୨୦୦୯ରେ ଲଗାତର ୩ ଥର ବିଧାୟିକା ଭାବେ ଜିତିଥିଲେ ଅଞ୍ଜଳି। ଏଥିସହ ୨ ଥର ମନ୍ତ୍ରୀ ମଧ୍ୟ ରହିଥିଲେ। ୨୦୧୪ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା। ଏହାପରେ ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ବିଦ୍ରୋହୀ


ଅଞ୍ଜଳି ବେହେରା।

ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ୨୦୧୯ରେ ଅଞ୍ଜଳିଙ୍କ ଭାଇ ଅଶୋକ ନାୟକ ଭାଜପା ପ୍ରାର୍ଥୀ ଭାବେ ହିନ୍ଦୋଳ ନିର୍ବାଚନମଣ୍ଡଳୀରୁ ଲଢ଼ି ପରାଜିତ ହୋଇଥିଲେ। ଏହି ନିର୍ବାଚନରେ ଅଶୋକଙ୍କ ପାଇଁ ଅଞ୍ଜଳି ପ୍ରଚାର କରିଥିଲେ।

# ବିଜେଡି ଅପରାଧ ତତ୍ତ୍ୱକୁ ପ୍ରୋତ୍ସାହିତ କରୁଛି: ଭାଜପା

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ରାଜ୍ୟରେ ହିଂସା, ହତ୍ୟାକାଣ୍ଡ, ନିଶା କାରବାର ଓ ବ୍ୟବହାର, ଚୋରି, ସାଇବର କ୍ରାଇମ୍, ନାରୀ ନିର୍ଯାତନା ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ଏହି କାରଣରୁ ବିଶେଷ ଭାବେ ଓଡ଼ିଶାର ଯୁବସମାଜ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ସମସ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହେଉଛି, ଅଧିକାଂଶ କ୍ଷେତ୍ରରେ ଏ ସମସ୍ତ ଘଟଣାରେ ଶାସକ ବିଜେଡିର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପୃକ୍ତି ରହିଆସୁଛି। ଅପରାଧ ତତ୍ତ୍ୱକୁ ପ୍ରୋତ୍ସାହନ କାରଣରୁ ଅପରାଧୀମାନେ ବିନା ଭୟରେ ଅପରାଧ ଭିଆଉଛନ୍ତି। ‘ରକ୍ଷକ ଯଦି ଭକ୍ଷକ ସାଜେ’, ତା’ହେଲେ ସାଧାରଣ ଜନତା କାହା ପାଖରୁ ନ୍ୟାୟ ଆଶା ରଖିବେ ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ବିଭାଗ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦିନକୁ ଦିନ


ଦିଲ୍ଲୀପ ମଲ୍ଲିକ

ରାଜଧାନୀ ସାଧାରଣ ଜନତାଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି। ବହୁଚର୍ଚ୍ଚିତ ମନୀଷ ଅନୁରାଗ ହତ୍ୟା ପ୍ରସଙ୍ଗରେ ଖୁଲାସା କରି ଶନିବାର ଭୁବନେଶ୍ୱର ଡିସିପି ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। ମନୀଷଙ୍କ ହତ୍ୟା କେମିତି ହେଲା, ତାହା ସ୍ପଷ୍ଟ ହେଲା ନାହିଁ ବରଂ ଅନେକ ରହସ୍ୟ ଅସମାହିତ ହୋଇ ରହିଗଲା। ଏଭଳି ଏକ ସଙ୍ଗିନ ମାମଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ତଦନ୍ତ ପରିସରଭୁକ୍ତ ନ କରିବାକୁ ନେଇ ବହୁ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଦିଲୀପ କହିଛନ୍ତି।

# ‘ବୁଦ୍ଧିଷ୍ଟ ସର୍କିଟ’ରେ ଓଡ଼ିଶାକୁ ସାମିଲ କରାଯାଉ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

## କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ସ୍ୱଦେଶ ଦର୍ଶନ ଯୋଜନାରେ ଘୋଷଣା ହୋଇଥିବା ‘ବୁଦ୍ଧିଷ୍ଟ ସର୍କିଟ’ରେ ଓଡ଼ିଶାକୁ ସାମିଲ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରନ୍ତୁ। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଚିଠି ଲେଖି ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସ୍ୱଦେଶ ଦର୍ଶନ ଯୋଜନାରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ୫ ରାଜ୍ୟରେ ‘ବୁଦ୍ଧିଷ୍ଟ ସର୍କିଟ’ର ବିକାଶ ପାଇଁ ୩୨୫.୫୩ କୋଟି ଟଙ୍କାର ୫ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଏହି ରାଜ୍ୟଗୁଡ଼ିକ ହେଉଛି, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶ। ତେବେ ଓଡ଼ିଶାରେ ସମୃଦ୍ଧ ବୌଦ୍ଧ ପରମ୍ପରା ଓ ପୁଣ୍ୟ ବୌଦ୍ଧପୀଠ ଥିବା ସତ୍ତ୍ୱେ ଏହାକୁ ବୁଦ୍ଧିଷ୍ଟ ସର୍କିଟରେ ସାମିଲ କରା ନ ଯିବା ଏବଂ ଏହି ଯୋଜନା ଅନ୍ତର୍ଗତ ପବିତ୍ର ବୌଦ୍ଧ ପୀଠ ପାଇଁ କୌଣସି ପ୍ରକଳ୍ପ ନିମନ୍ତେ ଅନୁଦାନ ନ ମିଳିବା ଚିନ୍ତାଜନକ। ଓଡ଼ିଶାରେ ବୌଦ୍ଧ ଧର୍ମର ଇତିହାସ ସମ୍ପର୍କରେ ଧର୍ମେନ୍ଦ୍ର ଚିଠି ମାଧ୍ୟମରେ ଅବଗତ କରାଇବା ସହ କହିଛନ୍ତି, ଧର୍ମ ବିଚାରଧାରା ଆସିବା ସମୟରୁ ଓଡ଼ିଶାରେ ବୌଦ୍ଧ ଧର୍ମ ରହିଆସିଛି। ଅଷ୍ଟମରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଭୌମକର ବଂଶ ଶାସନ କାଳରେ ରାଜ୍ୟରେ ବୌଦ୍ଧ ଧର୍ମର ବିବେଚନା କରାଯାଇଥିଲା।



ଓଡ଼ିଶାର ୨ ବ୍ୟବସାୟୀ ତପସୁ ଏବଂ ଭଲ୍ଲିକଙ୍କ ସହିତ ବୁଦ୍ଧ ଭଗବାନଙ୍କ ସମ୍ବନ୍ଧ ଥିଲା। ବିଭିନ୍ନ କିମ୍ବଦନ୍ତୀରୁ ଜଣାପଡ଼ିଛି, ରାଜ୍ୟରେ କଳିଙ୍ଗ ଯୁଦ୍ଧ ପୂର୍ବରୁ ଯୋଦ୍ଧା ଅଶୋକଙ୍କ ନେତୃତ୍ୱରେ ବୌଦ୍ଧ ଧର୍ମର ପ୍ରଚାରପ୍ରସାର ହୋଇଥିଲା। ଚାଇନା ପରିବ୍ରାଜକ ହୁଏନ୍‌ସାଙ୍ଗ ବୌଦ୍ଧ ଧର୍ମ ଏବଂ ଓଡ଼ିଶା ସମ୍ପର୍କିତ ଲେଖା ରାଜ୍ୟରେ ବୌଦ୍ଧ ଧର୍ମର ଗୌରବମୟ ଅଧ୍ୟାୟକୁ ପୁନର୍ଜୀବିତ କରେ। ବୌଦ୍ଧ ଧର୍ମର ପ୍ରଭାବ ଓଡ଼ିଶାର ଲୋକଙ୍କ ସାମାଜିକ, ସାଂସ୍କୃତିକ ଜୀବନରେ ଦେଖିବାକୁ ମିଳିଥାଏ। ପର୍ଯ୍ୟଟନ ସ୍ଥଳୀର ବିକାଶ ହେଲେ ଓଡ଼ିଆ ଲୋକଙ୍କ ଜୀବନଜୀବିକାରେ ଉନ୍ନତି ଆସିପାରିବ ବୋଲି ସେ କହିଛନ୍ତି।

# ପ୍ରିୟଙ୍କା ଧରିବେ ପ୍ରଚାର ମଙ୍ଗ

## ୟୁପି କଂଗ୍ରେସ

ନୂଆଦିଲ୍ଲୀ,୧୭।୧୦

ଉତ୍ତର ପ୍ରଦେଶରେ ଆସନ୍ତା ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ବିଧାନସଭା ନିର୍ବାଚନ ହେବ। ଏଥିଲାଗି ତାରିଖ ଘୋଷଣାକୁ ଅନେକ ଦିନ ବାକି ଥିବାବେଳେ ସବୁ ରାଜନୈତିକ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତି ଚାଲିଛି। ଏହିକ୍ରମରେ ନିସ୍ତେଜ ଅବସ୍ଥାରେ ପଡ଼ିରହିଥିବା କଂଗ୍ରେସ ପାଇଁ ଲଖିମପୁର ଖେରି ହିଂସା ବ୍ରହ୍ମାସ୍ତ୍ର ଭାବେ ଉଭା ହୋଇଛି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହିଂସା ପ୍ରଭାବିତ ଅଞ୍ଚଳ ଗସ୍ତ କରି ଭାଜପାକୁ ଘେରିବା ପାଇଁ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ଟାର୍ଗେଟ କରିଥିଲେ। କାରଣ ଅଜୟଙ୍କ



ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ଧକ୍କାରେ ଆନ୍ଦୋଳନରତ ୪ କୃଷକଙ୍କ ଜୀବନ ଯାଇଥିଲା। ପ୍ରିୟଙ୍କା ହିଁ ଉତ୍ତର ପ୍ରଦେଶରେ କଂଗ୍ରେସର ପ୍ରଚାର ମଙ୍ଗ ଧରିବେ ବୋଲି ପ୍ରଚାର କମିଟିର ନବନିଯୁକ୍ତ ଅଧ୍ୟକ୍ଷ ପି.ଏଲ୍. ପୁନିଆ ସ୍ପଷ୍ଟ କରିଛନ୍ତି।

ଉତ୍ତର ପ୍ରଦେଶ ନିର୍ବାଚନ ପୂର୍ବରୁ ଏଆଇସିସି ପକ୍ଷରୁ ରାଜ୍ୟରେ ପ୍ରଚାର କମିଟି ଗଠନ କରାଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ପି.ଏଲ୍. ପୁନିଆ କହିଛନ୍ତି, ବର୍ତ୍ତମାନ ୟୁପିରେ ପ୍ରିୟଙ୍କାଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରାୟତଃ ନିଜର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥାଏ। ୟୁପି ପାଇଁ ମଧ୍ୟ ଆମେ ଘୋଷଣା କରିନାହୁଁ। କାରଣ ଆମ ପାଖରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଭଳି ଲୋକପ୍ରିୟ ଚେହେରା ଅଛନ୍ତି, ଯିଏକି ଭାଜପାକୁ ଟକ୍କର ଦେବା ପାଇଁ ସକ୍ଷମ। ସେ ଲୋକଙ୍କ ପାଇଁ ଲଢ଼େଇ କରୁଛନ୍ତି। ଲଖିମପୁର ଖେରି ହିଂସାରେ ସତ କିପରି ପଦାକୁ ଆସିବ ସେଥିଲାଗି ପ୍ରିୟଙ୍କା ସଂଗ୍ରାମ ଜାରି ରଖିଛନ୍ତି। ସେ ମୃତକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ସୀତାପୁର ଗେଷ୍ଟହାଉସରେ ଅଟକ ରହିଥିଲେ। ତାଙ୍କ ଲଢ଼େଇ ସଫଳ ହୋଇଛି ବୋଲି ପୁନିଆ କହିଛନ୍ତି।


ହାଇଦ୍ରାବାଦରେ ଦଶହରା ପରେ ରବିବାର ଅଲାଇ ଭଲାଇ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ସହ କେନ୍ଦ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ।


ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଝିଅ ଜୟ ଇନ୍ଦର କୌର ପଟିଆଲାରେ ଆଗାମୀ ନିର୍ବାଚନ ଲାଗି ବାପାଙ୍କ ପାଇଁ ପ୍ରଚାର କରୁଛନ୍ତି।

# ଯୁବପିଢ଼ିଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବା ଜରୁରୀ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବ ଭାରତର ସାମଗ୍ରିକ ବିକାଶ ପାଇଁ ‘ପୂର୍ବୋଦୟ’ର କଳ୍ପନା କରିଛନ୍ତି। ଏହାର କେନ୍ଦ୍ରବିନ୍ଦୁରେ ଓଡ଼ିଶା ରହିଛି। ମାତ୍ର ‘ପୂର୍ବୋଦୟ’ ସ୍ୱପ୍ନକୁ ସାକାର କରିବା ପାଇଁ ଯୁବପିଢ଼ିଙ୍କୁ ଗୁଣାତ୍ମକ ଶିକ୍ଷା ସହ ଉଚ୍ଚଶିକ୍ଷା ଲାଗି ଆନୁଷଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରିବା ଜରୁରୀ ବୋଲି ରବିବାର ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଆଲୁମ୍ନି ଦ୍ୱାରା ଆୟୋଜିତ ‘‘ଉଚ୍ଚଶିକ୍ଷା କ୍ଷେତ୍ରରେ କ୍ୱାଲିଟି, କ୍ୱାଣ୍ଟିଟି ଏବଂ ଇକ୍ୱାଲିଟି’’ ଶୀର୍ଷକ ୱେବିନାରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଯୋଗଦେଇ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ୧୯୪୪ରୁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଆସୁଛି। ଜ୍ଞାନ ଆଧାରରେ ଏକ ବିକଶିତ ସମାଜ ଗଠନ ଦିଗରେ ସମର୍ପିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବଲାଙ୍ଗୀରର ଏହି ଶିକ୍ଷା ମନ୍ଦିର ପ୍ରଥମେ ମହାବିଦ୍ୟାଳୟ, ପରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ ହୋଇପାରିଛି। ଏହି ବିଶ୍ୱବିଦ୍ୟାଳୟକୁ ୟୁଜିସି ପକ୍ଷରୁ ମାନ୍ୟତା ଦିଆଯିବା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ନିଶ୍ଚିତ ଭାବେ ପଶ୍ଚିମ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ବିଶେଷ ସହାୟକ ହେବ। ବର୍ତ୍ତମାନ ସମଗ୍ର ପୃଥିବୀ ‘ଜ୍ଞାନ ଆଧାରିତ ଅର୍ଥନୀତି’କୁ ଗୁରୁତ୍ୱ ଦେଉଛି। ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ସମଗ୍ର ଶିକ୍ଷା ଇକୋସିଷ୍ଟମ୍‌କୁ ବଳ ଦେବା ପାଇଁ ନ୍ୟାଶନାଲ ଡିଜିଟାଲ ଏଜୁକେଶନ ଆର୍କିଟେକ୍‌ଚର ଅଣାଯାଉଛି। ଶିକ୍ଷା ଓ ଦକ୍ଷତାକୁ ମିଶାଇ ବହୁଭାଷୀ ଶିକ୍ଷା ଆଣିବା ଦିଗରେ ମଧ୍ୟ କାର୍ଯ୍ୟ କରାଯାଉଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଶ୍ଚିମ ଓଡ଼ିଶାର ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ଅନେକ କ୍ଷେତ୍ରରେ ସଫଳ ହୋଇଛି ଓ ଆଗାମୀ ଦିନରେ ଅନେକ ରାସ୍ତା ଚାଲିବା ସଂକଳ୍ପ ପଥରେ ଅଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମନମୋହନଙ୍କୁ ଭେଟିବାକୁ ଫଟୋଗ୍ରାଫର ଧରି ଯାଇଥିଲେ ମାଣ୍ଡବ୍ୟ

ନୂଆଦିଲ୍ଲୀ,୧୭।୧୦

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବିଭିନ୍ନ କାର୍ଯ୍ୟକୁ ନେଇ ସମାଲୋଚିତ ହୋଇଆସୁଛନ୍ତି। ସେ କେତେବେଳେ ଟିକାକରଣକୁ ନେଇ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି ତ ପୁଣି କେବେ ବିରୋଧୀ ତାଙ୍କ ଇଂଲିଶ ଭାଷା ଜ୍ଞାନ ଉପରେ ପ୍ରଶ୍ନ ଉଠାଉଛନ୍ତି। ମାଣ୍ଡବ୍ୟଙ୍କ ଆଉ ଏକ କାର୍ଯ୍ୟ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟିବାରେ ଲାଗିଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂ ଅସୁସ୍ଥ ଥିବାରୁ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଛି। ଡେଙ୍ଗୁରେ ଆକ୍ରାନ୍ତ ମନମୋହନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ବିଭିନ୍ନ ଦଳର ନେତା ସେଠାକୁ ଯାଉଛନ୍ତି। ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଧ୍ୟ ଏମ୍ସକୁ ଯାଇଥିଲେ। ମନମୋହନ ଭର୍ତ୍ତି ହୋଇଥିବା ୱାର୍ଡକୁ ତାଙ୍କ ସହ ଜଣେ ଫଟୋଗ୍ରାଫର ଯାଇଥିଲେ। ଏହାକୁ ନେଇ ମନମୋହନ ସିଂଙ୍କ


ଦିଲ୍ଲୀ ଏମ୍ସରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂଙ୍କୁ ଭେଟିବାକୁ ଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

ଝିଅ ଦାମନ ସିଂ କହିଛନ୍ତି, ମୋ ବାପା ଚିଡ଼ିଆଖାନାର ଜନ୍ତୁ ନୁହନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଜଣେ ଫଟୋଗ୍ରାଫରଙ୍କୁ ଧରି ଆସିଥିବା ଦେଖି ମା’ ଅପ୍‌ସେଟ୍ ହୋଇଯାଇଥିଲେ। ଭାଜପା ନେତାମାନେ ଫଟୋ ଅପ୍ (ଫଟୋ ଉଠାଇବା ପାଇଁ ସୁଯୋଗ ଖୋଜିବା) ଲାଗି ବ୍ୟାକୁଳ ହେଉଛନ୍ତି ବୋଲି କଂଗ୍ରେସ ସମାଲୋଚନା କରିଛି। ଏଥିସହ ସ୍ୱାସ୍ଥ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି। ଏଆଇସିସି ମୁଖପାତ୍ର ରଣଦୀପ ସୁର୍ଯ୍ୟେୱାଲା ଟୁଇଟ୍ କରି ଏହାକୁ ପିଆର୍ ଷ୍ଟଣ୍ଟ ବୋଲି କହିଛନ୍ତି।

# ଭାଜପା ଛାଡ଼ି ବିଜେଡିରେ ଯୋଗଦେଲେ ୧୫୦ ପରିବାର

ପୋଲସରା,୧୭।୧୦(ଡି.ଏନ୍.ଏ.)

ପୋଲସରା ବ୍ଲକ ନିମିନା ପଞ୍ଚାୟତର ବିଲେଇଝୁରୀ ଗ୍ରାମରେ ରବିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ୧୫୦ରୁ ଊର୍ଦ୍ଧ୍ୱ ପରିବାର ଭାଜପା ପରିତ୍ୟାଗ କରି ସ୍ୱଇଚ୍ଛାରେ ବିଜେଡିରେ ସାମିଲ ହୋଇଛନ୍ତି। ବହୁ ବର୍ଷ ଧରି ଭାଜପା ଗଡ଼ ଭାବେ ପରିଚିତ ବିଲେଇଝୁରୀ ଗ୍ରାମକୁ ବିଜେଡି ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଏପରିକି ବିଲେଇଝୁରୀ ଗ୍ରାମରେ ବହୁ ବର୍ଷ ଧରି ବିଜେଡି ଦଳକୁ ବିରୋଧ କରୁଥିବା ଭାଜପା ଦଳର ମୁଖ୍ୟ ସଙ୍ଗଠକ ବାବୁ ସ୍ୱାଇଁଙ୍କ ନେତୃତ୍ୱରେ କୃଷ୍ଣଚନ୍ଦ୍ର ସ୍ୱାଇଁ, ମିଟୁ ସ୍ୱାଇଁ, ଶତ୍ରୁଘ୍ନ ସ୍ୱାଇଁ, ସୁଦର୍ଶନ ଗୌଡ଼, ଗଦାଧର ପ୍ରଧାନ, ପୂର୍ଣ୍ଣ ବେହେରାଙ୍କ ଭଳି ପ୍ରମୁଖ ୧୫୦ରୁ ଊର୍ଦ୍ଧ୍ୱ ପରିବାର ଭାଜପାର ଦଳୀୟ ନେତାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ବିଜେଡିରେ ଯୋଗ ଦେଇଥିଲେ। ପୋଲସରା ବିଧାୟକ ସେମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ବାଡ଼ତ୍ୟା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



**ବିଗ୍‌ବାସ୍‌ରେ ଶେଫାଳୀଙ୍କ ଅର୍ଦ୍ଧଶତକ**

ଅଷ୍ଟ୍ରେଲୀୟା ମହିଳା ଟି୨୦ ଲିଗ୍ ବିଗ୍‌ବାସ୍‌ରେ ସିଡ୍‌ନୀ ସିକ୍ସର୍ସ ତରଫରୁ ଖେଳି ଭାରତର ଶେଫାଳୀ ବର୍ମା ଅର୍ଦ୍ଧଶତକ ହାସଲ କରିଛନ୍ତି।

୦୯

୦୮

**ରିଲିଜ ପୂର୍ବରୁ 'ଅନ୍ତିମ'ର ରେକର୍ଡ**

ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ଅନ୍ତିମ: ଦି ଫାଇନାଲ ଟ୍ରୁଥ୍' ଆଇଏମ୍‌ଡିବି ସୂଚୀରେ ବହୁପ୍ରତୀକ୍ଷିତ ଫିଲ୍ମ ତାଲିକାର ଶୀର୍ଷରେ ରହିଛି।



# ଦୋଛକିରେ ପିଲାଙ୍କ ସ୍ୱାସ୍ଥ୍ୟ, ଭବିଷ୍ୟତ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୨୧ ତାରିଖରୁ ଏକାଦଶ ଓ ୨୫ରୁ ଅଷ୍ଟମ ଶ୍ରେଣୀ ଖୋଲିବାକୁ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏଥିସହ ଏସ୍‌ଓପି ମଧ୍ୟ ଜାରି ହୋଇଛି। କରୋନା କଟକଣାକୁ କିଭଳି କଡ଼ାକଡ଼ି ଭାବେ ପାଳନ କରି ପିଲାଙ୍କ ପାଠପଢ଼ା ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଶିକ୍ଷା ସହିତ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ତେଣୁ ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲୁଛନ୍ତି। ତେବେ ରାଜ୍ୟରେ ଏବେ ବି କୋଭିଡ୍ ସଂକ୍ରମଣ ଭୟ ଲାଗି ରହିଛି। ଦୈନିକ ପ୍ରାୟ ୫ଶହ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଅପରପକ୍ଷରେ ୧୮ବର୍ଷରୁ କମ୍ ବୟସର ପିଲାଙ୍କୁ ଏଯାବତ୍ କୋଭିଡ୍ ଟିକା ଦିଆଯାଇ ନାହିଁ। ନଭେମ୍ବରରେ ଟିକା ଦିଆଯିବା ପାଇଁ କୁହାଯାଇଥିଲେ ସୁଦ୍ଧା ସରକାର ଏନେଇ କିଛି ସ୍ପଷ୍ଟ କରିନାହାନ୍ତି। ଏପରିସ୍ଥିତିରେ ପିଲାମାନେ କରୋନା କଟକଣାକୁ କିଭଳି ସ୍କୁଲ ପରିସରରେ ମାନି ପାଠପଢ଼ିବେ ତାହା ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ପିଲାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ଅଛନ୍ତି।

କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ପ୍ରଥମେ ଦଶମ ଓ ଦ୍ୱାଦଶ ଏବଂ ପରେ ନବମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଥିଲେ। କ୍ଲାସ୍ ଆରମ୍ଭ ହେବା ପରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ସ୍କୁଲରେ ପିଲା ସଂକ୍ରମିତ ହୋଇଥିବା ନଜରକୁ ଆସିଛି।

**ସ୍କୁଲରେ ସଂକ୍ରମଣ ରୋକିବା ଚିନ୍ତା**



ପିଲାଙ୍କୁ ଟିକା ଦିଆଯାଇ ନ ଥିବାରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ବହୁ ଅଭିଭାବକ ସ୍କୁଲ ଛାଡ଼ିବା ପାଇଁ ଭୟ କରୁଛନ୍ତି। ଏ ନେଇ ବେବିରାଣୀ ସାହୁ ନାମ୍ନୀ ଜଣେ ଅଭିଭାବକ କହିଛନ୍ତି, ଦୀର୍ଘ ମାସ ହେଲାଣି ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ହୋଇଛି। ପିଲାମାନେ ଘରେ ରହି ବୋର୍ ହେଲେଣି ଓ ସ୍କୁଲ ଯିବା ପାଇଁ ଚାହୁଁଛନ୍ତି। ସ୍କୁଲ ଖୋଲିବା ଭଲ ପଦକ୍ଷେପ। କିନ୍ତୁ କରୋନାକୁ ନେଇ ଭୟ ଲାଗୁଛି। ପିଲାମାନେ ସାଙ୍ଗସାଥୀଙ୍କ ସହ ମିଶିଲେ ସାମାଜିକ ଦୂରତାକୁ ମାନିବେ ନାହିଁ। ପିଲା ସ୍କୁଲ ଯିବା ବିପଦ ବୋଲି ମନେ ହେଉଛି। ଯଦି ସ୍କୁଲରେ କରୋନା କଟକଣାକୁ କଡ଼ାକଡ଼ି ପାଳନ କରାଯାଏ ଓ ତାକୁ ତଦାରଖ କରାଯାଏ, ତେବେ ପିଲାମାନେ ☞ପୃଷ୍ଠା-୨

## ଏକାଦଶ ଶ୍ରେଣୀ ପାଇଁ ଗାଇଡ୍‌ଲାଇନ

**ନଭେମ୍ବର ୧ରୁ ସମ୍ପୂର୍ଣ୍ଣ ୟୁନିଫର୍ମରେ ଶ୍ରେଣୀ ପ୍ରବେଶ**

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ଆସନ୍ତା ୨୧ ତାରିଖରୁ ଏକାଦଶ ଶ୍ରେଣୀ ଖୋଲିବ। ଏଥିପାଇଁ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏ ନେଇ ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ୧୬ ତାରିଖ ବୈଠକରେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିବା ସେ ଅବଗତ କରିଛନ୍ତି। ତେବେ ଗାଇଡ୍‌ଲାଇନ୍ ଅନୁସାରେ, ପ୍ରଥମ ଦିନରେ ଦୂର ଦୂରାନ୍ତରୁ ଆସୁଥିବା ପିଲାଙ୍କ ପାଇଁ ଇଣ୍ଡକ୍ସନ ସେସନ୍ ରଖାଯିବ। ଏହି ସେସନ୍‌ରେ ପିଲାଙ୍କ ସହ ଜଣେ ଅଭିଭାବକ ରହିବେ। ଅଧ୍ୟକ୍ଷ କିମ୍ବା ବରିଷ୍ଠ ଅଧ୍ୟାପକ ☞ପୃଷ୍ଠା-୨

# ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ



ଗୋପାଳପୁର ବଡ଼କୁଶସ୍ଥଳୀରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ଭୁବନେଶ୍ୱର (ବ୍ୟୁରୋ)/ ବ୍ରହ୍ମପୁର ଅଫିସ,୧୭।୧୦**

- **ଏକକାଳୀନ ୧୫ ସ୍ଥାନରେ ଯାଞ୍ଚ**
- **ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ୨୦ ଲକ୍ଷ ଜବତ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘରେ ରବିବାର ଭିଜିଲାନ୍ସ ବଡ଼ଧରଣର ଚଢାଉ କରିଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ପକ୍ଷରୁ ସକାଳ ପ୍ରାୟ ୬ଟାରୁ ଏକକାଳୀନ ପ୍ରଦୀପଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ, ବ୍ରହ୍ମପୁରରେ ଥିବା ନିଜସ୍ୱ ବାସଭବନ ଓ ସମ୍ପର୍କୀୟଙ୍କ ଘର ସମେତ ୧୫ଟି ସ୍ଥାନରେ ଚଢ଼ାଉ କରାଯାଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଭିଜିଲାନ୍ସ ପ୍ରଦୀପଙ୍କ ଘରୁ ଜମି କିଣାବିକାର କାଗଜପତ୍ର, ବିପୁଳ ସୁନା ଅଳଙ୍କାର, ବିଭିନ୍ନ ବ୍ୟାଙ୍କର ଜମାଖାତା, ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଲାପଟପ୍, ମୋବାଇଲ ଏବଂ ଅନ୍ୟାନ୍ୟ କାଗଜପତ୍ର ଆଦି ଜବତ କରିଛି। ଏଥିସହ ପ୍ରଦୀପଙ୍କ ସମ୍ପର୍କୀୟଙ୍କ ଘରୁ ୨୦ ଲକ୍ଷ ଟଙ୍କା ମିଳିଛି। ଏହି ଚଢାଉରେ ଭିଜିଲାନ୍ସର ଜଣେ ଏସ୍‌ପି, ୨ ଜଣ ଅତିରିକ୍ତ ଏସ୍‌ପି, ୧୭ ଜଣ ଡିଏସ୍‌ପି ସାମିଲ ହୋଇଛନ୍ତି। ଚଢାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ☞ପୃଷ୍ଠା-୨

# ସାରା ରାଜ୍ୟରେ ଲଘୁଚାପ ବର୍ଷା

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

**ଅକ୍ଟୋବରରେ ୩୨% ନିଅଣ୍ଟିଆ**

ଲଘୁଚାପ ଯୋଗୁ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ରବିବାର କଟକରେ ସର୍ବାଧିକ ୩୨ ମିମି ବର୍ଷା ହୋଇଥିବାବେଳେ ବାଲେଶ୍ୱରରେ ୨୫, କେନ୍ଦୁଝରଗଡ଼ରେ ୨୧, ଭୁବନେଶ୍ୱରରେ ୨୦.୭, ବାରିପଦାରେ ୧୮.୮, ଅନୁଗୋଳ ୧୩, ଫୁଲବାଣୀରେ ୧୨, ନୟାଗଡ଼ରେ ୧୧.୨ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିସହିତ ପାରାଦୀପ, ଚାନ୍ଦବାଲି, ଗୋପାଳପୁର, ପୁରୀ, ସମ୍ବଲପୁର, ହୀରାକୁଦ, ଦାରିଙ୍ଗବାଡ଼ିରେ ବର୍ଷା ହୋଇଛି। ସୋମବାର ପର୍ଯ୍ୟନ୍ତ ରାଜ୍ୟର ☞ପୃଷ୍ଠା-୨

## ଆଜି ଦେଶବ୍ୟାପୀ ରେଳରୋକୋ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

- **ସମସ୍ତ ବାମ ଦଳ ସହ ଏସ୍‌ପି, କଂଗ୍ରେସର ସମର୍ଥନ**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୋମବାର ସାରାଦେଶରେ ୬ ଘଣ୍ଟିଆ ରେଳରୋକୋ ହେବ। ପୂର୍ବାହ୍ଣ ୧୦ରୁ ରେଳରୋକୋ ଆରମ୍ଭ ହୋଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଜାରି ରହିବ। କୃଷକ ଗଣହତ୍ୟା ମାମଲାରେ ନିରପେକ୍ଷ ତଦନ୍ତ ପାଇଁ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବରଖାସ୍ତ କରାଯିବା ସହ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ☞ପୃଷ୍ଠା-୨

# ପେଟ୍ରୋଲ ୩୫, ଡିଜେଲ ୩୮ ପଇସା ବୃଦ୍ଧି

**ଭୁବନେଶ୍ୱର/ ନୂଆଦିଲ୍ଲୀ,୧୭।୧୦**

କ୍ରମାଗତ ଚତୁର୍ଥ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଫଳରେ ସାରା ଦେଶରେ ତୈଳ ଦର ସର୍ବକାଳୀନ ରେକର୍ଡ କରି ଚାଲିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ଡିଜେଲ ୩୮ ପଇସା ଏବଂ ପେଟ୍ରୋଲ ୩୫ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୩.୧୫ ଟଙ୍କା ଏବଂ ପେଟ୍ରୋଲ ୧୦୬. ୭୭ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୩.୪୯ ଟଙ୍କା ଓ ପେଟ୍ରୋଲ ୧୦୭.୧୨ ଟଙ୍କାରେ ପହଞ୍ଚିଛି। ଗତ ୨୪ ଦିନ ମଧ୍ୟରେ ଡିଜେଲ ୧୯ ଥର ଏବଂ ପେଟ୍ରୋଲ ☞ପୃଷ୍ଠା-୨

# ମହାକାଶରେ ପ୍ରଥମ ଫିଲ୍ମ ଶୁଟିଂ



ୟୁଲିଆ ପେରେସିଲ୍ଡ



କ୍ଲିମ୍ ଶିପେନ୍‌କୋ

**ମସ୍କୋ, ୧୭।୧୦**

- **କ୍ୟାମେରାରେ କଏଦ 'ଚ୍ୟାଲେଞ୍ଜ'ର ୪୦ ମିନିଟ୍**
- **୧୨ ଦିନ ପରେ ଫେରିଲେ ଅଭିନେତ୍ରୀ, ନିର୍ଦ୍ଦେଶକ**

ମହାକାଶ ଦୌଡ଼ରେ ଏକ ବିରଳ ରେକର୍ଡ ନିଜ ନାଁରେ କରିଛି ରୁଷିଆ। ସ୍ପେସ୍‌ରେ ପ୍ରଥମ ଥର ପାଇଁ ସଫଳତାର ସହ ଶେଷ ହୋଇଛି ଫିଲ୍ମ ଶୁଟିଂ। ରୁଷିଆ ଅଭିନେତ୍ରୀ ୟୁଲିଆ ପେରେସିଲ୍ଡ ଏବଂ ନିର୍ଦ୍ଦେଶକ କ୍ଲିମ୍ ଶିପେନ୍‌କୋ ଫିଚର ଫିଲ୍ମ 'ଚ୍ୟାଲେଞ୍ଜ'ର ୪୦ ମିନିଟ୍ ଶୁଟିଂ ସାରି ରବିବାର ଭୂପୃଷ୍ଠରେ ଅବତରଣ କରିଛନ୍ତି। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍)ରେ ପୂର୍ବରୁ ଥିବା ମହାକାଶଚାରୀ ଓଲେଗ୍ ନୋଭିଟସ୍କି ମଧ୍ୟ ସେମାନଙ୍କ ସହ ପୃଥିବୀକୁ ଫେରିଛନ୍ତି।

ଗତ ୫ ତାରିଖରେ ଏକ ସୋୟୁଜ୍ କ୍ୟାପସୁଲରେ ୟୁଲିଆ, ଶିପେନ୍‌କୋ ଏବଂ ଅଭିଜ୍ଞ ମହାକାଶଚାରୀ ଆନ୍‌ଟୋନ୍ ସ୍କାପ୍ଲେରୋଭ ଫିଲ୍ମ ଶୁଟିଂ ନିମନ୍ତେ ମହାକାଶକୁ ଯାତ୍ରା କରିଥିଲେ। କାଜାଖସ୍ତାନର ବୈକୋନୁରସ୍ଥିତ ରୁଷିଆର ସ୍ପେସ୍ ଲଞ୍ଚ ଷ୍ଟେଶନରୁ ଏହି ମହାକାଶ ଯାନ ଲଞ୍ଚ୍ କରିଥିଲା। 'ଚ୍ୟାଲେଞ୍ଜ' ଜଣେ ମହିଳା ଡାକ୍ତରଙ୍କ କାହାଣୀ ଉପରେ ଆଧାରିତ। ଜଣେ ମହାକାଶଚାରୀ ଅସୁସ୍ଥ ହୋଇପଡ଼ିବାରୁ ଡାକ୍ତରଙ୍କୁ ସ୍ପେସ୍‌କୁ ଯିବାକୁ ପଡ଼ିଛି। ୩୭ ବର୍ଷୀୟା ୟୁଲିଆ ସେହି ଡାକ୍ତରଙ୍କ ଭୂମିକାରେ ରହିଛନ୍ତି। କାହାଣୀ ଅନୁସାରେ ଜରୁରିକାଳୀନ ଭିତ୍ତିରେ ସ୍ପେସ୍‌ରେ ହିଁ ସମ୍ପୃକ୍ତ ମହାକାଶଚାରୀଙ୍କ ଅସ୍ତ୍ରୋପଚାର କରିବାକୁ ପଡ଼ିଛି। ମହାକାଶରେ ୬ ମାସରୁ ଅଧିକ ସମୟ ବିତାଇଥିବା ନୋଭିଟସ୍କି ଫିଲ୍ମରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** 'ଶୁଁ ଶୁଁ ଶୁଁ'




L&K | SAATCHI & SAATCHI

**ଆଜିର ମନ୍ତବ୍ୟ**

ସିଂଘୁ ସୀମା ନିକଟରେ ହିଂସା ଏବଂ ହତ୍ୟାକାଣ୍ଡ ପଛରେ କେନ୍ଦ୍ର ସରକାରଙ୍କ ଭୂମିକା ରହିଛି। ଆନ୍ଦୋଳନସ୍ଥଳୀରେ ଖରାପ ପରିବେଶ ସୃଷ୍ଟି କରିବା ନିମନ୍ତେ ଏପରି କରାଯାଉଛି। **-ରାକେଶ ଟିକାଏତ, ଭାରତୀୟ କିଷାନ ୟୁନିୟନ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ପାଣି**
**ପଥର କାଟେ।**
ଯେତେ ଟାଣ ପଥର ହେଲେବି ଧୀରେ ଧୀରେ ବହୁଥିବା ପାଣିରେ ତାହା କ୍ଷୟ ହୋଇଯାଏ। କିନ୍ତୁ ଜୋରରେ ବହୁଥିବା ସ୍ରୋତରେ କିଛି ହୁଏ ନାହିଁ, ତା ଦେହରେ ଶିଉଳି ବି ଲାଗେନି କି ମାଟି ଲାଗି ନ ଥାଏ। ସବୁ ଧୋଇ ହୋଇଯାଏ। ପରୋକ୍ଷରେ ସବୁ କଥା ଧୀର ସ୍ଥିର ହୋଇ ବୁଝି ବିଚାରି କଲେ କିଛି ଅସୁବିଧା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧୁଆ ମୂଳା ଅଧୁଆ ମୂଳା**
**ସବୁ ସମାନ।**
ବେଳେ ବେଳେ ଯୋଗ୍ୟ ଅଯୋଗ୍ୟ ମଧ୍ୟରେ କେହି ପ୍ରଭେଦ ଦେଖିନଥାନ୍ତି। ଭଲ ମନ୍ଦ ଭିତରେ ଫରକ ବାରିନଥାନ୍ତି। ଦୁହିଁଙ୍କୁ ସମାନ ଅର୍ଥରେ ଦେଖିବା ବା ବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅସୁସ୍ଥ

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**
ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଅସୁସ୍ଥ ହୋଇଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ଅଧିକ ଚିକିତ୍ସା ପାଇଁ ସେ ରବିବାର ଦିଲ୍ଲୀ ଗସ୍ତ କରିଛନ୍ତି। ସୋମବାର ଦିଲ୍ଲୀର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହେବେ। ଏନେଇ ପିସିସି କାର୍ଯ୍ୟାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। କଂଗ୍ରେସ ଓ ଶୁଭେଚ୍ଛୁଙ୍କ ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।


ରବିବାର ଭୁବନେଶ୍ୱରରେ ହୋଇଥିବା ଲଘୁଚାପଜନିତ ବର୍ଷା।

## ପ୍ରଥମ ପୃଷ୍ଠାରୁ...

### ଦୋଛକିରେ ପିଲାଙ୍କ...

ଠିକ୍‌ରେ ରହିପାରିବେ। ନଚେତ୍ ପୁଣି ସ୍କୁଲରେ ସଂକ୍ରମଣ ବଢ଼ିବାର ସମ୍ଭାବନା ରହିବ ବୋଲି ବେବିରାଣୀଙ୍କ ଭଳି ଅନ୍ୟ ଅଭିଭାବକମାନେ କହିଛନ୍ତି। ସେପଟେ ଏ ସଂକ୍ରାନ୍ତରେ ଶିକ୍ଷାବିତ୍ ପ୍ରୀତିଶ ଆଚାର୍ଯ୍ୟ କହିଛନ୍ତି, ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସବୁ ଶ୍ରେଣୀର ପିଲାଙ୍କ ପାଇଁ ଏବେ ସ୍କୁଲ ଖୋଲିଯିବା ଦରକାର। କିନ୍ତୁ ସ୍କୁଲରେ ସମସ୍ତ କରୋନା କଟକଣା ଠିକ୍‌ରେ ପାଳନ କରିବା ସହିତ ପିଲାମାନଙ୍କୁ ଜଗିବା ଉଚିତ। ସେହିଭଳି ଶିକ୍ଷାବିତ୍ ଅମରେନ୍ଦ୍ର ଦାସ କହିଛନ୍ତି, ସବୁ ପିଲା ଅନ୍‌ଲାଇନ ଶିକ୍ଷା ପାଇପାରୁ ନାହାନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଓ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ସ୍ମାର୍ଟ ଫୋନର ଅଭାବ ଯୋଗୁ ସେମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ତେଣୁ ସ୍କୁଲ ଖୋଲିଲେ ପିଲାମାନେ ପାଠ ପଢ଼ି ଭବିଷ୍ୟତ ଗଢ଼ି ପାରିବେ। ନଚେତ୍ ବହୁ ପିଲା ପାଠପଢ଼ା ଛାଡ଼ିଦେବାର ଆଶଙ୍କା ରହିଛି। ତେବେ ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ଗାଇଡ୍‌ଲାନକୁ ଠିକ୍‌ରେ ପାଳନ କରାଯାଉଛି କି ନାଁ ତାହା ଯାଞ୍ଚ ହେବା ଉଚିତ। ଅଭିଭାବକମାନେ ମଧ୍ୟ ସ୍କୁଲ ଯାଇ ସବୁ ସୁବିଧା ଦେଖି ପିଲାଙ୍କୁ ଛାଡ଼ିବା ଦରକାର। ଓଷ୍ଟାର ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଅଷ୍ଟମ ଓ ଏକାଦଶ ଶ୍ରେଣୀ ଖୋଲିବା ଭଲ ପଦକ୍ଷେପ। କିନ୍ତୁ ରାଜ୍ୟରେ କରୋନାର ସ୍ଥିତି ଏବେ ଯେମିତି ଅଛି ଅନ୍ତତଃ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ସରକାର ଚିନ୍ତା କରନ୍ତୁ। କାରଣ ଓଡ଼ିଶାରେ ପିଲାମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିବା ସମ୍ଭବ ନୁହେଁ। ସୂଚନାଯୋଗ୍ୟ, ଆସନ୍ତା ୨୧ରୁ ଏକାଦଶ ଓ ୨୫ରୁ ଅଷ୍ଟମ ପିଲା ସ୍କୁଲ୍ ଯିବେ। ସଂକ୍ରମଣମୁକ୍ତ ଶିକ୍ଷାଦାନ ଲାଗି ଉଭୟ ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମନିଟରିଂ କରିବେ। ସ୍ପେଶାଲ ସର୍ଭିଲାନ୍ସ ଟିମ୍ ପିଲାଙ୍କ ଉପରେ ନଜର ରଖିବ। ଲକ୍ଷଣ ଥିବା ପିଲାଙ୍କର ଟେଷ୍ଟିଂ କରାଯିବ। ଶିକ୍ଷକ ଓ କର୍ମଚାରୀ ଡବଲ୍ ଡୋଜ୍ ଟିକା ନେଇଛନ୍ତି ନା ନାହିଁ, ତା'ଉପରେ ତୀକ୍ଷ୍ଣ ନଜର ରଖିବ ସ୍ୱାସ୍ଥ୍ୟ ବିଭାଗ।

### ଏକାଦଶ ଶ୍ରେଣୀ...

ଇଣ୍ଟରାକ୍ସନ କ୍ଲାସ ପରିଚାଳନା କରିବେ। ସେହିପରି ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ୟୁଟ୍ୟୁବ୍ କ୍ଲାସ ମଧ୍ୟ ହେବ। ଏକାଦଶ ପିଲାଙ୍କୁ ଦଶମ ଶ୍ରେଣୀ ସହ ଲିଙ୍କ୍ ପାଠ ମଧ୍ୟ ପଢ଼ାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ଛାତ୍ରୀଛାତ୍ରମାନେ ନଭେମ୍ବର ୧ରୁ ସମ୍ପୂର୍ଣ୍ଣ ୟୁନିଫର୍ମ ସହ କ୍ଲାସ୍ ରୁମ୍‌କୁ ପ୍ରବେଶ କରିବେ।

### ସାରା ରାଜ୍ୟରେ ...

ବିଭିନ୍ନ ସ୍ଥାନରେ ଏହିଭଳି ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ଓ ମଙ୍ଗଳବାର ଉତ୍ତର ଓଡ଼ିଶା ଓ ଦକ୍ଷିଣ ଉପକୂଳ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। ତେବେ ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା ଓ ପୁରୀରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ସେହିପରି ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଓ କଳାହାଣ୍ଡିରେ ଝଡ଼ବର୍ଷା ସହିତ ବଜ୍ରପାତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅନ୍ୟପଟେ ଅକ୍ଟୋବରରେ ରାଜ୍ୟରେ ଏବେ ବି ନିଅଣ୍ଟିଆ ବର୍ଷା ଦେଖାଯାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଚଳିତମାସ ୧ରୁ ୧୭ ତାରିଖ ମଧ୍ୟରେ ୩୨% ନିଅଣ୍ଟିଆ ବର୍ଷା ହୋଇଛି। ରାଜ୍ୟର ୫ ଜିଲା ଢେଙ୍କାନାଳ, ନୂଆପଡ଼ା, ପୁରୀ, କଳାହାଣ୍ଡି ଓ ବୌଦ୍ଧରେ ଅଧିକ ନିଅଣ୍ଟିଆ ବର୍ଷା ପରିଲକ୍ଷିତ ହୋଇଛି। ଢେଙ୍କାନାଳରେ ସର୍ବାଧିକ ୭୫% ନିଅଣ୍ଟିଆ ବର୍ଷା ଦେଖାଯାଇଛି। ସେହିପରି ଯାଜପୁର, ଖୋର୍ଦ୍ଧା, କଟକ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳରେ ନିଅଣ୍ଟିଆ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟର ମାତ୍ର ୩ ଜିଲା ସମ୍ବଲପୁର, ବରଗଡ଼ ଓ ଗଜପତିରେ ସ୍ୱାଭାବିକ ବର୍ଷା ହୋଇଛି। ମାଲକାନଗିରିରେ ସ୍ୱାଭାବିକଠାରୁ ଅଧିକ ଏବଂ ଦେବଗଡ଼ ଓ ସୁନ୍ଦରଗଡ଼ରେ ଅତ୍ୟଧିକ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

### ଆଜି ଦେଶବ୍ୟାପୀ ...

ପ୍ରଦାନ, ନୂତନ କୃଷି ଆଇନକୁ ରଦ୍ଦ କରିବା ଓ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ ଆଇନଗତ ବ୍ୟବସ୍ଥା କରିବା ଆଦି ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ଶାନ୍ତିପୂର୍ଣ୍ଣ ଭାବେ ଦେଶବ୍ୟାପୀ ରେଳରୋକୋ ପାଇଁ ଜନ ସାଧାରଣଙ୍କ ସମର୍ଥନ ଓ ସହଯୋଗ ଲୋଡ଼ିଛି ସଂଯୁକ୍ତ କିଷାନ ମୋର୍ଚ୍ଚା। ଓଡିଶାରେ ମଧ୍ୟ ସମସ୍ତ ରେଳ ଷ୍ଟେଶନରେ ଏହି ଆନ୍ଦୋଳନ ହେବ ବୋଲି ରାଜ୍ୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଆବାହକ ସୁରେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନକୁ ଦେଶରେ ସମସ୍ତ ବାମ ଦଳ, ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ସମର୍ଥନ ଜଣାଇଛନ୍ତି। ଏହାକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାପାଇଁ ରାଜ୍ୟ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

### ବିଧାୟକ ପ୍ରଦୀପ ...

ବାସଭବନରେ ଚଢାଉ ବେଳେ ଭିଜିଲାନ୍ସ ପକ୍ଷରୁ ଜଣେ ବଣିଆଙ୍କୁ ଡାକି ପ୍ରଦୀପଙ୍କ ଘରୁ ମିଳିଥିବା ସୁନା ଓ ରୁପାର ଓଜନ କରାଯାଇଛି। ଯାଞ୍ଚ ଓ ହିସାବ ଜାରି ରହିଥିବାରୁ ସୋମବାର ଭିଜିଲାନ୍ସ ପକ୍ଷରୁ ଜବତ ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ତଥ୍ୟ ବିଷୟରେ ଅଧିକ ସୂଚନା ଦିଆଯାଇପାରେ ବୋଲି ଜଣାପଡ଼ିଛି। ପ୍ରଦୀପଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ୨୦୨୦ ଡିସେମ୍ବର ୯ରେ ରାଜ୍ୟ ସରକାର ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ଏକ ମାମଲା (ନଂ. ଏଲ୍‌ୱାଇ ୧୩୪୮/୨୦୨୦) ରୁଜୁ କରି ଡିସେମ୍ବର ୧୧ରେ ଭିଜିଲାନ୍ସକୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ବିରୋଧରେ ପ୍ରଦୀପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶକୁ ଖାରଜ କରିଥିଲେ। ଏପରି କି ଲୋକାୟୁକ୍ତଙ୍କ ରିଭ୍ୟୁ ପିଟିଶନକୁ ମଧ୍ୟ ହାଇକୋର୍ଟ ୨୦୨୧ ଏପ୍ରିଲ୍ ୭ରେ ଖାରଜ କରିଦେଇଥିଲେ। ଫଳରେ ଲୋକାୟୁକ୍ତ ସୁପ୍ରିମ୍‌କୋର୍ଟରେ ସ୍ପେଶାଲ ଲିଭ୍ ପିଟିଶନ (ଏସ୍‌ଏଲ୍‌ପି) ଦାଖଲ କରିଥିଲେ। ହେଲେ ଲୋକାୟୁକ୍ତ ଦାଖଲ କରିଥିବା ଏସ୍‌ଏଲ୍‌ପିରେ ଅସତ୍ୟ ତଥ୍ୟ ଦାଖଲ କରି ସୁପ୍ରିମ୍‌କୋର୍ଟଙ୍କୁ ଭ୍ରମିତ କରୁଛନ୍ତି। ତେଣୁ ଲୋକାୟୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଦୀପ ୨୦୨୧ ଅଗଷ୍ଟ ୨୩ରେ ସୁପ୍ରିମ୍‌କୋର୍ଟରେ ନିବେଦନ କରିଥିଲେ। ସୁପ୍ରିମ୍‌କୋର୍ଟ ଉକ୍ତ ଆବେଦନର ଶୁଣାଣି କରି ସମାନ ପ୍ରସଙ୍ଗରେ ଦୁଇଟି ମାମଲା ଚାଲିପାରିବ ନାହିଁ ଦର୍ଶାଇ ପ୍ରଦୀପଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

ଅନ୍ୟପକ୍ଷରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭିଜିଲାନ୍ସ କରିଥିବା ତଦନ୍ତରୁ ଜଣାପଡ଼ିଥିଲା ଯେ, ପ୍ରଦୀପ ୨୦୦୯ ମେ' ୨୪ରୁ ୨୦୨୦ ନଭେମ୍ବର ୩୦ ମଧ୍ୟରେ ୫ କୋଟି ୫ ଲକ୍ଷ ୪ ହଜାର ୬୫୬ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି କରିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଲୋକାୟୁକ୍ତଙ୍କ ନିକଟରେ ଗତ ମେ' ୨୮ରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇଥିଲା। ଲୋକାୟୁକ୍ତ ରିପୋର୍ଟକୁ ଅନୁଶୀଳନ କରିବା ପରେ ଏନେଇ ମାମଲା ରୁଜୁ କରି ଅଧିକ ତଦନ୍ତ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଗତ ୪ ତାରିଖରେ ଭିଜିଲାନ୍ସ ମାମଲା (ନଂ.୬/୨୧) ରୁଜୁ କରି ତଦନ୍ତକୁ ଆଗକୁ ବଢ଼ାଇଥିଲା।

ଉଲ୍ଲେଖଯୋଗ୍ୟ, ଟାଟା କମ୍ପାନୀରେ ଚାକିରି କରାଇଦେବା ଆଳରେ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ଭାବୀ ଜ୍ୱାଇଁ ତଥା ପୂର୍ବତନ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା। ପ୍ରଦୀପଙ୍କୁ ଡିସେମ୍ବର ୩ରେ ଗିରଫ କରାଯାଇଥିବାବେଳେ ୭ ମାସ ପରେ ଅର୍ଥାତ ଜୁନ ୧୨ରେ ସେ ଜାମିନରେ ମୁକୁଳିଥିଲେ। ଅପରପକ୍ଷରେ ଆକାଶ ପାଠକ ଏବେ ବି ଜେଲରେ ଅଛନ୍ତି।

### ମହାକାଶରେ ପ୍ରଥମ ...

ସହଯୋଗୀ ମହାକାଶଚାରୀ ଭୂମିକାରେ ଥିଲେ। ଆଇଏସ୍‌ଏସ୍‌ରେ ୧୨ ଦିନର ରହଣି ପରେ ରବିବାର ଏହି ଟିମ୍ ଭାରତୀୟ ସମୟ ଅନୁସାରେ ସକାଳ ପ୍ରାୟ ୬ଟା ୪୫ରେ ସୋୟୁଜ୍ ଏମ୍‌ଏସ୍-୧୮ ଯୋଗେ ବାହାରି ଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ୫ରେ କାଜାଖସ୍ତାନରେ ସେମାନେ ସଫଳତାର ସହ ଅବତରଣ କରିଥିଲେ। ୩ ଜଣଙ୍କୁ ଏକ ହେଲିକପ୍ଟର ଯୋଗେ ମେଡିକାଲ ପରୀକ୍ଷା ନିମନ୍ତେ ନିଆଯାଇଛି। ଅନ୍ୟପକ୍ଷରେ ଏହି କ୍ରିଉ ମେମ୍ବରଙ୍କ ଲ୍ୟାଣ୍ଡିଂବେଳର ଦୃଶ୍ୟ ମଧ୍ୟ 'କନ୍‌ଷ୍ଟାଣ୍ଟିନ୍ ୟର୍ନଷ୍ଟ' ଫିଲ୍ମ ପାଇଁ ଶୁଟିଂ କରାଯାଇଛି। ଏହି ମିଶନ ରୁଷିଆ ସ୍ପେସ୍ ଇଣ୍ଡଷ୍ଟ୍ରିର ସ୍ପେସ୍ ଇତିହାସରେ କୌଣସି କାର୍ଯ୍ୟରେ ପ୍ରଥମ ହେବାର ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ସୋଭିଏଟ୍ ୟୁନିୟନ ପ୍ରଥମ ସାଟେଲାଇଟ୍ ଭାବେ ସ୍ପୁଟନିକ୍‌କୁ ମହାକାଶକୁ ପଠାଇଥିଲା। ଏଥିସହ ପୃଥିବୀ କକ୍ଷକୁ 'ଲାଇକା' ନାମରେ କୌଣସି ପ୍ରାଣୀଙ୍କୁ ପ୍ରଥମେ ପ୍ରେରଣ କରିବାର ରେକର୍ଡ ନିଜ ନାଁରେ ରଖିଛି। ସେହିପରି ପ୍ରଥମ ମାନବ ୟୁରି ଗାଗାରିନ୍ ଏବଂ ପ୍ରଥମ ମହିଳା ଭାଲେଣ୍ଟିନା ତେରେସ୍କୋଭାଙ୍କୁ ମଧ୍ୟ ମହାକାଶକୁ ପଠାଇଥିଲା। ତେବେ ସୋଭିଏଟ୍ ଯୁଗ ପରେ ରୁଷିଆର ସ୍ପେସ୍ ମିଶନ ଧିମେଇଛି। ଏହାର ସ୍ପେସ୍ ଏଜେନ୍ସି ଏବେ ବି ସୋଭିଏଟ୍ ବେଳର ଟେକ୍ନୋଲୋଜି ଉପରେ ନିର୍ଭରଶୀଳ। ଏପରି କି ବିଶ୍ୱସ୍ତରୀୟ ସ୍ପେସ୍ ରେସ୍‌ରେ ବିଶେଷ କରି ଏହାର ପ୍ରତିଦ୍ୱନ୍ଦ୍ୱୀ ଆମେରିକାଠାରୁ ରୁଷିଆ ବହୁ ପଛରେ ରହିଛି। ହେଲେ ଫିଲ୍ମ ଶୁଟିଂ କ୍ଷେତ୍ରରେ ରୁଷିଆ ଆମେରିକାଠାରୁ ଆଗରେ ରହି ଏହି ରେକର୍ଡ ନିଜ ନାଁରେ କରିପାରିଛି। ପୂର୍ବରୁ ହଲିଉଡ୍ ଷ୍ଟାର୍ ଟମ୍ କ୍ରୁସ୍ ଆମେରିକାର ମହାକାଶ ଏଜେନ୍ସି ନାସା, ଏଲନ ମସ୍କଙ୍କ ସ୍ପେସ୍-ଏକ୍ସ ମିଳିତ ସହଯୋଗରେ ସ୍ପେସ୍‌ରେ ତାଙ୍କ ଫିଲ୍ମ 'ମିଶନ ଇମ୍‌ପସିବଲ' ଶୁଟିଂ ପାଇଁ ଘୋଷଣା କରିଥିଲେ। ଏହା ପୂର୍ବରୁ ରୁଷିଆ ଏ କ୍ଷେତ୍ରରେ ବାଜି ମାରିନେଇଛି।

### ପେଟ୍ରୋଲ ୩୫, ...

୧୬ ଥର ବଢିସାରିଲାଣି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ୪.୭୩ ଟଙ୍କା ଏବଂ ଡିଜେଲ ୬.୫୪ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର୍ ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ରାଜ୍ୟର ସର୍ବାଧିକ ତେଲ ଦର ମାଲକାନଗିରି (କାଲିମେଳା)ରେ ପେଟ୍ରୋଲ ୧୧୨.୩୬ ଟଙ୍କା ଥିବାବେଳେ ଡିଜେଲ ୧୦୮.୫୬ ଟଙ୍କା ଏବଂ ସର୍ବନିମ୍ନ ଦର ଜଗତ୍‌ସିଂହପୁରରେ ପେଟ୍ରୋଲ୧୦୬.୩୧ ଟଙ୍କା ଓ ଡିଜେଲ ୧୦୨.୭୪ ରେ କାରବାର ହେଉଥିବା ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି। ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୫ ପଇସା ଏବଂ ପେଟ୍ରୋଲ ୩୫ ପଇସା ବଢ଼ିଥିବା ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୪.୫୭ ଟଙ୍କା ଏବଂ ପେଟ୍ରୋଲ ୧୦୫.୮୪ ଟଙ୍କାରେ ରହିଛି। ଗତ ୨୪ ଦିନ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ୪.୬୫ ଟଙ୍କା ଏବଂ ଡିଜେଲ ୫.୯୫ ଟଙ୍କା ବଢିଥିବା ତୈଳ ନିଗମ ପକ୍ଷରୁ ସୂଚନା ମିଳିଛି। ସେହିପରି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୭ ପଇସା ବଢ଼ି ଯଥାକ୍ରମ ୯୮.୯୨ ଟଙ୍କା, ୯୭.୬୮ ଟଙ୍କା ଏବଂ ୧୦୨.୫୨ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୩୧ରୁ ୩୪ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୩.୦୧ ଟଙ୍କା, ୧୦୬.୪୩ ଟଙ୍କା ଏବଂ ୧୧୧.୭୭ ଟଙ୍କାରେ ରହିଛି। ଅନ୍ୟପକ୍ଷରେ ଦେଶର ସର୍ବାଧିକ ତୈଳ ଦର ରାଜସ୍ଥାନ (ଗଙ୍ଗାନଗର)ରେ ପେଟ୍ରୋଲ ୧୧୭.୭୨ ଟଙ୍କା ଏବଂ ଡିଜେଲ ୧୦୮.୭୧ ଟଙ୍କାରେ କାରବାର ହେଉଛି। ସାରା ଦେଶରେ ପେଟ୍ରୋଲ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ଥିବାବେଳେ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଡିଜେଲ ଦର ମଧ୍ୟ ୧୦୦ ଟପି ଯାଇଛି। ଗତ କିଛିଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି; ଯାହାର ପ୍ରଭାବ ଭାରତ ବଜାରରେ ଦେଖିବାକୁ ମିଳୁଛି ବୋଲି ତୈଳ ଆମଦାନୀକାରୀ କମ୍ପାନୀଗୁଡ଼ିକ କହିଛନ୍ତି। ଅନ୍ୟପଟରେ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ବର୍ଦ୍ଧିତ ତୈଳ ଶୁଳ୍କ ମଧ୍ୟ ଅନେକାଂଶରେ ତେଲ ଦର ଉଚ୍ଚା ରହିବାର ପ୍ରମୁଖ କାରଣ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଆପଣ ସ୍ୱାସ୍ଥ୍ୟ, ପରିବାର, ଯାନ, ଜମିଜମା ଓ କଳହ ପ୍ରତି ସତର୍କ ରହିବା ଭଲ। ଶିକ୍ଷା, ସନ୍ତାନ, ଆଲୋଚନା କ୍ଷେତ୍ର, ସଙ୍ଗଠନ ଓ ରାଜନୀତି ସକାଶେ ଅସୁବିଧା ହେବ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଈର୍ଷାପରାୟଣ ହୋଇ ସମସ୍ୟାକୁ ବୃଦ୍ଧି କରିପାରନ୍ତି।

**ବୃଷ**: କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ମନ ବଳାଇବେ, ଯାହାକି ସମସ୍ୟା ବହୁଳ ହୋଇପାରେ। ମନ ଅନୁଯାୟୀ କାମ ନ ହେବା ଯୋଗୁ ବ୍ୟଥିତ ହେବାକୁ ପଡ଼ିପାରେ। ବନ୍ଧୁ ଆପଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ**: ଆର୍ଥିକ ସମସ୍ୟାର ସମାଧାନ ସହ ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିଛି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ପରିବାର ଭିତରେ ଝଡ଼ ଉଠିପାରେ। ବନ୍ଧୁଙ୍କ ସହ ପୂର୍ବରୁ ଥିବା ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ବିବାଦୀୟ ଘଟଣାରେ ବିଜୟ ଲାଭ କରିବା ହେତୁ ସାମୟିକ ଖୁସି ମନେଇବେ।

**କର୍କଟ**: ଅଭାବ ନ ଥିଲେ ମଧ୍ୟ କୌଣସି କାମ ସକାଶେ ଆକସ୍ମିକ ଅର୍ଥ ଅଭାବରୁ କାମଟି ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁମିଳନ ସହ ମିଷ୍ଟାନ୍ନ ଲାଭ ଓ ବନ୍ଧୁ ଗୃହକୁ ଯାତ୍ରାଯୋଗ ରହିଛି। ପାରିପାର୍ଶ୍ୱିକ କ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ନ ଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ମିଳିବ।

**ସିଂହ**: ସମସ୍ୟା ସମାଧାନ କରିବାର ଧୈର୍ଯ୍ୟ ଓ ସାହସ ଅକ୍ଷୁଣ୍ଣ ରହିବ। ପାରିବାରିକ ଅସ୍ଥିରତା ଓ କର୍ମକ୍ଷେତ୍ରର ଶିଥିଳତା ପ୍ରତିବନ୍ଧକ ସାଜିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ସାମୟିକ ମନ ଦୁଃଖ ହୋଇପାରେ। ଆକସ୍ମିକ ଜମିଜମା, ଯାନବାହନ, ପ୍ରେସ୍, ପବ୍ଲିକେଶନ, ଅନୁସନ୍ଧାନାଦି କାମରେ ସଫଳତା ଅର୍ଜନ କରିବେ।

**କନ୍ୟା**: ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସଫଳତା ନିଶ୍ଚିତ। ପୁରାତନ ଗାଡ଼ି, ବ୍ୟବହୃତ ଜିନିଷର ଯାନ୍ତ୍ରିକ ସମସ୍ୟା, ପୁରୁଣା ଘର ମରାମତି କରିବା ପାଇଁ ମନସ୍ଥ କରିପାରନ୍ତି। ନୂତନ ସ୍ଥାନରେ ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଅଫିସ ସମୟରେ କୌଣସି ସମ୍ପର୍କୀୟଙ୍କ ଦ୍ୱାରା ଆଶା କରୁଥିବା ସୂଚନା ପାଇ ଖୁସି ହେବେ।

**ତୁଳା**: ପ୍ରତିଦାନ ପାଇବାରେ କୌଣସି ଆଶା ନ ରଖି କର୍ତ୍ତବ୍ୟ ଦୃଷ୍ଟିକୋଣରୁ କାମ କରିଚାଲିବେ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ବିଭିନ୍ନ ପ୍ରକାର କର୍ମ ଜଞ୍ଜାଳ ଚାପରେ ଅତିଷ୍ଠ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ବିଛା**: ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଯାହା ଇଚ୍ଛା ତାହା କଲେ ପରିସ୍ଥିତି ଅଣାୟତ୍ତ ହୋପାରେ। ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମନରେ ଭୟ ଓ ଆଶଙ୍କା ଥିଲେ ମଧ୍ୟ ଦୃଢ଼ତା ଓ ମୁହଁଜୋର ହେତୁ ବହୁ ବିପଦରୁ ରକ୍ଷାପାଇବେ।

**ଧନୁ**: ଔଦ୍ଧତ୍ୟ କାରଣରୁ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ହଜି ଯାଇଥିବା ଜିନିଷ, ଧାତୁ ଅଳଙ୍କାର, ଟଙ୍କା ପଇସା କିମ୍ବା ପଶୁଜନ୍ତୁର ଖୋଜ ଖବର ପାଇପାରନ୍ତି। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନତୁବା ଅପଦସ୍ଥ ହେବାକୁ ପଡିପାରେ।

**ମକର**: ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପଡ଼ୋଶୀଙ୍କ କୌଣସି ସ୍ୱର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କର୍ମକ୍ଷେତ୍ର, ରାଜନୀତି, ମାଲି ମକଦ୍ଦମା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**: କେତେକ କ୍ଷେତ୍ରରେ ନିଜ ଲୋକଙ୍କ ଦ୍ୱାରା ଅପଯଶ ପାଇପାରନ୍ତି। ସତର୍କରେ ନ ଚଳିଲେ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିପାରନ୍ତି। ପରିବାରରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ଅର୍ଥ ସମ୍ପର୍କ, ଆଲୋଚନା, କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ମନ୍ଦ ନୁହେଁ।

**ମୀନ**: ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଅର୍ଥନୈତିକ ଅବରୋଧ ହଟିଯିବ ଓ ଏବଂ ଆପଣଙ୍କ ଅଭିଳାଷ ଅନୁଯାୟୀ ପ୍ରାପ୍ୟ ଅବଶ୍ୟ ପାଇବେ। ଗଲା କଥାକୁ ମନରୁ ପୋଛିଦେଇ ଆଗାମୀ ଦିନର କାମ ସକାଶେ ଚିନ୍ତା କରିବା ଭଲ ହେବ। ପରିବହନ, ଶେୟାର୍ ବଜାର କ୍ଷେତ୍ରରୁ ସୁଫଳ ମିଳିବ। ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।


## classifieds Everyday
0674-2580101, 2549302

real estate

**SALE**

Plot sale near AIIMS Hospital Bhubaneswar and Infocity-2. 9439206202. D-71720

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଗୀରେ - 650/- ଦିଆଯାଉଛି। 9938016295. D-71724

ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - 8117084862. D-717 23

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9556055607. D-21938

2/3 BHK flat 1k.m. AIIMS, Bhubaneswar and plots available. 7008492511. D-21900

Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312. D-71717

ମାସିକ ମାତ୍ର 7431/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9437686901 D-71711

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Ashirvaad Saloon and SPA get good massage for your health tha best therapy. 7077181074. D-70496

Refreshing your mind and body with the best therapy. 7873794731. D-71180

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Refreshing your mind, your body with tha best therapy at Lotus SPA. 8018891951. D-70495

Newly open full body massage ladies and gents. 8327740003. D-70498

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




# ପେଟ ପାଇଁ ଜୀବନ ବିପଦମୁହାଁ

## ପାରାଦୀପ ଘନଗଳିଆ ନଦୀରୁ ଗୁଣ୍ଡ କୋଇଲା ସଂଗ୍ରହ

**ମହାକାଳପଡ଼ା, ୧୭।୧୦ (ଡି.ଏନ୍.ଏ.)**

ପାରାଦୀପ ବନ୍ଦରକୁ ଟ୍ରେନ୍ ଯୋଗେ କୋଇଲା ଆସିଥାଏ। ପରେ ଏହି କୋଇଲାକୁ ବିଦେଶକୁ ରପ୍ତାନି ହେଉଥିବା ଜାହାଜରେ ଭର୍ତ୍ତି ସମୟରେ ଗୁଣ୍ଡସବୁ ବର୍ଷା ପାଣିରେ ଗଡି ଗଡି ନିକଟ ନଦୀଜଳରେ ମିଶି ସମୁଦ୍ରକୁ ବୋହି ଯାଇଥାଏ। ପେଟ ପୋଷିବା ପାଇଁ ଜୀବନକୁ ବିପଦମୁହଁକୁ ଠେଲି ଦେଇ ଘନଗଳିଆ ନଦୀକୁ ଆସିଥିବା ଗୁଣ୍ଡ କୋଇଲାକୁ ୫ରୁ ୧୦ ଫୁଟ ଗଭୀର ପାଣିରେ ବୁଡ଼ି ଛାଣିଥାଉ। ଏଭଳି କହିଛନ୍ତି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅଧୀନ ପିତାପାଟ ଗାଁର ଗରିବ ବଙ୍ଗୀୟ ସମ୍ପ୍ରଦାୟର ଲୋକେ। ସେମାନଙ୍କ ମଧ୍ୟରେ ଠାକୁର ସର୍ଦ୍ଦାର, ପୁଷ୍ପ ସର୍ଦ୍ଦାର, ପବିତ୍ର ସର୍ଦ୍ଦାର ପ୍ରମୁଖଙ୍କ କହିବା କଥା ବର୍ଷା ପାଣି ଅଧିକ ହେଲେ ଗୁଣ୍ଡ କୋଇଲାଗୁଡ଼ିକ ପାରାଦୀପରୁ ବୋହି ଘନଗଳିଆ ନଦୀକୁ ଆସିଥାଏ। ଏହି ଗୁଣ୍ଡ ପାଣିରେ ବୁଡ଼ି ରହିଥାଏ। ଜୁଆର ସମୟରେ କୋଇଲା ଗୁଣ୍ଡ ସମୁଦ୍ରକୁ ଭାସିଯାଏ। ଆମେମାନେ ଡଙ୍ଗା ନେଇ ନଦୀରୁ କୋଇଲାକୁ ସଂଗ୍ରହ କରିଥାଉ। କୋଇଲା ଗୁଣ୍ଡକୁ ପାଣିରେ ବୁଡ଼ି ଆଣିବା ସମୟରେ ପାଟି ଓ ନାକରେ ପଶିଯାଏ। ଏହି କାମ ବିପଦ ସତ୍ତ୍ୱେ ପରିବାର ପ୍ରତିପୋଷଣ ପାଇଁ କରିବାକୁ ପଡିଥାଏ। ଏହି ଅଞ୍ଚଳର ଖରିନାସୀ, ବତିଘର, ଜମ୍ବୁ ଓ ରମନଗର ପଞ୍ଚାୟତର ବହୁ ଗରିବ ପରିବାର ଲୋକଙ୍କ ମଧ୍ୟରେ ନମିତା ମଣ୍ଡଳ, ସରସ୍ୱତୀ ମଣ୍ଡଳ, କବିତା ମଣ୍ଡଳ, ବିଶ୍ୱନାଥ ମଣ୍ଡଳ ପ୍ରମୁଖ କୁହନ୍ତି, ଘନଗଳିଆ ନଦୀକୁ ଡଙ୍ଗା ସାହାଯ୍ୟରେ ଯାଉ। ପାଣିରେ ବୁଡି କୋଇଲା ଗୁଣ୍ଡକୁ ଜାଲି ରସ ପାତ୍ରରେ ଛାଣି ଆଣି ଡଙ୍ଗାରେ ଥିବା ଜରି ବସ୍ତାରେ ରଖୁ। ପରେ ପାରାଦୀପରୁ ମହାନଦୀରେ ଡଙ୍ଗାରେ ସଂଗ୍ରହ ହୋଇଥିବା କୋଇଲା ଗୁଣ୍ଡକୁ ମା' ମନସା ଦେବୀ ଘାଟ ଯାଏ ଆଣିଥାଉ। ସେଠାରୁ ଗୁଣ୍ଡ କୋଇଲାକୁ ଆଣି ଘରେ ରଖି ଗୁଳା ଗୁଳା କରି ଜାଳେଣି ଭାବେ ବ୍ୟବହାର କରୁ। ବଳକା କୋଇଲା ଗୁଳାକୁ ଜଳଖିଆ ଓ ହୋଟେଲରେ ବିକ୍ରି କରି ଯାହା ଟଙ୍କା ମିଳେ ସେଥିରେ ପରିବାର ପ୍ରତିପୋଷଣ କରିଥାଉ।


ମହାନଦୀର ମନସା ଦେବୀ ଘାଟକୂଳରେ ଗୁଣ୍ଡ କୋଇଲା ବସ୍ତାକୁ ଦମ୍ପତି ଡଙ୍ଗାରୁ ନେଉଛନ୍ତି।

# ରିଲିଫ୍ ଟଙ୍କା, ସାମଗ୍ରୀ ବଣ୍ଟନ ଅନିୟମିତତା ଆଶଙ୍କା

## ଗୋଟିଏ ବିଭାଗର ଦୁଇ ତଥ୍ୟରେ ନାହିଁ ତାଳମେଳ

**କେନ୍ଦ୍ରାପଡ଼ା ଅଫିସ, ୧୭।୧୦**

କେନ୍ଦ୍ରାପଡ଼ା ଜିଲା ଯୋଗାଣ ବିଭାଗର ଦୁଇ କାର୍ଯ୍ୟାଳୟରେ ଗୋଟିଏ ପ୍ରଶ୍ନର ଉତ୍ତରରେ ଦୁଇଟି ତଥ୍ୟ ମିଳୁଛି। ତଥ୍ୟରେ ତାଳମେଳ ନ ଥିବାରୁ ୨୦୨୦ କୋଭିଡ-୧୯ ସଂକ୍ରମଣ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ରିଲିଫ୍ ଟଙ୍କା ଓ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ଆଶଙ୍କା କରାଯାଉଛି। ସେହିବର୍ଷ ଏପ୍ରିଲଠାରୁ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ରାଶନ କାର୍ଡ ପରିବାରକୁ ୧ ହଜାର ଟଙ୍କା କୋଭିଡ-୧୯ ସହାୟତା ସହ ରାଶନ ସାମଗ୍ରୀ ଯୋଗାଣ ହୋଇଥିଲା। ରାଶନ ସାମଗ୍ରୀ ମଧ୍ୟରେ ଚାଉଳ, ଗହମ ଓ କିରୋସିନ ଥିଲା। ମହାକାଳପଡ଼ା ବ୍ଲକରେ ମୋଟ ୪୮,୪୬୮ ପରିବାର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ପାଇଥିବା ବେଳେ ହିତାଧିକାରୀଙ୍କ ସଂଖ୍ୟା ୧,୭୯,୨୩୬। ଏମାନଙ୍କ ମଧ୍ୟରୁ କେତେ ପରିବାର କୋଭିଡ୍ ସହାୟତା ରାଶି ଓ ସାମଗ୍ରୀ ପାଇଛନ୍ତି ବୋଲି ସୂଚନା ଅଧିକାର ଆଇନ ଅନୁଯାୟୀ ବ୍ଲକସ୍ଥ ଗୋଖାପଡା ଗାଁର ପ୍ରକାଶ ଚନ୍ଦ୍ର ଦାସ ବ୍ଲକ ଓ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଦୁଇଟି ତଥ୍ୟ ମାଗିଥିଲେ। ଜିଲା ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୫୬୨ ପରିବାର ସହାୟତା ରାଶି ନେଇ ନ ଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ମାତ୍ର ୧୧୮ ଜଣ ଏଥିରେ ସାମିଲ ହୋଇ ନ ଥିବା ତଥ୍ୟ ପ୍ରଦାନ କରିଛନ୍ତି। ଦୁଇ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟର ହିସାବ ଅନୁଯାୟୀ ମୋଟ ୪୪୪ଟି ପରିବାର ୧ ହଜାର ଟଙ୍କା ଲେଖାଏ ପାଇନାହାନ୍ତି। ସେହିପରି ସେମାନଙ୍କ ରାଶନ ସାମଗ୍ରୀ ମିଳି ନ ଥିବା ସ୍ପଷ୍ଟ ହୋଇଛି। ପରିବାର ପିଛା ୪ ଜଣ ହିସାବରେ ରାଶନ ସାମଗ୍ରୀ ଓ ସହାୟତା ରାଶି ମିଶାଇଲେ ପ୍ରାୟ ୭୧ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ ମତ ଦେଇଛନ୍ତି।

# କରୋନା ନେଲାଣି ୨୫୦ ଜୀବନ

**କେନ୍ଦ୍ରାପଡ଼ା ଅଫିସ, ୧୭।୧୦:** କରୋନା ସଂକ୍ରମଣରେ କେନ୍ଦ୍ରାପଡ଼ା ଜିଲାରେ ବର୍ତ୍ତମାନ ସୁଦ୍ଧା ୨୫୦ ଜଣଙ୍କର ଜୀବନ ଯାଇଛି। ଜିଲାରେ ୨୪,୭୪୫ ଜଣ ସଂକ୍ରମିତଙ୍କ ମଧ୍ୟରୁ ୨୪,୩୭୯ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି। ଅଦ୍ୟାବଧି ଜିଲାର ୧୧୫ ଜଣ ଘରେ ଓ ଚିକିତ୍ସା କେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି। ଏଥିସହ ଜଣେ ବ୍ୟକ୍ତି କରୋନା ସଂକ୍ରମିତ ଥିଲେ ମଧ୍ୟ ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଜିଲାରୁ ୧୦ ଜଣ ସଂକ୍ରମିତ ହୋଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୪ ଜଣ ଓ ଡେରାବିଶ ବ୍ଲକ ଅଞ୍ଚଳରେ ୨ ନୂତନ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଆଳି, ମହାକାଳପଡ଼ା, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳରେ ଜଣେ ଲେଖାଏ ଅଛନ୍ତି।

# ରାତ୍ରିକାଳୀନ କରୋନା କଟକଣା ଲାଗୁ ହେଲା

**କେନ୍ଦ୍ରାପଡ଼ା ଅଫିସ, ୧୭।୧୦**

କରୋନା ସଂକ୍ରମଣକୁ ରୋକିବାକୁ ଗତ ସେପ୍ଟେମ୍ବର ୩୦ରୁ ରାଜ୍ୟ ସରକାରଙ୍କ ସ୍ପେଶାଲ ରିଲିଫ କମିଶନରଙ୍କ ପକ୍ଷରୁ ଅକ୍ଟୋବର ଶେଷଯାଏ ସହରାଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁ ଜାରି ହୋଇଛି। କେନ୍ଦ୍ରାପଡ଼ା ସହରରେ ସଂକ୍ରମଣ ଗ୍ରାଫ ତଳକୁ ଖସିଥିବାରୁ ଏହି କଟକଣା କୋହଳ ହୋଇଥିଲା। ତେବେ ଆସନ୍ତା ୧୯ ତାରିଖରୁ କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେଉଥିବାରୁ ଏହି କଟକଣାକୁ କଡାକଡି ଭାବେ ପାଳନ କରାଯିବ ବୋଲି ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ନଭେମ୍ବର ୧ ତାରିଖଯାଏ ରାତ୍ରିକାଳୀନ କଟକଣା ଜାରି ରହିବ ବୋଲି ପ୍ରଚାର କରାଯାଇଛି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି, ସକାଳଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ। ରାତ୍ରିକାଳୀନ କର୍ଫ୍ୟୁ ରାତ୍ର ୧୦ରୁ ସକାଳ ଯାଏ ରହିବ। କଟକଣା ସମୟରେ କୋଭିଡ- ୧୯ର ନିୟମଗୁଡିକ ପାଳନ କରାଯିବ।

# ପେଣ୍ଠ ବେଳାଭୂମିରେ ହେବ ଇକୋରିଟ୍ରିଟ୍


କେନ୍ଦ୍ରାପଡ଼ା ଜିଲା ପ୍ରଶାସନିକ ଅଧିକାରୀମାନେ ଇକୋରିଟ୍ରିଟ୍ ପାଇଁ ପେଣ୍ଠଠାରେ ସ୍ଥାନ ନିରୂପଣ କରୁଛନ୍ତି।

**ରାଜନଗର, ୧୭।୧୦(ଡି.ଏନ.ଏ.)**

ଭିତରକନିକାକୁ କିପରି ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ସେ ନେଇ ରାଜ୍ୟ ସରକାର ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଗତବର୍ଷ ପ୍ରଥମଥର ପାଇଁ ଭିତରକନିକାର ନଳିତାପାଟିଆଠାରେ ଇକୋରିଟ୍ରିଟ୍ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୮୨ ଦିନ ଧରି ନଳିତାପାଟିଆଠାରେ ଇକୋରିଟ୍ରିଟ୍‌ର ସଫଳ ଆୟୋଜନ ହୋଇଥିଲା। ଚଳିତ ବର୍ଷ ନଳିତାପାଟିଆ ପରିବର୍ତ୍ତେ ପେଣ୍ଠ ବେଳାଭୂମିରେ ଇକୋରିଟ୍ରିଟ୍ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଜିଲା ପର୍ଯ୍ୟଟନ ଅଧିକାରୀ, ତହସିଲଦାର ଭୋଳାନାଥ ସେଠୀ, ରେଞ୍ଜ ଅଫିସର ଧନେଶ୍ୱର ରଥ, ଆଇଆଇସି ତପନ କୁମାର ନାୟକ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଅମିୟ ରଞ୍ଜନ ସିହ୍ନା, ଆରଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀଯନ୍ତ୍ରୀ ଦିଲୀପ ସାମନ୍ତରାୟ, ତଟବନ୍ଧ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଅଞ୍ଜନ କୁମାର ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଦିଲୀପ କୁମାର ସାମନ୍ତରାୟ ପ୍ରମୁଖ ପେଣ୍ଠ ବେଳାଭୂମିରେ ପହଞ୍ଚି ସ୍ଥାନ ଚିହ୍ନଟ କରିଛନ୍ତି। ମହିମା ଧର୍ମ ପକ୍ଷରୁ ତଣ୍ଡାକୂଳ ଯଜ୍ଞ ଅନୁଷ୍ଠିତ ହେଉଥିବା ସ୍ଥାନରେ ଏହି ଇକୋରିଟ୍ରିଟ୍ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ବେଳାଭୂମିରେ ସମୁଦ୍ର ଆଡକୁ ମୁହଁ କରି ଟେଣ୍ଟ ମରାଯିବ। ଦିନ ବେଳା ଇକୋରିଟ୍ରିଟ୍‌ରେ ଥିବା ପର୍ଯ୍ୟଟକମାନେ ଭିତରକନିକା ପରିଦର୍ଶନରେ ଯିବେ। ରାତିରେ ବେଳାଭୂମି ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବେ।

# କାଳଜୟୀ ଲେଖା ପ୍ରସ୍ତୁତ କରିବାକୁ ଆହ୍ୱାନ

**ପଟ୍ଟାମୁଣ୍ଡାଇ, ୧୭।୧୦(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅଣ୍ଟରାଠାରେ ଶାରଦୀୟ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଦେବପ୍ରସାଦ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ବସନ୍ତ କୁମାର ମଲ୍ଲିକ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, କବୟିତ୍ରୀ ନବଜ୍ୟୋତି ରାୟ, ଗାଳ୍ପିକ ପ୍ରଦୀପ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାମାଜିକ ପରିବର୍ତ୍ତନ ପାଇଁ କାଳଜୟୀ ଲେଖା ପ୍ରସ୍ତୁତ କରିବାକୁ ଆହ୍ୱାନ କରିଥିଲେ। ଶିକ୍ଷାବିତ୍ ପାର୍ଥସାରଥି ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କବି ଶୈଳଜା ଶଙ୍କର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ସଚିତ୍ର ବେହୁରାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ମତ୍ସ୍ୟଜୀବୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାରାଦୀପ, ୧୭।୧୦ (ସ୍ୱ.ପ୍ର.):** ପାରାଦୀପ ମେରାଇନ ଥାନା ଅନ୍ତର୍ଗତ ମାଛଧରା ବନ୍ଦର ପରିସରରେ ରବିବାର ଜଣେ ମତ୍ସ୍ୟଜୀବୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସତ୍ୟସାଇ ବୋଟର କର୍ମଚାରୀ ପଦିଆ ମଲ୍ଲିକ(୪୦)। ମଧ୍ୟାହ୍ନରେ ସେ ଖାଇ ସାରି ପାଣି ପିଇବା ବେଳେ ଟଳି ପଡିଥିଲେ। ତାଙ୍କୁ ସାଥୀ ମତ୍ସ୍ୟଜୀବୀ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୨/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୨ ଲକ୍ଷ ଟଙ୍କାର କାଠ ଜବତ

**ରାଜନଗର, ୧୭।୧୦ (ଡି.ଏନ.ଏ.):**

ରାଜନଗର ରେଞ୍ଜ୍ କାର୍ଯ୍ୟାଳୟର ମାତ୍ର ୨ ଶହ ମିଟର ଦୂରରେ ବିନା ଲାଇସେନ୍ସରେ ସାଇଜ ଶାଳ, ପିଆଶାଳ, ଚାକୁଣ୍ଡା, ଆକାଶିଆ ଓ ପଟାସ କାଠ ବିକ୍ରି ହେଉଥିଲା। ରବିବାର ରେଞ୍ଜ ଅଫିସର ଧନେଶ୍ୱର ରଥଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲିକ, ବିଜୟ କୁମାର ପାତ୍ର, ପଦ୍ମନାଭ ରାଉତ ପ୍ରମୁଖ ସାନବଡ ଗୋପାଳପୁରର ଜଳଧର ନାଥଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢାଉ କରିଥିଲେ। ସେଠାରେ ଚାକୁଣ୍ଡା, ଆକାଶିଆ ଓ ପଟାସ କାଠ ସହ ସାଇଜ ଶାଳକାଠ ଥିଲା। ସେଠାରୁ ୪୫ ପିସ୍ ସାଇଜ ଶାଳ କାଠ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ। ଏ ନେଇ ରାଜନଗର ରେଞ୍ଜ୍ କାର୍ଯ୍ୟାଳୟରେ ନଂ. ୪୫/୨୦୨୦-୨୧ରେ ମାମଲା ରୁଜୁ କରାଯାଇଛି। ଚଢାଉ ସମୟରେ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ ନାଥ ସେଠାରୁ ଫେରାର ହୋଇଯାଇଥିଲେ।






> ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। – **ଶ୍ରୀଅରବିନ୍ଦ**



# 'ମୁଁ ମୁଁ ମୁଁ'

କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ଭାବେ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲୁସି) କାର୍ଯ୍ୟ କରିଥାଏ। ୧୬ ଅକ୍ଟୋବରରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ଦଳର ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ ଆସନ୍ତା ବର୍ଷ ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୨୦ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ତେବେ ଯେଉଁ ବିଷୟ ସବୁଠାରୁ ଚର୍ଚ୍ଚାକୁ ଆସିଛି ତାହା ହେଲା ଦଳର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ଦୃଢ଼ୋକ୍ତି। ନିଜକୁ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ କହିବା ସହ ଅସନ୍ତୁଷ୍ଟ ୨୩ ଜଣ ନେତା (ଜି-୨୩)ଙ୍କୁ ସେ କଡ଼ା ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅସନ୍ତୁଷ୍ଟଙ୍କ ମଧ୍ୟରେ ୫ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଯଥା ଜମ୍ମୁ ଓ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ୍‌ନବୀ ଆଜାଦ, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜିନ୍ଦର କୌର ଭଟ୍ଟଲ, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି ଓ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚଭନଙ୍କ ସମେତ ଏକାଧିକ କେନ୍ଦ୍ର ମନ୍ତ୍ରୀ ଓ ବରିଷ୍ଠ ନେତା ରହିଛନ୍ତି। ଦଳ ମଧ୍ୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହୁନାହିଁ ବୋଲି ଏହି ନେତାମାନେ ଏକାଧିକ ଥର ସୋନିଆଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରି କି ସେମାନେ ଗଣମାଧ୍ୟମ ଆଗରେ ପାର୍ଟିର ଦୁର୍ବଳ କଥା କହି ଦେଉଥିବାରୁ ସୋନିଆ ପ୍ରତିକ୍ରିୟାଶୀଳ ହୋଇ ନିଜକୁ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ବୋଲି କହିଦେଇଛନ୍ତି। ଏଠାରେ ମନେପଡ଼େ ଚାଇନା କମ୍ୟୁନିଷ୍ଟ ପାର୍ଟି ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ କଥା। ଏକଚ୍ଛତ୍ରବାଦରେ ବୁଡ଼ି ରହିଥିବା ଚାଇନାର ଏହି ନେତା ତାଙ୍କ ବିରୋଧୀଙ୍କ କୌଣସି ମତକୁ ଗୁରୁତ୍ୱ ଦେବାକୁ ଚାହୁଁନାହାନ୍ତି। ଜିନ୍‌ପିଙ୍ଗ କ୍ଷମତାରେ ଥିବାବେଳେ ଏଭଳି କାର୍ଯ୍ୟ କରୁଛନ୍ତି। କିନ୍ତୁ କ୍ଷମତାରେ ନ ଥାଇ ସୋନିଆଙ୍କ ଏଭଳି କ୍ଷମତା ଲୋଭ ଦଳକୁ ମୁମୂର୍ଷୁ ଅବସ୍ଥାକୁ ଟାଣି ନେଲାଣି। ଏଠାରେ ସ୍ମରଣ କରାଯାଇପାରେ ଯେ, ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ରାହୁଲ ଗାନ୍ଧୀ ଦଳର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଦଳରେ ନେତୃତ୍ୱ ସଙ୍କଟ ଦେଖାଦେବାରୁ ସୋନିଆଙ୍କୁ ଅନ୍ତରୀଣ ଅଧ୍ୟକ୍ଷ କରାଯାଇଥିଲା।

ଦେଶର ସର୍ବପୁରାତନ ଦଳ କଂଗ୍ରେସକୁ ୨୦୧୪ ସାଧାରଣ ନିର୍ବାଚନରେ ପ୍ରଥମେ ଗ୍ରହଣ ଲାଗିଥିଲା। ସେତେବେଳେ ଏହା ଲୋକ ସଭାରେ ବିରୋଧୀ ଦଳ ନେତା ଆସନ ପାଇବାକୁ ଯୋଗ୍ୟ ହେଲା ନାହିଁ। ୟୁପିଏ ୧ ଓ ୨ ସରକାର ଅମଳରେ ଅତ୍ୟଧିକ ଦୁର୍ନୀତି ଓ ଅରାଜକତା ଯୋଗୁ ଦେଶବାସୀ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ। ବିଫଳତାରୁ କିଛି ନ ଶିଖି ଏହି ଦଳର ନେତୃତ୍ୱ ଭାବି ନେଇଥିଲେ ଯେ ପରବର୍ତ୍ତୀ ନିର୍ବାଚନରେ ଭୋଟର କଂଗ୍ରେସକୁ ପୁଣି ଗ୍ରହଣ କରିନେବେ। ସେହି ଭାବନା ଭୁଲ ସାବ୍ୟସ୍ତ ହେଲା। ୨୦୧୯ ସାଧାରଣ ନିର୍ବାଚନରେ ଦଳ ପୂର୍ବାପେକ୍ଷା ଆହୁରି ଖରାପ ପ୍ରଦର୍ଶନ କଲା। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଯେତେବେଳେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବା ନେତା ତୃଣମୂଳ ସ୍ତରର ସମସ୍ୟା ଓ ଲୋକଙ୍କଠାରୁ ଛିନ୍ନ ହୋଇଯାଆନ୍ତି, ସେତେବେଳେ ତାଙ୍କ ଗ୍ରହଣୀୟତା ହ୍ରାସ ପାଇଯାଏ। କଂଗ୍ରେସର ଅସୁବିଧା ଗାନ୍ଧୀ ପରିବାରଠାରେ ଲାଗି ରହିଥିବାରୁ ସମାଧାନର ବାଟ ବାହାରିପାରୁ ନାହିଁ। ବିରୋଧୀ ଦଳଗୁଡ଼ିକ ବଂଶବାଦ ରାଜନୀତି ବିପକ୍ଷରେ ଅନେକ ବର୍ଷ ଧରି କହି ଆସି ଲାଭ ଉଠାଇବା ସତ୍ତ୍ୱେ କଂଗ୍ରେସ କୌଣସି ଶିକ୍ଷା ପାଇବାକୁ ଯେଭଳି ଅରାଜି ମନେହେଉଛି। ଯଦି ପାର୍ଟିର ଉପରୁ ତଳ ସ୍ତର ଯାଏ ଥିବା କର୍ମୀଙ୍କ ମତ ଓ ପ୍ରତିକ୍ରିୟାକୁ ହାଇକମାଣ୍ଡ୍ ଶୁଣିଥାଆନ୍ତେ, ତାହା ହେଲେ ସ୍ଥିତି ଆଜି ବିଗିଡ଼ି ଯାଇ ଏଭଳି ଦୟନୀୟ ହୋଇ ନ ଥାଆନ୍ତା। ଆଜିର କଂଗ୍ରେସ ନେତୃତ୍ୱ ପୁରୁଣା ଦିନର ହାଇକମାଣ୍ଡ୍ ମାନସିକତାରୁ ଊର୍ଦ୍ଧ୍ୱକୁ ଯାଇପାରି ନାହିଁ। ଦିଲ୍ଲୀରେ ବସି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଦେଲେ ସମସ୍ତେ ମାନିଯିବେ ବୋଲି ଯେଉଁ ଚିନ୍ତାଧାରା ଗଢ଼ି ଆସିଥିଲା, ଆଜିର ସମୟରେ ତାହା ଅଚଳ ପଇସା ହୋଇଗଲାଣି। ଭୂରାଜନୈତିକ ସ୍ଥିତିକୁ ଦେଖିଲେ ଏବେ ନେତା ହେବା ସମ୍ଭବପର ହେବ ଯଦି ଭୋଟ୍ ଆଣିବାର କ୍ଷମତା ଥିବ। କେବଳ ଦଳର ତଣ୍ଟି ଧରି ବସି ରହିଲେ ଆପଣାଛାଏଁ କ୍ଷମତା ଚାଲିଆସିବ ନାହିଁ। ଗାନ୍ଧୀ ପରିବାରର ଗୋଟିଏ ବିରାଟବଡ଼ ଆଭ୍ୟନ୍ତରୀଣ ସମସ୍ୟା ରହିଛି। ମା' ପୁଅ ଓ ଝିଅଙ୍କ ସମେତ ସେମାନଙ୍କ କେତେକ ଅନୁଗତ ଭାବୁଛନ୍ତି ଯେ, ନରେନ୍ଦ୍ର ମୋଦିଙ୍କ ଉପରେ ଅତିଷ୍ଠ ହୋଇ ଭୋଟର ଭାଜପାକୁ ଗାଦିଚ୍ୟୁତ କରି କଂଗ୍ରେସଗାନ୍ଧୀଙ୍କୁ କ୍ଷମତାକୁ ଫେରାଇ ଆଣିବେ। ଏହି ଚିନ୍ତାଧାରା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ସହଜରେ କୌଣସି କାର୍ଯ୍ୟ ହେବା ଭଳି ମନେହେଉ ନାହିଁ। ଭାଜପା ବିରୋଧରେ ଲଢ଼ିବାକୁ ହେଲେ ଧର୍ମ ଉପରେ ଆଧାରିତ ଯୁଦ୍ଧରେ ଜିତିବା କଷ୍ଟକର। ସେଥିପାଇଁ କେବଳ ଅର୍ଥନୈତିକ ଦୁରବସ୍ଥାକୁ ଯଦି ବାରମ୍ବାର ଲୋକଙ୍କ ସାମ୍ନାକୁ ଆଣି ଦେଶବ୍ୟାପୀ ଭ୍ରମଣ କରିବାକୁ କୌଣସି ନେତା ପ୍ରସ୍ତୁତ ହୁଅନ୍ତି, ତେବେ ସ୍ଥିତି ବଦଳିବା ଅବଶ୍ୟମ୍ଭାବୀ। ଦୁଃଖର ବିଷୟ ଯେ, କଂଗ୍ରେସର ଗାନ୍ଧୀ ପରିବାର ଭିତରୁ ଏଭଳି କୌଣସି ଯୋଗ୍ୟ ବ୍ୟକ୍ତି ନାହାନ୍ତି ଯିଏ ସଙ୍ଗଠନକୁ ସୁଦୃଢ଼ କରିବା ସହ ଦେଶବ୍ୟାପୀ ଏକ ଜନଜାଗରଣ କରିପାରିବେ। ଗାନ୍ଧୀ ପରିବାର କେବଳ 'ମୁଁ ମୁଁ ମୁଁ'ରେ ରହିଗଲେଣି।

## ସାପ୍ତାହିକ ପଞ୍ଜିକା

**ଅକ୍ଟୋବର ୧୧:** ଆମେରିକାର ତିନି ଜଣ ଅର୍ଥନୀତିଜ୍ଞ ଡାଭିଡ୍ କାର୍ଡ, ଜୋଶୁଆ ଆଙ୍ଗ୍ରିଷ୍ଟ ଓ ଗୁଇଡୋ ଇମ୍ବେନ୍ସ ଅର୍ଥନୀତିରେ ନୋବେଲ ପୁରସ୍କାର ଜିତିଛନ୍ତି।

**ଅକ୍ଟୋବର ୧୨:** ପିଲାଙ୍କ କରୋନା ଟିକା ଭାବେ ଦେଶରେ କୋଭାକ୍ସିନ୍‌ର ଜରୁରିକାଳୀନ ବ୍ୟବହାରକୁ ଜାତୀୟ ଡ୍ରଗ୍ସ ନିୟନ୍ତ୍ରକର ବୈଷୟିକ ବିଶେଷଜ୍ଞ କମିଟି ସୁପାରିସ କରିଛି।

➢ ତ୍ରିପୁରା ମୁଖ୍ୟ ବିଚାରପତି ଭାବେ ଇନ୍ଦ୍ରଜିତ୍ ମହାନ୍ତି ଶପଥ ନେଲେ।

**ଅକ୍ଟୋବର ୧୩:** ଟୁଇଟର ସେବା ବାଧାପ୍ରାପ୍ତ।

➢ ଗତି ଶକ୍ତି ଯୋଜନା ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 6 | | 3 | | | |
| 6 | | | 1 | | 9 | | 2 | |
| | | | 4 | 8 | | | | |
| | | 4 | | 9 | | 1 | | 6 |
| | 5 | | | | | | | |
| | 8 | | 2 | 5 | | 7 | | |
| | | | | 1 | | 2 | | |
| 9 | | | | 6 | | | | 1 |
| | 2 | | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 3 | 1 | 4 | 9 | 2 | 5 | 6 |
| 9 | 6 | 4 | 5 | 7 | 2 | 8 | 1 | 3 |
| 5 | 1 | 2 | 6 | 8 | 3 | 4 | 7 | 9 |
| 4 | 2 | 7 | 3 | 9 | 6 | 5 | 8 | 1 |
| 6 | 3 | 5 | 8 | 1 | 4 | 9 | 2 | 7 |
| 8 | 9 | 1 | 2 | 5 | 7 | 3 | 6 | 4 |
| 1 | 4 | 8 | 9 | 6 | 5 | 7 | 3 | 2 |
| 2 | 7 | 6 | 4 | 3 | 8 | 1 | 9 | 5 |
| 3 | 5 | 9 | 7 | 2 | 1 | 6 | 4 | 8 |

ଗତକାଲିର ଉତ୍ତର

# ଖାଦ୍ୟ ଅଧିକାର କେତେ ସୁରକ୍ଷିତ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ସମାଜର ସବୁ ମଣିଷଙ୍କୁ ଜୀବିତ ରଖିବା ପାଇଁ ଖାଦ୍ୟ ଅଧିକାର ଏକ ମୌଳିକ ଓ ସାର୍ବଭୌମ ଅଧିକାର। ଆଜିର ଦିନରେ ବିନା କୌଣସି ପ୍ରତିବନ୍ଧକରେ ସରକାର ଚାହିଁଲେ ଏହି ଅଧିକାରକୁ ସହଜରେ ସୁନିଶ୍ଚିତ କରିପାରିବେ। କିନ୍ତୁ ସରକାରଙ୍କ ଭୁଲ ନୀତି ଯୋଗୁ ଆମ ଜନସଂଖ୍ୟାର ଏକ ବଡ଼ସଂଖ୍ୟକ ଭାଗ ଆଜି ବି କ୍ଷୁଧା ଓ ଅନାହାରରେ ଶଢ଼ିବାକୁ ବାଧ ହେଉଛନ୍ତି। ଦେଶରେ ଖାଦ୍ୟଶସ୍ୟର ରେକର୍ଡ଼ ଉତ୍ପାଦନ ସତ୍ତ୍ୱେ ଅର୍ଦ୍ଧାଧିକ ଲୋକଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ନ ମିଳିବା କେବଳ ଲଜ୍ଜାଜନକ ନୁହେଁ, ବରଂ ଆମ ବ୍ୟବସ୍ଥାର ଜନବିରୋଧୀ ଚରିତ୍ରକୁ ପ୍ରକାଶ କରୁଛି।

ଖାଦ୍ୟ ସମସ୍ୟା କେବଳ ଆମ ଦେଶର ନୁହେଁ, ବରଂ ବିଶ୍ୱର ଏକ ପ୍ରମୁଖ ସମସ୍ୟା। ବିଶ୍ୱର ଏକ ଚତୁର୍ଥାଂଶ ଲୋକ ବିଶେଷ କରି ଏସିଆ ଓ ଆଫ୍ରିକାର ଜନସଂଖ୍ୟାର ଏକ ବଡ଼ ଭାଗ ବଞ୍ଚିବା ପାଇଁ ସର୍ବନିମ୍ନ ଆବଶ୍ୟକୀୟ ଖାଦ୍ୟରୁ ମଧ୍ୟ ବଞ୍ଚିତ ରହିଛନ୍ତି। ଦୁନିଆର କୁପୋଷିତ ଲୋକଙ୍କ ସବୁଠାରୁ ବଡ଼ ଭାଗଟି ଭାରତରେ ରୁହନ୍ତି। ଦେଶର ପ୍ରାୟ ୧୯ କୋଟି ଲୋକ ଅନାହାର ଓ ଅର୍ଦ୍ଧାହାରର ଶିକାର ହୋଇ ପ୍ରତିଦିନ ଗୋଟିଏ ଓଳା ଭୋକରେ ଶୋଇବାକୁ ବାଧ ହୁଅନ୍ତି। ପାଞ୍ଚ ବର୍ଷରୁ କମ୍ ବୟସର ଦେଶର ୧୫.୩ % ଶିଶୁ କୁପୋଷିତ ହୋଇଥିବା ଯୋଗୁଁ ରୋଗବ୍ୟାଧିର ସହଜ ଶିକାର ହୋଇଥାନ୍ତି। ଭୟଙ୍କର କ୍ଷୁଧା ଓ କୁପୋଷଣର ଶିକାର ବିଶ୍ୱର ୧୧୯ଟି ଦେଶକୁ ନେଇ ପ୍ରସ୍ତୁତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ୨୦୧୪ରେ ଭାରତ ୫୫ତମ ସ୍ଥାନରେ ରହିଥିବା ବେଳେ ୨୦୨୦ ରେ ୯୪ତମ ଏବଂ ଚଳିତ ବର୍ଷ ୧୦୧ତମ ସ୍ଥାନକୁ ଖସିଛି। ଏପରିକି ବାଂଲାଦେଶ, ପାକିସ୍ତାନ ଓ ନେପାଳ ପରି ପଡ଼ୋଶୀମାନଙ୍କ ଠାରୁ ବି ଭାରତ ତଳେ ରହିଛି। ବିଶ୍ୱରେ ସୋମାଲିଆ, ପପୁଆ ନିଉଗିନି, ଆଫଗାନିସ୍ଥାନ ପରି ୧୫ଟି ଦେଶ ହିଁ ଏ କ୍ଷେତ୍ରରେ ଆମଠାରୁ ତଳେ ରହିଛନ୍ତି। ଦେଶରେ କୋଭିଡ୍ ମହାମାରୀ ଓ ଲକ୍‌ଡାଉନ୍ ସତ୍ତ୍ୱେ ଖାଦ୍ୟଶସ୍ୟର ରେକର୍ଡ଼ ଉତ୍ପାଦନ ହୋଇଛି। ସରକାରଙ୍କ ଖାଦ୍ୟ ନିଗମର ଗୋଦାମମାନଙ୍କରେ ଏତେ ବିପୁଳ ପରିମାଣର ଖାଦ୍ୟଶସ୍ୟକୁ ରଖିବାକୁ ଜାଗା ନାହିଁ। ଅନ୍ୟପଟେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମୂଷା, ପୋକ ଆଦି ଦ୍ୱାରା ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ଖାଦ୍ୟଶସ୍ୟ ନଷ୍ଟ ହେଉଛି। ଅଥଚ ଦେଶର ଅଧିକାଂଶ ଜନତା ଖାଦ୍ୟ ଅଭାବରୁ କ୍ଷୁଧା ଓ କୁପୋଷଣ ମଧ୍ୟରେ ରହିଛନ୍ତି। ଦେଶରେ ଖାଦ୍ୟଶସ୍ୟର ଉତ୍ପାଦନ ଲଗାତାର ବଢ଼ୁଥିଲେ ବି ମୁଣ୍ଡପିଛା ଉପଲବ୍ଧତା ହ୍ରାସ ପାଇବାରେ ଲାଗିଛି। ଦେଶର ୮୦ କୋଟିରୁ ଅଧିକ ଜନତା ସରକାରଙ୍କ ଶସ୍ତା ରାଶନ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଦେଶର ଖାଦ୍ୟ ସୁରକ୍ଷା ପରିସ୍ଥିତିରେ ଏଭଳି ବିରୋଧାଭାସଟି ଶାସକ ଶ୍ରେଣୀର ଜନବିରୋଧୀ ନୀତିର ହିଁ ପରିଣାମ।

ଦେଶବାସୀଙ୍କ ଖାଦ୍ୟ ସୁରକ୍ଷାକୁ କଦାପି ବଜାରର ଦୟାରେ ଛଡ଼ାଯାଇ ନ ପାରେ। କାରଣ ଖାଦ୍ୟଶସ୍ୟର ବ୍ୟବସାୟୀମାନେ ସାଧାରଣତଃ ଅମଳ ସମୟରେ ଚାଷୀଙ୍କଠାରୁ ଶସ୍ତାରେ ଖାଦ୍ୟଶସ୍ୟ କିଣି ପରେ ତାକୁ ଚଢ଼ା ଦରରେ ବିକ୍ରି କରିଥା'ନ୍ତି। ଏଭଳି ପରିସ୍ଥିତିରେ ଜନଗଣଙ୍କ ଖାଦ୍ୟ ସୁରକ୍ଷା ପାଇଁ ସରକାରଙ୍କ ଭୂମିକା ଜରୁରୀ। ଏହିକ୍ରମରେ ହିଁ ୧୯୬୫ରେ ଜାତୀୟ ଖାଦ୍ୟନୀତି ପ୍ରଣୟନ କରାଯାଇଥିଲା। ସମାଜର ସବୁ ଲୋକଙ୍କୁ ଗଣବଣ୍ଟନ ଜରିଆରେ ଶସ୍ତାରେ ଖାଦ୍ୟଶସ୍ୟ ଯୋଗାଇ ଦେବାର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସରକାର ଗୋଟିଏ ପଟେ ଭାରତୀୟ ଖାଦ୍ୟ ନିଗମ ଜରିଆରେ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଚାଷୀଙ୍କଠାରୁ ଧାନ, ଗହମ ଆଦି ଖାଦ୍ୟଶସ୍ୟ କିଣିବା ସହ ତାକୁ ଗଣବଣ୍ଟନ ଜରିଆରେ ସାଧାରଣ ଲୋକଙ୍କୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇଲେ।

କିନ୍ତୁ ୧୯୯୧ରେ ଦେଶରେ ଆର୍ଥିକ ସଂସ୍କାର ଆରମ୍ଭ ପରେ ବିଶେଷକରି ଭାରତ ବିଶ୍ୱ ବାଣିଜ୍ୟ ସଙ୍ଗଠନରେ ସଭ୍ୟଭୁକ୍ତ ହେବା ପରେ ସରକାର ଖାଦ୍ୟ ସୁରକ୍ଷା ପାଇଁ ନିଜ ଦାୟିତ୍ୱରୁ ଓହରିବାକୁ ଲାଗିଲେ। ଖାଦ୍ୟ ସୁରକ୍ଷା ପାଇଁ ଦିଆଯାଉଥିବା ସବ୍‌ସିଡିକୁ କମାଇବା ସହ ଦେଶରେ ଖାଦ୍ୟଶସ୍ୟର ବ୍ୟବସାୟ କରିବାକୁ ବଡ଼ କମ୍ପାନୀମାନଙ୍କ ପାଇଁ ଦ୍ୱାର ଖୋଲିଦେଲେ। ରାଶନ ବ୍ୟବସ୍ଥାକୁ ସଙ୍କୁଚିତ କରି ୧୯୯୭ରେ ଏପିଏଲ୍ ଓ ବିପିଏଲ୍ ନାଁରେ ବିଭାଜିତ କରାଯିବା ସହ କେବଳ ବିପିଏଲ୍ ତାଲିକାଭୁକ୍ତ ଲୋକଙ୍କୁ ହିଁ ରିହାତିରେ ଖାଦ୍ୟଶସ୍ୟ ଯୋଗାଗଲା। ଦେଶର ଏକ ବଡ଼ ଭାଗ ଜନତା ସରକାରଙ୍କ ଏହି ଜନବିରୋଧୀ ନୀତି ଲାଗି ଶସ୍ତା ଖାଦ୍ୟଶସ୍ୟ ପାଇବାରୁ ବଞ୍ଚିତ ହେଲେ। ତେବେ ସରକାରଙ୍କ ବଡ଼ ବଡ଼ ଘୋଷଣା ସତ୍ତ୍ୱେ ଦେଶର ବିଭିନ୍ନ ସ୍ଥାନରୁ ଦାରିଦ୍ର୍ୟ ଓ ଅନାହାରର ଭୟଙ୍କର ଚିତ୍ର ସାମ୍ନାକୁ ଆସିବାକୁ ଲାଗିଲା। ଏସବୁ ଘଟଣା ସରକାରଙ୍କ ତଥାକଥିତ ବିକାଶର ମୁଖାକୁ ଖୋଲିଦେବା ସହିତ ଖାଦ୍ୟ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବାଧ୍ୟକଲା।

ଦେଶର ଗ୍ରାମାଞ୍ଚଳର ୭୫% ଏବଂ ସହରାଞ୍ଚଳର ୫୦% ଭାଗ ଜନତାଙ୍କ ଖାଦ୍ୟ ସୁରକ୍ଷାର ସମସ୍ୟା ରହିଛି ବୋଲି ସ୍ୱୀକାର କରି ୨୦୧୩ ରେ ତତ୍କାଳୀନ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ। ଏକ ଶକ୍ତିଶାଳୀ ଗଣବଣ୍ଟନ ବ୍ୟବସ୍ଥାର ଅନୁପସ୍ଥିତି ଭୋକର ସ୍ଥିତିକୁ ଅଧିକ ଖରାପ କରୁଥିବାରୁ ସରକାର ଖାଦ୍ୟ ସୁରକ୍ଷାର ସଙ୍କଟକୁ ଦୂର କରିବା ପାଇଁ ସାର୍ବଜନୀନ ଗଣବଣ୍ଟନ ଯୋଜନା କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପରିତାପର ବିଷୟ, ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ସରକାର ଦେଶରେ ଭୋକିଲା ଜନତାଙ୍କୁ ଯେଉଁ ଖାଦ୍ୟଶସ୍ୟ ବଣ୍ଟନ କରୁଛନ୍ତି ତାହା ଉଭୟ ମାନ ଓ ପରିମାଣ ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ। ଖୋଦ୍ କେନ୍ଦ୍ର ସରକାରଙ୍କ ଆଇସିଏମ୍‌ଆର୍ ସଂସ୍ଥା ଜଣେ ବ୍ୟକ୍ତି ପାଇଁ ମାସିକ ସର୍ବନିମ୍ନ ୧୫ କିଲୋ ଖାଦ୍ୟଶସ୍ୟ ଜରୁରୀ ବୋଲି କହୁଥିବା ବେଳେ ସରକାର ଖାଦ୍ୟ ସୁରକ୍ଷା ଆଇନରେ ମାତ୍ର ୫ କିଲୋ ଖାଦ୍ୟଶସ୍ୟ ପ୍ରଦାନ କରୁଛନ୍ତି। ଏପରିକି ଶରୀର ପୁଷ୍ଟିହୀନତା ଦୂର ପାଇଁ ଡାଲି ଏବଂ ଖାଇବା ତେଲର ଆବଶ୍ୟକତା ରହିଥିବା ବେଳେ ସରକାରଙ୍କ ଖାଦ୍ୟ ସୁରକ୍ଷା କେବଳ ଚାଉଳ ବା ଗହମରେ ହିଁ ସୀମିତ ରହିଛି। ଖାଦ୍ୟ ସୁରକ୍ଷା ଆଇନ ଜରିଆରେ ସରକାର ପୂର୍ବରୁ ଦିଆଯାଉଥିବା ଖାଦ୍ୟଶସ୍ୟର ପରିମାଣକୁ ବି ହ୍ରାସ କରିଛନ୍ତି। ପୂର୍ବରୁ ପରିବାର ପିଛା ୩୫ କିଲୋ ଚାଉଳ ଦେଉଥିବା ବଦଳରେ ବର୍ତ୍ତମାନ ତାକୁ ବ୍ୟକ୍ତି ପିଛା ୫ କିଲୋକୁ ହ୍ରାସ କରିବା ଫଳରେ ସାତ ଜଣରୁ କମ୍ ଥିବା (ଦେଶର ୮୬% ପରିବାର) ପୂର୍ବାପେକ୍ଷା କମ୍ ଚାଉଳ ପାଉଛନ୍ତି।

ଦେଶର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଉପରେ ଏବେ ସବୁଠାରୁ ବଡ଼ ଆକ୍ରମଣ କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଛି। ଆମ ଦେଶର ଖାଦ୍ୟଶସ୍ୟର ବଜାରରେ ଆମେରିକା ଓ ୟୁରୋପର ବଡ଼ ବଡ଼ କମ୍ପାନୀଗୁଡ଼ିକ ପଶିବାକୁ ଚାହୁଁଛନ୍ତି। ତେବେ ଏ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଲୋକଙ୍କୁ ଶସ୍ତାରେ ଖାଦ୍ୟଶସ୍ୟ ଯୋଗାଇବାକୁ ମୁଖ୍ୟ ପ୍ରତିବନ୍ଧକ ବୋଲି ଭାବୁଛନ୍ତି। ଯଦିଓ ଆମେରିକା ଓ ୟୁରୋପର ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ନିଜ ଦେଶରେ କୃଷି ଓ ଖାଦ୍ୟଶସ୍ୟ ବାବଦରେ ଆମଠାରୁ ବହୁଗୁଣ ଅଧିକ ସବ୍‌ସିଡି ଦେଉଛନ୍ତି, କିନ୍ତୁ ସେମାନେ ଭାରତ ପରି ବିଶ୍ୱର ସର୍ବାଧିକ ଭୋକିଲା ଲୋକ ରହୁଥିବା ଦେଶରେ ରାଶନ ଜରିଆରେ ଲୋକଙ୍କୁ ଦିଆଯାଉଥିବା ଖାଦ୍ୟ ସବ୍‌ସିଡିକୁ ବନ୍ଦ କରିବାକୁ ଚାପ ପକାଉଛନ୍ତି।

ଦେଶୀ ବିଦେଶୀ ବୃହତ୍ କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ମୋଦି ସରକାର ଇତିମଧ୍ୟରେ ତିନୋଟି କୃଷି ଆଇନ ଆଣିଛନ୍ତି, ଯାହାକୁ ଦେଶର କୃଷକମାନେ ବିରୋଧ କରୁଛନ୍ତି। ଉପରୋକ୍ତ ଆଇନ ଫଳରେ କୃଷି ଉପରେ କର୍ପୋରେଟଙ୍କ ନିୟନ୍ତ୍ରଣ ସ୍ଥାପିତ ହେବା ସହ ଦେଶରେ ମଣ୍ଡି ଜରିଆରେ ଖାଦ୍ୟଶସ୍ୟର ସରକାରୀ ସଂଗ୍ରହ ବନ୍ଦ ହୋଇଯିବ। ସରକାର ଯଦି ଚାଷୀଠାରୁ ଖାଦ୍ୟଶସ୍ୟ କିଣିବେନି, ତା'ହେଲେ ଦେଶରେ ଖାଦ୍ୟ ସୁରକ୍ଷା ଯୋଜନାରେ ଶସ୍ତା ଖାଦ୍ୟଶସ୍ୟ ବାଣ୍ଟିବା ବି ବନ୍ଦ କରିଦେବେ। ଏଭଳି ନୀତି ଦେଶର କୃଷକମାନଙ୍କୁ ନିଜର ଉତ୍ପାଦିତ ଫସଲକୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ କରିବ ଏବଂ କୋଟି କୋଟି ଅନାହାର ଓ ଅର୍ଦ୍ଧାହାର ଲୋକଙ୍କୁ ଶସ୍ତା ଖାଦ୍ୟରୁ ବଞ୍ଚିତ କରି ସେମାନଙ୍କ ଖାଦ୍ୟ ସୁରକ୍ଷାକୁ ବିପନ୍ନ କରିବ। କର୍ପୋରେଟଙ୍କ ସ୍ୱାର୍ଥରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସରକାର କରିଥିବା ସଂଶୋଧନ ଫଳରେ ବଜାରରେ ବଡ଼ କମ୍ପାନୀ ଓ ବେପାରୀମାନେ ବିପୁଳ ପରିମାଣର ଖାଦ୍ୟ ସାମଗ୍ରୀକୁ ଶସ୍ତାରେ କିଣି ଗୋଦାମରେ ମନଇଚ୍ଛା ଜମା କରିବାକୁ ତଥା ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ଚଢ଼ାଦରରେ ବିକ୍ରି କରିବାକୁ ସୁଯୋଗ ପାଇବେ। ଏହାଫଳରେ ଖାଦ୍ୟଶସ୍ୟ ମହଙ୍ଗା ହେବା ସହ ସାଧାରଣ ଲୋକଙ୍କ ପହଞ୍ଚରୁ ବାହାରକୁ ଚାଲିଯିବ।

ଦେଶରେ ଅନାହାର ଓ ପୁଷ୍ଟିହୀନତାର ଅନ୍ୟତମ ବଡ଼ କାରଣ ହେଲା, ଲୋକଙ୍କ କ୍ରୟଶକ୍ତିରେ ହ୍ରାସ ଯୋଗୁ ବଜାରରୁ ଖାଦ୍ୟ କିଣିବାରେ ଲୋକଙ୍କ ଅସାମର୍ଥ୍ୟତା। ବିଶ୍ୱ ଖାଦ୍ୟ ଓ କୃଷି ସଙ୍ଗଠନର ହିସାବ ଅନୁଯାୟୀ ଚାଉଳ ଓ ଗହମ ପରି ଶକ୍ତିବର୍ଦ୍ଧକ ଖାଦ୍ୟ ବାବଦରେ ବ୍ୟକ୍ତି ପିଛା ଦୈନିକ ୦.୭୯ ଡଲାର ଦରକାର ପଡୁଥିବା ବେଳେ ପୁଷ୍ଟିସାର ଜନିତ ଖାଦ୍ୟ ବାବଦରେ ୧.୯ ଡଲାର ଏବଂ ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ବାବଦରେ ଦୈନିକ ୩.୪୧ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାଏ। ଖାଦ୍ୟ ଓ କୃଷି ସଙ୍ଗଠନର ରିପୋର୍ଟ ଅନୁଯାୟୀ, ଦେଶରେ ଭାତ ଓ ରୁଟି ପରି ଶକ୍ତିବର୍ଦ୍ଧକ ଖାଦ୍ୟ ପାଇବାରେ ଅସମର୍ଥ ଜନତାଙ୍କ ସଂଖ୍ୟାରେ ମାତ୍ର ୦.୯% ହ୍ରାସ ପାଇଥିବା ବେଳେ ୩୯.୧% ଲୋକ ପୁଷ୍ଟିସାର ଖାଦ୍ୟରୁ ବଞ୍ଚିତ ଅଛନ୍ତି ଏବଂ ୭୭.୯% ଲୋକ ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ପାଇବାକୁ ବଞ୍ଚିତ ଅଛନ୍ତି।

ବର୍ତ୍ତମାନ ସମାଜର ସବୁ ଲୋକଙ୍କୁ ଯେପରି ପର୍ଯ୍ୟାପ୍ତ ଓ ନିରାପଦ ଖାଦ୍ୟ ଉପଲବ୍ଧ ହୋଇପାରିବ, ସେକଥା ଚିନ୍ତା କରିବାର ବେଳ ଆସିଛି। ସରକାର ଖାଦ୍ୟଶସ୍ୟ ବିକ୍ରି କରୁଥିବା ବଡ଼ ବଡ଼ କମ୍ପାନୀର ମୁନାଫା ପରିବର୍ତ୍ତେ ନିଜର ନାଗରିକମାନଙ୍କ ଖାଦ୍ୟର ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସାର୍ବଜନୀନ ବଣ୍ଟନ ଯୋଜନାକୁ ଶକ୍ତିଶାଳୀ ଓ ବ୍ୟାପକ କରି ଖାଦ୍ୟ ଆବଶ୍ୟକ କରୁଥିବା ସମାଜର ପ୍ରତିଟି ଲୋକଙ୍କୁ ରିହାତି ମୂଲ୍ୟରେ ଖାଦ୍ୟ ଯୋଗାଇବା ଅତ୍ୟନ୍ତ ଜରୁରୀ।

ମୋ: ୯୪୩୭୧୬୭୩୯୧

# ୭୦ଲକ୍ଷ ଜୀବନ ନେଉଛି ବାୟୁ ପ୍ରଦୂଷଣ



ସୌର ଚନ୍ଦ୍ର ମହାପାତ୍ର

ବିଶ୍ୱରେ ବାୟୁ ପ୍ରଦୂଷଣ ଅଧିକ ଘାତକ ହେବାରେ ଲାଗିଛି। ପ୍ରତିବର୍ଷ ଏହା ଯୋଗୁ ପାଖାପାଖି ୭୦ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। ଆଗକୁ ମଧ୍ୟ ସ୍ଥିତି ସଙ୍ଗିନ ରହିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଡବ୍ଲ୍ୟୁଏଚ୍‌ଓ ସଂଶୋଧିତ ମାର୍ଗଦର୍ଶିକା ଜାରି କରିଛି। ଛଅଟି ପ୍ରମୁଖ ପ୍ରଦୂଷଣ ସୃଷ୍ଟିକାରୀ କାରକ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେବ। ୨୦୦୫ରେ ଜାରି ହୋଇଥିବା ମାର୍ଗଦର୍ଶିକାଠାରୁ ଏହା କଠୋର ବୋଲି ଜଣାପଡ଼ିଛି। ଡବ୍ଲ୍ୟୁଏଚ୍‌ଓ ଦର୍ଶାଇଛି ଯେ, ବାୟୁ ପ୍ରଦୂଷଣ ଯେଉଁ ମାତ୍ରାରେ କ୍ଷତିକାରକ ବୋଲି ବିବେଚନା କରାଯାଉଛି, ତାହାଠାରୁ ଏହା ଅନେକ ଗୁଣା ଅଧିକ ହୋଇଯାଇଛି। ଏହା ଯୋଗୁ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକ ସର୍ବାଧିକ ପ୍ରଭାବିତ ହେବେ। କାରଣ ସେମାନଙ୍କୁ ଅର୍ଥନୈତିକ ବିକାଶ ପାଇଁ ଜୀବାଶ୍ମ ଇନ୍ଧନ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡୁଛି। ଜୀବାଶ୍ମ ଇନ୍ଧନ ହିଁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ କରି ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ଏହି ପରିପ୍ରେକ୍ଷୀରେ ନଭେମ୍ବରରେ ହେବାକୁ ଥିବା ସିଓପି୨୬ ସମ୍ମିଳନୀ ପୂର୍ବରୁ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅଙ୍ଗାରକ ନିର୍ଗମନ ମାତ୍ରା କମାଇବା ପାଇଁ ପଦକ୍ଷେପ ନେବାକୁ ୧୯୪ରାଷ୍ଟ୍ରଙ୍କୁ ଆହ୍ୱାନ ଦେଇଛି ଡବ୍ଲ୍ୟୁଏଚ୍‌ଓ।

ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ ଆଡ଼ାନମ୍ କହିଛନ୍ତି, ବାୟୁ ପ୍ରଦୂଷଣ କମାଇବା ଲାଗି ଯେଉଁ ମାର୍ଗଦର୍ଶିକା ଜାରି କରାଯାଇଛି, ତାହାକୁ ଦେଶଗୁଡ଼ିକ ଠିକ୍ ଭାବେ ପାଳନ କରିବା ଜରୁରୀ। ଯଦି ଏଭଳି ନ ହୁଏ, ତେବେ ମାନବତା ପ୍ରତି ସାଙ୍ଘାତିକ ବିପଦ ସୃଷ୍ଟି ହେବ। ସଂଗଠନ ଦର୍ଶାଇଛି ଯେ, ୮୦% ବାୟୁ ପ୍ରଦୂଷଣଜନିତ ମୃତ୍ୟୁରେ ପିଏମ୍ ୨.୫ ଦାୟୀ। ତେଣୁ ଏହାକୁ ନେଇ ରହିଥିବା ନିୟମଗୁଡ଼ିକର ପାଳନକୁ ଦେଶଗୁଡ଼ିକ ସୁନିଶ୍ଚିତ କରିବା ଦରକାର। ପିଏମ୍ ୨.୫ ପାଇଁ ବାର୍ଷିକ ଏକ୍ୟୁଜି ସ୍ତର ବଜାୟ ରଖିବାରେ ଯଦି ରାଜ୍ୟଗୁଡ଼ିକ ସଫଳ ହୁଅନ୍ତି, ତା'ହେଲେ ପିଏମ୍ ୨.୫ ବିପଦକୁ ଏଡ଼ାଯାଇ ପାରନ୍ତା। ଏହି ପ୍ରଦୂଷଣ ସୃଷ୍ଟିକାରୀ କାରକ ଅତ୍ୟଧିକ କ୍ଷତିକାରକ, ଯାହା ଫୁସ୍‌ଫୁସ୍‌ରେ ଜମାହୋଇ ଶ୍ୱାସକ୍ରିୟାଜନିତ ସମସ୍ୟା ସୃଷ୍ଟି କରେ ଏବଂ ଲୋକଙ୍କୁ ମୃତ୍ୟୁ ଆଡ଼କୁ ଟାଣିନେଇଥାଏ। ଅନ୍ୟପକ୍ଷରେ ଭାରତ ଏହି ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବ ବୋଲି ଜଣାପଡ଼ିଛି। ଆଇଆଇଟି କାନପୁର ପ୍ରଫେସର ଏସ୍.ଏନ୍.ତ୍ରିପାଠୀ କହିଛନ୍ତି, ବାୟୁ ପ୍ରଦୂଷଣ ସାଙ୍ଘାତିକ ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି କରୁଛି। ତେଣୁ ଡବ୍ଲ୍ୟୁଏଚ୍‌ଓର ସଦ୍ୟ ଗାଇଡ଼ ଲାଇନ ଏହା ଉପରେ ପୁଣି ଗୁରୁତ୍ୱ ଦେବା ପାଇଁ ବାଧ୍ୟ କରିଛି। ଭାରତର ବାୟୁ ମାନ ବଢ଼ାଇବା ନେଇ ଏବେ ସମୟ ଆସିଛି। ଏଥିପାଇଁ ଉପାୟ ବାହାର କରିବାକୁ ହେବ। ବାର୍ଷିକ ପିଏମ୍ ୨.୫ ପାଇଁ ଡବ୍ଲ୍ୟୁଏଚ୍‌ଓର ୨୦୦୫ ଗାଇଡ଼ଲାଇନରେ ୧୦ମାଇକ୍ରୋଗ୍ରାମ/ଏମ୍୩ ମାନକ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଭାରତ ପାଇଁ ଏହାକୁ ୪୦ମାଇକ୍ରୋଗ୍ରାମ/ଏମ୍୩ ମାନକ ଧାର୍ଯ୍ୟ ଲାଗି କୁହାଯାଇଥିଲା। ତଥାପି ଅଧିକାଂଶ ଭାରତୀୟ ସହର ଏହାକୁ ପାଳନ କରିବାରେ ବିଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୯ରୁ ଭାରତରେ ବାୟୁମାନ ସୂଚକାଙ୍କ ଉପରେ କାର୍ଯ୍ୟ କରାଯାଉଛି। ଏବେ ସଂଶୋଧିତ ଗାଇଡ଼ଲାଇନ ଉପରେ ଫୋକସ୍ କରାଯାଉଛି। ଆଗାମୀ ସାତ ବର୍ଷ ପାଇଁ ନୂଆ ନିୟମ ଜାରି କରାଯାଇପାରେ ବୋଲି ଆଶା। ଡବ୍ଲ୍ୟୁଏଚ୍‌ଓ କହିଛି ଯେ, ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କଠାରେ ହୃଦ୍‌ରୋଗ ଓ ଫୁସ୍‌ଫୁସ୍ ଜନିତ ରୋଗ ବଢ଼ିବାରେ ଲାଗିଛି। ପିଏମ୍୨.୫ , ପିଏମ୍୧୦, ଓଜୋନ, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼ କବଳରେ ପଡ଼ି ଲୋକମାନେ ମୃତ୍ୟୁମୁଖରେ ପଡୁଛନ୍ତି।

ବାୟୁ ପ୍ରଦୂଷଣ କାରଣରୁ କୋଭିଡ ଭୂତାଣୁ ଅନ୍ୟକୁ ସହଜରେ ସଂକ୍ରମିତ କରିପାରୁଛି। ବିଶେଷକରି ପାର୍ଟିକ୍ୟୁଲେଟ ମ୍ୟାଟର ବା ପିଏମ୍ ୨.୫ ସହିତ କରୋନା ଭୂତାଣୁ ଯୋଡ଼ି ହୋଇଯିବା କାରଣରୁ ଏହା ଦ୍ରୁତ ଗତିରେ ବାୟୁରେ ବ୍ୟାପୁଛି ବୋଲି ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ତେଣୁ ଅଧିକ ପ୍ରଦୂଷଣ ଥିବା ସହରରେ ଅଧିକମାତ୍ରାରେ କୋଭିଡ଼ ବ୍ୟାପିଛି। ଏ ଦୃଷ୍ଟିରୁ ଦେଶର ଅନ୍ୟ ବଡ଼ ସହର ତୁଳନାରେ ଭୁବନେଶ୍ୱରରେ କମ୍ ପ୍ରଦୂଷଣ ପାଇଁ କୋଭିଡ ମୃତ୍ୟୁସଂଖ୍ୟା କମ୍ ରହିଥିବା ଅନୁମାନ କରାଯାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ଆଇଆଇଟିଏମ୍ ପୁନେ, ଏନ୍‌ଆଇଟି ରାଉରକେଲା ଓ ଆଇଆଇଟି ଭୁବନେଶ୍ୱରର ଛଅ ଜଣ ବୈଜ୍ଞାନିକ ଓ ଗବେଷକଙ୍କୁ ନେଇ ପ୍ରଦୂଷଣ ଓ କୋଭିଡ ସଂକ୍ରମଣ ସମ୍ପର୍କିତ ଏକ ଅଧ୍ୟୟନ କରାଯାଇଥିଲା। ଏହା ଏନ୍‌ସିଭିର ଜର୍ନାଲରେ ପ୍ରକାଶିତ ହୋଇଛି। ଧୂଳି, ଧୂଆଁ ଓ ଅନ୍ୟ ସାମଗ୍ରୀର ମିଶ୍ରଣ ହେଉଛି ପିଏମ୍। ଏହା ଭିନ୍ନ ଭିନ୍ନ ଆକୃତିର ହୋଇଥାଏ। ତେବେ ତହିଁରୁ ପିଏମ୍ ୨.୫ ସବୁଠାରୁ କ୍ଷୁଦ୍ର ହୋଇଥିବା ବେଳେ ଏହା ଶରୀରରେ ପ୍ରବେଶ କଲେ କର୍କଟ ରୋଗ ସୃଷ୍ଟି କରିପାରେ। ବାୟୁରେ ଏହା ଏକାଧିକ ଦିନ ରହିବା ସହିତ ସହଜରେ ଫୁସ୍‌ଫୁସ୍‌ରେ ମଧ୍ୟ ପ୍ରବେଶ କରିଥାଏ। ତେବେ ପିଏମ୍ ୨.୫ ସହିତ ଯୋଡ଼ିହୋଇ କରୋନା ଭୂତାଣୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ଯାଇପାରୁଥିବାର ଏହି ଅଧ୍ୟୟନରୁ ପ୍ରମାଣ ମିଳିଛି। ଏ ଦୃଷ୍ଟିରୁ ମୁମ୍ବାଇ, ପୁଣେ, ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇରେ ଅଧିକ ସଂଖ୍ୟାରେ କୋଭଡ ମୃତ୍ୟୁ ହୋଇଥିବା କୁହାଯାଉଛି। ଗତବର୍ଷ ମାର୍ଚ୍ଚରୁ ନଭେମ୍ବର ମଧ୍ୟରେ ଏହି ଅଧ୍ୟୟନ କରାଯାଇଥିଲା। ଏପ୍ରିଲରେ ଭୁବନେଶ୍ୱରରେ ପ୍ରଦୂଷଣ ମାତ୍ରା ଅଧିକ ରହିଥିଲା। ଅନ୍ୟ ମାସଗୁଡ଼ିକରେ ଏହା ସନ୍ତୋଷଜନକ ରହିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ଅନ୍ୟ ସହରଗୁଡ଼ିକ ତୁଳନାରେ ଭୁବନେଶ୍ୱର ଅଧିକ ମାତ୍ରାରେ ପ୍ରଦୂଷିତ। ଏ ଦୃଷ୍ଟିରୁ ରାଜଧାନୀରେ କୋଭିଡ଼ ଅନ୍ୟ ସହର ତୁଳନାରେ ଅଧିକ ମାତ୍ରାରେ ବ୍ୟାପିଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହାକୁ ଗୋଷ୍ଠୀ ସଂକ୍ରମଣ କହୁଛନ୍ତି। ମାତ୍ର ଏହି ଅଧ୍ୟୟନରେ ଏହା ପ୍ରଦୂଷଣ ଯୋଗୁ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିଥିବା ନଜରକୁ ଆସିଛି। ରାଜ୍ୟର ଅନ୍ୟ ଜିଲାରେ ଲୋକଙ୍କ ଠାରୁ ଲୋକଙ୍କ ସଂକ୍ରମଣ ବ୍ୟାପିଥିବା ବେଳେ ରାଜଧାନୀରେ ପ୍ରଦୂଷଣ ପାଇଁ ଅଧିକ ସଂକ୍ରମଣ ବ୍ୟାପିଛି ବୋଲି ସନ୍ଦେହ କରାଯାଉଛି।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ :୯୪୩୭୦୦୪୪୬୬**

## ଏଇ ଭାରତରେ

ଶିକ୍ଷାନୁଷ୍ଠାନରେ ବର୍ଜ୍ୟର ପୁନଃ ବିନିଯୋଗ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ସି.ଏମ୍. ନାଗରାଜ। ବେଙ୍ଗାଲୁରୁର ଡୋଡାବନହାଲି ସରକାରୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି ନାଗରାଜ। ତାଙ୍କ ୧୫ ବର୍ଷର ଶିକ୍ଷକ ଜୀବନରେ ସେ ବର୍ଜ୍ୟର ପୁନଃ ଉପଯୋଗ କରିଆସୁଛନ୍ତି। ଭଙ୍ଗା ତଥା ଅଦରକାରୀ ଧାତବ ଉପକରଣ, ଚେୟାର, ଟେବୁଲ ଆଦି ସଂଗ୍ରହ କରି ସ୍କୁଲରେ ନ୍ୟୁଜ ପେପର ରିଡିଂ ଷ୍ଟାଣ୍ଡ, ପ୍ରୋଜେକ୍ଟ ସ୍କ୍ରିନ୍, ଡାଏସ୍ ପୋଡିୟମ ଏବଂ କପ୍‌ବୋର୍ଡ ତିଆରି କରିଛନ୍ତି। ସ୍କୁଲରେ ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ କ୍ଷୀର ପିଇବାକୁ ଦିଆଯାଏ ଓ ଖାଲି ପ୍ୟାକେଟକୁ ସିଲାଇକରି କମ୍ପ୍ୟୁଟର କଭର ଓ ଅନ୍ୟ ସାମଗ୍ରୀ ପାଇଁ କଭର ପ୍ରସ୍ତୁତ କରୁଛନ୍ତି। ସେ ମଧ୍ୟ ଦୁଇଟି ବାୟୋୱେଷ୍ଟ କନ୍‌ଭଟର ଏବଂ ବିନ୍ କିଣିଛନ୍ତି ପେପର ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପାଇଁ। ପତ୍ର, ନିକଟସ୍ଥ କୃଷକଙ୍କ ଜମିରୁ କୃଷିବର୍ଜ୍ୟ ସଂଗ୍ରହ କରି କନ୍‌ଭର୍ଟରରେ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ସେ ୮ ମାସରେ ୧ ଟନ୍ ଜୈବିକ ଖତ ପ୍ରସ୍ତୁତ କରିଛନ୍ତି। ସ୍କୁଲର ୧ ଏକର ବିଶିଷ୍ଟ ବଗିଚାରେ ଏହାକୁ ଉପଯୋଗ କରାଯାଉଛି। ସ୍କୁଲରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସ୍କୁଲରେ ବିଜ୍ଞାନ ଶିକ୍ଷା ଲାଗି ଅନେକ ଉପକରଣ ମଧ୍ୟ ବର୍ଜ୍ୟରୁ ନିର୍ମାଣ କରିଛନ୍ତି। ଶିକ୍ଷା ସହ ପରିବେଶ ସୁରକ୍ଷା ପ୍ରତି ନାଗରାଜଙ୍କ ଅବଦାନ ପାଇଁ ତାଙ୍କୁ ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୮ ଅକ୍ଟୋବର ୧୯୯୬**

- ଦକ୍ଷିଣ କୋରିଆର ରାଷ୍ଟ୍ରପତି କିମ୍ ୟଙ୍ଗ୍ ସାମ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଲି. ୟଙ୍ଗ୍ ହୋଙ୍କୁ ବହିଷ୍କାର କରି କିମ୍ ଡୋଙ୍ଗ୍ ଜିନ୍‌ଙ୍କୁ ତାଙ୍କ ସ୍ଥାନରେ ପ୍ରତିରକ୍ଷା ମୁଖ୍ୟ କରିଛନ୍ତି।
- ଗୁଆଟେମାଲାର ଜାତୀୟ ଷ୍ଟାଡିୟମଠାରେ ଆୟୋଜିତ ବିଶ୍ୱକପ ଫୁଟବଲ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଦଳାଚକଟା ଘଟି ୮୩ ଜଣ ଦର୍ଶକଙ୍କ ପ୍ରାଣହାନୀ।

## ଚିରନ୍ତନୀ

ମାନସେ ନାଚଇ ପାହାଡ ସେପାଖ ଛବି
କେଉଁ ଘରବାଡେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ଦଶ
ଡାହାଣିଆ ଖରା ହସୁଥିବ ଶେଷ ହସ।
–(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାଲେଶ୍ୱର ଜିଲାପାଳଙ୍କ ଦୃଷ୍ଟି ପଡୁ

ମହାଶୟ,

ପୁରୁଣା ବାଲେଶ୍ୱର ଓ ସୁନହଟ ଗ୍ରାମ ମଝି ସ୍ଥାନରେ ବଳାଙ୍ଗି କଲେଜ ଏବଂ ମଧୁସୂଦନ ହାଇସ୍କୁଲ ବ୍ୟତୀତ ବଡ଼ଖୁଆ ୟୁପି ସ୍କୁଲ ରାସ୍ତାର ଗୋଟିଏ ପାର୍ଶ୍ୱରେ ଅବସ୍ଥିତ। ଏହି ଶିକ୍ଷାନୁଷ୍ଠାନ ସମ୍ମୁଖ ରାସ୍ତା ଶୋଚନୀୟ। ଖାଲଢିପଭରା ରାସ୍ତାରେ ବର୍ଷର ସବୁ ସମୟରେ ପାଣି ଜମୁଥିବା ବେଳେ ବର୍ଷାଦିନିଆ ଅବସ୍ଥା ସାଂଘାତିକ। ବିଦ୍ୟାର୍ଥୀ ଓଦା ହେବା ସହିତ ଗାଡ଼ି ଓ ସାଇକେଲ ନବାଆଣିବା କରିବା କଷ୍ଟକର ହେଉଛି। ରାସ୍ତାଚଲା ବାଟୋଇଙ୍କ ଉପରେ ପାଣିଛିଟିକା ପଡ଼ିବା ସଂଗେ ସଂଗେ ସାଇକେଲିଆ ଆଉ ମୋଟରସାଇକେଲବାଲା ପାଣି ଖାଲରେ ପଡ଼ି ହିନସ୍ତା ହେଉଛନ୍ତି। କଲେଜ ସମ୍ମୁଖ ଏହି ରାସ୍ତାର ଅନ୍ୟ ଧାରରେ ଗଢ଼ି ଉଠିଥିବା ପାର୍କ ପାଚେରି ପାଇଁ ପାଣି ନ କଟି ସମସ୍ୟାକୁ ଆହୁରି ବଢ଼େଇ ଦେଇଛି। ସରକାରଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପରୀକ୍ଷା ପାଇଁ ଏଠାକୁ ଆସୁଥିବା ବିଦ୍ୟାର୍ଥୀ ଓ ଅଭିଭାବକ ସମସ୍ୟାଟିକୁ ଅଙ୍ଗେ ନିଭାଉଛନ୍ତି। ଏଭଳି ପରିସ୍ଥିତି ଦୀର୍ଘଦିନ ଧରି ହେଲାଣି ଓ ଜିଲାପାଳ ଏହି ସ୍ଥାନକୁ ଗସ୍ତ କରି ବିହିତ ପଦକ୍ଷେପ ଗ୍ରହଣ କଲେ ସମସ୍ତେ ଉପକୃତ ହୁଅନ୍ତେ।

**–ମନୋରଞ୍ଜନ ପାତ୍ର, ସୁନହାଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ବାଲୁଗାଁ,(ଡି.ଏନ୍.ଏ.): ବାଲୁଗାଁ ରେଳ ଷ୍ଟେଶନ ନିକଟରେ ରବିବାର ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ସୂର୍ଯ୍ୟନଗର ଅଞ୍ଚଳର ଲକି ବିଶ୍ୱାସ(୫୫)। ଅପରାହ୍ନ ପ୍ରାୟ ୩ଟାରେ ଲକି ବାଲୁଗାଁ ରେଳ ଷ୍ଟେଶନର ଉତ୍ତର ପାର୍ଶ୍ୱ କ୍ୟାବିନ ନିକଟରେ ରେଳଧାରଣା ପାରି ହେଉଥିବାବେଳେ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ ଅଧିକାରୀ ନତ୍ୟାନନ୍ଦ ଜେନା ସଦଳବଳେ ପହଞ୍ଚି ଗୁରୁତର ଅବସ୍ଥାରେ ଲକିଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ତାଙ୍କର ସମ୍ପର୍କୀୟ କେହି ନ ଥିବା ବେଳେ ମୃତଦେହ ଡାକ୍ତରଖାନାରେ ପଡ଼ିରହିଥିବା ଜଣାପଡ଼ିଛି।

# ଭିତରକନିକା ଦେଇ ଚାଲିଛି କୋଇଲା ଚାଲାଣ

- ଧାମରାରୁ ବୋଟ୍‌ରେ ଆସୁଛି
- ସହଯୋଗ କରୁଛନ୍ତି ସ୍ଥାନୀୟ ଅଧିବାସୀ
- ଅର୍ଥାଭାବ ଯୋଗୁ ଅପରାଧ ପ୍ରବଣତା ବୃଦ୍ଧି
- ବନ ଓ ପୋଲିସ ବିଭାଗର ତନଖି ବ୍ୟବସ୍ଥା ଢିଲା

କେନ୍ଦ୍ରାପଡ଼ା ଅଫିସ, ୧୭।୧୦

ବନ୍ୟ ଜନ୍ତୁ ଓ ଜୈବ ବିବିଧତାର ସୁରକ୍ଷା ପାଇଁ ଜାତୀୟ ଉଦ୍ୟାନ ଭିତରକନିକାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ତେବେ ଏହି ଘୋଷଣା ଚୋରା କୋଇଲା ଚାଲାଣକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ବନ ବିଭାଗ ଓ ଜିଲା ପୋଲିସର ତନଖି ବ୍ୟବସ୍ଥାକୁ ବେଖାତିର କରି ଧାମରାରୁ ଚୋରାରେ ଆସୁଥିବା କୋଇଲାକୁ ଜିଲା ବାହାରକୁ ପଠାଯାଉଛି। ସ୍ଥାନୀୟ ଅଧିବାସୀ ଏହି କୋଇଲାର ଲୋଡିଂ ଅନ୍‌ଲୋଡିଂ କରୁଛନ୍ତି। ଏହି ବେଆଇନ କାମ ସ୍ଥାନୀୟ ଅଞ୍ଚଳରେ ଅପରାଧ ପ୍ରବଣତାକୁ ବୃଦ୍ଧି କରୁଛି ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ରାଜନଗରର ଶ୍ରୀକାନ୍ତ କୁମାର ମହାଳିକ କୁହନ୍ତି, ଭଦ୍ରକ ଜିଲା ଧାମରା ବନ୍ଦରରୁ କଟକ ପର୍ଯ୍ୟନ୍ତ ଏହି କୋଇଲା ଚାଲାଣ ଚାଲିଛି। ଏହି ର୍‍ୟାକେଟ୍‌ର ସଦସ୍ୟମାନେ ଦୀର୍ଘଦିନ ଧରି ଏମିତି କାରବାର ଚଳାଇଛନ୍ତି। ପ୍ରତିଦିନ ରାତିରେ ୨ରୁ ୫ଟି ଟ୍ରକରେ କୋଇଲା ଚାଲାଣ ହେଉଛି। ଖମାର ପଞ୍ଚାୟତ ପରମାନନ୍ଦପୁର ଗ୍ରାମ ସୀମାକୁ ଲାଗିଥିବା ବ୍ରାହ୍ମଣୀ ନଦୀକୂଳରେ ଏହି କାରବାର ଚାଲିଛି। ଧାମରା ବନ୍ଦରରୁ ଏହି କୋଇଲା ଆସୁଛି। ବନ୍ଦରକୁ ଆସୁଥିବା ଜାହାଜରୁ କୌଣସି ଉପାୟରେ କୋଇଲା ଆଣି ବୋଟ୍‌ରେ ଲଦି ଭିତରକନିକାର ନିଷିଦ୍ଧାଞ୍ଚଳରେ ଅନ୍‌ଲୋଡିଂ କରାଯାଉଛି। ସେଠାରେ


ଧାମରାରୁ ବୋଟ୍‌ରେ ଆସୁଥିବା କୋଇଲା।

ସିମେଣ୍ଟ ବସ୍ତାରେ ପ୍ୟାକିଂ କରାଯାଇ ଜିଲା ବାହାରକୁ ପଠାଯାଉଛି। ନଳିତାପାଟିଆ, ଖୋଳା ଆଦି ସ୍ଥାନରେ ଏହି କୋଇଲା ଅନ୍‌ଲୋଡିଂ ହେଉଛି। କୋଇଲା ଲୋଡିଂ ଓ ଅନ୍‌ଲୋଡିଂରେ ସ୍ଥାନୀୟ ଅଧିବାସୀ ସହଯୋଗ କରୁଛନ୍ତି। ଅର୍ଥାଭାବରୁ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ ଏହି କାମ କରୁଛନ୍ତି। ପରବର୍ତ୍ତୀ ସମୟରେ ଏହି କାରବାର ଅପରାଧ ସୃଷ୍ଟି କରୁଥିବା ଲକ୍ଷ୍ୟ କରାଯାଉଛି। ନିଷିଦ୍ଧାଞ୍ଚଳରେ କୋଇଲାର ଚୋରା ଚାଲାଣ ବନ୍ଦ ନ ହେଲେ ଭିତରକନିକାର ପରିବେଶ ଅପରାଧୀଙ୍କ ପାଇଁ ଆଗାମୀ ଦିନରେ ଭୂସ୍ୱର୍ଗ ପାଲଟିଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, କୋଇଲା ଚାଲାଣ ସମ୍ପର୍କରେ ସମସ୍ତେ ଜାଣନ୍ତି। ତାଳଚୁଆ ସାମୁଦ୍ରିକ ପୋଲିସ ଥାନାଠାରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଏହି କାରବାର ଚାଲିଥିବା ବେଳେ ଚାଲାଣ ପଥରେ ବନ ବିଭାଗର ଗେଟ୍, ଜିଲା ପୋଲିସର ରାତି ପାଟ୍ରୋଲିଂ, ବିଭିନ୍ନ ଟୋଲ ଗେଟ୍ ଅଛି। ଏହା ସତ୍ତ୍ୱେ କୋଇଲା ଚାଲାଣ ହେଉଛି କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି, ନିଷିଦ୍ଧାଞ୍ଚଳରେ କୋଇଲା ଚାଲାଣ ବଡ଼ କଥା ହୋଇ ରହିନାହିଁ। ବରଂ ଏହି ଅଞ୍ଚଳରେ ଏବେ ନିଶା କାରବାର ବଢ଼ିଛି। ଅନୁପ୍ରବେଶ ବଢ଼ିବା ସହ ଚିଙ୍ଗୁଡ଼ି ଘେରି ନିର୍ମାଣଠାରୁ ଆରମ୍ଭ କରି ଜଙ୍ଗଲ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

ଏପରି ଅଭିଯୋଗ ସମ୍ପର୍କରେ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି କହିଛନ୍ତି, ଏପରି ଘଟଣା ନଜରକୁ ଆସିନାହିଁ। ରାଜନଗର ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି, ପୂର୍ବରୁ ଏପରି ଏକ ଘଟଣା ନଜରକୁ ଆସିଥିଲା। ୨ଟି ଟ୍ରକରୁ ଲକ୍ଷାଧିକ ଟଙ୍କାର କୋଇଲା ଜବତ ହେବା ସହ ଦୁଇ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଥିଲା। ଉପରୋକ୍ତ ଟ୍ରକରେ କୋଇଲା ଧାମରା ବନ୍ଦରରୁ ଆସି ଖୋଳାରେ ଅନ୍‌ଲୋଡିଂ ହୋଇଥିଲା। ସେଠାରୁ କଟକ ଜଗତପୁର ଯାଉଥିବା ବେଳେ ରାଜନଗରର ତାରିଣୀ ମନ୍ଦିର ନିକଟରେ ରାତ୍ରି ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀଙ୍କ ଦ୍ୱାରା ଧରା ପଡିଥିଲା। ବେଆଇନ କୋଇଲା ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ ସୂଚନା ଦେଇଛନ୍ତି।

## ଧୂପକାଠି କାରଖାନାରେ ଅଗ୍ନିକାଣ୍ଡ


ଜଗତ୍‌ପୁର ନୂତନ ଶିଳ୍ପାଞ୍ଚଳସ୍ଥିତ ଏକ ଧୂପକାଠି କାରଖାନାରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

- ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା
- ୯ ଦମକଳ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ
- ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ

କଟକ ଅଫିସ, ୧୭।୧୦

କଟକ ଜିଲା ଜଗତ୍‌ପୁର ନୂତନ ଶିଳ୍ପାଞ୍ଚଳ ଫେଜ୍-୧ରେ ଥିବା ଏସ୍.ଏସ୍. ଏଣ୍ଟରପ୍ରାଇଜେସ ନାମକ ଏକ ଧୂପକାଠି କାରଖାନାରେ ରବିବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କଞ୍ଚାମାଲ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ଶଟସର୍କିଟ୍ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ୯ଟି ଦମକଳ ସହାୟତାରେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ଉକ୍ତ କାରଖାନା ବନ୍ଦ ରହିଥିଲା। ଅପରାହ୍ନ ପ୍ରାୟ ସାଢେ ୫ଟାରେ କାରଖାନା ପରିସରରେ ହଠାତ୍ ନିଆଁ ଲାଗିବା ଦେଖି ସେଠାରେ ଉପସ୍ଥିତ ଥିବା କର୍ମଚାରୀ ଜଗତ୍‌ପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ତୁରନ୍ତ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗି ପଡିଥିଲେ। ହେଲେ ନିଆଁର ଭୟାବହତା ଅଧିକ ଥିବାରୁ କଟକ ବକ୍ସିବଜାର, ଚାଉଳିଆଗଞ୍ଜ, ସାଲେପୁର, ଭୁବନେଶ୍ୱର କଳ୍ପନା ଓ ଫାୟାର ଷ୍ଟେଶନ ଆଦି ସ୍ଥାନରୁ ଦମକଳ ଯୋଗେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ ବୋଲି କଟକ ସହକାରୀ ଅଗ୍ନିଶମ ଅଧିକାରୀ ଅବନୀ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ପଛୁଆବର୍ଗ ଜନଗଣନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୧୭।୧୦(ବ୍ୟୁରୋ): ରାଜ୍ୟ ପଛୁଆବର୍ଗ କମିଶନ ପକ୍ଷରୁ ଓଡ଼ିଶାରେ ଜାତି ଜନଗଣନା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କିନ୍ତୁ କରୋନା ପ୍ରକୋପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଛୁଆବର୍ଗ ଜନଗଣନା କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପାଇଁ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସଂକ୍ରମଣ କମିଥିଲେ ମଧ ଜାତି ଭିତ୍ତିକ ଜନଗଣନା ଆରମ୍ଭ ପାଇଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏନେଇ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ଏହି ଜନଗଣନା ଆରମ୍ଭ ପାଇଁ ଦାବି ଜଣାଇଛନ୍ତି। ଜାତି ଜନଗଣନା କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ରାଜ୍ୟର ପଛୁଆବର୍ଗର ହଜାର ହଜାର ଛାତ୍ରଛାତ୍ରୀ ସ୍କୁଲ, କଲେଜରେ ନାମଲେଖାରୁ ବଞ୍ଚିତ ହେଉଛନ୍ତି। ଏପରିକି ଡାକ୍ତରୀ ଓ ଇଞ୍ଜିନିୟରିଂ ଭଳି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ମଧ ପଛୁଆବର୍ଗର ଛାତ୍ରଛାତ୍ରୀମାନେ ସଂରକ୍ଷଣ ସୁବିଧା ପାଇପାରୁନାହାନ୍ତି। ଶାସକ ଦଳର ଏମ୍‌ପି ଏବଂ ଖୋଦ ରାଜ୍ୟ ସରକାର ଜାତୀୟ ଜନଗଣନାରେ ଓବିସି ଜନଗଣନାକୁ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପନା କରିଥିଲେ। ତେଣୁ ରାଜ୍ୟରେ ସରକାର ପଛୁଆବର୍ଗ ଜନଗଣନା ପାଇଁ ନିଜର ନୈତିକ ଦାୟିତ୍ୱ ତୁଲାଇବା ସହ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବେହେରା ଚିଠିରେ ଉଲ୍ଲେଖ କରିଛନ୍ତି।

### ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଚାଷୀ

ବଇଣ୍ଡା,୧୭।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ରଘୁନାଥପୁର ଗ୍ରାମରେ ରବିବାର ଭୋର୍ ସମୟରେ ଘଟିଛି ଅଘଟଣ। ବାର୍ହା ଶିକାର ପାଇଁ ଶିକାରୀମାନେ ବସାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଉକ୍ତ ଗ୍ରାମର ଜଣେ ଚାଷୀ ଧର୍ମରାଜ ସାହୁ (୪୦)ଙ୍କ ମୃତ୍ୟୁ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ପୋଲିସ କହିଛି, ରଘୁନାଥପୁର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରୁ ହୁକ ପକାଇ କେତେଜଣ ଶିକାରୀ ନିକଟସ୍ଥ ଜଙ୍ଗଲାଞ୍ଚଳରୁ କିଛି ଦିନ ହେଲା ବନ୍ୟଜନ୍ତୁ ଶିକାର କରୁଛନ୍ତି। ଶନିବାର ରାତିରେ ଶିକାରୀମାନେ ବାର୍ହା ଶିକାର ପାଇଁ ଜଙ୍ଗଲ ପାର୍ଶ୍ୱରେ ଥିବା ଧର୍ମରାଜଙ୍କ ବାଇଗଣ କିଆରି ନିକଟରେ ବିଦ୍ୟୁତ୍ ତାର ବିଛାଇଥିଲେ। ହେଲେ ଭୋର ସମୟରେ ଧର୍ମରାଜ ଜମି ନିକଟକୁ ଯାଉଥିବା ବେଳେ ପକା ଯାଇଥିବା ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ପ୍ରାଣ ହରାଇଥିବା ଧର୍ମରାଜଙ୍କ ଭାଇ ରଞ୍ଜନ ସାହୁ ଅଭିଯୋଗ କରିଛନ୍ତି। ଖବରପାଇ ହଣ୍ଡପା ଥାନା ଆଇଆଇସି ପ୍ରଦୀପ ପ୍ରଧାନ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ହଣ୍ଡପା ଥାନା ସେକେଣ୍ଡ ଅଫିସର ଗୁରୁବାରୀ ସଏ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ମେଡିକାଲକୁ ପଠାଇ ଦେଇଛନ୍ତି। ନମ୍ବର ୨୫୪/୨୧ରେ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରହିଥିବା ପୋଲିସ ପ୍ରକାଶ କରିଛି।

### ବ୍ୟବସାୟୀଙ୍କୁ ମାଡ଼ ମାରି ୩୫ହଜାର ଟଙ୍କା ଲୁଟ୍

ନିମାପଡ଼ା,୧୭।୧୦(ଡି.ଏନ୍.ଏ.): ନିମାପଡ଼ା-ଖେଲାର ରାସ୍ତାର ଶ୍ରୀମୁଖ ଛକ ନିକଟରେ ଶନିବାର ରାତିରେ ଦୁଇ ବ୍ୟବସାୟୀଙ୍କୁ ମାଡ଼ ମାରି ଲୁଟେରାମାନେ ୩୫ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ବ୍ୟବସାୟୀ ଲକ୍ଷ୍ମୀଧର ବରାଳଙ୍କ ଅଭିଯୋଗକ୍ରମେ ନିମାପଡ଼ା ଥାନା ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅର୍ନ୍ତଗତ ତାଳତଅଁଳା ଗ୍ରାମର ଲକ୍ଷ୍ମୀଧର ଓ ତାଙ୍କ ସାନଭାଇ ଦେବ ବରାଳଙ୍କ ଖେଲାର ବଜାରରେ ଏକ ତେଜରାତି ଦୋକାନ ରହିଛି। ଶନିବାର ରାତି ପ୍ରାୟ ୧୧ଟା ୩୦ରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ୩ଜଣ ଲୁଟେରା ଏକ ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇଥିଲେ। ଏହା ପରେ ଲୁଟେରାମାନେ ଦୁଇ ଭାଇଙ୍କୁ ମାଡ଼ ମାରିବା ସହ ୩୫ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଲୁଟେରାଙ୍କ ମାଡ଼ରେ ଆହତ ହୋଇ ଦୁଇ ଭାଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ରବିବାର ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିଥିଲେ।


କଟକ ପୁରୀଘାଟ ରିଂବନ୍ଧ ରାସ୍ତା ଫୁଟ୍‌ପାଥରେ ଖୋଲିଥିବା ଦୋକାନରୁ ଗ୍ରାହକମାନେ ବାଉଁଶଜାତ ସାମଗ୍ରୀ କିଣୁଛନ୍ତି।

## ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା: ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି,୧୭।୧୦ (ଡି.ଏନ.ଏ.): ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ଼ ନିକଟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାର ଗୁଳି ବିନିମୟ ହୋଇଥିଲା। ଏହି ଘଟଣା ପରେ ଜଙ୍ଗଲରେ ତଲାସୀ ବେଳେ ପୋଲିସ ବହୁ ପରିମାଣରେ ମାଓବାଦୀ ବ୍ୟବହୃତ ସାମଗ୍ରୀ ଶନିବାର ଅପରାହ୍ନରେ ଜବତ କରିଥିଲା। ଏନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୮ଟି ଡେଟୋନେଟର, ଗୋଟିଏ ବ୍ୟାଟେରି, ୨ଟି କିଟ୍‌ବ୍ୟାଗ, ୨ ହଳ ପୋଷାକ, ଗୋଟିଏ ଔଷଧ କିଟ୍, ୨ଟି ଟର୍ଚ୍ଚ ଲାଇଟ, ୩ଟି ଛତା, ୨ଟି ଜାର୍କିନ, ହଳେ ଜୋତା, ୨ଟି ପଲିଥିନ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି। ଏହି ଅବସରରେ ଏସ୍‌ପି ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ସେମାନେ ଆତ୍ମସମର୍ପଣ କଲେ ଓଡ଼ିଶା ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯାଇ ଥଇଥାନ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ଡିଭିଏଫ୍, ଏସ୍‌ଓଜି, ଓଡ଼ିଶା ପୋଲିସ ଓ ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ମିଳିତ କୋମ୍ବିଂ ଅପରେଶନ ବେଳେ ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପରେ ପୋଲିସ ଏହାର ଜବାବ ଦେଇଥିଲା। ଉଭୟପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ମାଓବାଦୀମାନେ ପୋଲିସ ଗୁଳିର ମୁକାବିଲା କରି ନ ପାରି ଜଙ୍ଗଲ ମଧ୍ୟକୁ ଖସି ଚାଲିଯାଇଥିଲେ।


ଜବତ ମାଓବାଦୀ ସାମଗ୍ରୀ।

## ଚନ୍ଦ୍ରଶେଖର ହୋତା ପାଇଲେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର'


ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଦ୍ୟାଭବନରେ ରବିବାର ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତାଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ): ୨୦୨୦ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଥିବା 'ଯୁବ ପୁରସ୍କାର' ରବିବାର ପ୍ରଦାନ କରାଯାଇଛି। ଓଡ଼ିଆ ଭାଷାରେ ଯୁବ ପ୍ରାବନ୍ଧିକ ଓ ସମାଲୋଚକ ଚନ୍ଦ୍ରଶେଖର ହୋତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର' ମିଳିଛି। ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବାର ଓ ହିନ୍ଦୀ କବି ଅରୁଣ କମଳ ଯୋଗଦେଇ ପ୍ରାବନ୍ଧିକ ହୋତାଙ୍କୁ ପୁରସ୍କୃତ କରିଛନ୍ତି। ଏହି ଅବସରରେ ମୋଟ ୨୪ଟି ଭାଷାରେ ୨୪ଜଣଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ଏକାଡେମୀର ଫଳକ ଓ ୫୦ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଚନ୍ଦ୍ରଶେଖରଙ୍କ ପ୍ରବନ୍ଧ ପୁସ୍ତକ 'ଚେତନାର ଅନ୍ୱେଷଣ' ପାଇଁ ତାଙ୍କୁ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଥିଲା। ଏ ସମ୍ପର୍କରେ ଗତ ମାର୍ଚ୍ଚ ୧୨ ତାରିଖରେ ବିଧିବଦ୍ଧ ଭାବେ ଘୋଷଣା ହୋଇଥିଲା। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଗୁରୁଜିଭଟ୍ଟା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଚନ୍ଦ୍ରଶେଖର ଏବେ ନବରଙ୍ଗପୁର ଜିଲାରେ ଡିଏସ୍‌ପି ଭାବେ କାର୍ଯ୍ୟରତ।

## ରେଳ ଧାରଣାରେ ମାଉସୀ, ପୁତୁରାଙ୍କ ମୃତଦେହ

**ପ୍ରେମ ସମ୍ପର୍କ ଥିବା ପୋଲିସର ସନ୍ଦେହ**

ବଇଣ୍ଡା,୧୭।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ବଇଣ୍ଡା ଦେଇ ଯାଇଥିବା ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ଜାମୁନାଳି ନିକଟ ଧାରଣା ପାର୍ଶ୍ୱରୁ ରବିବାର ମାଉସୀ ଓ ପୁତୁରାଙ୍କ ମୃତଦେହ ମିଳିବା ଚର୍ଚ୍ଚାର ବିଷୟ ହୋଇଛି। ଟ୍ରେନ୍ ଆଗକୁ ଡେଇଁ ଦୁହେଁ ଆତ୍ମହତ୍ୟା କରିଥିବା ବେଳେ ପ୍ରେମ ସମ୍ପର୍କରୁ ଏପରି ଅଘଟଣ ଘଟିଥିବା ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି।

ବଇଣ୍ଡା ରେଲୱେ ଫାଣ୍ଡି ଏଏସ୍‌ଆଇ ଦିଲୀପ କୁମାର ସାହୁ କହିଛନ୍ତି, ମୃତକ ଦୁହେଁ ହେଲେ ଠାକୁରଗଡ ଥାନା ଅଞ୍ଚଳର। ଦୁହେଁ କିଛି ଦିନ ପୂର୍ବରୁ ଘରୁ ପଳାଇଆସି ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଶନିବାର ମାଉସୀ ଓ ପୁତୁରା ଜରପଡା ଅଞ୍ଚଳରେ ବୁଲାବୁଲି କରିବା ସହ ବିଳମ୍ବିତ ରାତିରେ ଜାମୁନାଳି ଅଞ୍ଚଳକୁ ଆସିଥିଲେ। ସେଠାରେ କିଛି ଖାଦ୍ୟ ଖାଇବା ପରେ ଉଭୟେ ରେଳ ଧାରଣାକୁ ଯାଇ ଏକ୍ସପ୍ରେସ୍ ଟ୍ରେନ୍ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ କେତେଜଣ ଗାଈ ଚରାଳି ଏ ନେଇ ଖବର ଦେବା ପରେ ଫାଣ୍ଡି ପୋଲିସ ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ନମ୍ବର ୫୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏଏସ୍‌ଆଇ ସାହୁ ପ୍ରକାଶ କରିଛନ୍ତି।

# ଇ-ପଞ୍ଜୀକରଣରେ ଓଡ଼ିଶା ଆଗରେ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)




୨ ମାସ ମଧ୍ୟରେ ଇ-ଶ୍ରମ ପୋର୍ଟାଲରେ ୪ କୋଟିରୁ ଅଧିକ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକ ପଞ୍ଜୀକରଣ କରିଛନ୍ତି। ଶ୍ରମିକ ପଞ୍ଜୀକରଣ କରିବାରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ସର୍ବାଗ୍ରେ ରହିଛି। ମିଳିଥିବା ତଥ୍ୟ ମୁତାବକ, ଏହି ପୋର୍ଟାଲରେ ଓଡ଼ିଶାର ୮୮ ଲକ୍ଷ ୩୫ ହଜାର ୫୭୨ ଶ୍ରମିକ ପଞ୍ଜୀକରଣ କରିଥିବା ଟୁଇଟ୍ କରି କେନ୍ଦ୍ର ଶ୍ରମ ମନ୍ତ୍ରୀ ଭୂପିନ୍ଦର ଯାଦବ ସୂଚନା ଦେଇଛନ୍ତି। ଏହି ପୋର୍ଟାଲରେ ପଞ୍ଜୀକରଣ କରିବା ପରେ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକମାନେ ସହଜରେ ସରକାରୀ ଯୋଜନାଗୁଡ଼ିକର ଲାଭ ପାଇପାରିବେ। ନିର୍ମାଣ, ବସ୍ତ୍ର ଉତ୍ପାଦନ, ମତ୍ସ୍ୟଚାଷ, ଗିଗ୍ ଓ ପ୍ଲାଟଫର୍ମ କାମ, ଉଠାଦୋକାନୀ, ଘରୋଇ କର୍ମଜୀବୀ, କୃଷି ଏବଂ ଆନୁଷଙ୍ଗିକ, ପରିବହନ ଆଦି ବିଭିନ୍ନ କ୍ଷେତ୍ରର ଶ୍ରମିକମାନେ ଏହି ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରୁ କେତେକ କ୍ଷେତ୍ରରେ ବହୁସଂଖ୍ୟାରେ ପ୍ରବାସୀ ଶ୍ରମିକ ନିୟୋଜିତ ଅଛନ୍ତି। ପ୍ରବାସୀ ଶ୍ରମିକଙ୍କ ସମେତ ଅସଙ୍ଗଠିତ କ୍ଷେତ୍ରର ସମସ୍ତ ଶ୍ରମିକ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରିବା ଜରିଆରେ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଏବଂ ନିଯୁକ୍ତି ଆଧାରିତ ଯୋଜନାର ଲାଭ ପାଇବାକୁ ସକ୍ଷମ ହେବେ। ୪.୦୯ କୋଟି ଶ୍ରମିକ ଏହି ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରୁ ୫୦.୦୨ ପ୍ରତିଶତ ହିତାଧିକାରୀ ମହିଳା ଏବଂ ୪୯.୯୮ ପ୍ରତିଶତ ହିତାଧିକାରୀ ପୁରୁଷ। ପ୍ରାୟତଃ ସମାନ ସଂଖ୍ୟକ ପୁରୁଷ ଏବଂ ମହିଳା ଏହି ଅଭିଯାନର ଅଂଶବିଶେଷ ହେବା ବିଶେଷ ଉତ୍ସାହଜନକ। ପୁରୁଷ ଓ ମହିଳା ଶ୍ରମିକମାନେ ତୁଳନାତ୍ମକ ଭାବେ ପଞ୍ଜୀକରଣ କରୁଛନ୍ତି।

ଶ୍ରମିକ ପଞ୍ଜୀକରଣ କରିବାରେ ଓଡ଼ିଶା ସବୁଠୁ ଆଗରେ ଥିବାବେଳେ ଏହା ପଛକୁ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶ ରହିଛି। ଛୋଟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ମଧ ଶ୍ରମିକ ପଞ୍ଜୀକରଣ ସଂଖ୍ୟା ଉତ୍ସାହଜନକ ରହିଛି। କୃଷି ଏବଂ ନିର୍ମାଣ ଶ୍ରମିକ କ୍ଷେତ୍ରର ସର୍ବାଧିକ ସଂଖ୍ୟକ ଶ୍ରମିକ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି। ଭାରତରେ ଏହି ଦୁଇଟି କ୍ଷେତ୍ରରେ ସର୍ବାଧିକ ସଂଖ୍ୟକ ଲୋକଙ୍କୁ ନିଯୁକ୍ତି ମିଳିଥାଏ। ପଞ୍ଜୀକରଣ କରିଥିବା ୬୫.୬୮ ପ୍ରତିଶତ ଶ୍ରମିକଙ୍କ ବୟସ ୧୬ରୁ ୪୦ ବର୍ଷ ମଧ୍ୟରେ ହେବ। ୩୪.୩୨ ପ୍ରତିଶତ ଶ୍ରମିକଙ୍କ ବୟସ ୪୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ରହିଛି। ଅନ୍ୟାନ୍ୟ ପଛୁଆବର୍ଗ ଏବଂ ସାଧାରଣ ବର୍ଗରୁ ଯଥାକ୍ରମେ ୪୩ ଏବଂ ୨୭ ପ୍ରତିଶତ ଶ୍ରମିକ ପଞ୍ଜୀକରଣ କରିଛନ୍ତି। ସେହିପରି ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗରୁ ଯଥାକ୍ରମେ ୨୩ ଏବଂ ୭ ପ୍ରତିଶତ ଶ୍ରମିକ ପଞ୍ଜୀକରଣ କରିଛନ୍ତି। ଜନସେବା କେନ୍ଦ୍ର ଜରିଆରେ ସର୍ବାଧିକ ୭୭ ପ୍ରତିଶତ ଶ୍ରମିକ ପଞ୍ଜୀକରଣ କରିଛନ୍ତି। ଜନସେବା କେନ୍ଦ୍ରଗୁଡ଼ିକ ଜରିଆରେ ଶ୍ରମିକମାନେ ଅଧିକରୁ ଅଧିକ ସଂଖ୍ୟାରେ ଆସି ପଞ୍ଜୀକରଣ କରିବା ଲାଗି ସରକାରଙ୍କ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି। ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ ପରେ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଏକ ଡିଜିଟାଲ ଇ-ଶ୍ରମ କାର୍ଡ ପାଇବେ। ସେମାନେ ପୋର୍ଟାଲ କିମ୍ବା ମୋବାଇଲ ଆପ୍ ମାଧ୍ୟମରେ ସେମାନଙ୍କ ପ୍ରୋଫାଇଲ ଅପଡେଟ୍ କରିପାରିବେ। ଦେଶରେ ସାମାଜିକ ସୁରକ୍ଷା ଯୋଜନାର ଲାଭ ପାଇବା ପାଇଁ ଏହା ଗ୍ରହଣୀୟ ହେବ। ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଶ୍ରମିକ ଦୁର୍ଘଟଣାରେ ମୃତ୍ୟୁବରଣ କଲେ ତାଙ୍କର ନିକଟ ସମ୍ପର୍କୀୟମାନେ ୨ ଲକ୍ଷ ଟଙ୍କାର ବୀମା ରାଶି ପାଇବେ। ଆଂଶିକ ଅକ୍ଷମତା କ୍ଷେତ୍ରରେ ଶ୍ରମିକମାନଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ମିଳିବ ବୋଲି ଜଣାପଡ଼ିଛି।

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ **22.10.2021** କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) PLOT NO - 44, ASHOK NAGAR, UNIT II, BHUBANESWAR, KHURDA - 751001. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU) -1885991, 1886675, 1884521.**

For more details, please contact : **Mr. SK SELIM - 9332256420**

*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*

**Government of Odisha "e" Procurement Notice**

No.O-823:- **Bid Identification No.: Online-05- of 2021-22**

| | | | |
|---|---|---|---|
| 1 | Name of the work | : | Road works (As per Annexure-'A') |
| 2 | Amount put to bid excluding GST | : | As per Annexure-'A' |
| 3 | Class of contractor | : | 'D', 'C', 'B' & 'A' |
| 4 | Cost of tender paper | : | As per Annexure- 'A' |
| 5 | Date & time of availability of bid document in the portal | : | From Dt.18.10.2021 at 10.00 A.M. |
| 6 | Last date & time for receipt of bids in the portal | : | Dt.28.10.2021 upto 05.00 P.M. |
| 7 | Last date of seeking clarification | : | Dt.27.10.2021 upto 5.00 P.M. |
| 8 | Date & time of bid opening | : | Dt.29.10.2021 at 11.00 A.M. |
| 9 | Name and address of the officer inviting bid | : | Executive Engineer, R.W. Division, Padampur, At/P.O.- Padampur, Dist.- Bargarh, Pin- 768036 |

(1) Other details can be seen from DTCN available in website www.tendersorissa.gov.in. (2) Corrigendum if any shall only be published in the above website.

**Sd./- Executive Engineer, Rural Works Division, Padampur**

OIPR-25069/11/0008/2122

## ସଂକ୍ଷେପରେ

### ଜାତୀୟ ଡାକ ସପ୍ତାହ

## ବ୍ୟାଙ୍କିଙ୍ଗ୍ ସହ ବୀମା ଯୋଜନା ଚାହିଦା ବଢ଼ାଇଛି

**ଜଗତ୍‌ସିଂହପୁର ଅଫିସ, ୧୭।୧୦:** ଜାତୀୟ ଡାକ ସେବା ସପ୍ତାହ ପାଳନ ଅବସରରେ କଟକ ଦକ୍ଷିଣ ଡାକମଣ୍ଡଳ ଅଧୀନ ଜଗତ୍‌ସିଂହପୁର ପ୍ରଧାନ ଡାକଘର ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ହୋଇଯାଇଛି । ଅକ୍ଟୋବର ୯ ଜାତୀୟ ଡାକ ଦିବସରୁ ଚାଲିଥିବା ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ପ୍ରଧାନ ଡାକପାଳ ରଞ୍ଜନ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ମଣ୍ଡଳର ଡାକ ଅଧୀକ୍ଷକ ଗଜେନ୍ଦ୍ର ପ୍ରସାଦ କର କହିଥିଲେ, ଜନସାଧାରଣଙ୍କୁ ଡାକସେବା ସହ ସାମିଲ, ବିଭିନ୍ନ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ହେଉଛି ଡାକ ଦିବସ ଓ ଡାକ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଇ-କମର୍ସ, ଇ-ମେଲ୍, ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ ଯୁଗରେ ଡାକ ଘର ତାଳ ଦେଇ ଚାଲିଛି ।
ଡାକ ବିଭାଗରେ ବ୍ୟାଙ୍କିଙ୍ଗ୍ ଓ ବୀମା ସୁବିଧା ମିଳିବା ପରେ ଏହାର ଚାହିଦା ବହୁ ଗୁଣରେ ବଢ଼ିଯାଇଛି। ଡାକ ବିଭାଗ ପକ୍ଷରୁ ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ବ୍ୟବସ୍ଥା କରାଯାଇ ଲୋକଙ୍କୁ ବିଭିନ୍ନ ପ୍ରକାରର ବ୍ୟାଙ୍କ ସୁବିଧା ଯୋଗାଇ ଦିଆଯାଉଛି। ନୂତନ ଆଧାର କାର୍ଡ ପଞ୍ଜୀକରଣ, ସଂଶୋଧନ, ଡାକ ଜୀବନ ବୀମା ଓ ସଞ୍ଚୟର ବିଭିନ୍ନ ଯୋଜନା ଆଦିରେ ଡାକ ବିଭାଗର ପ୍ରମୁଖ ଭୂମିକା ରହୁଛି। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରେ ମୋବାଇଲ ଭ୍ୟାନରେ ଲୋକଙ୍କୁ ଡାକ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ସଚେତନ କରାଯିବା ସହ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଜଗତ୍‌ସିଂହପୁର ପ୍ରଧାନ ଡାକଘରକୁ ସୁସଜ୍ଜିତ କରାଯିବା ସହ ପ୍ରଧାନ ଡାକପାଳ ସାହୁ ଓ କର୍ମଚାରୀମାନେ ଡାକଘର ପରିସର ସଫାସୁତରା ସହ ନୂତନ ବୃକ୍ଷରୋପଣ କରିଥିଲେ।

## ସିପିଏମ୍ ଆଞ୍ଚଳିକ କମିଟିର ବାର୍ଷିକ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ,୧୭।୧୦(ସ୍ୱ.ପ୍ର.):** ସିପିଏମ୍ ପଟ୍ଟାମୁଣ୍ଡାଇ ଆଞ୍ଚଳିକ କମିଟିର ଷୋଡ଼ଶ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ମଙ୍ଗଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇରେ ଶୀତଳଭଣ୍ଡାର ଓ ଭେଣ୍ଡିଂ ଜୋନ ପ୍ରତିଷ୍ଠା ସହିତ ଉଠାଦୋକାନୀଙ୍କୁ ଥଇଥାନ କରିବା, ସହରରେ ଥିବା ବସଷ୍ଟାଣ୍ଡକୁ ପୁନଃ କାର୍ଯ୍ୟକ୍ଷମ କରାଇବା ସହିତ ଦିନ ମଜୁରିଆଙ୍କୁ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ, ବର୍ଦ୍ଧିତ ବିଦ୍ୟୁତ୍ ଦେୟ ପ୍ରତ୍ୟାହାର, ବିବାଦୀୟ ଖରସ୍ରୋତା ପ୍ରକଳ୍ପକୁ ବାତିଲ କରିବା ଉପରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ବରିଷ୍ଠ ସାମ୍ୟବାଦୀ ନେତା ବାବାଜୀ ପରିଡ଼ା ଦଳୀୟ ପତାକା ଉତ୍ତୋଳନ କରିଥିଲେ । ଜିଲା ସମ୍ପାଦକ ଗୟାଧର ଧଳ ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ କରିଥିଲେ । ଆଞ୍ଚଳିକ କମିଟି ସମ୍ପାଦକ ରତ୍ନଞ୍ଜୟ ମଲିକ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ଆଗାମୀ ୩ବର୍ଷ ପାଇଁ ରତ୍ନଞ୍ଜୟ ମଲିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ସାମ୍ୟବାଦୀ ନେତା ଜଗତଜୀବନ ଦାସ ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ ।

## ରାମନବମୀ ଯାତ୍ରା କଳାକାରଙ୍କ ପରଲୋକ

**ଡେରାବିଶ,୧୭।୧୦(ସ୍ୱ.ପ୍ର.):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ରାମନବମୀ ଯାତ୍ରାର ହନୁମାନ ଭୂମିକାରେ ଅଭିନୟ କରୁଥିବା ଖଗେଶ୍ୱର ବେହେରା(୯୨)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି । ୬୦ବର୍ଷ ଧରି ସେ ନିରବିଚ୍ଛିନ୍ନ ଭାବେ ହନୁମାନ ଭୂମିକାରେ ଅଭିନୟ କରି ଆସୁଥିଲେ । ରାମ ଓ ଲକ୍ଷ୍ମଣ ଭୂମିକାରେ ଅଭିନୟ କରୁଥିବା ଦୁଇ କଳାକାରଙ୍କୁ କାନ୍ଧରେ ବସାଇ ସେ ମଞ୍ଚ ଉପରେ ଦୌଡ଼ିବା ଓ ନାଗଫାଶ ବନ୍ଧନ ସମୟରେ ଇନ୍ଦ୍ରଜିତଙ୍କୁ ଆଦୌ ଫାଶରେ ପକେଇବାର ସୁଯୋଗ ନ ଦେବା ଭଳି ଅଭିନୟ କରି ସେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିଲେ । ରାମଭକ୍ତ ହନୁମାନ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ ଚଳଚଞ୍ଚଳ ଥିଲେ । ଶନିବାର ରାତିରେ ସେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ । ତାଙ୍କୁ ନିକଟସ୍ଥ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ କଥା ଜଣାପଡିବା ପରେ ସେହି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ବିଦ୍ୟାଳୟ ଗୃହ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ନାଉଗାଁ,୧୭।୧୦(ସ୍ୱ.ପ୍ର.)**

ସର୍ବଶିକ୍ଷା ଯୋଜନାର ନିୟମ ଅନୁଯାୟୀ, ୨୫ ଜଣରୁ କମ୍ ଉପସ୍ଥାନ ଥିବା ସରକାରୀ ବିଦ୍ୟାଳୟ ଏବଂ ୧ କି.ମି ମଧ୍ୟରେ ୨ଟି ବିଦ୍ୟାଳୟ ଥିଲେ ସେଗୁଡିକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରି ଦିଆଯାଉଛି। ଏହି ନିଷ୍ପତ୍ତି ଅନୁଯାୟୀ, ନାଉଗାଁ ବ୍ଲକର ୩୦ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହ ସାମିଲ କରାଯାଇଛି। ଏବେ ଉକ୍ତ ବିଦ୍ୟାଳୟ ସବୁ ବନ୍ଦ ରହିଥିବାବେଳେ ସେସବୁ ସ୍ଥାନ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି।
ବ୍ଲକର ଡାବର ପଞ୍ଚାୟତସ୍ଥିତ ଦେଓପଡା ଓ ଶିଖର ପଞ୍ଚାୟତର



ନାଉଗାଁ ବିଦ୍ୟାଳୟ।

ପାରିଶିଖର ପ୍ରାଥମିକ ବିଦ୍ୟାଳୟ, ଓଷକଣାର ଅଙ୍ଗେଶ୍ୱରପଡ଼ା, ନାଉଗାଁ ପଞ୍ଚାୟତର ଚାନ୍ଦପୁରା, ନାହାଙ୍ଗିର ଗୋଠଦା, ଜାମୁଗାଁର କଣିପଡା ପ୍ରାଥମିକ ବିଦ୍ୟାଳୟ, ରୋହିଆର ଚକୁଳି, ଡେରିକିର ଗଙ୍ଗଦା ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ଫଳରେ ବିଦ୍ୟାଳୟର ଗୃହଗୁଡ଼ିକ ଖାଲିପଡ଼ିଛି। ଏସବୁ ସ୍ଥାନ ଏବେ ମଦ୍ୟପ ଓ ନିଶାସକ୍ତ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି। କେଉଁଠି ଜୁଆର ଆସର ଜମୁଛି ଆଉ କେଉଁଠି ସନ୍ଧ୍ୟା ପରଠାରୁ ନିଶା କାରବାର ଚାଲିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଥିବା ବିଦ୍ୟାଳୟ ଗୃହଗୁଡିକ ପ୍ରଶାସନ ଅବହେଳା ଯୋଗୁ ସରକାରୀ ସମ୍ପତ୍ତିର ଅପବ୍ୟବହାର ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ବ୍ଲକ ଶିକ୍ଷାଧିକାରୀଙ୍କ ସୂଚନାନୁଯାୟୀ, ବନ୍ଦ ଓ ମିଶ୍ରଣ କରାଯାଇଥିବା ବିଦ୍ୟାଳୟଗୁଡିକୁ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ବିଭାଗ ପକ୍ଷରୁ ତଦାରଖ କରିବାକୁ କୌଣସି ବ୍ୟବସ୍ଥା ହୋଇନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ କୁହନ୍ତି, ବନ୍ଦ କରାଯାଇଥିବା ବିଦ୍ୟାଳୟଗୁଡିକୁ ପୁନର୍ବାର ଖୋଲାଯିବ ନାହିଁ। କିନ୍ତୁ ଯେଉଁ ବିଦ୍ୟାଳୟଗୁଡିକୁ ମିଶ୍ରଣ କରାଯାଇଛି ପିଲାଙ୍କ ଉପସ୍ଥାନ ସଂଖ୍ୟା ବୃଦ୍ଧି ହେଲେ ହୁଏତ ସେହି ବିଦ୍ୟାଳୟଗୁଡିକ ପୁନର୍ବାର ଖୋଲାଯାଇ ପାରେ। ବନ୍ଦ ଓ ମିଶ୍ରଣ ହୋଇଥିବା ବିଦ୍ୟାଳୟଗୁଡିକୁ ଆମେ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିଛୁ ବୋଲି ସେ କହିଥିଲେ।

## ପୋଖରୀ ହୁଡ଼ାରୁ ଝିଙ୍କ ପକ୍ଷୀ ଉଦ୍ଧାର



**ଡେରାବିଶ,୧୭।୧୦(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗ କଣିପଡ଼ାଠାରେ ଥିବା ଏକ ପୋଖରୀ ହୁଡ଼ାରୁ ଏକ ଝିଙ୍କ ପକ୍ଷୀକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଥିଲେ। ଗାଁର କେତେଜଣ ବ୍ୟକ୍ତି ସେଠାକୁ ଶୌଚ ହେବାକୁ ଯାଇଥିବା ବେଳେ ପୋଖରୀ ହୁଡ଼ାରେ ଏକ ବିରଳ ପକ୍ଷୀ ବୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଫରେଷ୍ଟର କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାହା ଝିଙ୍କ ପକ୍ଷୀ ବୋଲି ଜାଣିବାକୁ ପାଇଥିଲେ। ପରେ ସେହି ପକ୍ଷୀକୁ ଉଦ୍ଧାର କରାଯାଇ ଯାଜପୁର ଜିଲା ଓଲାଶୁଣୀ ପାହାଡ଼ରେ ଛାଡ଼ି ଦିଆଯାଇଛି।

# ବିଦେଶୀ ମଦ ଦୋକାନକୁ ବିରୋଧ,ରାସ୍ତାରୋକୋ



ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

**ପଟ୍ଟାମୁଣ୍ଡାଇ,୧୭।୧୦(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ ବଡପଡା ବଜାରରେ ସରକାରୀ ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା । ହେଲେ ଏହାକୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିରୋଧ କରିଥିଲେ । ଫଳରେ ଲାଇସେନ୍ସ ପାଇଥିବା ବ୍ୟକ୍ତି ବାବର-ମାଳିବସା ରାସ୍ତା କାଠିଆପଡାରେ ମଦ ଦୋକାନ ଖୋଲିଥିଲେ । ଏହାକୁ ନେଇ କାଠିଆପଡା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । କାଠିଆପଡାର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏହାକୁ ବିରୋଧ କରି ମଦ ଦୋକାନ ଆଗରେ ଆନ୍ଦୋଳନ କରିବା ସହିତ ଗଣଧାରଣାରେ ବସିଥିଲେ। ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ମଦ ଦୋକାନ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ବିରୋଧ କରି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ରବିବାର ଆନ୍ଦୋଳନ କରିବା ସହିତ ବାବର-ମାଳିବସା ରାସ୍ତା ଅବରୋଧ କରିଥିଲେ। ଏହି ଆନ୍ଦୋଳନରେ ସ୍ୱୟଂ ସହାୟକ ଗୋଷ୍ଠୀର ସ୍ୱପ୍ନା ଦାଶ, ଜ୍ୟୋତ୍ସ୍ନା ଦାଶ, ଲୋପାମୁଦ୍ରା ଦାସ, କବିତା ଦାସ, ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଶତାଧିକ ମହିଳା ଯୋଗଦେଇ ପ୍ରଶାସନର ତ୍ରୁଟିପୂର୍ଣ୍ଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀ ଓ ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସୋମବାର ଏ ସଂକ୍ରାନ୍ତରେ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେବା ପରେ ଦିନ ୨ଟା ବେଳେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ।

# କଂଗ୍ରେସ ଛାଡ଼ି ବିଜେଡିରେ ସମିତିସଭ୍ୟା

**ବାଲିକୁଦା, ୧୭।୧୦(ସ୍ୱ.ପ୍ର.)**

କଂଗ୍ରେସ ଛାଡ଼ିଛନ୍ତି ରବିବାର ବରମୁଣ୍ଡଳି ସମିତିସଭ୍ୟା ତଟିନା ସ୍ୱାଇଁ। ଗତ ଦୁଇଟି ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥନରେ ନିର୍ବାଚନ ଲଢ଼ି ନିର୍ବାଚିତ ହୋଇଥିବା ସ୍ୱାଇଁ କଂଗ୍ରେସ ଦଳର ଅଧୋପତନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ରଘୁନନ୍ଦନ ଦାସଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଦଳରେ ମିଶିଥିବା କହିଛନ୍ତି। ସେହିପରି ମନ୍ତ୍ରୀ ଦାସ ସ୍ୱାଇଁ ଓ ତାଙ୍କ ସମର୍ଥକଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଛନ୍ତି। ଆଗାମୀ ନିର୍ବାଚନରେ ଏହି ପଞ୍ଚାୟତରେ ଅଧିକ ଭଲ କରିବ ବୋଲି ଆଶା ରଖିଛି ବିଜେଡି। ଏହି ମିଶ୍ରଣ ପର୍ବ ପାଇଁ ବାଲିକୁଦା ଜଳ ସମ୍ପଦ ବିଭାଗ ଡାକବଙ୍ଗଳାଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଦାସ ଯୋଗଦେଇଥିବା ବେଳେ ବ୍ଲକ ବିଜେଡ଼ି ସଭାପତି ରତ୍ନାକର ନାୟକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ନିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ସ୍ୱାଇଁ ଦଳରେ ସାମିଲ ହୋଇଥିଲେ। ସ୍ୱାଇଁଙ୍କ ସହିତ ମୁନା ସ୍ୱାଇଁ, ପୂର୍ଣ୍ଣ ବେହେରା, ସନ୍ତୋଷ ପତି, ବିଷ୍ଣୁ ଜେନା, ଜଗବନ୍ଧୁ ଦଳେଇ, ତପନ ନାୟକ, ବେଣୁଧର ଦାସ, ଭୋବନି କାଣ୍ଡି ପ୍ରମୁଖଙ୍କ ସମେତ ୪ ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ନେତା ଦଳରେ ସାମିଲ ହୋଇଥିଲେ। ଅନୁଷ୍ଠିତ ସଭାରେ ସାଂସଦ ପ୍ରତିନିଧି ମାନସ ପଟ୍ଟନାୟକ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଆଇନଜୀବୀ ଯୁଗୋଳ କିଶୋର ମହାନ୍ତି, ପ୍ରକାଶ ପ୍ରଧାନ, ଜିଲା ବିଜେଡି ମହିଳା ସମ୍ପାଦିକା ଶୁଚିସ୍ମିତା ମହାନ୍ତି, ଶ୍ରୀକାନ୍ତ ଦାସ, ଜଟାଧାରୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ମିଶ୍ରଣ ପର୍ବରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ ଗିରଫ

**ଆଳି,୧୭।୧୦(ଡି.ଏନ.ଏ.)**

ଆଳି ଥାନା ଅଧୀନ ପେତପଡା ଖରଖରି ଗାଁରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ ସୁକାନ୍ତି ସାମଲ କରିଥିବା ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ଖରଖରି ଗ୍ରାମର ସୌଭାଗ୍ୟ ସାମଲ ତାଙ୍କ ପୁଅ ଚନ୍ଦନଙ୍କୁ ଫୋନ କରି ଗାଁ ତାରିଣୀ ଛକ ନିକଟକୁ ଆସିବାକୁ କହିଥିଲେ। ଚନ୍ଦନ ସେଠାରେ ପହଞ୍ଚିବା ପରେ ତାଙ୍କୁ ସୌଭାଗ୍ୟ ଅତର୍କିତ ଆକ୍ରମଣ କରିଥିଲେ। ଚନ୍ଦନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଯିବାରୁ ଆକ୍ରମଣକାରୀ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଚନ୍ଦନଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରିଥିଲେ। ପୋଲିସ ଏକ ମାମଲା(ନଂ. ୨୯୭/୨୧) ରୁଜୁ କରି ସୌଭାଗ୍ୟଙ୍କୁ ଗିରଫ କରି ତଦନ୍ତ ଚଳାଇଛି ବୋଲି ଆଳି ଥାନା ଆଇଆଇସି ସଲିଳ ପ୍ରଧାନ କହିଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଡି ସାଇ ଶ୍ରେୟାଂଶୀ

**ଜଗତ୍‌ସିଂହପୁର ଅଫିସ, ୧୭।୧୦**

ଜଗତ୍‌ସିଂହପୁର ଜିଲାର ଜଣେ ୬ ବର୍ଷର କୁନି ଝିଅ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ସେ ହେଲେ ସ୍ଥାନୀୟ ତରଡ଼ାପଡ଼ାସ୍ଥିତ ସୁରଜ ପଣ୍ଡା ଓ ସସ୍ମିତାଙ୍କ କନ୍ୟା ଡି ସାଇ ଶ୍ରେୟାଂଶୀ। ଶ୍ରେୟାଂଶୀ ମାତ୍ର ୨୪ ମିନିଟ୍ ୫୦ ସେକେଣ୍ଡରେ ୧୦୮ ଶ୍ଲୋକ ଆବୃତ୍ତି କରି ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି। କୁନି ପ୍ରତିଭାଙ୍କ ଏହି ସଫଳତା ପାଇଁ ରବିବାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଶ୍ରେୟାଂଶୀଙ୍କ ବାସଭବନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲା ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ସେମାନେ ଶିଶୁଟିର ସଫଳତା ନେଇ ଖୁସି ବ୍ୟକ୍ତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏଥିସହ ଅତିଥିମାନେ ଶ୍ରେୟାଂଶୀ ଅନ୍ୟ କୁନି ପିଲାଙ୍କ ପାଇଁ ଉଦାହରଣ ପାଲଟିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ଶ୍ରେୟାଂଶୀଙ୍କୁ ପ୍ରଶଂସାପତ୍ର ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସଂଯୁକ୍ତା ଦାଶ, ସୁଶ୍ରୀ ଅଞ୍ଜୁସା, ଗୌରାଙ୍ଗ ଚରଣ ପଣ୍ଡା, ମିନତି ପଣ୍ଡା, ସମୀର ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଶିଶୁକନ୍ୟାଙ୍କୁ ଆଶୀର୍ବାଦ ଦେଇଥିଲେ। ସୂଚନାଯୋଗ୍ୟ, ଶ୍ରେୟାଂଶୀ ପୂର୍ବରୁ ମଧ୍ୟ ଭଲ ନାଚ ପ୍ରଦର୍ଶନ କରି ପ୍ରଶଂସା ସାଉଣ୍ଟି ଥିଲେ।




ଶ୍ରେୟାଂଶୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଗୋରେଖନାଥ ରେଳ ଷ୍ଟେଶନ୍‌ରେ ଧାରଣା ଆଜି

**ଜଗତ୍‌ସିଂହପୁର ଅଫିସ୍, ୧୭।୧୦**

ନବ ନିର୍ମାଣ କୃଷକ ସଙ୍ଗଠନ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ସୋମବାର ପୂର୍ବତଟ ରେଳପଥ ଅଧୀନ କଟକ-ପାରାଦୀପ ରେଳ ପଥ ଅନ୍ତର୍ଗତ ଗୋରେଖନାଥ ରେଳ ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯିବ। ସଙ୍ଗଠନ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ଏଭଳି ସୂଚନା ଦିଆଯାଇଛି। ଏଥିରେ ଉଲ୍ଲେଖ ଅଛି, ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ଉପରେ ଗଣତାନ୍ତ୍ରିକ ଉପାୟରେ ଆଲୋଚନା ସହ ଆନ୍ଦୋଳନ କରାଯାଉଛି। କୃଷି, କୃଷକ ତଥା ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି। ଏହା ଭିତରେ କୃଷି ଆଇନ-୨୦୨୦ ପ୍ରତ୍ୟାହାର ଓ କୃଷକମାନଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଦାବି ଜୋରଦାର ହୋଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ତଥା ସର୍ବଭାରତୀୟ କୃଷକ ଆନ୍ଦୋଳନ ପକ୍ଷରୁ ଆସନ୍ତା ୧୮ରେ ଦେଶବ୍ୟାପୀ ରେଳରୋକୋ ଆନ୍ଦୋଳନ ଡାକରା ଦିଆଯାଇଛି। ଓଡ଼ିଶାରେ ସଙ୍ଗଠନ ଓ ସହଯୋଗୀ ସଙ୍ଗଠନଗୁଡିକ ଏହାକୁ ସମର୍ଥନ କରୁଛନ୍ତି। ତେଣୁ ସୋମବାର ପୂର୍ବାହ୍ନ ୧୦ଟାରୁ ଗୋରେଖନାଥ ରେଳ ଷ୍ଟେଶନରେ ରେଳରୋକୋ ସତ୍ୟାଗ୍ରହ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ନେଇ ଷ୍ଟେଶନ ଶାଖା ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## କମ୍ୟୁନିଷ୍ଟ ନେତା ବସନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି

**ଆଳି,୧୭।୧୦(ଡି.ଏନ୍.ଏ.)**

ଆଳିର କମ୍ୟୁନିଷ୍ଟ ନେତା ବସନ୍ତ ରଥଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରତାପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଶିକ୍ଷାବିତ୍ ମହେଶ୍ୱର ନନ୍ଦ, ପିସିସି ମୁଖପାତ୍ର ଅମିୟ ପାଣ୍ଡବ ପ୍ରମୁଖ ଯୋଗ ଦେଇ ରଥଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

# ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ, ରାଜନଗରକୁ ଏନ୍ଏସି ମାନ୍ୟତା ଦିଅ

**ରାଜନଗର, ୧୭।୧୦(ଡି.ଏନ.ଏ.)**

### ପଟ୍ଟାମୁଣ୍ଡାଇ, ରାଜନଗର ବିକାଶ ପରିଷଦର ଚେତାବନୀ

ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା ଜିଲାର ବାଣିଜ୍ୟିକ ପେଣ୍ଠ ସ୍ଥଳ। ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକା ବ୍ଲକ ସମେତ କେନ୍ଦ୍ରାପଡ଼ା ଓ ମହାକାଳପଡ଼ାର ଲୋକେ ମଧ୍ୟ ପଟ୍ଟାମୁଣ୍ଡାଇ ଉପରେ ନିର୍ଭରଶୀଳ। ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଟାଳି ଦେଉଛନ୍ତି। ସବ୍‌ଡିଭିଜନ ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇ ସମୟ ଗଡାଇ ଚାଲିଛନ୍ତି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା ହେଲେ ୪ ବ୍ଲକର ଜନସାଧାରଣଙ୍କୁ ପ୍ରଶାସନିକ କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ା ଯିବାକୁ ପଡିବ ନାହିଁ। ସବ୍‌ଡିଭିଜନ ସ୍ଥଳକୁ ପ୍ରତ୍ୟେକ ବ୍ଲକର ଦୂରତା ପ୍ରାୟ ୨୦ କି.ମି. ଲେଖାଏ କମିଯିବ ଓ ଲୋକେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଇବେ। ଏହା ବାଦ୍ ରାଜନଗର ବ୍ଲକ ହେଡ କ୍ୱାର୍ଟର୍ସକୁ ଏନ୍ଏସି ଘୋଷଣା କରାଯାଉ। ରାଜନଗର ଏନ୍ଏସି ମାନ୍ୟତା ପାଇଲେ ଅଞ୍ଚଳରେ ଗରିବ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଅଧିକ ଅର୍ଥ ପାଇବେ, କେନ୍ଦ୍ର ସରକାରଙ୍କ ଆଇପିଡିଏସ୍ ଯୋଜନା ଲାଗୁ ହେବ। ଫଳରେ ରାଜନଗର ସହରାଞ୍ଚଳରେ ବିଦ୍ୟୁତ୍ ସମସ୍ୟାର ସମାଧାନ ହେବ। ହସ୍ପିଟାଲରେ ଶଯ୍ୟା ସଂଖ୍ୟା ବଢିବ ଓ ରାଜନଗରବାସୀ ଅନେକ ସୁବିଧା ପାଇବେ। ଏହି ଦୁଇ ଦାବିକୁ ରାଜ୍ୟ ସରକାର ଗୁରୁତର ସହ ନେଇ ତୁରନ୍ତ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଓ ରାଜନଗରକୁ ଏନ୍ଏସିର ମାନ୍ୟତା ଦିଅନ୍ତୁ। ନଚେତ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇବ ଓ ଆନ୍ଦୋଳନ କରିବ। ଦାବି ହାସଲ ଯାଏ ଆନ୍ଦୋଳନ ଜାରି ରହିବ ବୋଲି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ, ଉପଦେଷ୍ଟା ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ ଓ ସଂଯୋଜକ କୈଳାସ ଚନ୍ଦ୍ର ମହାନ୍ତି ଦାବି କରିଛନ୍ତି। ଏଥିସହ ଉତିକଣ ଅଞ୍ଚଳର ବୋଇତାଳୁ ପାଟ ସମେତ ବିଭିନ୍ନ ପାଟନାଳୀର ନବୀକରଣ, ଉତିକଣ ଅଞ୍ଚଳର ଆରାଧ୍ୟ ଦେବତା ଚନ୍ଦ୍ରମୌଳିଙ୍କ ମନ୍ଦିର ଓ ବେଢାର ସୌନ୍ଦର୍ଯ୍ୟକରଣ କରି ପୀଠକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦିଆଯାଉ। ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ବାରଗାଁର ମା'ମାଟିଆ ମଙ୍ଗଳା ଓ ସାତଭାୟାର ପଞ୍ଚୁବରାହୀ ପୀଠକୁ ସୌନ୍ଦର୍ଯ୍ୟକରଣ କରି ପର୍ଯ୍ୟଟନସ୍ଥଳ ଘୋଷଣା କରିବା, ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମପୀଠର ବିକାଶ ସହ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଆଯାଉ ବୋଲି ଦାବି ରହିଛି। ଦେଶ, ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ପେଣ୍ଠ ବେଳାଭୂମିର ବିକାଶ କରାଯାଉ। ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ସହିତ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ନିମନ୍ତେ ଶୀତଳଭଣ୍ଡାର ନିର୍ମାଣ ଓ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରି ଯୁବତୀଯୁବକମାନଙ୍କୁ ଆତ୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପ୍ରେସ ବିବୃତିରେ ପରିଷଦ ପକ୍ଷରୁ ଦାବି କରାଯାଇଛି।

# ପୀଠର ବିକାଶ ନିମନ୍ତେ ସେବାୟତଙ୍କ ଅନୁରୋଧ

**ରଘୁନାଥପୁର,୧୭।୧୦(ଡି.ଏନ୍.ଏ.)**

### ଗୋରେଖନାଥଙ୍କୁ ଦର୍ଶନ କଲେ ଆଇନ ମନ୍ତ୍ରୀ

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରାସ୍ଥିତ ପ୍ରସିଦ୍ଧ ପ୍ରଭୁ ଗୋରେଖନାଥ ପୀଠରେ ପହଞ୍ଚି ଶନିବାର ପୂଜାର୍ଚ୍ଚନା କରିଛନ୍ତି ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା। ମନ୍ତ୍ରୀ ଜେନା ସସ୍ତ୍ରୀକ ପୀଠରେ ପହଞ୍ଚିବା ପରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ସ୍ୱାଗତ ଜଣାଇଥିଲେ। ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସମୟରେ ପୂଜକ ଦିଲୀପ କୁମାର ପଣ୍ଡା ମନ୍ତ୍ରୀ ଜେନାଙ୍କୁ ପୀଠର ବିକାଶ ନିମନ୍ତେ ଅନୁରୋଧ କରିଥିଲେ। ପୀଠ ଚତୁଃପାର୍ଶ୍ୱରେ ଥିବା ସଂକୀର୍ଣ୍ଣ ରାସ୍ତା, ଭକ୍ତ ତଥା ଯାତ୍ରୀଙ୍କ ଯାତାୟାତ ପାଇଁ ପର୍ଯ୍ୟାପ୍ତ ହେଉନାହିଁ ବୋଲି ଅଭିଯୋଗ ଉଠିଥିଲା। ମନ୍ତ୍ରୀ ଜେନା ଉପସ୍ଥିତ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ଆଗାମୀ ମାସକ ମଧ୍ୟରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ପୀଠର ଉନ୍ନତି ପାଇଁ ସହଯୋଗ କରାଯିବ ବୋଲି ମନ୍ତ୍ରୀ ଜେନା ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ପୂଜାର୍ଚ୍ଚନା ପରେ ମନ୍ତ୍ରୀ ଜେନା ଫେରି ଯାଇଥିଲେ।



ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ବିଜୟ ଶଙ୍କର ଦାସ ଓ ଅନ୍ୟମାନେ।

# ପାଣି ଆଶା: ମିଳୁଛି ଦୁର୍ଦ୍ଦଶା

**ଆଖି ଆଗରେ ବୋହିଯାଉଛି ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀ। ବର୍ଷା ହେଲେ ନଦୀ ତଟବର୍ତ୍ତୀ ଗ୍ରାମ ଭିତରେ ପଶୁଛି ବନ୍ୟା ପାଣି। ମାତ୍ର ପିଇବା ପାଣି ପାଇଁ ଲୋକ ଡହଳ ବିକଳ। ଏହି ସମସ୍ୟାକୁ ଦୂର କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଯାଜପୁର ଜିଲାରେ ପ୍ରାୟ ୩୫୦ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହେଉଛି। ହେଲେ ସେଥିରୁ ଅଧିକାଂଶ ଅଚଳ ହୋଇପଡ଼ିଥିବାବେଳେ କେତେକ କାମ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ହୋଇପାରୁନାହିଁ।**

ଯାଜପୁର ଅଫିସ,୧୭।୧୦

ପାନୀୟ ଜଳ ପାଇଁ ଘୋର ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ କଥା ଭାବିଲେ ଯାଜପୁର ଜିଲା ବଡ଼ଚଣା ବ୍ଲକ ସିହା ଏବଂ କୋରେଇ ବ୍ଲକ ବଡ଼ଅନ୍ଧାରୀ ଗ୍ରାମକୁ ଉଦାହରଣ ଭାବେ ନିଆଯାଇପାରେ। ସିହା ଗ୍ରାମର ଅଧିବାସୀ ଖରାଦିନେ ଭୋଗୁଥିବା ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୧୮ରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୮୫ ଲକ୍ଷ ୩୩ ହଜାର ଟଙ୍କାର ଏକ ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ପ୍ରକଳ୍ପଟି ଗୋଟିଏ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବ ବୋଲି ଆଶା କରାଯାଉଥିଲା। ମାତ୍ର ପରିତାପର ବିଷୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଏବେ ୩ ବର୍ଷ ବିତିବାକୁ ଯାଉଥିବାବେଳେ ଲୋକଙ୍କ ଘରେ ପାଣି ପହଞ୍ଚାଇବା ତ ଦୂରର କଥା କିନ୍ତୁ ଏଯାଏ ଗ୍ରାମର ମୁଖ୍ୟ ପାଇପ ଲାଇନ ବିଛା କାର୍ଯ୍ୟ ବି ଅଧା ହୋଇପାରିଲା ନାହିଁ। ମାଟି ଉପରେ ପାଇପ ଦିଶୁଛି। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଏବେ କିଛିଟା କାମ ପୁଣି ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଜଳ ସଂରକ୍ଷଣ ପାଇଁ ନିର୍ମିତ ଓଭରହେଡ୍ ପାଣି ଟାଙ୍କି କେତେ ନିମ୍ନମାନର ହୋଇଛି ତାହା ବାହାରୁ ଦେଖିଲେ ଜଣା ପଡ଼ିଯାଉଛି। ବିଭାଗୀୟ କୌଣସି ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ତଦାରଖ କରୁ ନ ଥିବାରୁ ଠିକାଦାର ଲାଭଖୋର ମନୋଭାବ ନେଇ ଏଭଳି କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ସେହିପରି ଗ୍ରାମରେ ଏବେ ବିଛାଯାଉଥିବା ମୁଖ୍ୟ ଲୁହା ଓ ପିଭିସି ପାଇପର ମାନ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀ ଏବଂ ଯାଜପୁର ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲୋକଙ୍କ ଯାତାୟାତର ସୁବିଧା ପାଇଁ ସରକାର ବିପୁଳ ଟଙ୍କା ବ୍ୟୟ କରି ରାସ୍ତା ନିର୍ମାଣ ସହ ପୁରୁଣା ରାସ୍ତାର ପ୍ରଶସ୍ତୀକରଣ କରୁଛନ୍ତି। ମାତ୍ର ଠିକାଦାର ସେହି ରାସ୍ତାପାର୍ଶ୍ୱକୁ ଖୋଳି ପାଇପ ଲାଇନ ବିଛାଇବା ପରେ ତାହାକୁ ଆଉ ସମତୁଳ ନ କରି ଚାଲି ଯାଉଛନ୍ତି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଆବୁଡ଼ା ଖାବୁଡ଼ା ହୋଇ ପଡ଼ିଥିବା ରସ୍ତାପାର୍ଶ୍ୱକୁ ସମତୁଳ କରିବା ପାଇଁ ଲୋକେ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସେ ତାହାକୁ ଭ୍ରୁକ୍ଷେପ କରୁନାହାନ୍ତି। ବିଭାଗୀୟ ଅଧିକାରୀ ଏଥିପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସେହିପରି କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର ବଡଅନ୍ଧାରୀ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ରାସ୍ତାପାଖ ସାହିର ଲୋକେ ଗତ ୨ ବର୍ଷ ହେଲା ପାଇପ୍ ପାଣି ପାଉ ନ ଥିବାବେଳେ ମଙ୍ଗଳା ସାହିକୁ ୧ ମାସ ହେବ ଏହା ବନ୍ଦ ହୋଇ ରହିଛି। ଏହି ଦୁଇ ଗାଁରେ ନଳକୂପର ସୁବିଧା ମଧ୍ୟ ନାହିଁ। ଫଳରେ ଲୋକେ ପୋଖରୀ ପାଣି ବ୍ୟବହାର କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଏନେଇ ଯାଜପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍ଏସ୍)ର ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସର୍ବୋଚ୍ଚ ଯନ୍ତ୍ରୀ ନିର୍ଦ୍ଦେଶ ଜାରି କରିଛନ୍ତି।

## ସଂକ୍ଷେପରେ

### ଗୋମାଂସ ଚାଲାଣକାରୀ ବୃଦ୍ଧ ଅଟକ

**କଳିଙ୍ଗନଗର,୧୭।୧୦(ଡି.ଏନ.ଏ.):** ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ହୋଟେଲ ରୟାଲ କଳିଙ୍ଗ ନିକଟରେ ସାଇକେଲରେ ଗୋମାଂସ ଚୋରାଚାଲାଣ କରୁଥିବା ଜଣେ ବୃଦ୍ଧଙ୍କୁ ବଜରଙ୍ଗ ଦଳ କର୍ମକର୍ତ୍ତା କାବୁ କରି ଯାଜପୁର ରୋଡ୍ ଥାନାକୁ ହସ୍ତାନ୍ତର କରିଛନ୍ତି। ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଘଟଣା ମୁତାବକ, ରବିବାର ସକାଳେ କୋରେଇ ଥାନା କଂସେଇ ସାହି ଅଞ୍ଚଳର ଏସ୍କେ ଗାନ୍ଧୀ ନାମକ ବୃଦ୍ଧ ଏକ ସାଇକେଲରେ ଗୋମାଂସ ବସ୍ତା ଧରି ଯାଉଥିଲେ। ସନ୍ଦେହରେ ସ୍ଥାନୀୟ ବଜରଙ୍ଗ ଦଳର ସଦସ୍ୟମାନେ ତାଙ୍କୁ ଅଟକାଇଥିଲେ। ସାଇକେଲରେ ଥିବା ବସ୍ତାରେ ପାଖାପାଖି ୫୦ କେ.ଜି.ରୁ ଊର୍ଦ୍ଧ୍ୱ ଗୋମାଂସ ଥିବାରୁ ସଦସ୍ୟମାନେ ବଜରଙ୍ଗ ଦଳର ଯାଜପୁର ରୋଡ୍ ସଂଯୋଜକ ସୁଶୀଲ ମଲ୍ଲିକଙ୍କୁ ଖବର ଦେଇଥିଲେ। ମଲ୍ଲିକ ପହଞ୍ଚି ଘଟଣା ସମ୍ପର୍କରେ ଯାଜପୁର ରୋଡ ପୋଲିସକୁ ଜଣାଇଥିଲେ। ଯାଜପୁର ରୋଡ ପୋଲିସ ପହଞ୍ଚି ମାଂସ ଜବତ କରିବା ସହ ସମ୍ପୃକ୍ତ ବୃଦ୍ଧଙ୍କୁ ନିଜ ହେପାଜତକୁ ନେଇଥିଲା। ଚଢ଼ାଉ ସମୟରେ କୋରେଇ ବଜରଙ୍ଗ ଦଳ ପ୍ରମୁଖ ଭୂପତିଭୂଷଣ ଦାସଙ୍କ ସମେତ ବ୍ୟାସନଗରର ଅନେକ ବଜରଙ୍ଗ ଦଳ ସଦସ୍ୟ ଉପସ୍ଥିତ ଥିଲେ।

### ୫୦୯ ୟୁନିଟ୍ ରକ୍ତ ସଂଗ୍ରହ

**ବରୀ,୧୭।୧୦(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୬ତମ ଜନ୍ମ ଦିନ ଅବସରରେ ଶନିବାର ବରୀ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚନ୍ଦନପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଶିବିରକୁ ବିଧାୟିକା ସୁନନ୍ଦା ଦାସ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୫୦୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଜୀବନ ବିନ୍ଦୁର ଯାଜପୁର ଜିଲା ସଂଯୋଜକ ବିମଳ ଦାସ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସମିତିସଭ୍ୟ ପ୍ରଦୀପ ଘଡ଼ାଇ, ଗୁରୁଚରଣ ଦାସ, ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ବ୍ଲକ୍ ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ ଓ ଗିରିଶ ସାମଲ ପ୍ରମୁଖ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ।

### ମା’ ଦଶଭୁଜାଙ୍କ ଭସାଣି ଉତ୍ସବ

**ଧର୍ମଶାଳା,୧୭।୧୦(ଡି.ଏନ.ଏ.):** ଧର୍ମଶାଳା ବ୍ଲକର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା’ ଦଶଭୁଜାଙ୍କ ଭସାଣି ଉତ୍ସବ ଆନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ ଚଳିତଥର ବିନା ରୋଶଣି, ବାଜା ଓ ବାଣରେ ମା’ଙ୍କ ଭସାଣି ସମ୍ପନ୍ନ କରାଯାଇଛି। ବ୍ଲକର ଜାରକା, ଧର୍ମଶାଳା, ସାରୋଇ ଛକ ମଣ୍ଡପରେ ପୂଜା ପାଉଥିବା ମା’ଙ୍କ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଏକ ସାଙ୍ଗରେ ନିଆଯାଇ ବ୍ରାହ୍ମଣୀ ନଦୀର ଧର୍ମଶାଳା ଘାଟରେ ବିସର୍ଜନ କରାଯାଇଛି। ସେହିପରି ଆରୁହା, ଚାନ୍ଦମୋହିନୀ, ଉତ୍ତରପ୍ରତାପ, ଜଳେଶ୍ୱରପୁର, ନୀଳକଣ୍ଠପୁର, କାଏମା, ମର୍ଜିତାପୁର, ଜେନାପୁର, ମୁକୁନ୍ଦପୁର, ବଳରାମପୁର ତଳଗଡ଼ଠାରେ ପୂଜା ପାଉଥିବା ମା’ଦଶଭୁଜାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ନିକଟସ୍ଥ ନଦୀ ଓ ପୋଖରୀରେ ବିସର୍ଜନ କରାଯାଇଛି।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ଯାଜପୁର ସଦର,୧୭।୧୦(ଡି.ଏନ.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ଜୟରାମ ବାରିକଙ୍କ ସ୍ତ୍ରୀ ରଶ୍ମିତା ବାରିକ(୩୨)। ରବିବାର ସକାଳ ପ୍ରାୟ ୬ଟାରେ ସେ ଘର ପାଖରେ ଥିବା ଏକ ପୋଖରୀକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଏକଥା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଏହାପରେ ଓଡ୍ରାଫ୍ ଟିମ୍‌କୁ ସୂଚନା ଦିଆଯାଇଥିଲା। ଓଡ୍ରାଫ୍ ଟିମ୍ ପହଞ୍ଚି ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇଛି। ମହିଳାଙ୍କ ଛୋଟ ଛୋଟ ୨ଟି ଛୁଆ ଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏନେଇ ଥାନାରେ ଏକ ମାମଲା ନଂ. ୩୭/୨୧ ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ



ସାହିତ୍ୟ ସମାଜର ମୁଖ୍ୟପତ୍ର ‘ଗଙ୍ଗଶିଉଳି’କୁ ଅତିଥି ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୧୭।୧୦(ଡି.ଏନ.ଏ.)

ଧର୍ମଶାଳା ସାହିତ୍ୟ ସମାଜର ୩୨ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ ପତ୍ରିକା ଉନ୍ମୋଚନ ପର୍ବ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ଉଦ୍‌ଘାଟନ କରିଥିଲେ। ଡ. ଜଗନ୍ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ପ୍ରଫେସର ନଟବର ଶତପଥୀ ଓ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ବେଣୁଧର ପାଖୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଧିଷ୍ଠିର ସ୍ୱାଇଁ ମଞ୍ଚ ଆମନ୍ତ୍ରଣ କରିଥିଲେ। କବି ସନାତନ ଦାସ ମାତୃବନ୍ଦନା କରିଥିବାବେଳେ ବର୍ଷା, ଚାନ୍ଦିନୀ ସହଯୋଗ କରିଥିଲେ। ଏହାପରେ ସାହିତ୍ୟ ସମାଜର ମୁଖ୍ୟପତ୍ର ‘ଗଙ୍ଗଶିଉଳି’କୁ ଅତିଥି ଉନ୍ମୋଚନ କରିଥିଲେ। ପତ୍ରିକା ସମ୍ପାଦକ ଡ. ରାଜକିଶୋର ପାଢ଼ୀ ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଡ. ରାମଚନ୍ଦ୍ର ନାୟକଙ୍କୁ ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ, ବରିଷ୍ଠ ପତ୍ରକାର ବିଶ୍ୱନାଥ ସାମଲଙ୍କୁ ଆଦର୍ଶ କୃଷକ ବାବାଜୀ ଚରଣ ନାୟକ ସ୍ମୃତି ସମ୍ମାନ, ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କଳ୍ପିତା କୁମାରୀ ଜେନା, ଶିଶୁ ସାହିତ୍ୟ ସ୍ରଷ୍ଟା ବୀରକିଶୋର ପାଢ଼ୀଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ମୋହନ ଚରଣ ସାହୁଙ୍କୁ ଭିକାରୀ ଚରଣ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବେଣୁଧର ନାୟକ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ନବଘନ ଜେନାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂଯୋଜିକା ଓ ସଂଯୋଜକ ଭାବେ ମହେଶ୍ୱର ପାଢ଼ୀ, ସବିତା ମିଶ୍ର ଓ ପ୍ରେମଲତା ମହାରଣା ଯୋଗ ଦେଇଥିଲେ।

# ବିଶ୍ୱ ଖାଦ୍ୟ ଦିବସ ପାଳିତ

ରସୁଲପୁର,୧୭।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ କରଞ୍ଜିଆରି ଗ୍ରାମରେ ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଯୁବଚାଷୀ ତପନ କୁମାର ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ପକ୍ଷରୁ ବୈଜ୍ଞାନିକ ସୁବ୍ରତ କୁମାର ପାଣିଗ୍ରାହୀ, ବିଜୟ କୁମାର ରାଉତରାୟ ଓ ଶୁଭାଶିଷ ଦାସ ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ଏହି ଦିବସର ବାସ୍ତବ ଲକ୍ଷ୍ୟ ପୂରଣ କରିବାରେ ଚାଷୀଙ୍କ ପ୍ରମୁଖ ଭୂମିକା ରହିଛି। ପ୍ରତ୍ୟେକ ଚାଷୀ ସ୍ୱାବଲମ୍ବୀ ହୋଇପାରିଲେ ଦିବସର ବାସ୍ତବ ଉଦ୍ଦେଶ୍ୟ ସାଧନ ହୋଇପାରିବ। ବିଶେଷକରି ମହିଳାଙ୍କୁ କୃଷିକାର୍ଯ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିବାକୁ ହେବ। ଖାଦ୍ୟଶସ୍ୟ ଉତ୍ପାଦନକୁ ଦୁଇ ଗୁଣିତ କରିବାକୁ ହେଲେ ଚାଷ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଅପରିହାର୍ଯ୍ୟ। ଉନ୍ନତ କୃଷି ଯନ୍ତ୍ରପାତି ଓ ଜ୍ଞାନକୌଶଳ ସମ୍ପର୍କରେ ମହିଳାଙ୍କୁ ଉପଯୁକ୍ତ ତାଲିମ, ମହିଳାଙ୍କୁ ଧନ୍ଦାମୂଳକ ଶିକ୍ଷା ଆଦିରେ ଅଧିକ ପ୍ରାଧାନ୍ୟ ଦିଆଯିବା, କୃଷି କାର୍ଯ୍ୟରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ଚାଷୀଙ୍କୁ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବା ଆଦି ଦିଗରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଉପସ୍ଥିତ ସମ୍ବଳ ଅଧିକାରୀମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରୁ ଶତାଧିକ ଚାଷୀ ଯୋଗଦେଇ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ପୂଜ୍ୟପୂଜା ସମ୍ମାନ ସମାରୋହ



ସମ୍ମାନିତ ପ୍ରତିଭା ଓ ଅନ୍ୟମାନେ।

ରସୁଲପୁର,୧୭।୧୦(ଡି.ଏନ.ଏ.)

## ୬ ଶ୍ରେଷ୍ଠ ବିନ୍ଧାଣି ସମ୍ମାନିତ

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ବାଲୁଙ୍କେଶ୍ୱର ବାଜରସ୍ଥିତ ପାଲାମଣ୍ଡପଠାରେ ଜୟ ଜଗନ୍ନାଥ ବୁଣାକାର ମହାପ୍ରସାଦ ସେବା ସମିତି ପକ୍ଷରୁ ପୂଜ୍ୟପୂଜା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୬ ବରିଷ୍ଠ ବିନ୍ଧାଣିଙ୍କୁ ବୁଣାକାର ବନ୍ଧୁ ଓ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଛି। ବୁଣାକାର ନେତା ରମେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ମୁଖ୍ୟବକ୍ତା ପ୍ରହ୍ଲାଦ ପଣ୍ଡା, ସମ୍ମାନିତ ଅତିଥି ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ଓଡ଼ିଶା ଶିଳ୍ପୀ ମହାସଂଘ ସଭାପତି ଉଦୟ ମହାନ୍ତି, ସମ୍ପାଦକ ପ୍ରିୟରଞ୍ଜନ କର, ସହସମ୍ପାଦିକା ସରୋଜିନୀ ଦାସ, ବିରଜା ପଞ୍ଜିକା ସମ୍ପାଦକ ପଞ୍ଜିକାର ନୃସିଂହ ଚରଣ ମହାରଣା, ସ୍ଥାନୀୟ ସରପଞ୍ଚ ଚିନ୍ତାମଣି ସୁର, ବୁଣାକାର ନେତା ଅଶୋକ କୁମାର ଗୁଇଁ ପ୍ରମୁଖ ଯୋଗଦେଇ ସମାଜପ୍ରତି ବୁଣାକାରଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଅତିଥିଙ୍କ ଦ୍ୱାରା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଡା. ସୁଶାନ୍ତ କୁମାର ଖିଲାର(ଭୂମିପୁତ୍ର)ଙ୍କୁ ବୁଣାକାର ବନ୍ଧୁ, ବରିଷ୍ଠ ବୁଣାକାର ହାଡ଼ିବନ୍ଧୁ ଗୁଇଁ, ଗଣେଶ୍ୱର ଦାସ, ଗୋବିନ୍ଦ ଦାସ, ଜଳଧର ଗୁଇଁ ଓ ସନାତନ ଦାସଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଛି। ସମିତି ସଭାପତି ଅମୂଲ୍ୟ ସୁର, ସମ୍ପାଦକ ଚତୁର୍ଭୁଜ ଚାନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମିତି ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଣାକାରଙ୍କ ପରମ୍ପରା ଅନୁଯାୟୀ ଜୁହାର ପର୍ବ ଅନୁଷ୍ଠିତ ହୋଇଥିଲା। ମଞ୍ଚରେ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା।

# ଗୁଳିମାଡ଼ କରି ଦୁର୍ବୃତ୍ତ ଫେରାର

ଚଣ୍ଡିଖୋଲ,୧୭।୧୦(ଡି.ଏନ.ଏ.) ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର ବାଲଚନ୍ଦ୍ରପୁର ଥାନା ଅଧୀନ ଚାରିନଙ୍ଗଳ ଓ କଟିକଟା ଛକ ମଧ୍ୟ ଭାଗରେ ଶନିବାର ରାତି ପ୍ରାୟ ୧୦ଟାରେ ଜଣେ ବାଇକ୍ ଆରୋହୀଙ୍କୁ ଦୁଇ ଦୁର୍ବୃତ୍ତ ଗୁଳିମାଡ଼ କରି ଫେରାର ହୋଇଯାଇଛନ୍ତି। ଗୁଳି ବାଇକ୍‌ରେ ବାଜିଥିବାରୁ ଆରୋହୀଙ୍କ କ୍ଷତି ହୋଇନାହିଁ। ଏସମ୍ପର୍କରେ ରବିବାର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଥାନା ପଲାଇ ଗ୍ରାମର ଶରତ ଚନ୍ଦ୍ର ଜେନା ବାଇକ୍ ଯୋଗେ କଟକରୁ ନିଜ ଗ୍ରାମକୁ ଫେରୁଥିଲେ। ଚାରିନଙ୍ଗଳଛକରୁ କଟିକଟା ଛକର ମଝି ରାସ୍ତାରେ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କ ପିଛା କରି ଲୁଟ୍ ଉଦ୍ୟମ କରିବା ସହ ଗୁଳି ଚଳାଇଥିଲେ। ସେ ଭୟରେ କଟିକଟା ଛକ ନିକଟରେ ଗାଡ଼ି ଛାଡି ଦୌଡ଼ି ପଳାଇଥିଲେ। କଟିକଟା ଛକ ଜନବହୁଳ ଥିବାରୁ ଦୁର୍ବୃତ୍ତ ସେଠାରେ ନ ରହି ପଳାଇଥିଲେ। ପ୍ରକାଶଯୋଗ୍ୟ, ଜାତୀୟ ରାଜପଥର ଚାରିନଙ୍ଗଳଠାରୁ ପଞ୍ଚୁପାଣ୍ଡବ ଛକ ଅସୁରକ୍ଷିତ ହୋଇପଡ଼ିଛି। ଏକ ମାସ ମଧ୍ୟରେ ଏହି ରାସ୍ତାରେ ଏକାଧିକ ଛିନତାଇ ଓ ଗୁଳିକାଣ୍ଡ ଯୋଗୁ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଗତ ମାସ ୧୮ ତାରିଖରେ ରାଜପଥର ଓଳାଶୁଣୀ ଛକ ନିକଟରେ ଜଣେ ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ ଉଦ୍ୟମ ହୋଇଥିଲା। ସେହିପରି ୩ ତାରିଖରେ ଓଳାଶୁଣୀ ପାହାଡ଼ ପୂର୍ବପଟେ ପାଞ୍ଚ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ତେବେ ବାଇକ୍ ଆରୋହୀଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ଅପେକ୍ଷା ରହିଛି।

# କାଜୁ ଜଙ୍ଗଲରୁ ମୋରମ ଚାଲାଣ

## ପୋଲିସ, ପ୍ରଶାସନ ଜାଣି ଅଜଣା

କଳିଙ୍ଗନଗର,୧୭।୧୦(ଡି.ଏନ.ଏ.)

ଯାଜପୁର ଜିଲା ଦାନଗଦି ତହସିଲ ମାନତୀରା ରାଜସ୍ୱ ସର୍କଲ ଅଞ୍ଚଳର ଏକ କାଜୁ ଜଙ୍ଗଲରୁ ଗତ ଏକ ସପ୍ତାହ ଧରି ମୋରମ ଚାଲାଣ ଜାରି ରହିଛି। ଏକ ଗୋଷ୍ଠି ପ୍ରଶାସନକୁ କରାୟତ କରି ଲୁଟ ଚଳାଇ ଥିବା ବେଳେ ସ୍ଥାନୀୟ ପୋଲିସ ମଧ୍ୟ ସେମାନଙ୍କ ରକ୍ଷାକବଚ ସାଜିଥିବା ଅଭିଯୋଗ ହେଉଛି। ପଙ୍କପାଳ ପଞ୍ଚାୟତ ଜଟରାପାଳ ନିକଟ କାଜୁ ଜଙ୍ଗଲକୁ ଜେସିବି ମେଶିନରେ ଖୋଳି ସ୍ଥାନୀୟ କେତେଜଣ ବ୍ୟକ୍ତି ରାତିରେ ମୋରମ ଚାଲାଣ କରୁଛନ୍ତି। ବିଳମ୍ବିତ ରାତିରେ ୩୦ରୁ ଅଧିକ ହାଇୱା ଗାଡ଼ିରେ ରାଜପଥ କାମ କରୁଥିବା ଏକ ଠିକାସଂସ୍ଥା ଓ ଧାମରା ଅଞ୍ଚଳକୁ ଏହି ମୋରମ ଚାଲାଣ ହେଉଛି। ଗତ ସପ୍ତାହକ ମଧ୍ୟରେ ୫୦୦ରୁ ଅଧିକ ଟ୍ରିପ ମୋରମ ଚାଲାଣ ହୋଇଛି। ଛୁଟି ଦିନ ଆଳରେ ଏହି ବେଆଇନ କାମକୁ ପ୍ରଶାସନ ପକ୍ଷରୁ ପ୍ରଶ୍ରୟ ଦିଆଯାଇଛି। ସ୍ଥାନୀୟ ଯଖପୁରା ପୋଲିସକୁ ଏହି ବେଆଇନ କାରବାର ସମ୍ପର୍କରେ ସୂଚନା ଦିଆଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ମୋରମ ଲୁଟ ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ଅନ୍ୟପକ୍ଷେ ଯୋଜନାବଦ୍ଧ ଭାବେ ଚାଲିଥିବା ଏହି ବେଆଇନ କାରବାର ପଛରେ ଏକ ରାଜନୈତିକ ଦଳର କର୍ମୀମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ରାଜସ୍ୱ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କୁ ତୁଷ୍ଟିକରଣ ମାଧ୍ୟମରେ ଏହି କାରବାର ଚାଲିଛି। ଜିଲା ପ୍ରଶାସନ ଏହା ଉପରେ ଅଙ୍କୁଶ ଲଗାଇବା ସହିତ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ମୋରମ୍ ଲୁଟ୍ ହୋଇଥିବା ସ୍ଥାନ।

## ବୋହୂଙ୍କୁ ହତ୍ୟା ଘଟଣାରେ ଶାଶୁ ଅଟକ

ଚଣ୍ଡିଖୋଲ,୧୭।୧୦(ଡି.ଏନ.ଏ.)

ବଡ଼ଚଣା ଥାନା ଅରଖପୁର ପଞ୍ଚାୟତ ଅଧୀନ ହରିଚନ୍ଦନପୁର ଗ୍ରାମର ଶାନ୍ତିଲତା ଦାସ(୩୦)ଙ୍କୁ ତାଙ୍କ ଶାଶୁ ସଞ୍ଜୁ ଦାସ ଶନିବାର ପଥରରେ ଛେଚି ହତ୍ୟା କରିଥିଲେ। ଏନେଇ ଶାନ୍ତିଲତାଙ୍କ ଭାଇ ପୀତାମ୍ବର ପରିଡ଼ା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ. ୩୯୩/୨୧ରେ ମାମଲା ରୁଜୁ କରିବା ସହ ଶାନ୍ତିଲତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରାଯାଇଛି। ଏଥିସହିତ ପୋଲିସ ଶାନ୍ତିଲତାଙ୍କ ଶାଶୁଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଧର୍ମଶାଳା ଥାନା କଣ୍ଟିଗଡ଼ିଆ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ପୀତବାସଙ୍କ ଭଉଣୀ ଶାନ୍ତିଲତା ୧୦ ବର୍ଷ ତଳେ ଅରଖପୁର ପଞ୍ଚାୟତ ଅଧୀନ ହରିଚନ୍ଦନପୁର ଗ୍ରାମର ତରୁଣ ଦାସଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁ ବୋହୂଙ୍କ ଝଗଡ଼ା ଲାଗି ଆସୁଥିଲା।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ

ରସୁଲପୁର,୧୭।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତରେ ସ୍ୱାଧୀନତା ସଂଗ୍ରାମୀ ଗଣେଶ ପ୍ରସାଦ ଦାସଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ଛାତ୍ର ସହାୟକ ସମିତି(ନାସକୋ) ପକ୍ଷରୁ ଆୟୋଜିତ ଦାସଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭାରେ ସମିତି ରାଜ୍ୟ ସଭାପତି ପ୍ରଭାକର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜାତୀୟ ଶିକ୍ଷକ ସଂଘ(ସର୍ବଭାରତୀୟ)ର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ବୈଦ୍ୟନ୍ଦ୍ରନାଥ ସାହୁ, ଆଇନଜୀବୀ ସମରେନ୍ଦ୍ର ଦାସ, ନାରାୟଣ ମଲିକ, ବଟକୃଷ୍ଣ ସାହୁ, ଶ୍ରୀଧର ବେହେରା, ବିପିନ ମଲ୍ଲିକ, ତାରିଣୀ ମଲ୍ଲିକ, କୃଷକ ନେତା ଦେବେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଗଣେଶ ପ୍ରସାଦ ଫାଉଣ୍ଡେଶନ ନାମରେ ଏକ ସଂଗଠନ ଗଠନ, ପଞ୍ଚାୟତରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ଓ ସ୍ମରଣିକା ଆଦି ଉନ୍ମୋଚନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ସ୍ୱର୍ଗତ ଦାସଙ୍କ ପୁତ୍ର ରବି ନାରାୟଣ ଦାସ, ପ୍ରତାପ ଦାସ ଓ ପ୍ରଶାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମଲ୍ଲିକାପୁରରେ ଚାରାରୋପଣ

**ଯାଜପୁର ସଦର,୧୭।୧୦(ଡି.ଏନ୍.ଏ.):** ଯାଜପୁର ବ୍ଲକ ଅଧୀନ ମଲ୍ଲିକାପୁର ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ୍ସମେଟ୍ସ ୯୬ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ମଲିକାପୁରଠାରୁ ବୁଢ଼ାବନ୍ଧ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ନିମ, ବଉଳ, ଆକାଶୀ, କୃଷ୍ଣଚୂଡ଼ା ଆଦି ଚାରା ଲଗାଯାଇଛି। ଯାଜପୁର ସହରସ୍ଥ ୧୯୯୬ ବ୍ୟାଚର ବିଭିନ୍ନ ସ୍କୁଲ ଛାତ୍ରମାନେ ଯୋଗଦେଇ ଚାରାରୋପଣ କରିଥିଲେ। ଏହାପରେ ଏକ୍ସମେଟ୍ସ ୯୬ ପକ୍ଷରୁ ମନୋରଞ୍ଜନ ନାୟକଙ୍କ ନେତୃତ୍ୱରେ ଗୋଖନା ସ୍ଥିତ ଦୃଷ୍ଟିହୀନ ଆଶ୍ରମରେ ଛାତ୍ରମାନଙ୍କୁ ସାଉଣ୍ଡ ସିଷ୍ଟମ୍ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗିରିଜା ବିଶ୍ୱାଳ, ସୁବାସ ସାହୁ, ଜିତେନ୍ଦ୍ର ବିଶ୍ୱାଳ, ସତ୍ୟବ୍ରତ ବେହେରା, ରନ ସିଂ, ଜ୍ଞାନ ସାହୁ, ଅଭିମନ୍ୟୁ ବେହେରା, ଶିବ ସାହୁ, ପୂର୍ଣ୍ଣଚନ୍ଦ୍ର ବାରିକ୍ ଓ ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପାରମ୍ପରିକ ଗୋପୂଜା ପର୍ବ

**ପାଣିକୋଇଲି,୧୭।୧୦(ଡି.ଏନ.ଏ.):** କୋରେଇ ବ୍ଲକ କରଦା ପଞ୍ଚାୟତ କରଦା ସାହୁ ସାହିରେ ଗ୍ରାମବାସୀଙ୍କ ଦ୍ୱାରା ଦଶହରା ବଳଦ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆବାଳ ବୃଦ୍ଧବନିତା ଯୋଗଦେଇ ବାଦ୍ୟ, କୀର୍ତ୍ତନ ତାଳେତାଳେ ବଳଦଙ୍କୁ ସୁସଜ୍ଜିତ କରି ସ୍ଥାନୀୟ ରାଧାକୃଷ୍ଣ ମଠ ନିକଟକୁ ଆଣିଥିଲେ। ଗୋପୂଜା କରାଯିବା ପରେ ସେମାନଙ୍କୁ ଖାଦ୍ୟ ଦିଆଯାଇ ବଳଦ ଦୌଡ଼ ଆୟୋଜନ କରାଯାଇଥିଲା। ଗ୍ରାମ ମୁରବୀ ଅଭିରାମ ସାହୁ, ଚନ୍ଦ୍ରମଣି ସାହୁ, କାର୍ତ୍ତିକ ସାହୁ, ନିରଞ୍ଜନ ସାହୁ, କୀର୍ତ୍ତିଚନ୍ଦ୍ର ସାହୁ, ସଦାନନ୍ଦ ସାହୁ, କୁନା ସାହୁ, ଅଭିମନ୍ୟୁ ସାହୁ, ଅନନ୍ତ ସାହୁ, ଦୁର୍ଯ୍ୟୋଧନ ସାହୁ, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଇ-ଶ୍ରମ ପୋର୍ଟାଲରେ ୪ କୋଟି ପଞ୍ଜୀକରଣ

**ନୂଆଦିଲ୍ଲୀ,୧୭।୧୦:** ଇ-ଶ୍ରମ ପୋର୍ଟାଲରେ ଅଣ ସଂଗଠିତ କ୍ଷେତ୍ରର ୪ କୋଟି ଶ୍ରମିକ ପଞ୍ଜୀକରଣ କରିଛନ୍ତି। ଏହି ପୋର୍ଟାଲ ଆରମ୍ଭ ହେବାର ୨ ମାସରୁ କମ୍ ସମୟ ମଧ୍ୟରେ ପଞ୍ଜୀକରଣରେ ଏଭଳି ସଫଳତା ମିଳିଥିବା ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ନିର୍ମାଣ, କପଡା, ବିନିର୍ମାଣ, ମତ୍ସ୍ୟ ପାଳନ, ଉଠା ଦୋକାନୀ, ଘରୋଇ ସହାୟକ, କୃଷି ସହିତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ସହ ଜଡ଼ିତ ଶ୍ରମିକମାନେ ଏହି ପୋର୍ଟାଲରେ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ପ୍ରବାସୀ ଶ୍ରମିକମାନେ ଏହି ପୋର୍ଟାଲରେ ପଞ୍ଜୀକରଣ କରିବା ନେଇ ମଧ ଉତ୍ସାହ ଦେଖାଇଥିବା ଜଣାପଡ଼ିଛି। ଏହାଦ୍ୱାରା ଅଣ ସଙ୍ଗଠିତ କ୍ଷେତ୍ରର ଶ୍ରମିକ ସାମାଜିକ ସୁରକ୍ଷା ଏବଂ ରୋଜଗାର ଯୋଜନାଗୁଡ଼ିକର ଲାଭ ଉଠାଇବାକୁ ସକ୍ଷମ ହେବେ। ମୋଟ ପଞ୍ଜୀକରଣ ମଧ୍ୟରୁ ୫୦.୦୨% ମହିଳା ରହିଛନ୍ତି। ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶ ଭଳି ସ୍ଥାନଗୁଡ଼ିକରୁ ଅଧିକ ସଂଖ୍ୟକ ଶ୍ରମିକ ପଞ୍ଜୀକରଣ କରିଥିବା ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

### ଏଫ୍‌ପିଆଇ ଉଠାଇ ନେଲେ ୧୪୭୨ କୋଟି

**ମୁମ୍ବାଇ,୧୭।୧୦:** ଚଳିତ ମାସ ଅଦ୍ୟାବଧି ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ମାନେ ଦେଶର ପୁଞ୍ଜି ବଜାରରୁ ୧୪୭୨ କୋଟି ଟଙ୍କା ଉଠାଇ ନେଇଛନ୍ତି। ଏହାର ପୂର୍ବ ୨ ମାସରେ ନିବେଶକମାନେ ନେଟ୍ ଭିତ୍ତିରେ ନିବେଶ କରିଥିଲେ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ଏବଂ ବିଶ୍ୱ ବଜାର ସ୍ଥିତି ପ୍ରଭାବିତ ହେବା ଯୋଗୁ ପୁଞ୍ଜି ବଜାରରୁ ନିବେଶକମାନେ ଅର୍ଥ ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ପୁଞ୍ଜି ବଜାର ଡିପୋଜିଟୋରୀ ଡାଟା ମୁତାବକ, ନେଟ ଭିତ୍ତିରେ ୧୪୭୨ କୋଟି ଟଙ୍କା ଉଠାଇ ନେଇଛନ୍ତି। ଫରେନ ପୋର୍ଟଫୋଲିଓ ନିବେଶକ ମାନେ ସେପ୍ଟେମ୍ବରରେ ୧୩,୩୬୩ କୋଟି ଏବଂ ଅଗଷ୍ଟରେ ୧୪,୩୭୬ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିଲେ।

# ‘ଭାରତରେ ନିବେଶ ସୁଯୋଗ ଉନ୍ନତ’

**ନ୍ୟୁୟର୍କ,୧୭।୧୦**



ନିବେଶକ ଏବଂ ଶିଳ୍ପ ଅଂଶୀଦାରଙ୍କ ଲାଗି ଭାରତରେ ନିବେଶ କ୍ଷେତ୍ରରେ ଉନ୍ନତ ସୁଯୋଗ ରହିଛି। ବିଶ୍ୱ ସ୍ତରରେ ଯୋଗାଣ ଚେନ୍‌ରେ ପରିବର୍ତ୍ତନ ଏବଂ ଭାରତରେ ଦୃଢ଼ ନେତୃତ୍ୱ ଯୋଗୁ ନିବେଶ କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।

ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍ ) ବୈଠକରେ ଯୋଗଦେବା ଅବସରରେ ସୀତାରାମନ ୱାଶିଂଟନ ଡିସି ଗସ୍ତ କରିଛନ୍ତି। ଏହି ଅବସରରେ ସେ ଶିଳ୍ପ ସଂଘ ଫିକି ଏବଂ ଭାରତ-ଆମେରିକା ଷ୍ଟ୍ରାଟେଜିକ ପାର୍ଟନରଶିପ ଫୋରମ ପକ୍ଷରୁ ଆୟୋଜିତ ଗ୍ଲୋବାଲ ବିଜନେସ୍ ଲିଡର ଏବଂ ନିବେଶକ ରାଉଣ୍ଡ ଟେବୁଲକୁ ମଧ ସମ୍ବୋଧିତ କରିଛନ୍ତି। ସୀତାରାମନ କହିଛନ୍ତି, ଭାରତରେ ଷ୍ଟାର୍ଟଅପ୍‌ଗୁଡ଼ିକ ଦ୍ରୁତ ଭାବେ ଅଭିବୃଦ୍ଧି ହାସଲ କରିଛନ୍ତି। ଏହି କମ୍ପାନୀଗୁଡ଼ିକ ପୁଞ୍ଜି ବଜାରରୁ ପାଣ୍ଠି ସଂଗ୍ରହ କରିବାକୁ ମଧ ସକ୍ଷମ। ଚଳିତବର୍ଷ କେବଳ ୧୬ଟି ଷ୍ଟାର୍ଟଅପ୍ ୟୁନିକର୍ନ ମାନ୍ୟତା ଲାଭ କରିଛନ୍ତି। ମହାମାରୀ ଭଳି ଚ୍ୟାଲେଞ୍ଜିଂ ସମୟରେ ଭାରତ ଡିଜିଟାଲୀକରଣର ପ୍ରକୃତ କ୍ଷମତାକୁ ବ୍ୟବହାର କରିପାରିଛି। ଫାଇନାନ୍ସ କ୍ଷେତ୍ରରେ ଟେକ୍ନୋଲୋଜି ବ୍ୟବହାର ଯୋଗୁ ଆର୍ଥିକ ଅନ୍ତର୍ଭୁକ୍ତି ବୃଦ୍ଧି ଦିଗରେ ସହାୟକ ହେଉଛି। ଏ କ୍ଷେତ୍ରରେ ଫିନ୍‌ଟେକ କମ୍ପାନୀଗୁଡିକ

#### ନିବେଶକ, ସିଇଓଙ୍କୁ ଭେଟିଲେ ସୀତାରାମନ

ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସେ ମତ ପ୍ରକାଶ କରିଛନ୍ତି।

ସୀତାରାମନ ମାଷ୍ଟରକାର୍ଡ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅଜୟ ବାଙ୍ଗା, ମାଷ୍ଟରକାର୍ଡ ସିଇଓ ମାଇକେଲ ମାଇବାପ, ଫେଡଏକ୍ସ କର୍ପୋରେଶନ ସିଓଓ ରାଜସୁବ୍ରମଣ୍ୟନ, ସିଟି ସିଇଓ ଜେନ୍ ଫ୍ରେଜର, ଆଇବିଏମ୍ ଅଧ୍ୟକ୍ଷ ଅରବିନ୍ଦ କ୍ରିଷ୍ଣା, ପ୍ରୁଡେନସିଆଲ ଫାଇନାନ୍ସିଆଲର ମୁଖ୍ୟ ସ୍କଟ ସ୍ଲେଷ୍ଟର ଏବଂ ଲେଗାଟମ୍ ମୁଖ୍ୟ ନିବେଶ ଅଧିକାରୀ ଫିଲିପ୍ ଭାସିଲ୍ୟୁଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ରିଲାଏନ୍ସ ଡିଜିଟାଲରେ ଅଫର

**ନୂଆଦିଲ୍ଲୀ,୧୭।୧୦**




ରିଲାଏନ୍ସ ଡିଜିଟାଲ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଏହି ଅଫରର ଲାଭ ଚଳିତ ମାସ ୨୦ ତାରିଖ ଯାଏ ଉଠାଇପାରିବେ। ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇଁ ଜିଓ ଷ୍ଟୋର ଏବଂ ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ଏହା ଉପଲବ୍ଧ ହେବ। ଗ୍ରାହକ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଓ ଡେବିଟ୍ କାର୍ଡରେ ୧୦%ର ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ ଭାବେ ୨,୫୦୦ ଟଙ୍କା ଯାଏ ଲାଭ କରିପାରିବେ। ୧୦ ହଜାର କିମ୍ବା ଏହାଠାରୁ ଅଧିକ କ୍ରୟ ଉପରେ ଇଏମ୍‌ଆଇ ଟ୍ରାଞ୍ଜାକ୍ସନର ସୁବିଧା ଲାଭ କରିପାରିବେ। ୧ ଲକ୍ଷ କିମ୍ବା ଏହାଠାରୁ ଅଧିକ କିଣାକିଣି ଉପରେ ଗ୍ରାହକମାନେ କ୍ରେଡିଟ୍ କାର୍ଡ ଓ ଇଏମ୍‌ଆଇ ଟ୍ରାଞ୍ଜାକ୍ସନରେ ୬ ହଜାର ପର୍ଯ୍ୟନ୍ତ ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ ପାଇପାରିବେ। ପେଟିଏମ୍ ଓ ଜେଷ୍ଟମନି ମାଧ୍ୟମରେ ପେମେଣ୍ଟ କ୍ଷେତ୍ରରେ ଗ୍ରାହକମାନେ ଫ୍ଲାଟ ୧୦% କ୍ୟାଶ୍‌ବ୍ୟାକ ସୁବିଧା ପାଇପାରିବେ। ଏହି ସବୁ ସୁବିଧା ସହିତ ବିଭିନ୍ନ ବର୍ଗର ସାମଗ୍ରୀ ଯଥା ଟିଭି, ରେଫ୍ରିଜରେଟର, ୱିୟରେବଲ୍, ଲାପଟପ୍, ମୋବାଇଲ୍ ଫୋନ୍ ଓ ହୋମ୍ ଆପ୍ଲିଆନ୍‌ସେସ୍ ଉପରେ ସ୍ୱତନ୍ତ୍ର ଅଫରମାନ ମଧ ଉପଲବ୍ଧ ରହିଛି।

## ମୋସନ ଛାତ୍ରୀଛାତ୍ରଙ୍କ ସଫଳତା



**ନୂଆଦିଲ୍ଲୀ,୧୭।୧୦**

ଜେଇଇ ଆଡ୍‌ଭାନ୍ସରେ ମୋସନ ଏଜୁକେଶନ ପ୍ରତିଷ୍ଠାନର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଟପ୍ ୧୦୦ରେ ଅନୁଷ୍ଠାନର ୫ ଛାତ୍ରୀଛାତ୍ର ରହିଥିବା ବେଳେ ଟପ୍ ୨୦୦ରେ ୧୧ ଜଣ ଏବଂ ପ୍ରଥମ ୧୦୦୦ ଟପର୍ସଙ୍କ ମଧ୍ୟରେ ଅନୁଷ୍ଠାନର ୪୧ ଜଣ ଛାତ୍ରୀଛାତ୍ର ସ୍ଥାନ ହାସଲ କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ନୀତିନ ବିଜୟ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଷ୍ଠାନର ଗୁର୍ ଅମ୍ରିତ ସିଂ ସର୍ବଭାରତୀୟ ର୍‍ୟାଙ୍କ ୨୬ ହାସଲ କରିଛନ୍ତି। ସେହିଭଳି ରୁଦ୍ରାଂଶ ୩୨ତମ, ହର୍ଷ ପୁନିଆ ୬୧ତମ, ତେଜମ କୁମାର ୮୮ତମ ଏବଂ ରଜତ ଗୁଲେଛା ୧୦୦ତମ ସ୍ଥାନ ହାସଲ କରିଛନ୍ତି।

## ନୀଳକମଲର ପ୍ରଦର୍ଶନୀ, ବିକ୍ରି ମେଳା

**କଟକ ଅଫିସ,୧୭।୧୦**



ନୀଳକମଲ ପକ୍ଷରୁ ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ରୋଡ୍‌ଠାରେ ଏକ ପ୍ରଦର୍ଶନୀ ଏବଂ ବିକ୍ରି ମେଳା ଆୟୋଜନ କରାଯାଇଛି। ଅଫିସ ଏବଂ ହୋମ ଫର୍ନିଚର କ୍ଷେତ୍ରରେ ଫ୍ଲାଟ ୩୦% ରିହାତି ଉପଲବ୍ଧ। ଏଠାରେ ମୋଲଡେଡ ଫର୍ନିଚର ଏବଂ ମ୍ୟାଟ୍ରେସ ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ। କମ୍ପାନୀର ବିଭିନ୍ନ ପ୍ରଡକ୍ଟ ଏଠାରେ ମିଳୁଛି। ହୋମ ଫର୍ନିଚର ମଧ୍ୟରେ ବେଡରୁମ ସେଟ୍, ସୋଫାସେଟ୍, ସେଣ୍ଟରଟେବୁଲ, ଡାଇନିଂ ସେଟ୍, ଷ୍ଟଡି ଏବଂ କମ୍ପ୍ୟୁଟର ଟେବୁଲ, ୱାର୍ଡରବ୍ ରହିଛି। ସେହିଭଳି ଅଫିସ ଟେବୁଲ, ଅଫିସ ଏବଂ ଭିଜିଟର୍ସ ଚେୟାର ଏଠାରେ ମିଳୁଛି। ପ୍ଲାଷ୍ଟିକର ଚେୟାର, ଷ୍ଟୁଲ, ଟେବୁଲ, ପ୍ଲାଷ୍ଟିକ ୱାର୍ଡ ଭଳି ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କ ପାଇଁ ମିଳୁଛି। କଏର, ଫୋମ ଏବଂ ସ୍ପ୍ରିଙ୍ଗର ମ୍ୟାଟ୍ରେସ ଗ୍ରାହକ ଏଠାରେ କିଣିବାର ସୁଯୋଗ ପାଇପାଇବେ।

କାର୍ଯ୍ୟକ୍ରମରେ ବ୍ରାଞ୍ଚ ମ୍ୟାନେଜର ପ୍ରତାପ ସାମନ୍ତରାୟ, ଏରିଆ ମ୍ୟାନେଜର ଅବନି ସାହୁ, ମହାଦେବ ଟ୍ରେଡିଂ ବିତରକ ଅଜୟ ଭୌନସିକା ଏବଂ ଏରିଆ ଅଫିସର ଦେବାଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣବତ୍ତା ଫର୍ନିଚର ଯୋଗାଣ କ୍ଷେତ୍ରରେ କମ୍ପାନୀ ନିରନ୍ତର ଭାବେ କାର୍ଯ୍ୟ କରୁଛି। ମୋଲ୍‌ଡେଡ ପ୍ଲାଷ୍ଟିକ ଫର୍ନିଚର ଉତ୍ପାଦନ କ୍ଷେତ୍ରରେ ଏହା ଏକ ପରିଚିତ ନାମ ହୋଇପାରିଛି। କମ୍ପାନୀର ଅଧ୍ୟକ୍ଷ ଭାମନ ରାଏ ପାରେଖ ଏବଂ ପରିଚାଳନା ନିର୍ଦ୍ଦେଶକ ଶରଦ ପାରେଖଙ୍କ ନେତୃତ୍ୱରେ ନୀଳକମଲ ଲିମିଟେଡ ପରିଚାଳିତ ହେଉଛି। ଏହି କମ୍ପାନୀ ଏବେ ମାଟେରିଆଲ ହ୍ୟାଣ୍ଡଲିଂ ସଲ୍ୟୁଶନ, ରେଡି ଫର୍ନିଚର, ବ୍ରାଣ୍ଡ ଲାଇଫ ଷ୍ଟାଇଲ ସଲ୍ୟୁଶନ, ରିଟେଲ ଚେନ୍, ନୀଳକମଲ ମ୍ୟାଟ୍ରେସ ଏବଂ ମ୍ୟାଟେରିଆଲ୍ ପ୍ରୋଟେକ୍ସନ ସଲ୍ୟୁଶନ ବବଲ୍ ଗାର୍ଡ ଭଳି ବିଜ୍‌ନେସ ସହ ଏହା କାମ କରୁଛି। ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ କମ୍ପାନୀ ସେବା ଯୋଗାଉଛି। ପ୍ରାୟ ୩୦ ଦେଶରେ କମ୍ପାନୀ ନିଜର ଉପସ୍ଥିତି ଜାହିର କରିଛି।

## ପୂର୍ବାଞ୍ଚଳର ଶକ୍ତି ଉତ୍ପାଦନ ୮% ବୃଦ୍ଧି

**କୋଲକାତା,୧୭।୧୦**

ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ସୁଦ୍ଧା ଦେଶର ପୂର୍ବ ଭାଗରେ ଶକ୍ତି ଉତ୍ପାଦନ ୮.୪୮% ଅଭିବୃଦ୍ଧି ଘଟିଛି। ଅପରପକ୍ଷରେ ଅନ୍ୟ ପ୍ରାନ୍ତଗୁଡ଼ିକରେ ଶକ୍ତି ଉତ୍ପାଦନ ୫%କମିଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି ଡାଟାରୁ ଜଣାପଡିଛି। ସାରା ଦେଶରେ ତାଜପ ବିଦ୍ୟୁତ ଶକ୍ତି ଉତ୍ପାଦନ ୩.୬୪% କମିଛି। ମୋଟ ଶକ୍ତି ଉତ୍ପାଦନ ୨.୯୨% କମିଥିବା ଜଣାପଡ଼ିଛି। କୋଇଲା ଅଭାବ ଯୋଗୁ ଦେଶର କିଛି ପ୍ରାନ୍ତରେ ଶକ୍ତି ସଙ୍କଟ ଦେଖାଯାଇଛି। ଏହି ସମୟରେ ପୂର୍ବାଞ୍ଚଳରେ ତାପଜ ବିଦ୍ୟୁତ ଶକ୍ତି ଉତ୍ପାଦନ ୯.୫୪% ଉର୍ଦ୍ଧ୍ୱରେ ରହିଥିବା ବେଳେ ଜଳ ବିଦ୍ୟୁତ ଉତ୍ପାଦନ ଉନ୍ନତ ରହିଛି। ଦେଶର ଉତ୍ତର ଭାଗରେ ମୋଟ ଶକ୍ତି ଉତ୍ପାଦନ ୫.୧୦% ନିମ୍ନରେ ରହିଛି। ସେହିଭଳି ତାଜପ ବିଦ୍ୟୁତ ଉତ୍ପାଦନ ୬.୪୫% କମିଛି। ଉତ୍ତର ଭାଗରେ କେବଳ ଆଣବିକ ଶକ୍ତି ଉତ୍ପାଦନ ୩% ଉର୍ଦ୍ଧ୍ୱରେ ରହିଛି। ପଶ୍ଚିମ ଭାଗରେ ଶକ୍ତି ଉତ୍ପାଦନ ୫% ଏବଂ ଦକ୍ଷିଣ ଭାଗରେ ୫.୧୦% ନିମ୍ନରେ ରହିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

DHANLAXMI FINANCE
ଦୀପାବଳୀ ଧମାକା
୧୯୨୭ ରୁ ଆପଣଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁର୍‌ସତ୍

## ପଞ୍ଜାବରେ ବିଦେଶ ମାଇଲଖୁଣ୍ଟ

**ଚଣ୍ଡିଗଡ଼:** ପଞ୍ଜାବବାସୀଙ୍କର ବିଦେଶ ପ୍ରେମ ଅନେକ ସମୟରେ ଚର୍ଚ୍ଚାରେ ଥାଏ। ରାଜ୍ୟର ବିଭିନ୍ନ ସ୍ଥାନରେ ବିଦେଶକୁ ଯିବା ନେଇ ଅନେକ ମାଇଲଖୁଣ୍ଟ ରହିଛି। ଏଗୁଡ଼ିକ ସରକାରୀ ଭାବେ ନୁହେଁ ବରଂ ବ୍ୟକ୍ତିଗତ ଭାବେ ପଞ୍ଜାବରୁ ବିଦେଶ ଯାଉଥିବା ଲୋକେ ନିର୍ମାଣ କରିଥାନ୍ତି। ଜଲନ୍ଧର-ଦିଲ୍ଲୀ ଜାତୀୟ ରାଜପଥ ପାର୍ଶ୍ୱରେ ସିଡନୀ, ବ୍ୟାଙ୍କକ, ଦୁବାଇ ଏବଂ ଲଣ୍ଡନ ପର୍ଯ୍ୟନ୍ତ ଦୂରତା ଲେଖାଯାଇଥିବା ମାଇଲଖୁଣ୍ଟ ରହିଥିବାବେଳେ ଏବେ ଜଲନ୍ଧର-ଫାଗୱାଡା ମଧ୍ୟରେ ଥିବା ଜାତୀୟ ରାଜପଥରେ ଏଭଳି ମାଇଲଖୁଣ୍ଟ ଦେଖିବାକୁ ମିଳିଛି। ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣର ଜଣେ ଅଧିକାରୀ କହିଛନ୍ତି, ଏପରି କରିବା ବେଆଇନ। ଏହି ମାଇଲଖୁଣ୍ଟ ଶୀଘ୍ର ହଟାଯିବ।







ମାଇଲଖୁଣ୍ଟର ଗୋଟିଏ ପାର୍ଶ୍ୱରେ ସିଡନୀର ଦୂରତା ୧୦୭୨୯ କିଲୋମିଟର ଏବଂ ବ୍ୟାଙ୍କକ୍‌ର ଦୂରତା ୪୬୬୦ କିଲୋମିଟର ଦର୍ଶାଯାଇଛି। ସେହିପରି ଦ୍ୱିତୀୟ ପାର୍ଶ୍ୱରେ ଦୁବାଇର ଦୂରତା ୨୭୩୦ କିଲୋମିଟର ଏବଂ ଲଣ୍ଡନର ଦୂରତା ୭୪୭୮ କିଲୋମିଟର ଲେଖାଯାଇଛି। ନ୍ୟାଶନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଦ୍ୱାରା ଏଭଳି ମାଇଲଖୁଣ୍ଟ ସ୍ଥାପିତ ହୋଇନାହିଁ, କିନ୍ତୁ ପଞ୍ଜାବରୁ ବିଦେଶକୁ ଯାଉଥିବା ଲୋକମାନଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ଏହା ନିର୍ମିତ ହୋଇଥିବା ଜଣାଯାଇଛି। ପଞ୍ଜାବରେ ଏଭଳି ଘଟଣା ପ୍ରଥମ ନୁହେଁ। ରାଜପଥରେ ମାଇଲଖୁଣ୍ଟ ସ୍ଥାପନ କରିବା ବ୍ୟତୀତ ଦୋଆବ ଅଞ୍ଚଳରେ ଲୋକେ କାର ପଛପଟେ ମାଇଲଖୁଣ୍ଟ ଷ୍ଟିକର ମଧ ରଖିଥାନ୍ତି। ରାଜପଥରେ ଏଭଳି ବୋର୍ଡ ଲଗାଇଲେ ଏନ୍‌ଏଚ୍‌ଏଆଇ କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ମଧ ରହିଛି।

## କୁମ୍ଭୀର ଭଳି ମାଛ

**ରାଞ୍ଚି:** କୁମ୍ଭୀର ଭଳି ଦେଖାଯାଉଛି ମାଛ। ଏମିତି ଏକ ଭିନ୍ନ ଧରଣର ଅଜବ ମାଛ ଦେଖିବାକୁ ମିଳିଛି ଝାଡ଼ଖଣ୍ଡ ରାଜ୍ୟର ଧାନବାଦରେ। ଧାନବାଦ ଅନ୍ତର୍ଗତ ଗୋବିନ୍ଦପୁର ଅଞ୍ଚଳର ଅମରପୁର ପଞ୍ଚାୟତ ଅଧୀନ ଅମଲାଟାଣ୍ଡ ଗାଁରେ ଏବେ କୁମ୍ଭୀର ଭଳି ଦେଖାଯାଉଥିବା ଏକ ମାଛକୁ ନେଇ ଚର୍ଚ୍ଚା। ଏହି ଗାଁର ଜଣେ ଧୀବର ଏଭଳି ଏକ ଅଦ୍ଭୁତ ମାଛ ଧରିଛନ୍ତି। ମାଛ ଧରିବା ସମୟରେ ସମ୍ପୃକ୍ତ ଧୀବରଙ୍କ ଜାଲରେ ଏଭଳି ଏକ ଅଦ୍ଭୁତ ଆକାରର ମାଛ ପଡ଼ିଥିଲା। ପ୍ରଥମେ ଧୀବର ଜଣକ ଏହି ମାଛକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏପରି କି ତାହା ମାଛ କି ନୁହେଁ ସନ୍ଦେହରେ ପଡି ଯାଇଥିଲେ। ତେଣୁ ଆଖପାଖରେ ଥିବା ଲୋକଙ୍କୁ ସେ ପ୍ରଥମେ ଏହି ଅଦ୍ଭୁତ ମାଛଟିକୁ ଦେଖାଇଥିଲେ। ମାଛଟିର ମୁହଁ ଦେଖିବାକୁ କୁମ୍ଭୀର ଭଳି, କିନ୍ତୁ ତାର ଦେହ ଅନ୍ୟ ମାଛ ଭଳି। ତେବେ ମାଛ ମୁହଁରେ କୌଣସି କୁଟା କି କାଠି ପଡିବା ମାତ୍ରେ



ସେ ତାକୁ ତୁରନ୍ତ ଖଣ୍ଡ ଖଣ୍ଡ କରିଦେଉଛି। ତେଣୁ ଏହି ମାଛକୁ ଦେଖି ଲୋକେ କିଛି ମାତ୍ରାରେ ଭୟଭୀତ ବି ଅଛନ୍ତି। ଏଭଳି ଏକ ଭିନ୍ନ ଧରଣର ମାଛ ସମ୍ପର୍କରେ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ଲୋକେ ମାଛ ଦେଖିବା ପାଇଁ ଭିଡ଼ ଲଗାଉଛନ୍ତି। ତେବେ କୌଣସି ଲୋକ ଏପରି ମାଛ ପୂର୍ବରୁ କେବେ ଦେଖି ନ ଥିବା କହୁଛନ୍ତି। ତେଣୁ ସମ୍ପୃକ୍ତ ଧୀବର ମାଛଟିକୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିବେ ବୋଲି ପ୍ରତିକ୍ରିୟାରେ ଜଣାଇଛନ୍ତି।



## ରିଲିଜ ପୂର୍ବରୁ ‘ଅନ୍ତିମ’ର ରେକର୍ଡ

**ନୂଆଦିଲ୍ଲୀ :** ବଲିଉଡ୍ ଦବଙ୍ଗ ସଲମାନ ଖାନ୍ ଏବଂ ଆୟୁଷ ଶର୍ମାଙ୍କ ଆଗାମୀ ଫିଲ୍ମ ‘ଅନ୍ତିମ: ଦି ଫାଇନାଲ ଟ୍ରୁଥ୍’କୁ ନେଇ ଦର୍ଶକଙ୍କ ମଧ୍ୟରେ ବହୁମାତ୍ରାରେ ଉତ୍ସାହ ଦେଖାଯାଇଛି। ଦର୍ଶକଙ୍କ ଏହି ଆଗ୍ରହ ପାଇଁ ଫିଲ୍ମ ରିଲିଜ ପୂର୍ବରୁ ରେକର୍ଡ କରିଛି। ଆଇଏମ୍‌ଡିବି ସୂଚୀରେ ‘ଅନ୍ତିମ’ ବହୁପ୍ରତୀକ୍ଷିତ ଫିଲ୍ମ ତାଲିକାର ଶୀର୍ଷରେ ରହିଛି। ଖୁବ ଶୀଘ୍ର ଏହି ଫିଲ୍ମ ରିଲିଜ ହେବ। ଆଇଏମ୍‌ଡିବିର ରିୟଲ ଟାଇମ ପପୁଲାରିଟି ମିଟର ପେଜ ଭ୍ୟୁଜ ଅନୁସାରେ ଏହା ପାଖାପାଖି ୧୫% ସ୍କୋର୍ ଟ୍ରାକ କରିଛି। ନିର୍ମାତା ‘ଅନ୍ତିମ’ର ଟ୍ରାକ ଓ ମୋଶନ ପୋଷ୍ଟର୍ ଜାରି କରିଛନ୍ତି। ଏହାକୁ ଦର୍ଶକମାନେ ବିପୁଳମାତ୍ରାରେ ସ୍ୱାଗତ କରିଛନ୍ତି। ଆସନ୍ତା ନଭେମ୍ବର ୨୬ରେ ରିଲିଜ ହେବା ନେଇ ପ୍ରସ୍ତୁତି ଚାଲିଛି। ମହେଶ ମାଞ୍ଜରେକର ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ କୁନ୍ତଳା ବେହେରା
ସ୍ୱାମୀ - ସ୍ୱ ଇଂ.ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆବିର୍ଭାବ : ୦୧.୧୨.୧୯୩୦
ତିରୋଧାନ : ୨୭.୧୦.୨୦୧୨
ଆଜି ଆପଣଙ୍କର ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୨୧୯୯୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବିଚିତ୍ରାନନ୍ଦ ପରିଡା
୯୮ ଝାରପଡା, ଭୁବନେଶ୍ୱର
ଆବିର୍ଭାବ: ୧୭.୦୬.୧୯୩୩
ତିରୋଧାନ: ୦୮.୧୦.୨୦୨୧
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆନ୍ତରିକତା, ଦୟା, କର୍ତ୍ତବ୍ୟ ପରାୟଣତା ଓ ଆଦର୍ଶ, ଆମମାନଙ୍କୁ ସଦା ଅନୁପ୍ରାଣିତ କରୁଥାଉ। ଆମେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ: ଶରତ କୁମାରୀ, ପୁତ୍ର: ସନ୍ତୋଷ, ସରୋଜ, ସମରେଶ, ଝିଅ: ଲକ୍ଷ୍ମୀପ୍ରିୟା, ପୁତ୍ରବଧୂ: ସୁଜାତା, ଅଳ୍ପନା, ଅର୍ଚ୍ଚନା, ନାତିନାତୁଣୀ: ଅଭି, ତୁହୀ, ତୁଳସୀ, ମିକା, କାନନ, କରଣ, ରିଷି, ନିଶୁ
ଧ-୨୧୯୯୨

ତୃତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସୁଦାମ ସାଠୁଆ
ଜଗନ୍ନାଥ ପ୍ରସାଦ, ମହୁଲପଡ଼ା, ନୟାଗଡ଼
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ତିଳୋତ୍ତମା ; ପୁତ୍ର: ମୁନା, ଟୁନା ; ପୁତ୍ରବଧୂ: ଶୁସୀ, ମାମା, ଝିଅ: ରୀନା, ଗୁନ, ଜ୍ୱାଇଁ: ରବି, ଶ୍ରୀକାନ୍ତ, ନାତି: ଅକ୍ସୁ, ମିଥୁନ, ପ୍ରଭୁପ୍ରସାଦ, ନାତୁଣୀ: ମାମା, ସୋନୁ, ସୋନୀ, ରାନୀ,ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୯୯୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନବନୀତା ଦେ
ପୋଖରିପୁଟ, ଭୁବନେଶ୍ୱର
ଆବିର୍ଭାବ-୨୦।୧୧।୧୯୮୩ (କାର୍ତ୍ତିକ ପୂର୍ଣ୍ଣମୀ)
ତିରୋଧାନ- ୦୬।୧୦।୨୦୨୧ (ମହାଳୟା ଅମାବାସ୍ୟା)
ବର୍ଷୀୟାନ ବାପା-ମାଆ ଥାଉ ଥାଉ ସନ୍ତାନର ମାତ୍ର ୩୭ ବର୍ଷରେ ଅକାଳ ପ୍ରସ୍ଥାନକୁ ମହାଜାଗତିକ ବା ଐଶ୍ୱରିକ ଅବିଚାର ଛଡ଼ା କ’ଣ କୁହାଯିବ? ଜନ୍ମ ଜନ୍ମାନ୍ତର ଓ କର୍ମଫଳ ବୋଲି ଯେତେ କହିଲେ ମଣିଷ ମନ କ’ଣ କେବେ ବୁଝିବ?
-:ଶୋକସନ୍ତପ୍ତ:-
ସତ୍ୟଜିତ୍ ଦେ (ପିତା), ରିତା ଦେ (ମାତା), ରାଜୀବ ମିତ୍ର (ସ୍ୱାମୀ) ଓ ଅନ୍ୟାନ୍ୟ ପରିବାରବର୍ଗ ।
ଧ-୨୧୯୮୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶାସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥



ସ୍ୱ କୁମୁଦ କୁମାର ନାଥ
(ପୂର୍ବତନ ଅତିରିକ୍ତ ଆୟୁକ୍ତ, ଆୟକର ବିଭାଗ)
ପ୍ଲଟ୍ ନଂ.ଏ/୯୨, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୮.୦୮.୧୯୫୬
ତିରୋଧାନ : ୦୮.୧୦.୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶିର୍ବାଦ, ଦୃଢ଼ ମନୋବଳ, ସରଳ ଜୀବନଯାପନ, ଶୃଙ୍ଖଳିତ ଜୀବନ,ସଦ୍‌ମାର୍ଗ ଦର୍ଶନ ଆମ ପାଇଁ ପ୍ରେରଣାଦାୟକ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୧୯୯୧

## ସଂକ୍ଷେପରେ

### ଭାରତୀୟ ବକ୍ସର ନୀରଜଙ୍କ ବିଜୟ



**ଦୁବାଇ,୧୭।୧୦:** ତାରକା ବକ୍ସର ଅମିର ଖାଁଙ୍କ ସମର୍ଥିତ ସୁପର ବକ୍ସିଂ ଲିଗ୍‌ର କ୍ରିପ୍‌ଟୋ ଫାଇଟ ନାଇଟ୍‌ରେ ଭାରତୀୟ ପେସାଦାର ବକ୍ସର ନୀରଜ ଗୋୟାତ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ଦୁବାଇରେ ସେ ଟେକ୍‌ନିକାଲ ନକ୍‌ଆଉଟରେ କଙ୍ଗୋର ବେବେ ରିକୋ ଶିବାଙ୍ଗୁଙ୍କୁ ପରାସ୍ତ କରିଛନ୍ତି। ଶନିବାର ରାତିରେ ନୀରଜ ତୃତୀୟ ରାଉଣ୍ଡରେ ଏହି ବିଜୟ ହାସଲ କରିଥିଲେ। ୱେଲଟର ୱେଟ ବାଉଟ୍‌ରେ ନୀରଜ ଏଥିସହ ତାଙ୍କ ଅପରାଜେୟ ଧାରା ବଜାୟ ରଖିଛନ୍ତି। ଏହି ଫାଇଟ୍ ପରେ ନୀରଜ ଅମିରଙ୍କ ସହ ଲଢେଇ କରିବାକୁ ଆହ୍ୱାନ ଦେଇଛନ୍ତି। ତେବେ ଅମିର ଏ ନେଇ ନିଜର କୌଣସି ମତ ଦେଇନାହାନ୍ତି। ନୀରଜ ଭାରତ ପାଇଁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏକାଧିକ ପଦକ ହାସଲ କରିଛନ୍ତି। ଅମିର ମଧ ବକ୍ସିଂରେ ଅଲିମ୍ପିକ୍ସ ପଦକ ହାସଲ କରିଛନ୍ତି।

### ଧୋନୀଙ୍କ ସମ୍ପର୍କରେ ସିଏସ୍‌କେ ନିଷ୍ପତ୍ତି ନେବ

**ଚେନ୍ନାଇ, ୧୭।୧୦(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସିଜନ ପାଇଁ ମହେନ୍ଦ୍ର ସିଂ ଧୋନୀ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ) ଦଳରେ ରହିବେ କି ନାହିଁ ତାହାକୁ ନେଇ ଉତ୍କଣ୍ଠା ବଢୁଛି। ୨୦୨୨ ସିଜନରେ ନୂଆ ୨ଟି ଦଳକୁ ସାମିଲ କରାଯିବ। ତେଣୁ ଦଳ ଗୁଡ଼ିକ କେତେଜଣ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖିପାରିବେ ସେ ସମ୍ପର୍କିତ ନିୟମ ଏପର୍ଯ୍ୟନ୍ତ ଆସିନାହିଁ। ନୂଆ ନିୟମ ଆସିବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ଧୋନୀଙ୍କ କ୍ଷେତ୍ରରେ ସିଏସ୍‌କେ ରିଟେନ୍‌ଶନ କାର୍ଡ ବ୍ୟବହାର କରିବ କି ନାହିଁ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସିଏସ୍‌କେର ଜଣେ କର୍ମକର୍ତ୍ତା ରବିବାର ଏହା ପ୍ରକାଶ କରିଛନ୍ତି। ଦୁବାଇରେ ନିକଟରେ ଶେଷ ହୋଇଥିବା ଆଇପିଏଲର ୧୪ତମ ସଂସ୍କରଣରେ ଧୋନୀ ସିଏସ୍‌କେକୁ ଟାଇଟଲ ବିଜୟୀ କରାଇଛନ୍ତି। ସିଏସ୍‌କେ ପାଇଁ ଏହାଥିଲା ୪ର୍ଥ ଆଇପିଏଲ ଟାଇଟଲ। ପୂର୍ବରୁ ଧୋନୀ କହିଥିଲେ ଯେ, ସେ ସିଏସ୍‌କେ ପାଇଁ ଆଗାମୀ ୧୦ ବର୍ଷ ଲାଗି ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାକୁ ଚାହାନ୍ତି। ତେବେ ରିଟେନଶନ ସ୍କିମ୍ ପାଇଁ ସେ ଫିଟ୍ ହେବେ କି ନାହିଁ ତାହା ଜାଣି ନାହାନ୍ତି। ''ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପରେ ଅନେକ କିଛି ନିର୍ଭର କରେ। ଦୁଇଟି ନୂଆ ଦଳ ଆସୁଥିବାରୁ ସିଏସ୍‌କେ ପାଇଁ ଯାହା ଭଲ ହେବ ତାହା ଆମେ କରିବୁ'' ବୋଲି ଗତ ଆଇପିଏଲ ଫାଇନାଲରେ କୋଲକାତା ନାଇଟ ରାଇଡର୍ସଙ୍କୁ ସିଏସ୍‌କେ ୨୭ ରନରେ ହରାଇବାପରେ ଧୋନୀ ପ୍ରକାଶ କରିଥିଲେ। ଦଳପାଇଁ କେଉଁ ଖେଳାଳି ଶୀର୍ଷ ୩ କିମ୍ବା ୪ ଜଣଙ୍କ ମଧ୍ୟରେ ରହୁଛନ୍ତି ତାହା ବଡ଼ କଥା ନୁହେଁ। ଫ୍ରାଞ୍ଚାଇଜ୍ ଯେପରି କ୍ଷତିଗ୍ରସ୍ତ ନ ହେବ ସେପରି ଶକ୍ତିଶାଳୀ କୋର୍ ଗ୍ରୁପ୍ ଗଠନ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ୧୦ ବର୍ଷ ପାଇଁ କେଉଁମାନେ ଭଲ ପ୍ରଦର୍ଶନ କରିପାରିବେ ତାକୁ ଦୃଷ୍ଟିରେ ରଖି କୋର୍ ଗ୍ରୁପ ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ।

# ଓଡ଼ିଶା ସିନିୟର, ଜୁନିୟର ଦଳ ଘୋଷିତ

**ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୨୧ରୁ ୩୧ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଝାନ୍‌ସିଠାରେ ଜାତୀୟ ସିନିୟର ଏବଂ ୨୦ରୁ ୨୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ସିମ୍‌ଡେଗାଠାରେ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଉଭୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ମନୋନୟନ ହୋଇଛି ବୋଲି ଓଡ଼ିଶା ହକି ଆଡ୍‌ହକ କମିଟି ଅଧକ୍ଷ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଅସ୍ମିତା ବାର୍ଲା ସିନିୟର ଏବଂ ଜ୍ୟୋତି ଛତ୍ରି ଜୁନିୟର ଦଳର ନେତୃତ୍ୱ

**ଜାତୀୟ ମହିଳା ହକି**

ନେବେ। ୧୮ ଜଣିଆ ସିନିୟର ଦଳ ସହିତ ମ୍ୟାନେଜରଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ହକି ତାରକା ପାଉଲିନ ସୁରିନ ଏବଂ କୋଚ୍ ଭାବେ ଅଲିମ୍ପିଆନ ଲାଜରୁସ ବାର୍ଲା ଝାନ୍‌ସି ଯିବେ। କଳିଙ୍ଗ ଷ୍ଟାଡିୟମ ଉତ୍କର୍ଷ ପ୍ରଦର୍ଶନ କେନ୍ଦ୍ରର ଡାକ୍ତର ଶୋଭେନ ଫିଜିଓ ଏବଂ ରେଶ୍ମା ଲାକ୍ରା ସହାୟକ ଦାୟିତ୍ୱରେ ରହିବେ। ସେହିପରି ଜୁନିୟର ହକି ଦଳର ମ୍ୟାନେଜର ଭାବେ ସୁଷମା ନନ୍ଦ ଏବଂ ବରିଷ୍ଠ ହକି ପ୍ରଶିକ୍ଷକ



ଜାତୀୟ ମହିଳା ହକି ପାଇଁ ମନୋନୀତ ଓଡ଼ିଶା ସିନିୟର ଓ ଜୁନିୟର ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

କାଳୁଚରଣ ଚୌଧୁରୀ କୋଚ୍ ଦାୟିତ୍ୱ ନିର୍ବାହ କରିବେ। ଶୁଭସ୍ମିତା ମହାନ୍ତି ଫିଜିଓ, ସରିତା ରୋଶନ ହନୁମାନ ଓ ଉପାସନା ଯାଦବ ଫିଟ୍‌ନେସ ଟ୍ରେନର ଭାବେ ଯୋଗଦେବେ। ଜୁନିୟର ଦଳ ସୋମବାର ସିମ୍‌ଡେଗା ଯାତ୍ରା କରିବ। ଉକ୍ତ ଦୁଇ ସମ୍ମାନଜନକ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି କଳିଙ୍ଗ ଷ୍ଟାଡିୟମରେ ୨ ସପ୍ତାହଧରି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳ ନିଜ ନିଜ ଟୁର୍ନାମେଣ୍ଟ ସ୍ଥଳକୁ ଯିବା ପୂର୍ବରୁ ରବିବାର ପୂର୍ବାହ୍ନରେ କଳିଙ୍ଗ ଷ୍ଟାଡିୟମରେ ଦିଲୀପଙ୍କ ସମେତ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଓଡ଼ିଶା ଦଳର ସଦସ୍ୟମାନଙ୍କୁ ଜର୍ସି ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରି ପ୍ରତିଯୋଗିତାରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

**ଓଡ଼ିଶା ସିନିୟର ଦଳ:** ଅସିମା ମିଞ୍ଜ୍, ରୋସାଲିଆ ଲାକ୍ରା, ଅସ୍ମିତା ବାର୍ଲା (ଅଧିନାୟିକା), ଖୁସ୍‌ବୁ କୁଜୁର, ଭାରତୀ ଏକ୍କା, ସୁଶାନ୍ତି ମିଞ୍ଜ, ରିଙ୍କି କୁଜୁର, ପ୍ରେମିତା ବାରା, ପ୍ରେମାଞ୍ଜଳି ଟପ୍ପୋ, ଲକ୍ଷ୍ମୀ ଏକ୍କା, ଦୀପ୍ତି ଲାକ୍ରା, ଅଶିମ କାଞ୍ଚନ ବାର୍ଲା, ଜାହ୍ନବୀ ପ୍ରଧାନ, ନମ୍ରତା ଜସମିନ ବାରା, ଅବିନାସି ମୁକ୍ତି ସୁରିନ, ରୋଜିତା କୁଜୁର।

**ଓଡ଼ିଶା ଜୁନିୟର ଦଳ:** ମାଧୁରୀ କିଣ୍ଡୋ, ସୁନେଲି ଓରାମ, ଫିଲଇସିଆ ଟପ୍ପୋ, ମମିତା ଓରାମ, ନେହା ଟପ୍ପୋ, ମମତା କିଣ୍ଡୋ, ଆଞ୍ଜେଲା ଟପ୍ପୋ, ମାରି କାଣ୍ଡୁଲାନା, ନିତୁ ଲାକ୍ରା, ଜ୍ୟୋତି ଛତ୍ରି (ଅଧିନାୟିକା), ନିକିତା ଟପ୍ପୋ, ଜ୍ୟୋସ୍ନା ରୋହିଦାସ, ନିମାବତୀ ସିଂ, ଆଟେନ ଟପ୍ପୋ, କମଳା ସିଂ, ନେହା ଲାକ୍ରା, ଦୀପ୍ତି ମୋନିକା ଟପ୍ପୋ, ସନ୍ଧ୍ୟା କୁଜୁର।

# ମୁଖ୍ୟ କୋଚ୍ ପାଇଁ ଦରଖାସ୍ତ ଆହ୍ୱାନ କଲା ବିସିସିଆଇ

**ନୂଆଦିଲ୍ଲୀ, ୧୭।୧୦ (ପି.ଟି.)**

ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କୁ ମୁଖ୍ୟ କୋଚ୍ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପାତତଃ ସ୍ଥିର କରିସାରିଛି। ହେଲେ ଲୋଧା କମିଟି ସଂସ୍କାରକୁ ସମ୍ମାନ ଜଣାଇବାକୁ ଯାଇ ରବିବାର ନାମକୁମାତ୍ର ମୁଖ୍ୟ କୋଚ୍ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରିଛି। ଦ୍ରାବିଡ ବର୍ତ୍ତମାନ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ମୁଖ୍ୟ ଅଛନ୍ତି। ଏହାଛଡ଼ା ସେ ଭାରତ ଏ' ଓ ୧୯ବର୍ଷରୁ କମ୍ ଦଳକୁ ଦିଗ୍‌ଦର୍ଶନ ଦେଉଛନ୍ତି। ଦୁବାଇରେ ଆଇପିଏଲ୍ ଫାଇନାଲ ସମୟରେ ବିସିସିଆଇ ଅଫିସିଆଲଙ୍କର ଦ୍ରାବିଡଙ୍କ ସହ ଆଲୋଚନା ହୋଇଥିଲା। ମୁଖ୍ୟ କୋଚ୍ ହେବାକୁ ପ୍ରଥମେ କୁଣ୍ଠିତ ହେଉଥିବା ଦ୍ରାବିଡଙ୍କୁ ରାଜି କରାଇବାରେ ବୋର୍ଡ ଅଫିସିଆଲମାନେ ସକ୍ଷମ ହୋଇପାରିଛନ୍ତି। ବିସିସିଆଇକୁ ବର୍ତ୍ତମାନ କ୍ରିକେଟ ଉପଦେଷ୍ଟା କମିଟି ଗଠନ କରିବାକୁ ପଡ଼ିବ। ଏହି କମିଟି ମୁଖ୍ୟ କୋଚ୍ ବାଛିବା ପରେ ବିସିସିଆଇ ଆପେକ୍ସ କାଉନ୍‌ସିଲକୁ ସୁପାରିସ କରିବ। ସମସ୍ତ ପଦବୀ ପାଇଁ ଆବେଦନପତ୍ର ଦାଖଲ କରିବା ସମୟ ସୀମା ଅକ୍ଟୋବର ୨୬ ରଖାଯାଇଛି। ମୁଖ୍ୟ କୋଚ୍ ବ୍ୟତୀତ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ କୋଚ୍ ପାଇଁ ମଧ ଦରଖାସ୍ତ ଆହ୍ୱାନ କରାଯାଇଛି। ସମସ୍ତ ପଦବୀଗୁଡ଼ିକର କାର୍ଯ୍ୟକାଳ ୨୦୨୩ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ରହିବ। ରବି ଶାସ୍ତ୍ରୀଙ୍କ ସହିତ ବୋଲିଂ କୋଚ୍ ଭରତ ଅରୁଣ ଓ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧରଙ୍କ କାର୍ଯ୍ୟକାଳ ଆସନ୍ତା ମାସରେ ଭାରତର ଟି୨୦ ବିଶ୍ୱକପ୍ ଅଭିଯାନ ଶେଷ ହେବା ପରେ ସମ୍ପୂର୍ଣ୍ଣ ହେବ। ବୋଲିଂ କୋଚ୍ ପାଇଁ ମୁଖ୍ୟ ଦାବିଦାର ଅଛନ୍ତି ଦୀର୍ଘଦିନ ଧରି ଭାରତ ଏ' ଓ ୧୯ ବର୍ଷରୁ କମ୍ କୋଚ୍ ପାରସ ମାହମ୍ବ୍ରେ। ଦ୍ରାବିଡଙ୍କର ତାଙ୍କ ଉପରେ ଖୁବ୍ ଭରସା ରହିଛି। ମୁଖ୍ୟ କୋଚ ପଦବୀ ପାଇଁ ଆବେଦନ କରିବାକୁ ହେଲେ ୩୦ଟି ଟେଷ୍ଟ ଅବା ୫୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚର ଅଭିଜ୍ଞତା ରହିଥିବା ଆବଶ୍ୟକ। ଏହାଛଡ଼ା ଏକ ଜାତୀୟ ଦଳର ୨ ବର୍ଷ ଅବା କୌଣସି ଆଇପିଏଲ୍ ଟିମ୍‌ର ୩ ବର୍ଷ କୋଚିଂ ଅଭିଜ୍ଞତା ରହିଥିବା ଦରକାର।

# ଆଇଓସି ଆଥ୍‌ଲେଟ୍ସ କମିଶନ ନିର୍ବାଚନରେ ଭାଗ ନେବେ କେଶବନ

**ନୂଆଦିଲ୍ଲୀ,୧୭।୧୦(ପି.ଟି.)**

ଭାରତୀୟ ଓ୍ୱିଣ୍ଟର ଅଲିମ୍ପିଆନ ତାରକା ଶିବ କେଶବନ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଆଥ୍‌ଲେଟିକ୍ସ କମିଶନ ନିର୍ବାଚନରେ ଅଂଶଗ୍ରହଣ କରିବେ। ୨୦୨୨ ବେଜିଂ ଶୀତକାଳୀନ ଅଲିମ୍ପିକ୍ସ ଅବସରରେ ଏହି ନିର୍ବାଚନ ହେବ ଓ କେଶବନ ଏହି କମିଶନର ସଦସ୍ୟ ହେବା ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହେବେ। ୪୦



ଶିବ କେଶବନ

ବର୍ଷୀୟ କେଶବନ ୬ଥର ଶୀତକାଳୀନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଛନ୍ତି। ଆଇଓସି ଆଥ୍‌ଲେଟ୍ସ କମିଶନରେ ଦୁଇଟି ସ୍ଥାନ ପାଇଁ ନିର୍ବାଚନ ହେବ ଓ କେଶବନଙ୍କ ସମେତ ୧୭ଜଣ ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିବେ। ଶନିବାର ଏଥେନ୍ସରେ ଆଇଓସି କାର୍ଯ୍ୟକାରୀ ବୋର୍ଡ ବୈଠକ ଅନୁଷ୍ଠିତ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। କମିଶନର ଏହି ଦୁଇଟି ପଦ ପାଇଁ ୧୭ଟି ଜାତୀୟ ଅଲିମ୍ପିକ୍ କମିଟି (ଏନ୍‌ଓସି), ୬ଟି କ୍ରୀଡ଼ା ଓ ୫ଟି ମହାଦେଶରୁ ୧୦ ଜଣ ମହିଳା ଓ ୭ ପୁରୁଷ ଏହି ନିର୍ବାଚନରେ ଅଂଶଗ୍ରହଣ କରିବେ ବୋଲି ଆଇଓସି ତରଫରୁ କୁହାଯାଇଛି। ଏହି ପ୍ରାର୍ଥୀମାନେ ସେମାନଙ୍କ ଏନ୍‌ଓସି ତରଫରୁ ପ୍ରତିନିଧିତ୍ୱ କରିବେ। କେଶବନଙ୍କୁ ଏହି ନିର୍ବାଚନ ପାଇଁ ନୋମିନେଟ କରାଯାଇଛି ବୋଲି ଭାରତୀୟ ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ରାଜୀବ ମେହଟା କହିଛନ୍ତି। କେଶବନ ଶୀତକାଳୀନ ଅଲିମ୍ପିକ୍ସରେ ଭାରତର ପତାକା ବହନ କରିବେ। କେଶବନ ଏହି ନିର୍ବାଚନ ପାଇଁ ଯୋଗ୍ୟତମ ପ୍ରାର୍ଥୀ ବୋଲି ମେହଟା କହିଛନ୍ତି। ଜାପାନରେ ୧୯୯୮ ନାଗାନୋ ଗେମ୍ସରୁ କେଶବନ ଲ୍ୟୁଗ ପୁରୁଷ ସିଙ୍ଗଲ୍ସରେ ଅଂଶଗ୍ରହଣ କରିଆସୁଛନ୍ତି। ସେ ୨୦୧୧, ୨୦୧୨, ୨୦୧୬ ଓ ୨୦୧୭ରେ ଏସିଆନ ଚାମ୍ପିୟନ ରହି ଆସିଛନ୍ତି। ଲ୍ୟୁଗରେ ସେ ମଧ ଏସିଆନ ରେକର୍ଡ ହାସଲ କରିଛନ୍ତି।

୨୦୧୮ ପେଙ୍ଗ୍‌ଚାଙ୍ଗ ଶୀତକାଳୀନ ଅଲିମ୍ପିକ୍ସରେ କେଶବନ ଓ କ୍ରସ୍ କଣ୍ଟ୍ରି ସ୍କିଏର ଜଗଦୀଶ ସିଂ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଆଇଓସିର ଏହି କମିଶନରେ ଅତିବେଶିରେ ୨୩ଜଣ ସଦସ୍ୟ ସାମିଲ ରହିଛନ୍ତି। ନିର୍ବାଚିତ ହେବା ପରେ ଏହି ସଦସ୍ୟମାନେ ୮ ବର୍ଷ ପଦରେ ରହି କାର୍ଯ୍ୟ କରିବେ। ଅଲିମ୍ପିକ୍ସର ପ୍ରତ୍ୟେକ ସଂସ୍କରଣରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ୪ ଓ ଶୀତକାଳୀନ ଅଲିମ୍ପିକ୍ସରେ ୨ଜଣ ସଦସ୍ୟ ନିର୍ବାଚିତ ହେବାର ପରମ୍ପରା ରହିଛି। ୨୦୨୨ ବେଜିଂ ଶୀତକାଳୀନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଆଥ୍‌ଲେଟମାନେ ଜାନୁୟାରୀ ୨୭ରୁ ଅଲିମ୍ପିକ୍ସ କ୍ରୀଡ଼ାଗ୍ରାମରୁ ଭୋଟ ଦେଇପାରିବେ। ବେଜିଂ ଶୀତକାଳୀନ ଅଲିମ୍ପିକ୍ସ ଆସନ୍ତାବର୍ଷ ଫେବୃୟାରୀ ୪ରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। କାନାଡାର ହେଲି ୱିକେନହେସିୟରଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଓ ନରୱେର ଓଲେ ଏଇନାର ଜୋର୍ନଡାଲେନ ୨୦୧୬ରେ ଇସ୍ତଫା ଦେଇଥିବାରୁ ଏମାନଙ୍କ ସ୍ଥାନରେ ନୂଆ ଆଇଓସି ସଦସ୍ୟ ନିର୍ବାଚିତ ହେବେ।

# ମହିଳା ବିଗ୍‌ବାସ ଲିଗ୍‌ରେ ଶେଫାଳୀଙ୍କ ଚମକ

**ହୋବାର୍ଟ,୧୭।୧୦**

ଅଷ୍ଟ୍ରେଲୀୟ ମହିଳା ଟି୨୦ ଲିଗ୍ ବିଗ୍‌ବାସ୍‌ରେ ଦୁଇ ଭାରତୀୟ ଖେଳାଳି ଶେଫାଳୀ ବର୍ମା ଓ ରାଧା ଯାଦବ ଦମ୍‌ଦାର ପ୍ରଦର୍ଶନ କରି ନିଜ ଦଳ ସିଡ୍‌ନୀ ସିକ୍ସର୍ସକୁ ବିଜୟୀ କରାଇଛନ୍ତି। ରବିବାର ଅନୁଷ୍ଠିତ ଲିଗ୍‌ର ଚତୁର୍ଥ ମ୍ୟାଚ୍‌ରେ ସିଡ୍‌ନୀ ୩ ବଲ ବାକି ରଖି ୫ ଉଇକେଟରେ ହୋବାର୍ଟ ହରିକେନ୍ସକୁ ପରାସ୍ତ କରିଛି। ଓପନର ଶେଫାଳୀ ବର୍ମା ଅର୍ଦ୍ଧଶତକ ହାସଲ କରିଥିବା ବେଳେ ରାଧା ଦୁଇଟି ମୂଲ୍ୟବାନ ଉଇକେଟ ହାସଲ କରିଥିଲେ। ୫୦ ବଲରୁ ୬ ଚୌକା ସହ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଶେଫାଳୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ

**ସିଡ୍‌ନୀ ସିକ୍ସର୍ସର ସହଜ ବିଜୟ**

ପାଇଥିବା ହୋବାର୍ଟ ୯ ଉଇକେଟ ହରାଇ ୧୨୫ ରନରେ ସୀମିତ ରହିଥିଲା। ଦଳ ତରଫରୁ ରିଚା ଘୋଷ ସର୍ବାଧିକ ୪୬, ସାଶା ମୋଲୋନୀ ୨୨ ରନ କରି ଆଉଟ ହୋଇଥିଲେ। ବୋଲିଂରେ ସିଡ୍‌ନୀ ତରଫରୁ ବାମହାତୀ ସ୍ପିନର ରାଧା ଯାଦବ ୪ ଓଭର ବୋଲିଂ କରି ୩୧ ରନ ବ୍ୟୟ କରି ଦୁଇ ଉଇକେଟ ନେଇଥିଲେ। ସେହିପରି ନିକୋଲ ବୋଲ୍ଟନ, ଏଲିସ ପେରୀ, ମେଟଲାନ ବ୍ରାଉନ ଦୁଇଟି ଲେଖାଏ, ଆଶଲେ ଗାର୍ଡନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ସିଡ୍‌ନୀ ୧୯.୩ ଓଭରରେ ୫ ଉଇକେଟ ହରାଇ ୧୨୯ ରନକରି ବିଜୟ ହାସଲ କରିଥିଲା। ଶେଫାଳୀଙ୍କ ଅର୍ଦ୍ଧଶତକକୁ ବାଦ୍ ଦେଲେ ଅଧିନାୟିକା ଏଲିସ ପେରୀ ୨୭ ରନ କରି ଆଉଟ ହୋଇଥିଲେ। ନିକୋଲ ବୋଲ୍ଟନ ୧୭ ରନକରି ଅପରାଜିତ ରହିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ହୋବାର୍ଟ ଦଳ ତରଫରୁ ମୋଲି ଷ୍ଟ୍ରାନୋ ସର୍ବାଧିକ ୩, ଟେଲା ଭ୍ଲାଏମିଙ୍କ୍ ଓ ନିକୋଲା କାରେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଶଟ୍ ଖେଳିବା ଅବସରରେ ଶେଫାଳୀ ବର୍ମା।

**ପୁନମ୍‌ଙ୍କୁ ୨ ଉଇକେଟ**

ସେହିପରି ରବିବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଲେଗ୍ ସ୍ପିନର ପୁନମ ଯାଦବ ବ୍ରିସ୍‌ବେନ ହିଟ୍ ତରଫରୁ ପ୍ରତିନିଧିତ୍ୱ କରି ମୂଲ୍ୟବାନ ଦୁଇ ଉଇକେଟ ହାସଲ କରିଥିଲେ। ସେ ପର୍ଥ ସ୍କୋଚର୍ସ ଉଇକେଟକିପର-ବ୍ୟାଟର ବେଥ ମୁନୀ (୪୦) ଓ ହିଦର ଗ୍ରାହମ (୬)ଙ୍କୁ ଆଉଟ କରିଥିଲେ। ବ୍ରିସ୍‌ବେନ ହିଟ୍ ଓ ପର୍ଥ ସ୍କୋଚର୍ସ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ରୋମାଞ୍ଚକ ଢଙ୍ଗରେ ଟାଇ ହୋଇଥିଲା। ପର୍ଥ ୭ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଜବାବରେ ବ୍ରିସବେନ ୯ ଉଇକେଟ ହରାଇ ସମାନ ୧୩୭ ରନ ସଂଗ୍ରହ କରିଥିଲା। ତେବେ ୱାନ ଓଭର ଏଲିମିନେଟରରେ ସ୍କୋଚର୍ସ ବିଜୟୀ ହୋଇଥିଲା।

# ପୂର୍ବତନ ଚାମ୍ପିୟନ ଶ୍ରୀଲଙ୍କାର ସଂଘର୍ଷ

**ଆବୁଧାବି,୧୭।୧୦:** ବିଶ୍ୱ କ୍ରିକେଟରେ ସଫଳତାର ଶୀର୍ଷକୁ ଛୁଇଁଥିବା ଶ୍ରୀଲଙ୍କା ଏବେ ନିଜର ସ୍ଥିତି ବଜାୟ ରଖିବାକୁ ସଂଘର୍ଷ କରୁଛି। ଟି୨୦ ବିଶ୍ୱକପ୍‌ରେ ଟାଇଟଲ ହାସଲ କରିଥିବା ଶ୍ରୀଲଙ୍କା ଏବେ ଏହି ମେଗା ଇଭେଣ୍ଟ ପାଇଁ ଯୋଗ୍ୟତା ହାସଲ କରିବାକୁ ସଂଘର୍ଷ କରୁଛି। ସୋମବାର ଶ୍ରୀଲଙ୍କା କ୍ୱାଲିଫାୟର୍ସର ପ୍ରଥମ ରାଉଣ୍ଡ ଗ୍ରୁପ୍ ଏ' ମ୍ୟାଚ୍‌ରେ ନାମ୍ବିଆକୁ ଭେଟିବ। ସ୍ଥାନୀୟ ଜାଏଦ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ୨୦୧୪ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଟାଇଟଲ ହାସଲ କରିଥିଲା। ଏହାପରେ ଦଳର ତାରକା ତଥା ଚାମ୍ପିୟନ ଖେଳାଳିମାନେ ଆଗପଛ ହୋଇ ଅବସର ନେଇଥିଲେ। ଫଳରେ ଶ୍ରୀଲଙ୍କାର ପ୍ରଦର୍ଶନ ପ୍ରଭାବିତ ହୋଇଥିଲା। କୁମାର

**ଟି୨୦ ବିଶ୍ୱକପ୍**

ସାଙ୍ଗକରା, ମାହେଲା ଜୟବର୍ଦ୍ଧନେ, ତିଲକରତ୍ନେ ଦିଲସାନ, ରଙ୍ଗନା ହେରାଥ, ଲାସିଥ ମାଲିଙ୍ଗା, ନୂଆନ କୁଲଶେଖରା ଓ ଥିସାରା ପେରେରା ଅବସର ନେବା ପରେ ଏମାନଙ୍କ ସ୍ଥାନ ଏ ପର୍ଯ୍ୟନ୍ତ ଅପୂରଣୀୟ ହୋଇ ରହିଛି। ଫଳରେ ଶ୍ରୀଲଙ୍କା ସୁପର-୧୨ ପର୍ଯ୍ୟାୟରେ ସିଧାସଳଖ ଅଂଶଗ୍ରହଣ କରିପାରି ନାହିଁ। ଏଥିପାଇଁ ଶ୍ରୀଲଙ୍କାକୁ ପ୍ରଥମ ରାଉଣ୍ଡରେ ସାମିଲ ହେବାକୁ ପଡିଛି। ଶ୍ରୀଲଙ୍କା ଦଳକୁ ଅବଶ୍ୟ ଦୀନେଶ ଚାଣ୍ଡିମଲ ଓ କୁଲଲ ପେରେରାଙ୍କ ଭଳି ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ରହିଛି। ରିଷ୍ଟ ସ୍ପିନର ୱାନିନ୍ଦୁ ହସରଙ୍ଗା ମଧ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ଦସୁନ ସନକା ଦଳର ନେତୃତ୍ୱ ନେବେ। ଦଳରେ ଧନଞ୍ଜୟ ଡି'ସିଲଭା, ଅଭିସ୍କା ଫର୍ନାଣ୍ଡୋ, ଦୁଷ୍ମନ୍ତ ଚାମିରା, ଲାହିରୁ କୁମାରାଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି।

ଅପରପକ୍ଷରେ ନାମ୍ବିଆ ଦ୍ରୁତଗତିରେ ଉନ୍ନତି କରୁଥିବା ଦଳ ସାବ୍ୟସ୍ତ ହୋଇଛି।

# ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)**

ଜାତୀୟ ସନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ର ୬ଷ୍ଠ ସଂସ୍କରଣ ଉତ୍ତର ପ୍ରଦେଶର ମଥୁରାଠାରେ ଚଳିତ ମାସ ୧୯ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ୧୮ ଜଣିଆ ଓଡ଼ିଶା ଦଳ ରବିବାର ମଥୁରା ଯାତ୍ରା କରିଛି। ବିଧାୟକ ସୁଶାନ୍ତ କୁମାର ରାଉତ, ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ରିଣ୍ଟୁ ମିତ୍ର, ମହିଳା କମିଟି ଅଧକ୍ଷା ରାଗିଣୀ ମିତ୍ର ପ୍ରମୁଖ ଓଡ଼ିଶା ଦଳର ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ସୌମ୍ୟରଞ୍ଜନ ମହାନ୍ତି (ଅଧିନାୟକ), ବବ୍‌ଲୁ ବେହେରା (ଉପ-ଅଧିନାୟକ/ଉଇକେଟ କିପର), ହିତେଶ ରାଉତ, ବିଜୟ ମହାରଣା, ସୁଧାଂଶୁ ଶେଖର ଦାଶ, ପ୍ରଶାନ୍ତ ନାୟକ, ଡି.ଏସ. ଇସ୍‌ଆଲା, ଶିବ ନାରାୟଣ ନାଏକ, ଅରୁଣ କୁମାର ମଲିକ, ରାଜା କୁସୁମ, ରାକେଶ ଜେନା, ସାଇ ଓମ୍ ବିଭୁଶଙ୍କର, ଜଗତ ଭୋଇ, ରଶ୍ମିରଞ୍ଜନ ସେନାପତି, ପ୍ରୀତମ୍ କୁମାର ସିଂ, ଆଦିତ୍ୟ କୁମାର ବାଶା, ଶେଷଦେବ ବିଷୋୟୀ, ବଦ୍ରିନାରାୟଣ ପାତ୍ର। କୋଚ୍: ବାସୁଦେବ ଓଝା, ମ୍ୟାନେଜର: ଗିରିଶ୍ ଚନ୍ଦ୍ର ହୋତା।

**ଓଡ଼ିଶା ମହିଳା ଦଳ:** ଅଦ୍ୱିତୀ ସିଂଦେଓ (ଅଧିନାୟିକା/ଉଇକେଟ କିପର), ଝିଲି ଧଳ, ମମତା ବେହେରା, ପଦ୍ମାବତ ସିଂ, ରିତିକା ପଣ୍ଡା, ରାଜେଶ୍ୱରୀ ନାଗ୍, ରଞ୍ଜିତା ନାୟକ, ଭାଗ୍ୟବତୀ ଭାତ୍ରା, ଅଞ୍ଜୁଲତା ସାହୁ, ନିକିତା ଘୋଷ, ସଞ୍ଜିତା ଦାସ, ଝିଲିମଣୀ ମହନ୍ତ (ଉପ-ଅଧିନାୟିକା), ଚାନ୍ଦରାଣୀ ମାଝି, ବାସନ୍ତି ତିର୍କୀ, ପ୍ରୀତିଲତା ନାୟକ, ଅଞ୍ଜନା ମୁଖି। କୋଚ: ରାଗିଣୀ ମିତ୍ର, ମ୍ୟାନେଜର: ବିଜନ କୁମାର ଦଳାଇ।



ଜାତୀୟ ଟେନିସ କ୍ରିକେଟରେ ଭାଗ ନେବାକୁ ମଥୁରା ଯାତ୍ରା କରିବା ପୂର୍ବରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳିମାନେ।

# ଜାତୀୟ ଉସୁ ଚାମ୍ପିୟନଶିପ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୨୦ରୁ ୨୫ ପର୍ଯ୍ୟନ୍ତ ପଞ୍ଜାବର ଫଗୁଆରସ୍ଥିତ ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ୨୦ତମ ଜାତୀୟ ଉସୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଭାରତୀୟ ଉସୁ ସଂଘ ଦ୍ୱାରା ଆୟୋଜନ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩୦ ଜଣ ପ୍ରତିନିଧିତ୍ୱ କରିବେ। ଏହା ମଧ୍ୟରେ ୯ ବାଳିକା ଓ ୧୫ ବାଳକ ପ୍ରତିଯୋଗୀଙ୍କ ସମେତ ୨ ମ୍ୟାନେଜର, ୨ କୋଚ୍ ଏବଂ ୨ ଜଣ ବିଚାରକ ସାମିଲ। ଓଡ଼ିଶା ଉସୁ ସଂଘର ସମ୍ପାଦକ ତଥା ଅନ୍ତର୍ଜାତୀୟ ବିଚାରକ ପ୍ରଦ୍ୟୁମ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ସୋମବାର ପଞ୍ଜାବ ଯାତ୍ରା କରିବ। ଓଡ଼ିଶା ଉସୁ ସଂଘ ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ, ଉପସଭାପତି ଶିବାନନ୍ଦ ରାୟ ଏବଂ ଓଡ଼ିଶା କିକ୍ ବକ୍ସିଂ ସଂଘର ସାଧାରଣ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁରାଧା ଡୋରା ବିଚାରକ, ସୃଜନ କୁମାର ରଥ ଓ ପଙ୍କଜ ମହନ୍ତ କୋଚ୍ ଏବଂ ଉଦୟନାଥ ରାଉତ ଓ ବିଶାଖା ପ୍ରିୟଦର୍ଶିନୀ ମ୍ୟାନେଜର ଭାବେ ଦଳ ସହ ଯାତ୍ରା କରିବେ।



ଜାତୀୟ ଉସୁ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ।

**ଓଡ଼ିଶା ଦଳ :** ସାନ୍‌ଶୋଉ-ପୁରୁଷ: ପ୍ରେମ୍ ମୁଣ୍ଡା, ବାବୁଲା ମୁଣ୍ଡା, କ୍ରିଷ୍ଣା ଖଣ୍ଡାୟତ, ଅଭିଷେକ ମହାରଣା, ଜନ୍ମେଜୟ ପ୍ରଧାନ, ଶିବଦତ୍ତ ମହାକୁଡ଼, ହ୍ରିତିକ ମେହେର, ଶିବାଜୀ ମୁଣ୍ଡା, ରାଜେଶ ମୁଣ୍ଡା, ଦେବବ୍ରତ ଯାଦବ। ସାନ୍‌ସୋଉ-ମହିଳା: ସୁମିତ୍ରା ମୁଣ୍ଡା, ଅନ୍ୱେଷା ପଲେଇଆରତୀ ଗୋପେ, ରିୟା ଠାକୁର, ମନୀଷା ଗୁପ୍ତା। ତାଓଲୁ-ମହିଳା: ଶ୍ରୁତି ଶଇବାନୀ ପ୍ରଧାନ, ପାୟଲ ପଟ୍ଟନାୟକ, ନୂପୁର ପଟ୍ଟନାୟକ, ଯଶୋଦା ପୂର୍ତ୍ତୀ। ତାଓଲୁ-ପୁରୁଷ: ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ଗୌରବ ଅଗ୍ରୱାଲ, ସନ୍ତୋଷ କୁମାର ଦାସ, ସୃଜେନ ଇସଲାମ, ରାଜ କୁମାର ମୁଣ୍ଡା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୮/୨୦୨୧ Bhubaneswar, Monday, October 18/ 2021


# ଅନ୍ତର୍ଜାତୀୟ ଟି୨୦ରେ ଶକିବଙ୍କୁ ସର୍ବାଧିକ ଉଇକେଟ

**ଅଲ୍ ଅମ୍‌ରାଟ୍ (ଓମାନ), ୧୭।୧୦ (ପି.ଟି.)**

ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହସନ ରବିବାର ନୂଆ କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସେ ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର ହେବାର ଗୌରବ ପାଇଛନ୍ତି। ସ୍କଟଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଶକିବ ଏହି ସଫଳତା ହାସଲ କରିଛନ୍ତି। ସେ ଶ୍ରୀଲଙ୍କା ବୋଲର ଲସିଥ ମାଲିଙ୍ଗା (୧୦୭ ଉଇକେଟ)ଙ୍କ ରେକର୍ଡକୁ ଭଙ୍ଗ କରିଛନ୍ତି। ସ୍କଟଲାଣ୍ଡ ବିପକ୍ଷରେ ଶକିବ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୭ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ସେ ବର୍ତ୍ତମାନ ସୁଦ୍ଧା ୮୯ ଅନ୍ତର୍ଜାତୀୟ ଟି୨୦ରୁ ୧୦୮ ଉଇକେଟ ଅକ୍ତିଆର କରିଛନ୍ତି। ସେ ଆହୁରି ମଧ୍ୟ ଏହି ଫର୍ମାଟରେ ୧୦୦ରୁ ଊର୍ଦ୍ଧ୍ୱ ଉଇକେଟ ଓ ୧୦୦୦ ରନ ସଂଗ୍ରହ କରିବାରେ ଏକମାତ୍ର କ୍ରିକେଟର। ରବିବାର ସେ ପ୍ରଥମେ ରିଚି ବରିଙ୍ଗଟନଙ୍କ ଉଇକେଟ ଅକ୍ତିଆର କରି ମାଲିଙ୍ଗାଙ୍କ ରେକର୍ଡ ସମକକ୍ଷ ହୋଇଥିଲେ। ସେ ପରେ ମାଇକେଲ ଲିସ୍କଙ୍କ ଉଇକେଟ ପତନ ଘଟାଇ ତାଙ୍କୁ ଅତିକ୍ରମ କରିଯାଇଥିଲେ। ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ନ୍ୟୁଜିଲାଣ୍ଡର ଟିମ୍ ସୌଦି। ସେ ୯୯ ଉଇକେଟ ଅକ୍ତିଆର କରିଛନ୍ତି।


ଶକିବ ଅଲ୍ ହସନ

## ବାଂଲାଦେଶକୁ ହରାଇଲା ସ୍କଟଲାଣ୍ଡ

ଟି୨୦ ବିଶ୍ୱକପର ଏକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ସ୍କଟଲାଣ୍ଡ ୬ ରନରେ ବାଂଲାଦେଶକୁ ପରାସ୍ତ କରିଛି। ସ୍କଟଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୪୧ ରନ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ମୁଶ୍‌ଫିକର ରହିମ ସର୍ବାଧିକ ୩୮ ଓ ଅଧିନାୟକ ମହମୁଦୁଲ୍ଲା ୨୩ ରନ ସ୍କୋର କରିଥିଲେ। ସ୍କଟଲାଣ୍ଡ ବୋଲରଙ୍କ ମଧ୍ୟରେ ବ୍ରାଡ୍‌ଲି ହ୍ୱିଲ ୩ଟି, କ୍ରିସ୍ ଗ୍ରେଭ୍ସ ୨ଟି, ଜୋଶ୍ ଡାଭେ ଓ ମାର୍କ ୱାଟ୍‌ଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟଲାଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୪୦ ରନ କରିଥିଲା। ଦଳ ପକ୍ଷରୁ କ୍ରିସ୍ ଗ୍ରେଭ୍ସ ୨୮ ବଲ୍‌ରୁ ସର୍ବାଧିକ ୪୫(୪ ଚୌକା, ୨ ଛକା), ଜର୍ଜ ମୁନ୍‌ସେ ୨୯ ଓ ମାର୍କ ୱାଟ୍‌ଟ ୨୨ ରନ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ମେହଦି ହାସନ ୩ଟି, ମୁସ୍ତାଫିଜୁର ରହମାନ ଓ ଶକିବ ଅଲ ହସନ ୨ଟି ଲେଖାଏ ଏବଂ ତାସକିନ ଅହମଦ ଓ ମହମ୍ମଦ ସୈଫୁଦ୍ଦିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ ୨୦ ଓଭରରେ ୧୪୦/୯(କ୍ରିସ୍ ଗ୍ରେଭ୍ସ-୪୫, ମେହଦି ହାସନ-୩/୧୯, ମୁସ୍ତାଫିଜୁର ରହମନ-୨/୩୨, ଶକିବ ଅଲ୍ ହସନ-୨/୧୭, ତାସକିନ ଅହମଦ-୧/୨୮, ମହମ୍ମଦ ସୈଫୁଦ୍ଦିନ-୧/୩୦)। ବାଂଲାଦେଶ ୨୦ ଓଭରରେ ୧୩୪/୭ (ମୁଶ୍‌ଫିକର ରହିମ-୩୮, ମହମୁଦୁଲ୍ଲା-୨୩, ବ୍ରାଡ୍‌ଲି ହ୍ୱିଲ-୩/୨୪, କ୍ରିସ୍ ଗ୍ରେଭ୍ସ-୨/୧୯, ଜୋଶ୍ ଡାଭେ-୧/୨୪, ମାର୍କ ୱାଟ୍‌ଟ-୧/୧୯)।

## ଓମାନର ସହଜ ବିଜୟ

**ଅଲ ଆମର୍ଟ (ଓମାନ), ୧୭।୧୦ (ପି.ଟି.)**

ରବିବାରଠାରୁ ଟି୨୦ କ୍ରିକେଟ ବିଶ୍ୱକପ୍ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡ ଗ୍ରୁପ୍ ବି' ମ୍ୟାଚରେ ଓମାନ ୧୦ ଉଇକେଟରେ ପାପୁଆ ନ୍ୟୁ ଗିନି (ପିଏନ୍‌ଜି) କୁ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାପୁଆ ନ୍ୟୁ ଗିନି ୨୦ ଓଭରରେ ୯ ଉଇକେଟ ହରାଇ ୧୨୯ ରନ୍ କରିଥିଲା। ଜବାବରେ ଓମାନ ୧୩.୪ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ଜିଶାନ ମକ୍‌ସୁଦ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାପୁଆ ନ୍ୟୁ ଗିନି : ୨୦ ଓଭରରେ ୧୨୯/୯ (ଅସାଦ ଭାଲା-୫୬, ଚାର୍ଲ୍ସ ଅମିନି-୩୭ ; ଜିଶାନ ମକସୁଦ୍-୪/୨୦)। ଓମାନ: ୧୩.୪ ଓଭରରେ ୧୩୧/୦ (ଯତିନ୍ଦର ସିଂ-୭୩*, ଆକ୍ୱିବ ଇଲିଆସ-୫୦*)।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ





## ସଂକ୍ଷେପରେ

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜଙ୍ଗଲରୁ ମିଳିଲା

**ଓଡ଼ଗାଁ,୧୭।୧୦ (ସ୍ୱ.ପ୍ର.):** ଆଦର୍ଶ ଥାନା ଓ ଏନଏସି ଅଧୀନ ଦଲକ ସାହିରୁ ଶନିବାର ସନ୍ଧ୍ୟାରୁ ନିଖୋଜ ବଳରାମ ନାୟକ(୫୫)ଙ୍କ ମୃତଦେହ ନିକଟସ୍ଥ କୁମ୍ଭିଆପଲ୍ଲୀ ଜଙ୍ଗଲରୁ ପୋଲିସ ଜବତ କରିଛି । ରବିବାର ସକାଳେ ବଳରାମଙ୍କ ମୃତଦେହ କୁମ୍ଭିଆପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ସଜନା ଗଛରେ ଝୁଲୁଥିବା ସୂଚନା ମିଳିଥିଲା । ଏନେଇ ପରିବାର ତରଫରୁ ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ତାଙ୍କୁ ହତ୍ୟା କରିବା ପରେ ଗଛରେ ଟାଙ୍ଗି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ଅଧିକାରୀ ସତ୍ୟ କୁମାର ପରିଡା କହିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ଚାରା ରୋପଣ



**ଖଣ୍ଡପଡ଼ା,୧୭।୧୦(ସ୍ୱ.ପ୍ର.):** ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନରେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ସ୍ଥାନୀୟ ଅଞ୍ଚଳର ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ବିଶ୍ୱାବସୁ ଶବରଗଡ ବାସସ୍ଥଳୀ ଭାପୁର ବ୍ଲକ ଅଧୀନ ଧାନଚେଙ୍ଗଡା ପଞ୍ଚାୟତ କାଳିଆପଲ୍ଲୀରେ ବୃକ୍ଷରୋପଣ କରିଛନ୍ତି । ଗଛସାର ଶନିବାର କାଳିଆପଲ୍ଲୀ ଗ୍ରାମରେ ପହଁଚି ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସ୍ୱର୍ଣ୍ଣଚମ୍ପା, ପଣସ ସହ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କାଳିଆପଲ୍ଲୀ ଗ୍ରାମବାସୀଙ୍କ ସମେତ କଣ୍ଟିଲୋର କଂସା ପିତଳ କାରିଗର ଅଖିଳ କୁମାର ମହାପାତ୍ର, ରାଜମିସ୍ତ୍ରୀ ଗୌରାଙ୍ଗ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# କାଗଜ କଲମରେ ମାଡୁଛି ପାଣି

**ନୟାଗଡ଼ ଅଫିସ,୧୭।୧୦**

- ଅଚଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନାହିଁ
- ୧୨୨୮ରୁ ୪୧୮ ଗଭୀର ଉଠା ଜଳସେଚନ ପ୍ରକଳ୍ପ ଅଚଳ

ନୟାଗଡ଼ ଜିଲାରେ ଗଭୀର ଉଠା ଜଳସେଚନ ପ୍ରକଳ୍ପ ସଂଖ୍ୟା ପ୍ରତିବର୍ଷ ବଢ଼ି ଚାଲିଛି । ହେଲେ ଅଚଳ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଚାଷ ପାଇଁ ସେମାନେ ପୂର୍ବ ପରି ହଇରାଣ ହେଉଛନ୍ତି। କିନ୍ତୁ ସରକାରୀ ରେକର୍ଡକୁ ଅନୁଧାନ କଲେ କାଗଜ କଲମରେ ଜମିରେ ପାଣି ମାଡୁଛି। ଜିଲାରେ ୧୨୨୮ ପ୍ରକଳ୍ପରୁ ୪୧୮ ପ୍ରକଳ୍ପ ଅଚଳ ବୋଲି ସରକାରୀ ଭାବେ କୁହାଯାଉଛି। କିନ୍ତୁ ବେସରକାରୀ ଭାବେ ଏହାର ସଂଖ୍ୟା ଦୁଇଗୁଣା ହେବ ବୋଲି ଅଭିଯୋଗ ହୋଇଛି ।

ଜିଲାରେ ୧୨୨୮ ଗଭୀର ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୬୧୪୦ ହେକ୍ଟର ଜମି ଜଳସେଚିତ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରୁ ବିଦ୍ୟୁତ୍ ଚାଳିତ ୧୨୦୩ ପ୍ରକଳ୍ପ ଦ୍ୱାରା ୬୦୧୫ ହେକ୍ଟର ଓ ୨୫ ସୋଲାର ପ୍ରକଳ୍ପ ଦ୍ୱାରା ୧୨୫ ହେକ୍ଟର ଜମି ଜଳସେଚିତ ହେବାର ଥିଲା । କିନ୍ତୁ ଜିଲାରେ ୪୧୮ ବିଦ୍ୟୁତ୍ ଚାଳିତ ପ୍ରକଳ୍ପ ଅଚଳ ହୋଇ ପଡିଛି ବୋଲି ସରକାରୀ ଭାବେ କୁହାଯାଉଛି । ଏଣୁ ୨୦୯୦ ହେକ୍ଟର ଜମିରେ ଜଳସେଚିତ ହୋଇ ପାରୁ ନ ଥିବା ଦର୍ଶାଯାଉଛି । ଏବେ ଜିଲାରେ ୮୧୦ ପ୍ରକଳ୍ପ ଦ୍ୱାରା ୪୦୫୦ ହେକ୍ଟର ଜମି ଜଳସେଚିତ ହେଉଛି। ଏନେଇ ଗଣିଆର ଚାଷୀ ଉଦ୍ଧବ ପ୍ରଧାନ କୁହନ୍ତି , ଜିଲାରେ କେତେ ପ୍ରକଳ୍ପ ସଚଳ, କେତେ ପ୍ରକଳ୍ପ ଅଚଳ ଚାଷୀମାନେ ଜାଣି ପାରୁନାହାନ୍ତି। ଏପରି କି ନିଜ ପ୍ରକଳ୍ପ ଅଚଳ ଥାଇବି ସଚଳ ଦର୍ଶାଯାଉଛି । କେତେବେଳେ ଅଚଳ ଦେଖାଇ ପୁନରୁଦ୍ଧାର କରାଯାଉଛି। ସବୁ କାଗଜପତ୍ରରେ ଚାଲିଛି । ଚାଷୀ ବଡ଼ କଷ୍ଟରେ ନିଜ ଖର୍ଚ୍ଚରେ ଜମିକୁ ପାଣି ମଡାଇ ଫସଲ କରୁଛି । କିନ୍ତୁ ଚାଷୀଙ୍କ କଷ୍ଟକୁ କେହି ବୁଝୁନାହାନ୍ତି ।

**ଖନନ ପ୍ରକଳ୍ପ ୨୩୮ରୁ ୯୭ ବିଫଳ**

ନୟାଗଡ଼ ଜିଲାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୪୦୦ ଗଭୀର ନଳକୂପ ସ୍ଥାପନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଥିରୁ ୩୯୫ ଜଣ ଚାଷୀ ଗଭୀର ନଳକୂପ ଖନନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଭାପୁର ବ୍ଲକରେ ୧୫, ଗଣିଆ ବ୍ଲକରେ ୩, ଖଣ୍ଡପଡା ବ୍ଲକରେ ୨୧, ନୂଆଗାଁ ବ୍ଲକରେ ୮୧, ନୟାଗଡ଼ ବ୍ଲକ ୧୧, ଓଡ଼ଗାଁ ବ୍ଲକ ୫୯, ରଣପୁର ବ୍ଲକରେ ୪୮ ଏପରି ମୋଟ୍ ୨୩୮ ଗଭୀର ନଳକୂପ ଖନନ ହୋଇଥିଲା । କିନ୍ତୁ ଏଥିରୁ ଭାପୁର ବ୍ଲକ୍‌ରେ ୧୧, ଗଣିଆ ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ ୨୧, ନୂଆଗାଁ ବ୍ଲକରେ ୩୭, ନୟାଗଡ଼ ବ୍ଲକରେ ୮, ଓଡ଼ଗାଁ ବ୍ଲକରେ ୭, ରଣପୁର ବ୍ଲକରେ ୧୦ ଏପରି ୯୭ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅବଶିଷ୍ଟ ୧୪୧ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ଏହା କେତେଦୂର ଚାଷୀଙ୍କ କାମରେ ଲାଗୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ୨୦୨୧-୨୨ ଆର୍ଥିକ ବର୍ଷରେ ଦଶପଲ୍ଲା ବ୍ଲକରେ ୪ଜଣ ଚାଷୀଙ୍କ ଆବେଦନ ପତ୍ର କାଏମ ରହିଥିଲେ ହେଁ କାହାର ଜମିରେ ଗଭୀର ନଳକୂପ ଖନନ ହୋଇ ନ ଥିବା ଜଣାପଡିଛି । ଏନେଇ ନୟାଗଡ଼ ଚାଷୀ ରାମଚନ୍ଦ୍ର ଦଳବେହେରା କୁହନ୍ତି, ଗଭୀର ନଳକୂପ ଖନନ ସମୟରେ ଅଧିକାଂଶ ସଫଳ ହୋଇପାରୁନାହିଁ। ପୁଣି ନୂଆ ପ୍ରକଳ୍ପ ୧ରୁ ଦେଢ଼ ମାସ ଚାଲିବା ପରେ ଜମିରେ ଜଳ ମାଡୁନାହିଁ । ବିଦ୍ୟୁତ୍ ହେଉକି ସୋଲାର ଜିଲାରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଅଚଳ ହୋଇ ପଡିଛି । ସରକାର ଏହାର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ଦେଉଛନ୍ତି । ହେଲ ଚାଷୀ ଏହା ଜାଣି ପାରୁନାହିଁ । ସେହିପରି ନିଜର ପ୍ରକଳ୍ପ ଅଚଳ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେ କହିଛନ୍ତି। ଏ ନେଇ ଉଠା ଜଳସେଚନ ଖଣ୍ଡ ନୟାଗଡ଼ର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ଦାସ କୁହନ୍ତି, ବିଭାଗ ପକ୍ଷରୁ ଚାଷୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି । ଜିଲାରେ ୪୧୮ ଗଭୀର ନଳକୂପ ଅଚଳ ହୋଇ ରହିଛି । ଏହାର ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟାୟ କ୍ରମେ ହେଉଛି ।

## ଗ୍ୟାସ୍ ଗୋଦାମ, ଅଫିସରେ ଭଙ୍ଗାରୁଜା

**ଓଡ଼ଗାଁ,୧୭।୧୦(ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ଅଧୀନ ରୋହିବାଙ୍କ ହିନ୍ଦୁସ୍ଥାନ ଗ୍ୟାସ ବିତରଣ ସଂସ୍ଥା ଚନ୍ଦ୍ରମା ଗ୍ୟାସ ଗୋଦାମ ଓ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା ହେବା ସହିତ ଚୋରି ଉଦ୍ୟମ ହୋଇଛି । ଶନିବାର ରାତିରେ କେହି ଦୁର୍ବୃତ୍ତ ଗୋଦାମ ସାମ୍ନାରେ ଠିଆ ହୋଇଥିବା ଗାଡ଼ିକୁ ଭାଙ୍ଗାରୁଜା କରିବା ପରେ ସେଥିରୁ ରେଞ୍ଚ୍, ପ୍ଲାସ୍ ବାହାର କରିଥିଲେ । ଏହାପରେ ସମ୍ପୃକ୍ତ ଯୁବକ ନିଜେ ଆଣିଥିବା ଲୁହା ରଡରେ ଗୋଦାମ ଘର ଖୋଲିବାରେ ସଫଳ ହୋଇଥିଲେ । ଏହାପରେ ସମ୍ପୃକ୍ତ ଯୁବକ ଗୋଦାମ ଘରେ ବ୍ୟାପକ ଭଙ୍ଗାରୁଜା କରିଥିଲେ । ଏପରି କି ସେ ଗ୍ୟାସ ବିତରଣ କାର୍ଯ୍ୟାଳୟ ତାଲା ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହୋଇଥିବା ସିସି କ୍ୟାମେରାରୁ ଜଣାପଡିଛି । ଏଥି ସହିତ ସେହି ଯୁବକ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ବୋଲି ସିସିଟିଭିରୁ ସ୍ପଷ୍ଟ ହେଇଛି । ପୋଲିସ ତଦନ୍ତ ଜାରି ରଖିଛି ।

## ୨ କାର୍ ମୁହାଁମୁହିଁ ଧକ୍କା, ୪ ଆହତ

**କାଶୀନଗର,୧୭।୧୦(ଡି.ଏନ.ଏ.)**

କାଶୀନଗର ଥାନା ଅନ୍ତର୍ଗତ ସିଆଳି ଗ୍ରାମଠାରେ ୪ ନଂ. ରାଜ୍ୟ ରାଜପଥରେ ୨ କାର ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଜଣେ ବୟସ୍କ ମହିଳା, ଜଣେ ଯୁବତୀ ଗୁରୁତର ଥିବାରୁ ଗୁଣପୁର ସବଡିଭିଜନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ରାୟଗଡ଼ାର ଗୋଟିଏ ପରିବାର ଦଶହରା ଭ୍ରମଣ କରି ଫେରୁଥିଲେ। ଅପରପକ୍ଷରେ ପାରଳାଖେମୁଣ୍ଡିର କାର ସହ ସିଆଳିର ବାଙ୍କ ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା ।

## ରାଜପଥରେ ଗଞ୍ଜେଇ କାରବାର

**ନୟାଗଡ଼ ଅଫିସ,୧୭।୧୦**

ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଗଞ୍ଜେଇ ବ୍ୟବସାୟୀଙ୍କ ପାଇଁ ନିରାପଦ ରାସ୍ତା ପାଲଟିଛି । ଯାଞ୍ଚ ଓ ଧରପଗଡ଼ ହେଉ ନ ଥିବାରୁ ବିଭିନ୍ନ ସମୟରେ ଗଞ୍ଜେଇ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟକୁ ଅବାଧରେ ଚଳାଇ ଆସୁଛନ୍ତି । ନୟାଗଡ଼ ଟାଉନ, ସଦର, ନୂଆଗାଁ ଥାନା ପୋଲିସ ବିଭିନ୍ନ ସମୟରେ ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଛି । ଅନ୍ୟପକ୍ଷେ ବାଇକ୍ ଓ ଏକ୍ସପ୍ରେସ ବସରେ ମଧ ଗଞ୍ଜେଇ ଆସୁଛି । ବସର କର୍ମଚାରୀ ଏହି ଚୋରା ବ୍ୟବସାୟରେ ସହଯୋଗ କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି । ଧରା ପଡିଲେ ବସ କର୍ତ୍ତୃପକ୍ଷ କିଏ ଗଞ୍ଜେଇ ଆଣୁଥିଲା ଜାଣି ନାହାନ୍ତି କହିଛନ୍ତି । ଜଣେ ଗଞ୍ଜେଇ ବ୍ୟବସାୟୀ କୁହନ୍ତି , ଆମକୁ ଟ୍ରେନ ଯୋଗେ ଗଞ୍ଜେଇ ନେବା ସୁବିଧା। ତେବେ ଟ୍ରେନରେ ଏବେ ଧରପଗଡ ଚାଲିଥିବାରୁ ଏକ୍ସପ୍ରେସ ବସରେ ନେଉଛୁ । କେହି ଯିବାକୁ ପଡୁନି । ବସ୍ କର୍ମଚାରୀଙ୍କ ସହଯୋଗ ହେତୁ କାରବାର ଭଲରେ ଚାଲିଛି । ଧରା ପଡିଲେ ମଧ ବସ କର୍ମଚାରୀଙ୍କର ଅସୁବିଧା ହେଉ ନାହିଁ। ତେବେ ମୋଟା ଅଙ୍କର ଗଞ୍ଜେଇ ଯିବାକୁ ହେଲେ କାର ଦରକାର । ଆମେ ବାଟରେ ପଡୁଥିବା ପୋଲିସ, ଅବକାରୀ ବିଭାଗର କର୍ମଚାରୀଙ୍କୁ ଖୁସ୍ କରିବାକୁ ପଡୁଛି । ସେମାନେ କିଛି ନ ଜଣିଲା ପରି ଚୁପ ରହୁନ୍ତି ।

### ୨୧ କେଜି ଗଞ୍ଜେଇ ସହ କାର ଜବତ

**ନୟାଗଡ଼ ଅଫିସ,୧୭।୧୦**

ନୟାଗଡ଼ ସଦର ଅବକାରୀ ବିଭାଗ ପକ୍ଷରୁ ଦଶପଲ୍ଲା କୁଆଁରିଆ ହୋଟେଲ ନିକଟରୁ କାର ସହ ୨୧ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ବ୍ୟବସାୟୀ ନୟାଗଡ଼ ଟାଉନ ଥାନା ଡିଆଁପଡା ଗାଁର ରାଜେଶ ବାହିନିପତି(୩୧)ଙ୍କୁ ଗିରଫ କରାଯାଇଛି । ଗଞ୍ଜେଇ ଫୁଲବାଣୀରୁ ଓଆର୦୫ଏଚ ୦୪୧୪ ନଂ କାରରେ ଆସୁଥିଲା । ଖବର ପାଇ ଅବକାରୀ ବିଭାଗର କର୍ମଚାରୀ ଚଢ଼ାଉ କରିଥିଲେ । ଏନେଇ ଏକ ମାମଲା (ନଂ.୯୧/୨୧) ରୁଜୁ ହୋଇ ତଦନ୍ତ ଜାରି ରହିଛି ।

## ଭାଜପା କର୍ମୀ ବିଜେଡିରେ ସାମିଲ

**ନୟାଗଡ଼ ଅଫିସ,୧୭।୧୦**

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତରେ ଭାଜପା କର୍ମୀ ରବିବାର ବିଜେଡିରେ ସାମିଲ ହୋଇଛନ୍ତି । ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ଇଟାମାଟି ବଣିକ ସଂଘ ସଭାପତି କିଶୋର ଚନ୍ଦ୍ର ନାୟକ, ସାମାଜିକ କର୍ମୀ ମାନସ କୁମାର ସାହୁଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି । ଏହି ମିଶ୍ରଣ ପର୍ବରେ ନୟାଗଡ଼ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ପୂର୍ବତନ ସରପଞ୍ଚ ଶ୍ରବଣ ରାମ ଉପସ୍ଥିତ ଥିଲେ ।




ଅସ୍ୱୀକରଣ : *ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ବିଚାରାଧିନ ଅଟେ । ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916. HDFC2211-21 Odi


## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ବୁଗୁଡ଼ା,୧୭।୧୦ (ଡି.ଏନ୍.ଏ.)**

ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ହରିରଣପୁର ଗାଁ ବନ୍ଧ ପାଖ ନାଳ କଡରେ ଖୋଲାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର । ଏହି ଟ୍ରାନ୍ସଫର୍ମର ଯୋଗୁ ବର୍ଷା ହେଲେ ଗଛରେ ବିଦ୍ୟୁତ୍ ପ୍ରବାହ ହେଉଛି। ସେହି ପାଖ ଦେଇ ଗୋରୁ ଏବଂ ଲୋକେ ଯାତାୟାତ ହେଉଥିବା ବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ସେ ନେଇ ଆଶଙ୍କା ରହିଛି।

## ଡକାୟତି ଯୋଜନା ବେଳେ ଜଣେ ଗିରଫ



ଗିରଫ ଡକାୟତ ଭକ୍ତି ଡାକୁଆ ।

**ଓଡ଼ଗାଁ,୧୭।୧୦(ସ୍ୱ.ପ୍ର.)**

ଶନିବାର ରାତିରେ ଡକାୟତି ଯୋଜନା ବେଳେ ପୋଲିସ ଜଣଙ୍କୁ ଗିରଫ କରିଛି। ଏହି ଘଟଣାର ମୁଖ୍ୟ କୁହାଯାଉଥିବା ଶଙ୍କର ସାହୁ(୨୫) ଫେରାର ହୋଇଯାଇଛନ୍ତି। ପୋଲିସ ତନାଘନା ଜାରି ରଖିଛି । ସୂଚନା ଅନୁଯାୟୀ, ଓଡ଼ଗାଁ ଏନଏସି ଦ୍ୱାରା ନିର୍ମାଣ କରାଯାଇଥିବା ମଳ ଅମଳ ପ୍ରକଳ୍ପ ନିକଟସ୍ଥ ଜଙ୍ଗଲରେ ଶଙ୍କର ସହଯୋଗୀ ଭକ୍ତି ଡାକୁଆ (୨୪)ଙ୍କ ସହିତ ଏକ ବଡ ଧରଣର ଡକାୟତ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। କୌଣସି ସୂତ୍ରରୁ ପୋଲିସ ଏ ସଂକ୍ରାନ୍ତରେ ସୂଚନା ପାଇ ଶନିବାର ରାତିରେ ସେଠାରେ ଅଚାନକ ଚଢାଉ କରିଥିଲା । ହେଲେ ଘଟଣାସ୍ଥଳରୁ ଶଙ୍କର ଫେରାର ହୋଇଯାଇଥିବା ବେଳେ ପୋଲିସ ଭକ୍ତିଙ୍କୁ ଗିରଫ କରିଛି । ତାଙ୍କ ପାଖରୁ ଗୋଟିଏ ଖଣ୍ଡା ଓ ଭୁଜାଲି ସହିତ ଏକ ବାଇକ୍(ନଂ.ଓଡି ୦୫ଜେ ୦୮୭୭)ଜବତ କରାଯାଇଛି । ଏନେଇ ଏକ ମାମଲା(ନଂ.୧୧୨/୨୧) ରୁଜୁ ହୋଇଛି। ଭକ୍ତିଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଫେରାର ଓ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ୧୨୦ ମାମଲା ରହିଛି ।




Test drive today | Call 1800 102 1800 | www.marutisuzuki.com/swift | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

TUSHI MOTORS — CUTTACK: 9078076450.

JYOTE MOTORS — BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950.

NARAYANI MOTORS — BHUBANESHWAR: 9583022019, 9583022012, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381093626. PARADEEP: 9583022034/48.

SKY AUTOMOBILES — BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. NARSHINGPUR: 9776645725. KAMAKHYANAGAR: 9776645725. JAJPUR: 9776900777. SALEPUR: 9583544555. CHANDIKHOL: 9583544555.

ODYSSEY MOTORS — ANGUL: 7752076136. 9776901481. PALLAHARA: 7873565435. 9437831123.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7% is provided by Bank of Baroda. 100% on-road funding is provided by select financiers only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st October, 2021.

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

**ଜି.ଉଦୟଗିରି,୧୭।୧୦(ଡି.ଏନ.ଏ.):** ଜି.ଉଦୟଗିରି ବରାଳିନୀ ମାର୍କେଟ ଗଜଲକ୍ଷ୍ମୀ ପୂଜା ମଣ୍ଡପ ତରଫରୁ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି ଶିବରାମ ପାତ୍ର, ସମ୍ପାଦକ ଜବାହରଲାଲ ପରିଛାଙ୍କ ସହିତ ଅରୁଣ କୁମାର ଷଡ଼ଙ୍ଗୀ, ରାଜୁ ନାୟକ, କୈଳାଶ ରଥ, ଜଗନ୍ନାଥ ନାୟକ, ଶେଖର ପରିଛା, ଅଶୋକ କୁମାର ପାଢ଼ୀ, ଟୁନିଆ କହଁରଙ୍କ ସହିତ ପୁରୋହିତ ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ କୁମାର ଆଚାର୍ଯ୍ୟ, କର୍ତ୍ତା ଦଣ୍ଡପାଣି ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। କରୋନା ମହାମାରୀ ପାଇଁ ବିଗତ ଦୁଇ ବର୍ଷ ହେଲା କରୋନା କଟକଣା ମଧ୍ୟରେ ବିନା ଭକ୍ତରେ କେବଳ ରିତିନୀତି ସମ୍ପୂର୍ଣ୍ଣ ହେଉଥିବା ବେଳେ ଚଳିତ ବର୍ଷ ମଧ କଟକଣାରେ ଅନୁଷ୍ଠିତ ହେବ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ରମ୍ଭା,୧୭।୧୦:** ୧୯୮୦-୮୩ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ବନ୍ଧୁ ମିଳନ ଓ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟ ସାବୁଳିୟା ସଭାଗୃହ ପରିସରରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ବିବରଣୀ ପଠନ କରିଥିଲେ କୃଷ୍ଣଚନ୍ଦ୍ର ମହାରଣା। ବିଜୟ ଚନ୍ଦ୍ର ଦାସ, ଲକ୍ଷ୍ମୀକାନ୍ତ ସାହୁ, ଲକ୍ଷ୍ମୀଧର ପ୍ରହରାଜ, ବିଶ୍ୱନାଥ ଦାସ, ମଙ୍ଗୁଳି ଚରଣ ଜେନା, ବିପିନ ପଲାଇ, ପୀତବାସ ସାହୁ, ସନ୍ୟାସୀ ଲେଙ୍କା ଓ ବିଜୟ କୁମାର ଦାସଙ୍କ ସେମତେ ଖବରତାମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଦେବେନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲ କୁମାର ଦାସ, ବିଜୟ କୁମାର ବାରିକ, ଦିଲ୍ଲୀପ କୁମାର ସେନାପତି, ସଞ୍ଜୟ କୁମାର ଜେନା, ପି ଶ୍ରୀନିବାସ ରାଓ, ଯୁଧିଷ୍ଠିର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

### ପୂଜା ପାଇବେ ଉଦ୍ଧାର ପିତଳ ନାଗ ମୂର୍ତ୍ତି

**ଗଞ୍ଜାମ,୧୭।୧୦(ଡି.ଏନ୍.ଏ.):** ଗଞ୍ଜାମ ସହରସ୍ଥିତ ଐତିହାସିକ ପୋତାଗଡ଼ ଦୁର୍ଗ ନିକଟରୁ ଗତ ମଙ୍ଗଳବାର ସପ୍ତଫେଣୀ ନାଗ ଦେବତାଙ୍କ ପ୍ରାଚୀନ ପିତଳ ମୂର୍ତ୍ତି ଉଦ୍ଧାର ହୋଇଥିଲା। ଉକ୍ତ ମୂର୍ତ୍ତିକୁ ବାବା କାଶୀବିଶ୍ୱନାଥ ମନ୍ଦିରକୁ ନିଆଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇଛି। ସୁରିଆ ପ୍ରଧାନ, କାହ୍ନୁ ତରାଇ ପ୍ରମୁଖ ଉକ୍ତ ମୂର୍ତ୍ତିକୁ ଦେଖି ପୋତାଗଡ଼ ଉନ୍ନତୀକରଣ କାର୍ଯ୍ୟରେ ନିୟୋଜିତ ସୁଧୀର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସଙ୍କୁ ଖବର ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ, ବିଡିଓ ବିଶ୍ୱଜିତ ରୟ ପ୍ରମୁଖ ପୋତାଗଡ଼ ଯାଇ ଉଦ୍ଧାର ମୂର୍ତ୍ତି ଘଟଣା ଅନୁଧାନ କରିଥିଲେ। ମୂର୍ତ୍ତି ପୂଜାର୍ଚ୍ଚନା ବେଳେ ଯୁବ ସ୍ୱେଚ୍ଛାସେବୀ ସୁଧୀର ପାଢ଼ୀଙ୍କ ସମେତ ପୂଜକ ବଟକୃଷ୍ଣ ରାଉଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ସହର ମୁଖ୍ୟ ରାସ୍ତାରେ ଗୋରୁ



**ଗଞ୍ଜାମ,୧୭।୧୦(ଡି.ଏନ.ଏ.):** ଗଞ୍ଜାମ ସହର ମୁଖ୍ୟ ରାସ୍ତାରେ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତ୍ରିବେଣୀ ମଠ ଛକ, ବଡ଼ ବଜାର, ଓଡ଼ିଆ ସାନ ବଜାରଠାରେ ଶହ ଶହ ସଂଖ୍ୟାରେ ଗୋରୁ ରହୁଥିବା ଯୋଗୁ ଯାତାୟାତରେ ବାଧା ଉପୁଜୁଛି। ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଛି। ବାରମ୍ବାର ଏନ୍ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଉଛି। ଏଥିପ୍ରତି ଜିଲା ପ୍ରଶାସନ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

### ଟିକାକରଣ ସଚେତନତା

**ଜି.ଉଦୟଗିରି,୧୭।୧୦(ଡି.ଏନ.ଏ.):** ଗିଭ୍ ଏଣ୍ଡିଆ, ଲେବୋର୍ନେଟ, ସମ୍ଭବ ଫାଉଣ୍ଡେଶନ ଏବଂ ଗାଲାକ୍ସି କମ୍ପ୍ୟୁଟର ଏଜୁକେଶନ ତରଫରୁ କରୋନାକୁ ପ୍ରତିହତ ଲକ୍ଷ୍ୟରେ ଟିକାକରଣକୁ ସଫଳ କରିବାକୁ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନ କାର୍ଯ୍ୟକ୍ରମ ହାତକୁ ନେଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ମାଲିକ ପଡି, କଲିଗାଂ, କଟିଗିଂଆ, ଲିଗାଂଗଡ଼ ଆଦି ପଞ୍ଚାୟତରେ ଲୋକଙ୍କୁ ମାସ୍କ ବଣ୍ଟନ କରିବା ସହିତ ଟିକାକରଣ ପାଇଁ ସଚେତନ କରିବା ସହିତ ସେମାନଙ୍କ ରେଜିଷ୍ଟ୍ରେଶନ କରିବା ଭଳି କାମ କରାଯାଉଛି। ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ବିଶ୍ୱନାଥ ନାୟକ, ଶ୍ରୀକାନ୍ତ ନାୟକ, ସିଂହସା ନାୟକ, ମହେଶ କୁମାର ପ୍ରମୁଖ ଯୋଗଦେଇ ସଚେତନ କରିଥିଲେ।

# ଖତ ଖାଉଛି ବିଜୁ ଗାଁ ଗାଡ଼ି

**ପାରଳାଖେମୁଣ୍ଡି,୧୭।୧୦(ଡି.ଏନ୍.ଏ.)**

ମୋହନା ବ୍ଲକ ଦୁର୍ଗମ ଅଞ୍ଚଳରେ ଖତ ଖାଉଛି ବିଜୁ ଗାଁ ଗାଡ଼ି। ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କର ଗମନାଗମନର ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ କରାଯାଇଥିଲା। କିନ୍ତୁ ଗାଁରୁ ଜିଲାର ବିଭିନ୍ନ ସହରକୁ ଗାଡ଼ିର ସୁବିଧା ନ ଥିବାରୁ ଲୋକେ ଚାଲି ଚାଲି ବ୍ଲକ, ସହରକୁ ସରକାରୀ ଓ ବେସରକାରୀ କାମରେ ଆସୁଥିଲେ। କୌଣସି ରୋଗୀଙ୍କୁ ମେଡ଼ିକାଲ ଆଣିବାକୁ ହେଲେ ଚାଲି ଚାଲି ୬ରୁ ୮କିମି ଆସି ବସ୍‌ରେ ଆସୁଥିଲେ। ତା'ପରେ ଜିପ୍ ଓ କମାଣ୍ଡର୍ ଗାଡ଼ିରେ ଲୋକେ ବସି ଆସୁଥିଲେ। ଅନେକ ସମୟରେ ଗାଡ଼ିଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ମଧ୍ୟ ରହିଛି। ଏସବୁକୁ ଦୃଷ୍ଟିରେ ରଖି ଦୁର୍ଗମ ଅଞ୍ଚଳରେ ରାଜ୍ୟ ସରକାର ବିଜୁବାବୁଙ୍କ ନାମରେ ବିଜୁ ଗାଁ ଗାଡ଼ିର ବ୍ୟବସ୍ଥା କରିଥିଲେ। ସେହି ଗାଡ଼ିଗୁଡ଼ିକ ମହିଳା ଗ୍ରୁପ ଦ୍ୱାରା ପରିଚାଳିତ ହେଉଥିଲା। ଫଳରେ ମହିଳା ଗୋଷ୍ଠୀଗୁଡ଼ିକ ମଧ୍ୟ ଦୁଇ ପଇସା ରୋଜଗାର କରି ଲାଭବାନ ହେଉଥିଲେ। ବସ୍‌ଗୁଡ଼ିକ ଭଲରେ ଦୁଇବର୍ଷ ରାସ୍ତାରେ ଚଳପ୍ରଚଳ ହେଲା। ତା'ପରେ ଧୀରେ ଧୀରେ ଗାଡ଼ିଗୁଡ଼ିକ



ଅଚଳ ହୋଇ ପଡିଥିବା ବିଜୁ ଗାଁ ଗାଡି।

ବ୍ଲକ ପ୍ରଶାସନର ଅହେଳା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁ ମୋହନା ବ୍ଲକରେ ଦୁଇଟି ଗାଡ଼ି ଦୀର୍ଘ ବର୍ଷ ପଡି ରହି ଖତ ଖାଉଛି। ଗାଡ଼ିର ଚତୁଃପାର୍ଶ୍ୱରେ ଗଛ ଉଠିଲାଣି। ଗାଡ଼ିରେ କଳଙ୍କି ମଧ ଲାଗିଲାଣି। ମୋହନା ବ୍ଲକରେ ଆଉ ଯେଉଁ ଦୁଇଟି ଗାଡ଼ି ଗଡୁଛି ତାହାକୁ ମଧ ତିନି ବର୍ଷ ବିତିଲାଣି କିନ୍ତୁ ମରାମତି ଖର୍ଚ୍ଚ ବହନ କରୁନାହାନ୍ତି ବ୍ଲକ ମଙ୍ଗଳ ଅଧିକାରୀ। ଗାଡ଼ି ବୁଝୁଥିବା ମହିଳା ମଣ୍ଡଳ ଏବେ ଋଣ ଗ୍ରସ୍ତ ହୋଇ ଚିନ୍ତାରେ ପଡ଼ିଛନ୍ତି। ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ପକ୍ଷରୁ ଏ ସମ୍ପର୍କରେ ବାରମ୍ବାର ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁର୍ଗମ ଅଞ୍ଚଳରେ ପୁଣି ଗାଡ଼ି ଗଡ଼ିବାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

## ଜାଗା ପାଇଁ ୨ ପରିବାରର ଗଣ୍ଡଗୋଳ, ୨ ଆହତ

**ଗୋପାଳପୁର,୧୭।୧୦(ଡି.ଏନ.ଏ.)**

ଜାଗା ପାଇଁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଶନିବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏଥିରେ ଜଣେ ମହିଳା ଓ ଜଣେ ପୁରୁଷ ଆହତ ହୋଇଛନ୍ତି। ଏହି ଥାନା ଅନ୍ତର୍ଗତ ମଦନ ମୋହନପୁର ମାଟିଆ ଗାଁରେ ଏନ.ତିରୁପତିଙ୍କ ଘର ପଛପଟେ ଥିବା ଜାଗା ନିଜର ବୋଲି କହୁଥିବା ବେଳେ ଉକ୍ତ ସାହିର ଏନ.ଚେନ୍ନାୟା ଓ ତାଙ୍କ ସମ୍ପର୍କୀୟ ଏହି ଜାଗା ଆମର ବୋଲି ଦାବି କରୁଛନ୍ତି। ଏନେଇ ପୂର୍ବରୁ ଉଭୟ ପରିବାର ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ଶନିବାର ପୁଣି ଉକ୍ତ ସ୍ଥାନକୁ ନେଇ ତିରୁପତିଙ୍କ ପରିବାର ଓ ଏନ୍.ଚେନ୍ନାୟାଙ୍କ ପରିବାର ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତିରୁପତିଙ୍କ ଏକଲା କ୍ରମେ ପୋଲିସ ନଂ. ୨୯୦/୨୧ରେ ମାମଲା ରୁଜୁ କରିଛି।

# କଲର ବେଲ୍ଟ ପ୍ରତିଯୋଗିତା



କୃତୀ ଶିକ୍ଷାର୍ଥୀଙ୍କ ସହ ଅତିଥିମାନେ ।

**ଛତ୍ରପୁର,୧୭।୧୦(ଡି.ଏନ୍.ଏ.)**

ଛତ୍ରପୁରସ୍ଥିତ କେଏମ୍‌ପି ସ୍ପୋର୍ଟସ ଏକା ପକ୍ଷରୁ ୨୪ତମ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ମୁଖ୍ୟ କେ. ମନୋଜ ପ୍ରଧାନଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଟାଏକୋଣ୍ଡୋ ସଭାପତି ମନମୋହନ ଭଞ୍ଜ, ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି, ମହିଳା ଟାଏକୋଣ୍ଡୋ କମିଶନର ଡ. ଅନୀତା ମିଶ୍ର ଓ ଛତ୍ରପୁର ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆତ୍ମରକ୍ଷା କୌଶଳ ଶିକ୍ଷା ପାଇଁ ସମସ୍ତେ ଉଦ୍ୟମ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ପରୀକ୍ଷକ ଭାବେ ମନମୋହନ ଭଞ୍ଜ ସମସ୍ତ ୬୫ ଜଣ ଶିକ୍ଷାର୍ଥୀଙ୍କ ପରୀକ୍ଷା କରିଥିଲେ। ଇ ଲଳିତ କୁମାର, ସି ଏଚ ପ୍ରସାଦ ନାୟକ, ବାସୁ ନାୟକ, ଡି ମନୋଜ ପ୍ରଧାନ, ରୁଦ୍ର ନାରାୟଣ ବେହେରା, ପି. ଅଭିମନ୍ୟୁ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘୋଡ଼ାହାଡ଼ ଡ୍ୟାମରୁ ଛଡ଼ାଯିବ ପାଣି

**ଦିଗପହଣ୍ଡି,୧୭।୧୦(ଡି.ଏନ.ଏ.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ନିକଟ ଘୋଡ଼ାହାଡ଼ ଡ୍ୟାମର ସୁରକ୍ଷା ଦୃଷ୍ଟିରୁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଗଞ୍ଜାମ ଜିଲାପାଳ ଏବଂ ଚିକିଟି ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ପରାମର୍ଶ କ୍ରମେ ଯେ କୌଣସି ମୁହୂର୍ତ୍ତରେ ଉଦ୍‌ବୃତ୍ତ ଜଳ ଘୋଡ଼ାହାଡ଼ ନଦୀ ମଧ୍ୟକୁ ଛଡ଼ାଯିବ ବୋଲି ସ୍ଥାନୀୟ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟର ଉପ ନିର୍ବାହୀ ଯନ୍ତ୍ରୀ ଇଂ. ଏ. ଗୋପାଳ ରାଓ ସୂଚନା ଦେଇଛନ୍ତି। ଡ୍ୟାମର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୧୧୭.୮୦ ମିଟର ଥିବା ବେଳେ ଶନିବାର ଡ୍ୟାମ୍‌ରେ ଜଳ ପତ୍ତନ ୧୧୪.୮୦ ମିଟର ଥିବା ସେ କହିଛନ୍ତି। ଡ୍ୟାମରୁ ପାଣି ଛଡ଼ାଯିବା ନେଇ ଘୋଡ଼ାହାଡ଼ ନଦୀ ତଟବର୍ତ୍ତି ଗାଁ ଗୁଡ଼ିକରେ ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନଦୀ ମଧ୍ୟକୁ କୌଣସି ବ୍ୟକ୍ତି ଶୌଚ କିମ୍ବା ଗାଧୋଇବା ପାଇଁ ନଯିବା ସହ ଗୃହପାଳିତ ପ୍ରାଣୀମାନଙ୍କୁ ନ ଛାଡ଼ିବା ପାଇଁ ମାଇକ ଯୋଗେ ପ୍ରଚାର କରାଯାଇଛି। ଶନିବାର ସୁଦ୍ଧା ଦିଗପହଣ୍ଡି ସମେତ ଘୋଡ଼ାହାଡ଼ ଡ୍ୟାମ ଇଲାକାରେ ୧୮ ମିମି ବର୍ଷା ହୋଇଥିବା ଜଳସମ୍ପଦ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ରବିବାର ରାତିରୁ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଡ୍ୟାମରେ ଜଳ ପରିମାଣ ବୃଦ୍ଧି ପାଇବା ଆଶଙ୍କା ରହିଛି। ରାଜ୍ୟ ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ୍ରମେ ଡ୍ୟାମରୁ ସ୍ଲୁଇସ୍ ଗେଟ୍ ଖୋଲା ଯାଇ ନଦୀକୁ ଜଳ ଛଡ଼ାଯିବ ବୋଲି ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ଜଣାଇଛନ୍ତି। ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ବ୍ଲକ ଅଧିନ ବିଭିନ୍ନ ଗାଁ ଅତିକ୍ରମ କରି ପ୍ରବାହିତ ଘୋଡ଼ାହାଡ଼ ନଦୀ ସଂଲଗ୍ନ କୁଳ ହୁଡା ଓ ନଦୀବନ୍ଧ ଗୁଡିକର ସୁରକ୍ଷା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାନଙ୍କ ସମେତ କର୍ମଚାରୀ ପ୍ରଦୀପ କୁମାର ମହାନ୍ତି, ବିନୋଦ ଗୌଡ, ପୂର୍ଣ୍ଣଚନ୍ଦ୍ର ଦୋରା, ଲଣ୍ଡା ଗୌଡ, ଭକ୍ତ ଦଳାଇ ପ୍ରମୁଖ ୨୪ ଘଣ୍ଟିଆ ଦାୟିତ୍ୱରେ ରହି ରିପୋର୍ଟ ପ୍ରଦାନ କରିବେ। ନଦୀବନ୍ଧ ଦୁର୍ବଳ ଥିବା କିଛି ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ବାଉଁଶ ବଲ୍ଲା, ବାଲିବସ୍ତା ଓ ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଥିବା ଉପ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ବଟେଶ୍ୱର ଶୈବପୀଠରେ ସୁପରିଚାଳନା ପାଇଁ ପ୍ରସ୍ତୁତି

**ଗଞ୍ଜାମ,୧୭।୧୦(ଡି.ଏନ.ଏ.)**

ଆଗାମୀ କାର୍ତ୍ତିକ ମାସରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠରେ ପର୍ଯ୍ୟଟକମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଶୈବପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ତଥା ସ୍ଥାନୀୟ ସରପଞ୍ଚ ଦିଲିପ କୁମାର ଛୋଟରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଗଞ୍ଜାମ ବିଡିଓ ବିଶ୍ୱଜିତ ରାୟ, ରମ୍ଭା ଥାନାଧିକାରୀ ଦୀପ୍ତିରଞ୍ଜନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବଂଶୀଧର ପରିଡ଼ା, ହୁମ୍ମା ଫାଣ୍ଡି ଅଧିକାରୀ ଦେବଦର୍ଶ ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟ ଉପରେ ବୈଠକରେ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, ସାମାଜିକ କର୍ମୀ ଶିବପ୍ରସାଦ ସ୍ୱାଇଁ, ପି. ଚନ୍ଦ୍ରମଣି ରେଡ୍ଡୀ, ଏସ୍. ମୁସଲେୟା, ସି.ଏଚ୍. ବାବାଜୀ, ପବିତ୍ର ସ୍ୱାଇଁ, କିଶୋର ପ୍ରଧାନ, ରବି ପଲାଇ, ବିରେନ ପ୍ରଧାନ, ରଘୁନାଥ ସାହୁ, ସଞ୍ଜୟ ତରାଇ, ସୀମା ବାରିକ, ଅଜୟ ପ୍ରଧାନ ପ୍ରମୁଖ ମନ୍ଦିର ଆଲୋଚନାରେ ଭାଗ ନେଇଥିଲେ।

# ଏନ୍ଏସି ସମସ୍ୟା ନେଇ ଆଲୋଚନା କଲେ ବିଧାୟକ

**ଛତ୍ରପୁର,୧୭।୧୦(ଡି.ଏନ୍.ଏ.)**

ଛତ୍ରପୁର ବିଧାୟକ ସୁବାସ ବେହେରା ଓ ଛତ୍ରପୁର ସହର ବାସିନ୍ଦା ବିଭିନ୍ନ ସମସ୍ୟା ନେଇ ଶନିବାର ଛତ୍ରପୁର ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁଙ୍କ ସହ ଆଲୋଚନା କରିଛନ୍ତି। ଏନଏସିରେ ଥିବା ଶ୍ମଶାନର ଉନ୍ନତୀକରଣ ସହିତ ଆଲୋକୀକରଣ ବ୍ୟବସ୍ଥା କରିବା, ଶ୍ମଶାନକୁ ସଫା ସୁତୁରା କରିବା ପାଇଁ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବର୍ଷା ହେଲେ ରିକାପଲ୍ଲୀ ଛକଠାରେ ପାଣି ଜମି ରହୁଛି। ତେଣୁ ତାହାକୁ ତୁରନ୍ତ ମରାମତି କରିବା, ଷ୍ଟାଡିୟମ ପରିସରରେ ୟୁରିନାଲର ବ୍ୟବସ୍ଥା କରିବା ସହିତ ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନା



ବିଧାୟକ ଆଲୋଚନା କରୁଛନ୍ତି ।

ବେଳେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ପୂର୍ବତନ କାଉନସିଲର ରାଜେଶ କୁମାର ସାହୁ, ବି.ରାଜିବାବୁ, କିଶୋର ଚନ୍ଦ୍ର ସେନାପତି ଓ ବାଦଲ ପାଣ୍ଡି, ବିଜୁ ଆଇନ ସାମ୍ମୁଖ୍ୟରେ ସଭାପତି ସୁରେଶ କୁମାର ପଣ୍ଡା, ଏ.ଗିରଧର ରାଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବି. ସୁଦାମ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ତାଲିମ ଶିବିର

**ଭଞ୍ଜନଗର,୧୭।୧୦(ଡି.ଏନ.ଏ.)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଲେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩ ଦିନିଆ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ତାଲିମରୁ ଯାହା ଶିଖିବେ ତାହାକୁ କାର୍ଯ୍ୟରେ ଲଗାଇଲେ ଶିବିରର ଉଦ୍ଦେଶ୍ୟ ସାଧନ ହୋଇପାରିବ। ତେଣୁ ଛାତ୍ରୀଛାତ୍ରମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କଲେଜ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଂଯୋଜକ ପ୍ରାଧ୍ୟାପକ ବି. ଗୋବିନ୍ଦ ରାଓ, ଜଗନ୍ନାଥପ୍ରସାଦ କଲେଜ ଯୁବ ରେଡକ୍ରସ ସଂଯୋଜକ ପ୍ରାଧ୍ୟାପକ ଲୋକନାଥ ମହାନ୍ତି, କେ.ଏସ.ୟୁ.ବି. କଲେଜ ସଂଯୋଜକ ପ୍ରାଧ୍ୟାପକ ବଦ୍ରିନାରାୟଣ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କେ.ଏସ.ୟୁ.ବି. କଲେଜ ସଂଯୋଜିକା ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଯୁବ ରେଡକ୍ରସ ସଂଯୋଜକ ଡ. ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଡିପୁର କଲେଜ ସଂଯୋଜକ ମନୋଜ କୁମାର ଦାସ, କେନ୍ଦୁପଦର କଲେଜ ସଂଯୋଜକ ହରି ଶଙ୍କର ପାଣ୍ଡେ , ସାବିତ୍ରୀ ମହିଳା ମହାବିଦ୍ୟାଳୟ ସଂଯୋଜିକା ଅଧାପିକା ରଶ୍ମିତା ବେହେରା, ବେଲଗୁଣ୍ଠା ଡିଗ୍ରୀ କଲେଜର ସଂଯୋଜକ ଅଧାପକ ସପନ କୁମାର ପ୍ରଧାନ, କୈଳାସ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।



ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର।

# ନାବାଳିକାଙ୍କୁ ଅପହରଣ କରି ବଳାତ୍କାର

**ପାପଡାହାଣ୍ଡି,୧୭।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ ସେମଳା ଗ୍ରାମର ସନ୍ତୋଷ ଟାକ୍ରୀ ଓ ଉମେଶ ହରିଜନ। ନାବାଳିକା ଜଣକ ୧୦ ତାରିଖରେ ସ୍କୁଲ ନିକଟ ପଡିଆକୁ ଶୌଚ ହେବାକୁ ଯାଇଥିବାବେଳେ ଉଭୟ ସନ୍ତୋଷ ଓ ଉମେଶ ତାଙ୍କୁ ଅପହରଣ କରି ଏକ କାରରେ କୋରାପୁଟ ଜିଲା ସୁନାବେଡାକୁ ନେଇ ଯାଇଥିଲେ। ସେଠାରେ ସନ୍ତୋଷ ତାଙ୍କୁ ବଳାତ୍କାର କରିଥିଲେ। ୧୪ ତାରିଖରେ ସେମାନେ ସେମଳା ଗ୍ରାମକୁ ଫେରିବା ପରେ ନାବାଳିକାଙ୍କ ପରିବାର ଲୋକେ ସେଠାରୁ ଝିଅଙ୍କୁ ଉଦ୍ଧାର କରିଥିଲେ। ପୀଡିତାଙ୍କଠାରୁ ସମସ୍ତ ଖବର ଜାଣିବାପରେ ଶନିବାର ନାବାଳିକାଙ୍କ ମା' ମଇଦଲପୁର ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ କେସ ନମ୍ବର ୧୬୦/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦାଦନ ଖଟିବାକୁ ସୁରତ ଯାଇ ସ୍ୱାମୀ ନିଖୋଜ

**ବୁଗୁଡ଼ା,୧୭।୧୦(ଡି.ଏନ.ଏ.)**

ଦାଦନ ଖଟିବାକୁ ସୁରତ ଯାଇଥିବା ଦାଦନଙ୍କ ମାସେ ହେଲା ପତ୍ତା ମିଳୁନି। ଏ ନେଇ ପରିବାର ଲୋକେ ବୁଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବୁଗଡ଼ା ଥାନା ଅନ୍ତର୍ଗତ ଅନ୍ତରପଡ଼ା ଗ୍ରାମର କୈଳାସ ସ୍ୱାଇଁ ଗତ ଅଗଷ୍ଟ ୯ରୁ ସୁରତ ଯାଇ ସେଠାରେ ପହଞ୍ଚିବା ପରେ ଫୋନରେ ଜଣାଇଥିଲେ। ଗତ ରାକ୍ଷୀ ପୂର୍ଣ୍ଣିମାରେ କୈଳାସଙ୍କ ସ୍ତ୍ରୀ ପ୍ରଭାସିନୀ ସ୍ୱାଇଁ ପୁଅ ଓ ଝିଅଙ୍କ ସହ ଶେଷଥର ପାଇଁ କଥା ହୋଇଥିଲେ। ତା'ପର ଠାରୁ ଆଉ ପରିବାର ସହିତ କୈଳାସଙ୍କ କୌଣସି ଯୋଗାଯୋଗ ହୋଇପାରିନାହିଁ। କୋଦଳା ଛଚିନା ଗ୍ରାମର ଅରୁଣ ଫୋନ ଯୋଗେ କୈଳାସଙ୍କ ମୃତ୍ୟୁ ଖବର ଦେବାରୁ ପରିବାର ଲୋକେ ସତ୍ୟତା ଜାଣିବା ପାଇଁ ବହୁ ଲୋକଙ୍କୁ ଯୋଗାଯୋଗ କରିବା ପରେ ମଧ କୌଣସି ଖବର ମିଳିନାହିଁ। ଫଳରେ ଶନିବାର ସ୍ତ୍ରୀ ପ୍ରଭାସିନୀ ବୁଗୁଡା ଥାନାର ଦ୍ୱାରସ୍ଥ ହୋଇଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଫୁଲବାଣୀ ଅଫିସ, ୧୭।୧୦**

ଫିରିଙ୍ଗିଆ ବ୍ଲକ ଗୋଛାପଡା ପଞ୍ଚାୟତ ଦାମାରେଜୁଗାଁରେ ଚାଲିଥିବା ମା'ବାଉଡୀ ସୁପରଷ୍ଟାର ଫୁଟବଲ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ତଳପଡା ଟିମ ୨-୦ ଗୋଲରେ କୁମେଲସିଂ ଫୁଟବଲ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦା ପ୍ରଧାନ, ଉପାଧ୍ୟକ୍ଷ ଶସ୍ମିତା ଦିଗାଳ, ଜିଲା ପରିଷଦ ଉପାଧ୍ୟକ୍ଷା ସାରତି ମଲ୍ଲିକ, ଜିଲା ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ଗୋଛାପଡା ସରପଂଚ ସୌମିତ୍ରୀ କହଁର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ପୁରସ୍ତମ କହଁର, ପ୍ରଦୀପ କହଁର ଓ ଅରବିନ୍ଦ କହଁର ଖେଳ ପରିଚାଳନା କରିଥିଲେ। ମା'ବାଉଡି ସୁପରଷ୍ଟାର ଯୁବକ ସଂଘ ସଭାପତି ପ୍ରମୋଦ କହଁର, ସମ୍ପାଦକ ଯୁଗାନ୍ତ କହଁରଙ୍କ ସମେତ ଅନ୍ୟ ସଦସ୍ୟଙ୍କ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ହୋଇଥିଲା।

# କେନ୍ଦ୍ରୀୟ ଯୁଗ୍ମ ସଚିବଙ୍କ ହିଞ୍ଜିଳିକାଟୁ ଗସ୍ତ

**ହିଞ୍ଜିଳିକାଟୁ,୧୭।୧୦(ଡି.ଏନ୍.ଏ)**

କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର, ଜନ ଅଭିଯୋଗ, ପେନସନ ବିଭାଗର ଯୁଗ୍ମ ସଚିବ ଏନ୍‌ବିଏସ୍ ରାଜପୁତ ରବିବାର ହିଞ୍ଜିଳିକାଟୁ ବ୍ଲକ ଗସ୍ତ କରି ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟ ବୁଲି ଦେଖିଛନ୍ତି। ବ୍ଲକର ଶାସନଆମ୍ବଗାଁ, ସାରୁ ଓ ପୋଟିଲିମା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ବର୍ଜ୍ୟବସ୍ତୁ ପରିଚାଳନା ଏମ୍‌ସିସି ଓ ଏମ୍ଆର୍‌ଏଫ୍ କେନ୍ଦ୍ର, ଆଦର୍ଶ ପୁଷ୍କରଣୀ, ଗ୍ରାମୀଣ ପାର୍କ, ମଡେଲ ଅଙ୍ଗନୱାଡି କେନ୍ଦ୍ର, ରୂପାନ୍ତରୀକରଣ ହାଇସ୍କୁଲ, ଗ୍ରାମ ପଞ୍ଚାୟତ ଇ-ଲାଇବ୍ରେରୀ ଓ ଗାଇ ଗୁହାଳ ଆଦି ବୁଲି ଦେଖିଥିଲେ। ସଚିବଙ୍କ ଏହି ଗସ୍ତରେ ଜିଲା ଡିଆରଡିଏ ପିଡି



ଯୁଗ୍ମ ସଚିବଙ୍କ ସହ ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧି।

ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ବିଡିଓ ସୁବ୍ରତ କୁମାର ଜେନା, ବ୍ଲକ ଅଧକ୍ଷ ଏନ ରଘୁନାଥ, ୬୭ନଂ ଜୋନ ଜିଲା ପରିଷଦ ଅଜିତ କୁମାର ପାତ୍ର, ଯୁବ ନେତା ମନୋଜ କୁମାର ସାବତ, ସରପଞ୍ଚ, ସମିତି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣ୍ଡ ଏକତ୍ରୀକରଣ କାର୍ଯ୍ୟକ୍ରମ

**ବୁଗୁଡ଼ା,୧୭।୧୦(ଡି.ଏନ.ଏ.)**

ବୁଗୁଡ଼ା ଖଣ୍ଡର ବିଭିନ୍ନ ମଣ୍ଡଳରୁ ସ୍ୱୟଂସେବକମାନେ ଉପସ୍ଥିତ ହୋଇ ବିଜୟା ଦଶମୀ ଉପଲକ୍ଷେ ଖଣ୍ଡ ଏକତ୍ରୀକରଣ କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘୁମୁସର ଜିଲାର ସଂଘ ଚାଳକ ବନମାଳୀ ଗୌଡ଼, ଜିଲା ସହ-କାର୍ଯ୍ୟବାହ ଜୟନ୍ତ କୁମାର ପଟ୍ଟନାୟକ, ବିଭାଗ ସେବା ପ୍ରମୁଖ ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖଣ୍ଡ କାର୍ଯ୍ୟବାହ ଦୁର୍ଗା ପ୍ରସାଦ ଦାଶ କାର୍ଯକ୍ରମର ପରିଚାଳନା କରିଥିଲା ବେଳେ ଏଥିରେ ଦିଲ୍ଲୀପ ପାତ୍ର, ରଜତ ପୃଷ୍ଟି, କାହ୍ନୁ ପାଢ଼ୀ, ରବୀନ୍ଦ୍ର ଦାଶ, ତେଜେଶ୍ୱର ପାତ୍ର ପ୍ରମୁଖ ସ୍ୱୟଂ ସେବକମାନେ ସକ୍ରିୟ ସହଯୋଗ କରିଥିଲେ।

# ଜାତୀୟ ରାଜପଥ କଡ଼ରେ ସହର ଆବର୍ଜନା

**ଭଞ୍ଜନଗର ଏନ୍ଏସି**
- ନିର୍ବାହୀ ଅଧିକାରୀ ଆସିକାରେ
- ବର୍ଜ୍ୟବସ୍ତୁ ପରିଚାଳନା ଦିଗହରା

ଭଞ୍ଜନଗର,୧୭।୧୦(ଡି.ଏନ.ଏ.)

ରାଜ୍ୟର ସହରାଞ୍ଚଳଗୁଡ଼ିକରେ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ ହେଉଛି । ଭଞ୍ଜନଗର ସହରରେ ୨୦୨୦ ମସିହା ଡିସେମ୍ବର ୨୬ରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ ହୋଇଥିଲା। ଏଥିପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ସହରରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ସଂଗ୍ରହ କରି ସେଥିରୁ ଖତ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପ୍ଲାଣ୍ଟ ହୋଇଥିଲା । କିନ୍ତୁ ଏବେ ତାହା ଦିଗହରା ହେବାଭଳି ଲାଗୁଛି । ସହରରୁ ଦୈନିକ ବାହାରୁଥିବା ଏକାଧିକ ଟ୍ରକ ବର୍ଜ୍ୟବସ୍ତୁକୁ କଲେଜ ରୋଡ୍‌ର ଜାତୀୟ ରାଜପଥ କଡ଼ରେ ପକାଯାଉଛି । ଯଦ୍ୱାରା ଉକ୍ତ ରାସ୍ତା ଦେଇ ଯାଉଥିବା ହଜାର ହଜାର ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି।



ଏକ ଟ୍ରାକ୍ଟରରେ ଶୁଖିଲା ବର୍ଜ୍ୟବସ୍ତୁକୁ ରାସ୍ତାକଡ଼କୁ ନିଆଯାଉଛି ।

ଉକ୍ତ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଅନ୍ୟପଟେ ପ୍ଲାଷ୍ଟିକ ମୁକ୍ତ ସହର ପାଇଁ ସରକାରଙ୍କ ଯୋଜନା ଥିବା ବେଳେ ଭଞ୍ଜନଗରରେ ବେଧଡ଼କ ପଲିଥିନ ବ୍ୟବହାର ଚାଲିଛି। ପ୍ରଶାସନର ଚଢ଼ାଉ ମଧ୍ୟ ଧିମେଇ ଯାଇଛି ।

ଭଞ୍ଜନଗର ଏନ୍ଏସିରେ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବକର ପୂର୍ଣ୍ଣ ଦାୟିତ୍ୱରେ ଥିବା ବେଳେ ଆସିକା ତହସିଲଦାର ଭାରପ୍ରାପ୍ତ ଦାୟିତ୍ୱରେ ଅଛନ୍ତି। ଜଣେ ଅଧିକାରୀଙ୍କୁ ୨ଟି ଗୁରୁତ୍ୱପୂର୍ଣ୍ଣ ସହରର ଦାୟିତ୍ୱ ପ୍ରଦାନ କରାଯାଇଛି। ଭଞ୍ଜନଗର ସହର ପ୍ରତି ନିର୍ବାହୀ ଅଧିକାରୀ ଅଧିକାଂଶ ସମୟ ଦେଇପାରୁନାହାନ୍ତି। ଅନ୍ୟପଟେ ଲୋକେ ମଧ୍ୟ ସଚେତନ ହେଉନାହାନ୍ତି। ଏଣେତେଣେ ଅଳିଆ, ଆବର୍ଜନା ପକାଉଛନ୍ତି । ଘରଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରୁଥିବା ବ୍ୟାଟେରିଚାଳିତ ଗାଡ଼ି ଉକ୍ତ ଅଳିଆ, ଆବର୍ଜନା ଉଠାଇବାରେ ସକ୍ଷମ ହେଉନାହିଁ। ତେଣୁ ଟ୍ରାକ୍ଟର ଏବଂ ଟାଟା ଏସି ଗାଡ଼ି ସହାୟତାରେ ଅଧିକାଂଶ ସମୟ ସହରର ମଇଳା ବାହାର କରାଯାଉଛି । ଓଦା ବର୍ଜ୍ୟବସ୍ତୁରୁ ଖତ ବାହାର କରାଯାଉଥିବା ବେଳେ ଶୁଖିଲା ବର୍ଜ୍ୟବସ୍ତୁକୁ ବିଭିନ୍ନ ପ୍ଲାଣ୍ଟକୁ ବିକ୍ରି କରା ନ ଯାଇ ଜାତୀୟ ରାଜପଥ କଡ଼ରେ ଫିଙ୍ଗି ଦିଆଯାଉଛି । ଭଞ୍ଜନଗର ସହରରୁ ଦୈନନ୍ଦିନ ପ୍ରାୟ ୩ଟନ ଲେଖାଏ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ବାହାରୁଥିବା ଅନୁମାନ କରାଯାଉଛି । ସେଗୁଡ଼ିକୁ ଗାଡ଼ିରେ ନେବା ବେଳେ ଉପରେ ପାଲ ଘୋଡ଼ାଯାଉନାହିଁ । ତେଣୁ ଏଣେ ତେଣେ ଶୁଖିଲା ବର୍ଜ୍ୟବସ୍ତୁ ମଧ୍ୟ ପଡୁଛି। ଏନେଇ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ପଚାରିବାରେ, ବର୍ଜ୍ୟବସ୍ତୁକୁ ଯେଭଳି ରାସ୍ତା କଡ଼ରେ ନପଡ଼ିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### କେନାଲରୁ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୧୭।୧୦:** ସଦର ଥାନା ପୋଲିସ ଗୌତମୀ ନିକଟସ୍ଥ ଏକ କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶନିବାର ସକାଳେ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କ ଶେରଗଡ ଥାନା ଅନ୍ତର୍ଗତ ଡାକରଡ଼ା ଗ୍ରାମର ପ୍ରଫୁଲ୍ଲ ଡାକୁଆ (୫୫) ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୫୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରଫୁଲ୍ଲ ଜଳସେଚନ ବିଭାଗରେ କାମ କରନ୍ତି। ଶୁକ୍ରବାର ସେ ଗାଁ ନିକଟ ଦେଇ ଯାଇଥିବା ଏକ କେନାଲ କାମ ଦେଖିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଘର ଲୋକ ଖୋଜାଖୋଜି କରି ଶେଷରେ ନିରାଶ ହୋଇଥିଲେ। ଶନିବାର ସକାଳେ ଗୌତମୀ କେନାଲ ତଟରେ ଏକ ମୃତଦେହ ଲାଗିଥିବା ଖବର ପାଇ ତାଙ୍କ ପୁଅ ଡାକ ଡାକୁଆ ପହଞ୍ଚି ଥିଲେ। ଖବର ପାଇ ପୋଲିସ ମଧ୍ୟ ସେଠାରେ ପହଞ୍ଚିଥିଲା। ଡାକ ପୋଲିସ ଉପସ୍ଥିତିରେ ବାପା ପ୍ରଫୁଲ୍ଲଙ୍କ ମୃତଦେହ ଚିହ୍ନଟ କରିଥିବା ପୋଲିସ କହିଛି। ଜିଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ପ୍ରଫୁଲ୍ଲ ଶୁକ୍ରବାର କେନାଲ କାମ ଦେଖୁଥିବା ବେଳେ ପାଣିରେ ବୁଡି ଶ୍ୱାସରୁଦ୍ଧ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରୁଛି।

### ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡ଼ା,୧୭।୧୦(ସ୍ୱ.ପ୍ର.):** କଣ୍ଟିଲୋ ପାଣ୍ଡୁସାହୁ ପାଟଣାରେ ଚାଲିଥିବା ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ୪୭ ବର୍ଷ ଧରି ଏହି ମହାଯଜ୍ଞ ଦଶହରା ସମୟରେ ଅନୁଷ୍ଠିତ ହୋଇ ଆସୁଛି । ଏହି ଅବସରରେ ଚଳିତ ବର୍ଷ ଋକବେଦ ପାରାୟଣ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ଋକ ବେଦ ଯଜ୍ଞ, ଅହୋରାତ୍ର ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ବାଲ୍ୟଲୀଳାର ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଯଜ୍ଞ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା ।

### ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୧୭।୧୦:** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାପୁଜୀନଗର ୫ମ ଲେନ୍‌ରେ ରହୁଥିବା ଜଣେ ଯୁବକ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଦେବରାଜ ମହାରଣାଙ୍କ ପୁଅ ଜିତୁ (୨୫)। ଶନିବାର ମୃତଦେହ ଜବତ କରି ପୋଲିସ ନଂ. ୫୨/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ ଝଗଡ଼ାରୁ ଜିତୁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିର ଦେବରାଜ ମହାରଣା ପରିବାର ସହ କିଛି ବର୍ଷ ହେଲା ବ୍ରହ୍ମପୁର ଆସି ବ୍ରଜନଗରରେ ଏକ ଘର ଭଡା ନେଇ ରହୁଥିଲେ। ୪/୫ମାସ ତଳେ ତାଙ୍କ ପୁଅ ଜିତୁ ଦକ୍ଷିଣପୁର ଗ୍ରାମର ରଶ୍ମିତା ମହାରଣାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଜିତୁ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଣୁ ଦେବରାଜ ତାଙ୍କ ପୁଅକୁ ଅନ୍ୟତ୍ର ରହିବାକୁ କହିଥିଲେ। ପରେ ଦୁହେଁ ବାପୁଜୀନଗରରେ ଏକ ଘର ଭଡା ନେଇ ରହୁଥିଲେ। ଶୁକ୍ରବାର ରାତିରେ କୌଣସି କାରଣକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ତ୍ରୀ'ଙ୍କୁ ଘରୁ ବାହାର କରି ଜିତୁ ଘର ଭିତରେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିଲେ ।

### ୫ ହଜାର ଲୋକ ପାଇବେ ବିଶୁଦ୍ଧ ପାନୀୟ ଜଳ

**ଜି.ଉଦୟଗିରି,୧୭।୧୦(ଡି.ଏନ.ଏ.):** ବୌଦ୍ଧ ଏବଂ କନ୍ଧମାଳ ଜିଲାରେ ଦୁଇଟି ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୬୫୭ କୋଟି ୫୭ଲକ୍ଷ ୪ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ହେଲେ କନ୍ଧମାଳ ଜିଲାର ୬ଟି ବ୍ଲକ ଅନ୍ତର୍ଗତ ୪୯ଟି ପଞ୍ଚାୟତର ୬୩୭ ଗ୍ରାମର ୪ ଲକ୍ଷ ଲୋକ ଉପକୃତ ହେବେ। ଜି.ଉଦୟଗିରି ବ୍ଲକର ଦୁଇଟି ପଞ୍ଚାୟତର ୧୮ ଗ୍ରାମର ୫ ହଜାର ଲୋକେ ଉପକୃତ ହେବେ। ଜିଲା ବିଜେଡି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ କୃତଜ୍ଞତା ଜଣାଯାଇଛି। ଟିକାବାଲିଠାରେ ଜିଲା ସଭାପତି ସରୋଜ କର୍ଣ୍ଣଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଟିକାବାଲି ବ୍ଲକ ସଭାପତି ରୋଦନ ମଲ୍ଲିକ, ଜି.ଉଦୟଗିରି ବ୍ଲକ ଅଧ୍ୟକ୍ଷ ହୃଦାନନ୍ଦ କହଁର, ଛାତ୍ର ସଭାପତି ଛଟନ ନାୟକ, ମିଡିଆ ସେଲର ଶଶିଭୂଷଣ ପ୍ରଧାନ, ଜି.ଉଦୟଗିରି ବିଧାୟକ ପ୍ରତିନିଧି ଜମେଶ ଚନ୍ଦ୍ର ପ୍ରଧାନ, ଚକାପାଦ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ଚକାପାଦ ବ୍ଲକ ସଭାପତି ରାଜେଶ ଦିଗାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୨ ମାସ ପରେ ବି ମିଳୁନି ସୁରାକ

**ଏମ୍‌କେସିଜିରୁ କଏଦୀ ଚମ୍ପଟ ଘଟଣା**

ବ୍ରହ୍ମପୁର ଅଫିସ,୧୭।୧୦

ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ୍(ଡିସିଏଚ୍-୧)ରୁ ଜଣେ ଚିକିତ୍ସାଧୀନ କଏଦୀ ଅଗଷ୍ଟ ୬ରେ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ବିଚାରାଧୀନ କଏଦୀ (ୟୁଟିପି)ଙ୍କ ନାମ ମୀର ତହସିନ। ଘର ନୟାଗଡ଼ ଜିଲା କଟିଆ ସାହି। ଘଟଣା ପରେ ତାଙ୍କୁ ମେଡିକାଲରେ ଜଗିଥିବା ୱାର୍ଡର ଗୌତମ କହଁରଙ୍କ ତରଫରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁ କରିଛି। ଡିସିଏଚ୍-୧ରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ହେଲେ ଘଟଣାର ୨ ମାସ ପରେ ବି ଅଭିଯୁକ୍ତଙ୍କ ସୁରାକ ପୋଲିସକୁ ମିଳି ପାରୁନାହିଁ। ଫଳରେ ପୋଲିସର ଏବେ ଚିନ୍ତା ବଢ଼ିଯାଇଛି। ଅଭିଯୁକ୍ତଙ୍କ ବାସଭବନ ନୟାଗଡ ଓ ତାଙ୍କର କେତେକ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରି ଖାଲି ହାତରେ ଫେରିଛି। ଫେରାର କଏଦୀଙ୍କୁ ଧରିବା ପାଇଁ ପୋଲିସ ସମସ୍ତ ପ୍ରକାର ଚେଷ୍ଟା କରୁଛି। ହେଲେ ଅଦ୍ୟାବଧି ପୋଲିସ ଟେର୍ ପାଇପାରିନାହିଁ। ଜୁଲାଇ ୪ରେ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବାଲିଗୁଡ଼ା ପୋଲିସ ମୀରଙ୍କୁ ଗିରଫ କରିଥିଲା। ସେ ଦିନଠାରୁ ସେ ବାଲିଗୁଡ଼ା ସବ୍‌ଜେଲରେ ବିଚାରାଧୀନ ବନ୍ଦୀ (ୟୁଟିପି) ଭାବେ ଥିଲେ। ଜୁଲାଇ ୨୮ରେ ତାଙ୍କୁ ଜ୍ୱର ହେବା ସହିତ କୋଭିଡ୍ ଲକ୍ଷଣ ଜଣାପଡ଼ିଥିଲା। ୩୦ରେ ଆରଟି-ପିସିଆର ପରୀକ୍ଷା ପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୩୧ ତାରିଖରେ ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଡିସିଏଚ୍-୧କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶେଷରେ ୟୁଟିପି ଜଣଙ୍କ ଅଗଷ୍ଟ ୬ ତାରିଖ ରାତିରେ ଏମ୍‌କେସିଜି ମେଡିକାଲ ଡିସିଏଚ୍‌ରୁ ଫେରାର ହୋଇଯାଇଥିଲେ। ଜେଲ କର୍ତ୍ତୃପକ୍ଷ ଓ ପୋଲିସ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଫେରାର ଅଭିଯୁକ୍ତଙ୍କ କୌଣସି ପତ୍ତା ମିଳି ନ ଥିଲା।

# ସଂରକ୍ଷଣ ତାଲିକା ପରିବର୍ତ୍ତନ ଦାବି

ଖଣ୍ଡପଡା,୧୭।୧୦(ସ୍ୱ.ପ୍ର.)

୨୦୨୨ରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷିତ ତାଲିକା ପ୍ରକାଶ ପାଇଛି। ସେହି ତାଲିକାରେ ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡା ପଞ୍ଚାୟତର ସରପଞ୍ଚ ପଦବୀଟି ଅନୁସୂଚିତ ଜାତି ବର୍ଗର ମହିଳା ଓ ସମିତି ସଭ୍ୟ ପଦବୀଟି ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଛି । ସେହିପରି ଜଗନ୍ନାଥପ୍ରସାଦ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପଦବୀ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଛି । ଉକ୍ତ ସଂରକ୍ଷିତ ତାଲିକାକୁ ନେଇ ୨ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ସଂରକ୍ଷିତ ତାଲିକାରେ ପରିବର୍ତ୍ତନ ନିମନ୍ତେ ୨ଟି ପଞ୍ଚାୟତ ବାସିନ୍ଦା ନୟାଗଡ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଉଭୟ ପଞ୍ଚାୟତବାସୀଙ୍କ ଅଭିଯୋଗ, ଅନ୍ୟବର୍ଗ ଲୋକଙ୍କ ତୁଳନାରେ ଅନୁସୂଚିତ ଜାତି ବର୍ଗର ଖୁବ୍ କମ ସଂଖ୍ୟକ ଲୋକ ବାସ କରୁଛନ୍ତି। କେଉଁ ଆଧାରରେ ଏଭଳି ତାଲିକା ପ୍ରକାଶ ପାଇଛି ତାହା ଜଣାପଡିନାହିଁ। ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରା ନ ଗଲେ ପଞ୍ଚାୟତବାସୀ କୋର୍ଟକୁ ଯିବେ ବୋଲି ଚେତାବନୀ ଦେଇଛନ୍ତି ।

# ଆର୍ଯ୍ୟ ସମାଜର ବେଦ ପ୍ରବଚନ, ସତ୍‌ସଙ୍ଗ

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ଆର୍ଯ୍ୟ ସମାଜର ବେଦ ପ୍ରବଚନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆତ୍ମା ଓ ପରମାତ୍ମାଙ୍କ ସ୍ୱରୂପ ନେଇ ଆଲୋକପାତ କରିଥିଲେ। ବେଦ ଓ ଶାସ୍ତ୍ର ମନ୍ତ୍ର ଉପସ୍ଥାପନା ସହ ସ୍ୱାଧ୍ୟାୟ, ସତ୍‌ସଙ୍ଗ ଓ ନିୟମିତ ପ୍ରାର୍ଥନା କରାଯିବାକୁ ଗୁରୁତ୍ୱ ଦେଇଥିଲେ। ସମାଜ ସଭାପତି କାହ୍ନୁ ବାଳକୃଷ୍ଣ ବିହାରୀ ଅଧ୍ୟକ୍ଷତା କରିଥିବା ବେଳେ ଭଦ୍ରମ୍ ଅନୁଷ୍ଠାନ ସଭାପତି ରାମଚନ୍ଦ୍ର ଦାସ ଓ ସମ୍ପାଦକ ବନମାଳୀ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ବର୍ତ୍ତମାନର ପରିପ୍ରେକ୍ଷୀରେ ବେଦପାଠର ପରିପ୍ରସାର ହେବା ଜରୁରୀ ବୋଲି ଦର୍ଶାଇଥିଲେ। ଯୁବଗୋଷ୍ଠୀ ବୈଦିକ ସିଦ୍ଧାନ୍ତ ବା ବୈଦିକ ପଦ୍ଧତିକୁ ଆପଣାଇଲେ ସନାତନ ଆର୍ଯ୍ୟାବର୍ତ୍ତର ହୃତ ଗୌରବ ଫେରି ପାଇବାର ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ପରିବାରର ୩ ଜଣଙ୍କୁ ଆକ୍ରମଣ

କବିସୂର୍ଯ୍ୟନଗର,୧୭।୧୦( ଡି.ଏନ.ଏ.)

କବିସୂର୍ଯ୍ୟନଗର ସହର ବାଙ୍କୀ ବେହେରା ସାହିରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଉଭୟ ପକ୍ଷର ଆକ୍ରମଣ-ପ୍ରତିଆକ୍ରମଣରେ ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବାବୁ ନାୟକ ଓ ତାଙ୍କ ଦୁଇ ପୁଅ ଶିବ ଓ ଶଙ୍କର । ସମସ୍ତ ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥଲା। ଶିବଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କୁ ଉଦ୍ଧାର ପାଇଁ ଯାଇ ତାଙ୍କ ପରିବାରର ୨ ଜଣ ମହିଳା ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ସ୍ଥାନୀୟ ଥାନାରେ ନଂ.୪୨୭,୪୨୮/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ନ୍ୟାୟ ପାଇଁ ଆହତମାନେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନିରେ କହିଛନ୍ତି।

# ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ଖଣ୍ଡପଡା,୧୭।୧୦(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଖଳିସାହି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଶିବ ସ୍ମୃତି ଭବନ ପରିସରରେ ୧୫ ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଅତିଥି ଭାବେ ଜୟକୃଷ୍ଣ ଭାଇ, ବୈକୁଣ୍ଠ ଭାଇ, ରାମଚନ୍ଦ୍ର, ବିଭୁ ପ୍ରସାଦ, ଭାବନା ଭଉଣୀ, ଯାଜ୍ଞସେନୀ, ପ୍ରଭାକର ଶିରୋମଣି ପ୍ରମୁଖ ଯୋଗଦେଇ ଶିବବାବାଙ୍କ ଆଶିଷ କାମନା କରିଥିଲେ । ପ୍ରାରବ୍ଧ କର୍ମର ଫଳର ଚିନ୍ତନକୁ ଅନୁଭବ କରି ଆଜିର ସମାଜକୁ ଶୃଙ୍ଖଳିତ କରିବା ପାଇଁ ନାରୀଶକ୍ତି ଆଗେଇ ଆସିବାକୁ ଉପସ୍ଥିତ ଭଉଣୀ ଭାଇଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଶେଷ କରି ଭ୍ରୂଣ ହତ୍ୟା ଦ୍ୱାରା ଘଟୁଥିବା ଅପରାଧ ସମ୍ପର୍କରେ ସଚେତନତା ସୃଷ୍ଟି କରି ନଷ୍ଟ କଲେ କଷ୍ଟ ପାଇବା ବୋଲି ସୂଚନା ଦେଇଥିଲେ ।

# ଜାତୀୟ ଦଳରେ ବ୍ରହ୍ମପୁରର ପ୍ରମୋଦ ଆପଟ

**ଓପନ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ଚାମ୍ପିୟନଶିପ୍**

ବ୍ରହ୍ମପୁର ଅଫିସ,୧୭।୧୦

ସାଉଥ ଏସିଆନ ସ୍ପୋର୍ଟ୍ସ ଅର୍ଗାନାଇଜ କମିଟି ଦ୍ୱାରା ଡ଼ିସେମ୍ବର ୧୭ ରୁ ୨୧ ପର୍ଯ୍ୟନ୍ତ ବାଲାଂଦେଶ ଢ଼ାକାଠାରେ ଓପନ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଜାତୀୟ ବକ୍ସିଂ ଦଳରେ ସାମିଲ ହୋଇଛନ୍ତି ବ୍ରହ୍ମପୁରର ପ୍ରମୋଦ ଆପଟ। ଏନେଇ ରବିବାର ଜାତୀୟ ଯୁବ କ୍ରୀଡ଼ା ଓ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରମୋଦଙ୍କୁ ଚୟନ ପତ୍ର (ସିଲେକ୍ସନ ଲେଟର) ମିଳିଛି। ସୂଚନାଯୋଗ୍ୟ, ଜାତୀୟ ଯୁବ କ୍ରୀଡ଼ା ଓ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅକ୍ଟୋବର ୮ ରୁ ୧୦ ପର୍ଯ୍ୟନ୍ତ ଗୋଆର ପଣଜୀଠାରେ ଅନୁଷ୍ଠିତ ୪ର୍ଥ ନ୍ୟାଶନାଲ ୟୁଥ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଏକମାତ୍ର କ୍ରୀଡ଼ାବିତ ଭାବେ ୫୨ରୁ ୫୭ ବର୍ଗ ବକ୍ସିଂରେ ପ୍ରତିଯୋଗିତା କରିଥିଲେ। ଏଥିରେ ପ୍ରମୋଦ କର୍ଣ୍ଣାଟକ, ପଞ୍ଜାବ ଓ ରାଜସ୍ଥାନ ବିପକ୍ଷରେ ପ୍ରତିଯୋଗିତା କରି ବିଜୟୀ ହେବା ସହ ସ୍ୱର୍ଣ୍ଣପଦକ ଅର୍ଜନ କରିଥିଲେ। ପ୍ରମୋଦଙ୍କ ଏହି ବିଜୟ ପରେ ସେ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ଚୟନ ହୋଇଛନ୍ତି। ତେବେ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ତାଙ୍କ ନିକଟରେ ବର୍ତ୍ତମାନ ୨ ମାସ ସମୟ ଥିବା ବେଳେ ଚଳିତ ଥର ସେ ୬୦ରୁ ଉର୍ଦ୍ଧ୍ୱ ବର୍ଗରେ ଭାଗନେବା ନିମନ୍ତେ ଆଗ୍ରହୀ ଥିବା ପ୍ରମୋଦ କହିଛନ୍ତି।


ପ୍ରମୋଦ ଆପଟ ।

# ୨୫୭ ଆପତ୍ତି ଅଭିଯୋଗ ଦାଖଲ

**ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ସଂରକ୍ଷଣ ଚିଠା**

ଛତ୍ରପୁର,୧୭।୧୦(ଡି.ଏନ୍.ଏ.)

ଆସନ୍ତା ପଞ୍ଚାୟତ ନିର୍ବାଚନ ଲାଗି ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଥିଲା । ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ ସଂରକ୍ଷଣ ଚିଠା ଉପରେ ଆପତ୍ତି ଅଭିଯୋଗ କରିବା ଅବଧି ସରିଛି । ଏହି ଅବଧି ମଧ୍ୟରେ ୨୫୭ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ ବ୍ଲକ ଅଧ୍ୟକ୍ଷ ସଂରକ୍ଷଣ ତାଲିକା ଉପରେ ୧୦ଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସରପଞ୍ଚ ସଂରକ୍ଷଣ ତାଲିକା ଉପରେ ୧୨୧, ସମିତି ସଭ୍ୟ ପାଇଁ ୬୭ ଏବଂ ୱାର୍ଡ ମେମ୍ବର ଆସନର ସଂରକ୍ଷଣ ତାଲିକା ଉପରେ ୬୯ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଛି । ଅନ୍ୟପକ୍ଷରେ ଜିଲା ପରିଷଦ ସଦସ୍ୟ ସଂରକ୍ଷଣ ଉପରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଧାର୍ଯ୍ୟ ରହିଥିବା ବେଳେ ରବିବାର ସୁଦ୍ଧା ପ୍ରଶାସନ ନିକଟରେ ୧୧ଟି ଅଭିଯୋଗ ଦାଖଲ ହୋଇଛି । ଗଞ୍ଜାମ ଜିଲାର ୨୨ ବ୍ଲକର ୫୦୩ ପଞ୍ଚାୟତ ପାଇଁ ୫୦୩ ସରପଞ୍ଚ, ୫୦୩ ସମିତି ସଭ୍ୟ, ୭୧୦୧ ୱାର୍ଡ ମେମ୍ବର, ୬୯ ଜିଲା ପରିଷଦ ଜୋନ୍‌ର ସଦସ୍ୟ ପାଇଁ ନିର୍ବାଚନ ହେବ। ପରେ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେବ। ଗତ ୮ ତାରିଖରେ ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟଙ୍କ ସଂରକ୍ଷଣ ଲାଗି ଚିଠା ତାଲିକା ପ୍ରକାଶ ପାଇଥିଲା । ୨୧ ତାରିଖ ସୁଦ୍ଧା ଜିଲାପାଳଙ୍କ ଦ୍ୱାରା ଆପତ୍ତି ଅଭିଯୋଗର ଶୁଣାଣି କରାଯାଇ ସାମାଧାନ କରାଯିବ । ୨୬ ତାରିଖରେ ଜିଲାପାଳ ଚୂଡାନ୍ତ ତାଲିକା ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ପ୍ରେରଣ କରିବେ ।

# ଅନୁସୂଚିତ ଜାତିଙ୍କ ମୁଖ୍ୟ ପର୍ବ


ଡିମ୍ବିରା ହରିଜନ ସାହିରେ କୋଠିଶାଳ ଯାତ୍ରା ।

ବ୍ରହ୍ମପୁର ଅଫିସ,୧୭।୧୦

ଗଞ୍ଜାମ ଜିଲାରେ ଅନୁସୂଚିତ ଜାତି ସମ୍ପ୍ରଦାୟଙ୍କର ଏକ ନିଆରା ପର୍ବ ହେଉଛି କୋଠିଶାଳ ପର୍ବ। ବିଜୟା ଦଶମୀଠାରୁ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପର୍ବ ଅନୁଷ୍ଠିତ ହୋଇଥାଏ। ବ୍ରହ୍ମପୁରରେ ଶୁକ୍ରବାରଠାରୁ ଏହି ଯାତ୍ରା ଆରମ୍ଭ। ଚଳିତ ବର୍ଷ ନିରାଡମ୍ବର ଭାବେ ପାଳିତ ହେଉଛି କୋଠିଶାଳ ଯାତ୍ରା। ସହରରେ ବିଜିପୁର ହରିଜନ ସାହି, ଗୋଷାଣୀନୂଆଗାଁ, ଡିମ୍ବିରା ହରିଜନ ସାହି ଓ ବିଜିପୁର ମାଛ ବଜାର ନିକଟରେ ଥିବା ହରିଜନ ସାହିରେ ଏହି ଯାତ୍ରା ଅନୁଷ୍ଠିତ ହେଉଛି। ଏଥିରେ ମୁଖ୍ୟତଃ ମା' ମଙ୍ଗଳା, ମହାଦେବ ଓ ଗଙ୍ଗା ଯମୁନା ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଏ।

# ଡିଏଲ୍ଏସ୍ଏ ତରଫରୁ 'ୱାର୍ଲ୍ଡ ଷ୍ଟୁଡେଣ୍ଟ ଡେ'

ବ୍ରହ୍ମପୁର ଅଫିସ,୧୭।୧୦

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ) ତରଫରୁ ୱାର୍ଲ୍ଡ ଷ୍ଟୁଡେଣ୍ଟ ଡେ ଅନ୍‌ଲାଇନ୍‌ରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଚିକିଟି ଓଏଭି ଏବଂ ସୋରଡ଼ା ଓଏଭିର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣ ସଚିବ ଅଲ୍ପନା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ଆଦର୍ଶ ଓ ଜୀବନୀ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା।

# ୪ ଅସ୍ଥାୟୀ ପୋଖରୀରେ ବିସର୍ଜନ

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ସହରରେ ମା' ଦୁର୍ଗାଙ୍କ ଭସାଣି ଶେଷ ହୋଇଛି। ଶନିବାର ଅଳ୍ପ କେତୋଟି ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ଦଶହରା ପାଳିତ ହୋଇଥିବା ବେଳେ ପୋଖରୀଗୁଡିକରେ ମୂର୍ତ୍ତି ବିସର୍ଜନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ଏଥିନିମନ୍ତେ ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା। ଆମ୍ବପୁଆ, ଗୋଷାଣୀନୂଆଗାଁ ନିକଟ ଫ୍ଲାଏ ଓଭରବ୍ରିଜ୍, ମୀନାକ୍ଷୀନଗର ନିକଟସ୍ଥ ଆମ୍ବ ମାର୍କେଟ ଓ ଫାଷ୍ଟ ଗେଟ୍‌ ତେଲିମଶାଣିଭଳି ୪ଟିସ୍ଥାନରେ ଅସ୍ଥାୟୀ ପୋଖରୀ ନିର୍ମିତ ହୋଇଛି।

# ଗର୍ଭଣା ସଂକ୍ରାନ୍ତିରେ ଲକ୍ଷ୍ମୀପୂଜା

ଗୋଷାଣୀ,୧୭।୧୦

ଗୋଷାଣୀ ବ୍ଲକ ବଡ଼ଗୋଷାଣୀ ଗ୍ରାମ ପଞ୍ଚାୟତ ଜଙ୍ଗଲପାଡୁ ଗ୍ରାମଠାରେ ଗର୍ଭଣା ସଂକ୍ରାନ୍ତିରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ ନବଗ୍ରହ, ମା ଲକ୍ଷ୍ମୀ, ବିଷ୍ଣୁ ନାରାୟଣ, ଗାୟତ୍ରୀ ଯଜ୍ଞ, ଗଙ୍ଗାମାତା, ଇନ୍ଦ୍ରଦେବତା ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ଯଜ୍ଞ ହୋଇଥାଏ। ଏହି ପୂଜାର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମର ମଙ୍ଗଳ ହେବ। ଏହି ପୂଜାରେ କର୍ତ୍ତା ଭଗବାନ ପ୍ରସାଦ ନାୟକ, ଆଦିକନ୍ଦ ସାମଲ ଉପସ୍ଥିତ ରହି ସମସ୍ତ ପୂଜା କରାଯାଇଥିଲା। ପୁରୋହିତ ନୀଳମଣି ପଣ୍ଡା, ସହଯୋଗୀ ଟିଟୁ ପଣ୍ଡା ଓ ପୁରୋହିତ ଦ୍ୱାରା ଶ୍ଳୋକଗାନ ସହ ପୂଜାପାଠ କରିଥିଲେ।

# ଭଙ୍ଗା ଡ୍ରେନ୍ ମରାମତି, ସଫେଇ ଦାବି

ବ୍ରହ୍ମପୁର ଅଫିସ,୧୭।୧୦

ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଛି। ଡ୍ରେନ୍‌ଗୁଡିକ ସଫେଇ ଓ ପୁନରୁଦ୍ଧାର ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଗଞ୍ଜାମ ଜିଲା ବିକାଶ ମଞ୍ଚ ଅଭିଯୋଗ କରିଛି।

ଦୁଇ ଦିନ ପ୍ରବଳ ବର୍ଷା ଯୋଗୁ ଗଜପତି ନଗର, ଗାନ୍ଧୀନଗର, ପ୍ରେମ ନଗର, ଧର୍ମନଗର, ଗୋଦାବରୀଶ ନଗର, ଆସିକା ରୋଡ଼, ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବର୍ଷା ଜଳ ରାସ୍ତା ଉପରେ ସୁଅ ଛୁଟୁଛି। ପାଣିପାଗ ବିଭାଗର ପୂର୍ବାନୁମାନ ସତର୍କତା ପରେ ମହାନଗର ନିଗମ ତରଫରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ଥିଲା। କିନ୍ତୁ ନିଗମ ତରଫରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସଂକୀର୍ଣ୍ଣ ନାଳ ଆକାର ଛୋଟ ଥିବାରୁ ଠିକ୍ ଭାବରେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ପ୍ରତ୍ୟେକ ସାହିର ଘରେ ଘରେ ନର୍ଦ୍ଦମା ପାଣି ପଶୁଛି। ଏଥିସହ ଭାଙ୍ଗି ପୋତିହୋଇ ଯାଇଥିବା ନାଳଗୁଡିକ ତିଆରି କରିବା ପାଇଁ ଲୋକଙ୍କ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଲିଖିତ ଭାବେ ଅବଗତ କରାଇଥିଲା। କିନ୍ତୁ ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ସହରର ନାଳ ସଫେଇ ଓ ଭଗ୍ନ ଅବସ୍ଥାରେ ପୋତିହୋଇ ଯାଇଥିବା ନାଳଗୁଡିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ଗଞ୍ଜାମ ଜିଲା ବିକାଶ ମଞ୍ଚ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ଉପଦେଷ୍ଟା ଡ. ଶିବପ୍ରସାଦ ମିଶ୍ର, ସମ୍ପାଦକ ପ୍ରଣବ ପଣ୍ଡା ଓ ସଭାପତି ରାଜେନ୍ଦ୍ର ପଣ୍ଡା କହିଛନ୍ତି।


ଜଳାର୍ଣ୍ଣବ ହୋଇ ରହିଥିବା ଅଞ୍ଚଳ ।

ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

## ନୂଆ ସ୍ମାର୍ଟ କାର୍ଡ଼ ଏବଂ ନୂଆ ରୂପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା






DSPL-195

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ତାଲିକାଭୁକ୍ତ ଡାକ୍ତରଖାନା ସହିତ ସ୍ୱାସ୍ଥ୍ୟ ମିତ୍ରଙ୍କ ନାମ ଓ ଫୋନ୍ ନମ୍ବର

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ଡାକ୍ତରଖାନାର ନାମ | ସାସ୍ଥ୍ୟ ମିତ୍ରଙ୍କ ନାମ | ଫୋନ୍ ନମ୍ବର |
|---|---|---|---|---|
| ୧ | | କ୍ରିସ୍ ହସ୍ପିଟାଲ | | |
| ୨ | | କ୍ରିଷ୍ଣା କ୍ଲିନିକ୍ ଆଣ୍ଡ ନର୍ସିଙ୍ଗ୍ ହୋମ୍ | ସମୁଜ୍ୱାଲ୍ ଆଚାର୍ଯ୍ୟ | ୭୫୩୭୮୧୭୨୦୫ |
| ୩ | | ସାମଲ କେୟାର ପ୍ରା. ଲି. | | |
| ୪ | ଅନୁଗୁଳ | ଲାୟନସ୍ ଭୂମିକା ଆଇ ହସ୍ପିଟାଲ | ଅମିତ କୁମାର ସାମଲ | ୭୮୦୯୭୩୪୧୩୨ |
| ୫ | | ସୁରେନ୍ଦ୍ର ହସ୍ପିଟାଲ | | ୬୩୭୨୪୯୬୬୬୪ |
| ୬ | | ସରୋଜିନୀ ହେଲଥ୍ କେୟାର | ସୁପ୍ରଭା ସାହୁ | ୭୮୫୨୯୬୩୮୪୮ |
| ୭ | | ଆରୋଗ୍ୟମ୍ ହେଲଥ୍ କେୟାର | ଗିରିଶ ଚନ୍ଦ୍ର ପ୍ରଧାନ | ୯୪୩୭୮୩୩୩୯୮<br>୮୪୫୬୯୩୨୨୨୫ |
| ୮ | | ବାସନ୍ତୀ ଦୁର୍ଗା ନର୍ସିଙ୍ଗ୍ ହୋମ୍ | ସ୍ମିତାଞ୍ଜଳୀ ନାୟକ | ୮୯୧୭୩୬୩୦୬୬<br>୭୫୩୮୯୭୨୧୦୩ |
| ୯ | | ଜ୍ୟୋତି ହସ୍ପିଟାଲ | ଭବାନୀ ଶଙ୍କର ମହାପାତ୍ର | ୭୮୭୩୨୧୪୦୩୦ |
| ୧୦ | | ମା ନର୍ସିଙ୍ଗ୍ ହୋମ୍ | ସୁସ୍ମିତା ପ୍ରଧାନ | ୭୦୬୪୭୮୫୨୯୧<br>୯୬୫୮୪୪୯୬୩୪ |
| ୧୧ | ବାଲେଶ୍ୱର | ମା ତାରିଣୀ ନର୍ସିଙ୍ଗ୍ ହୋମ୍ | ତରୁଣ କୁମାର ସେନାପତି | ୭୬୦୫୯୮୮୦୨୫ |
| ୧୨ | | ଶ୍ରୀରାମ ହସ୍ପିଟାଲ | ସୌଦାମିନି ବେହେରା | ୮୨୪୯୬୦୮୪୧୭<br>୮୯୮୪୯୦୩୯୭୯ |
| ୧୩ | | ବିରିକୁଳି ସେବା ସଦନ | | |
| ୧୪ | | ସୂର୍ଯ୍ୟମଣି ନେତ୍ରାଳୟ | ଅଜୟ କୁମାର ପ୍ରଧାନ | ୯୭୭୬୭୩୦୯୨୦ |
| ୧୫ | | ରାମକୃଷ୍ଣ ମ୍ୟାଟର୍ନିଟି ହସ୍ପିଟାଲ ଆଣ୍ଡ ନର୍ସିଙ୍ଗ୍ ହୋମ୍ | ଡ଼ିଷ୍ଟ୍ରିକ୍ଟ୍ କୋଅର୍ଡିନେଟର, ବାଲେଶ୍ୱର | |
| ୧୬ | | ବାବା ମଣି ନର୍ସିଙ୍ଗ୍ ହୋମ୍ | | |
| ୧୭ | | ବେହେରା ନର୍ସିଙ୍ଗ୍ ହୋମ୍ | ପ୍ରତିଭା ପ୍ରଧାନ | ୭୭୪୯୦୧୭୩୩୧ |
| ୧୮ | | କିଶୋରୀ ନର୍ସିଙ୍ଗ୍ ହୋମ୍ | ଅଜୟ କୁମାର ଭୋଇ | ୭୯୭୮୯୫୦୬୮୭ |
| ୧୯ | | ସାଇ କୃପା ନର୍ସିଙ୍ଗ୍ ହୋମ୍ | ନେପାଲ୍ ସାହୁ | ୮୯୦୮୧୩୫୬୪୪ |
| ୨୦ | ବରଗଡ଼ | ସାଇ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ | ତୁଷ୍ଣା ସାବତ | ୭୦୦୮୭୬୮୧୪୭ |
| ୨୧ | | ବିକାଶ୍ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ | ରିମା ଭୋଇ | ୭୬୦୮୦୯୫୯୧୬ |
| ୨୨ | | ନବଜୀବନ ଚିକିତ୍ସାଳୟ | ସଂଜୀବ କୁମାର ପଟେଲ<br>ଡ଼ିଷ୍ଟ୍ରିକ୍ଟ୍ କୋଅର୍ଡିନେଟର, ବରଗଡ଼ | ୯୮୬୧୩୫୪୦୭୭<br>୭୦୦୮୩୦୯୫୦୬ |
| ୨୩ | | ଭୂମିକା ହସ୍ପିଟାଲ | ସୁନୀଲ କୁମାର ବାରିକ | ୮୦୯୩୪୪୮୬୩୩ |
| ୨୪ | | ପାଣିଗ୍ରାହୀ ହେଲଥ୍ କେୟାର | | ୮୯୧୭୩୪୩୮୫୮ |
| ୨୫ | | ସାଳନ୍ଦୀ ହସ୍ପିଟାଲ | ଇତିଶ୍ରୀ ଦାସ | ୬୩୭୦୮୫୯୩୩୨ |
| ୨୬ | | ଚିରାଗ ହସ୍ପିଟାଲ | ପ୍ରିୟବ୍ରତ ରାଉତ | ୮୩୨୮୮୨୪୬୯୯ |
| ୨୭ | | ଓମ୍ ସାଇ ହସ୍ପିଟାଲ | ତପନ କୁମାର ଦାସ | ୯୨୩୭୩୫୫୩୭୭ |
| ୨୮ | | ପାଢ଼ୀ ହେଲଥ୍ କେୟାର | ଅମ୍ବାରିସ୍ ଦାସ | ୯୪୩୭୨୬୫୪୯୦ |
| ୨୯ | ଭଦ୍ରକ | ସାଇ ଭରଦ୍ୱାଜ ହସ୍ପିଟାଲ | ଦିଗମ୍ବର ମିଶ୍ର | ୭୬୮୨୮୨୬୯୦୬<br>୯୦୯୦୪୯୪୫୧୫ |
| ୩୦ | | ସାଇ ହସ୍ପିଟାଲ | ବନ୍ଦନା କୁମାରୀ ନାୟକ | ୭୦୦୮୨୦୦୧୭୯<br>୭୬୦୯୯୦୪୧୯୦ |
| ୩୧ | | ଶୁଭମ୍ ହେଲଥ୍ କେୟାର | ଲିପ୍ସା ପ୍ରିୟଦର୍ଶିନି ରାଉତ | ୮୧୪୪୪୧୭୩୨୫ |
| ୩୨ | | ବିନାୟକ ନର୍ସିଙ୍ଗ୍ ହୋମ୍ ପ୍ରାଇଭେଟ୍ ଲିମିଟେଡ୍ | ସନ୍ତୋଷ କୁମାର ତ୍ରିପାଠୀ | ୮୪୫୭୮୪୯୪୪୧ |
| ୩୩ | | ଉମାଶଙ୍କର ହେଲଥ୍ କେୟାର | | ୮୬୩୭୨୪୦୪୮୬ |
| ୩୪ | | ଇ.ଆର୍.ବି.ଏଚ୍.ଏସ୍ ନେତ୍ରନିକେତନ<br>ଆଇ ସୁପ୍ରିମ ଟାକ୍ସ ଜେନେରାଲ୍ ହସ୍ପିଟାଲ | ବ୍ରଜ ଗୋପାଳ ସିଂ | ୮୯୧୭୩୩୯୪୯୨ |
| ୩୫ | | ନିୟୁ ଆପୋଲୋ ହସ୍ପିଟାଲ | ତୁଳସିରାମ୍ ବେହେରା | ୭୩୨୬୦୮୨୨୬୪ |
| ୩୬ | ବଲାଙ୍ଗିର | ଏସ୍.ସି.ଡ଼ି. ଆଇ ହସ୍ପିଟାଲ | ଗୋବିନ୍ଦ ରଣା | ୭୦୦୮୮୫୫୨୩୧ |
| ୩୭ | | ସମଲେଶ୍ୱରୀ ହସ୍ପିଟାଲ | ସୁବ୍ରତ କୁମାର ସାହୁ<br>ଡ଼ିଷ୍ଟ୍ରିକ୍ଟ୍ କୋଅର୍ଡିନେଟର, ବଲାଙ୍ଗିର | ୮୨୪୯୨୪୬୭୭୨ |
| ୩୮ | | ଆଡ୍ ହସ୍ପିଟାଲ | ଜ୍ୟୋତି ପ୍ରସାଦ ରାଜ୍ | ୭୦୦୮୫୫୭୮୩୭ |
| ୩୯ | | ଅଗ୍ରୱାଲ୍ ଆଇ କ୍ଲିନିକ୍ ଆଣ୍ଡ ହସ୍ପିଟାଲ | | |
| ୪୦ | | ଅଶ୍ୱିନୀ ହସ୍ପିଟାଲ | ନିଖିଳେସ୍ ଦାସ୍ | ୮୨୮୦୦୫୫୪୯୩ |
| ୪୧ | | ଅଶ୍ୱିନୀ ଟ୍ରମା ସେଣ୍ଟର | | ୬୩୭୦୦୫୮୧୪୭ |
| ୪୨ | | କାର୍ସିନୋଭା କ୍ୟାନସର୍ ହସ୍ପିଟାଲ | ତସ୍ଲିମ୍ ଖାନ | ୯୭୭୬୬୬୨୯୮୮ |
| ୪୩ | | ଗୋପବନ୍ଧୁ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ | | ୯୩୪୮୯୫୯୨୭୯ |
| ୪୪ | | ଚିତ୍ତରଞ୍ଜନ ସେବା ସଦନ ଆଣ୍ଡ ହସ୍ପିଟାଲ | ସବ୍ୟସ୍ତ ରଞ୍ଜନ ସାହାଣି | ୭୦୦୮୧୪୮୯୬୭ |
| ୪୫ | | ବି.ବି.ଏସ୍ ହେଲଥ୍ କେୟାର | | |
| ୪୬ | କଟକ | କଟକ ଲାପ୍ରୋସ୍କୋପିକ୍ ହସ୍ପିଟାଲ | ସବିତା ଦାସ | ୯୪୩୭୨୫୦୯୧୨ |
| ୪୭ | | ଏଚ୍.ସି.ଜି. ପଣ୍ଡା କ୍ୟୁରି କ୍ୟାନ୍ସର ହସ୍ପିଟାଲ | ନମିତା ସାହୁ | ୯୮୬୧୫୫୬୬୪୭ |
| ୪୮ | | ହେଲଥ୍ କେୟାର ନର୍ସିଙ୍ଗ୍ ହୋମ୍ | ନୃସିଂହ ଚରଣ ବାରିକ | ୯୮୫୩୭୦୩୬୫୦ |
| ୪୯ | | ଜନସେବକ କ୍ଲିନିକ୍ ଆଣ୍ଡ ନର୍ସିଙ୍ଗ୍ ହୋମ୍ | ସ୍ମିତିପ୍ରଜ୍ଞା ପୁହାନ | ୮୦୧୮୭୦୨୧୩୧ |
| ୫୦ | | ପଦ୍ମିନୀ କେୟାର | | |
| ୫୧ | | ଜେପିଏମ୍ ରୋଟାରୀ କ୍ଲବ୍ କଟକ ଆଇ ହସ୍ପିଟାଲ | ଜୀବନନନ୍ଦ ବେହେରା | ୯୧୭୮୯୨୪୮୨୦ |
| ୫୨ | | ମେଲ୍ଭିନ୍ ଜୋନସ୍ ଆଇ ହସ୍ପିଟାଲ | ଗିତିକ୍ରିଷ୍ଣା ଲେଙ୍କା | ୯୩୪୮୦୭୬୦୪୨ |
| ୫୩ | | ଓମ୍ ହସ୍ପିଟାଲ | ରୁପାଲି ନାୟକ | ୭୦୬୪୭୫୫୬୭୩ |
| ୫୪ | | ଓମ୍ ସାଇ କୃପାକିରଣ ହସ୍ପିଟାଲ ପ୍ରା. ଲି. | ସ୍ମିତା ପାୟଲ ପାତ୍ର | ୯୩୪୮୮୩୨୦୨୯ |
| ୫୫ | | ସଦ୍‌ଗୁରୁ ମେଡ଼ିକାଲ କଲେଜ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର | ଅର୍ପିତା ପ୍ରିୟଦର୍ଶିନୀ | ୮୯୮୪୮୨୬୭୬୨ |
| ୫୬ | | ସାଇ ଆରୋଗ୍ୟମ୍ ନର୍ସିଙ୍ଗ୍ ହୋମ୍ | ମହେଶ କୁମାର ଲେଙ୍କା | ୯୫୮୩୦୬୮୩୮୫ |
| ୫୭ | | ଜୀବନ ଜ୍ୟୋତି ନର୍ସିଙ୍ଗ୍ ହୋମ୍ | | |
| ୫୮ | | ରିଜିଓନାଲ୍ ସ୍ପାଇନାଲ୍ ଇନ୍‌ଜୁରି ସେଣ୍ଟର୍ | ଭାଗ୍ୟଶ୍ରୀ ହୋତା | ୭୨୦୫୮୧୫୫୯୦ |
| ୫୯ | | ସାଇ ଜୀବନ ହସ୍ପିଟାଲ ପ୍ରା. ଲି. | | |
| ୬୦ | | ସାଇ ସଞ୍ଜୀବନୀ ହସ୍ପିଟାଲ | ସ୍ନିଗ୍ଧାରାଣୀ ନନ୍ଦୀ | ୭୦୦୮୩୪୭୭୧୧ |
| ୬୧ | | ସଞ୍ଜୀବନୀ ନର୍ସିଙ୍ଗ୍ ହୋମ୍ | ଶୁଭାଂସୁ ବେହେରା | ୬୩୭୨୫୬୭୬୩୪ |
| ୬୨ | | ଶକ୍ତି ସାଇ ହସ୍ପିଟାଲ | ପ୍ରଶମିକା ମିଶ୍ର | ୯୭୭୬୮୬୯୧୬୯ |
| ୬୩ | | ଉଦୟଭାନୁ କ୍ଲିନିକ୍ ଆଣ୍ଡ ନର୍ସିଙ୍ଗ୍ ହୋମ୍ | ତୃପ୍ତିମୟୀ ରାଉତରାୟ | ୭୨୦୫୧୬୬୮୨୬ |
| ୬୪ | କଟକ | ଦାସ ହସ୍ପିଟାଲ | | |
| ୬୫ | | ଇଷ୍ଟ୍ ପଏଣ୍ଟ ହସ୍ପିଟାଲ | | |
| ୬୬ | | ସନ୍ ହସ୍ପିଟାଲ | | |
| ୬୭ | | ସୁଶୃସା ନର୍ସିଙ୍ଗ୍ ହୋମ୍ | | |
| ୬୮ | | ଶ୍ରୀ ରାମ ନର୍ସିଙ୍ଗ୍ ହୋମ୍ | ସୁସ୍ମିତା ନାୟକ | ୭୭୫୨୦୫୧୬୭୭ |
| ୬୯ | | ସାଉଥ୍ ପଏଣ୍ଟ ହସ୍ପିଟାଲ | ଡ଼ିଷ୍ଟ୍ରିକ୍ଟ୍ କୋଅର୍ଡିନେଟର, କଟକ | |
| ୭୦ | | ଶ୍ରୀରାମ ହସ୍ପିଟାଲ | | |
| ୭୧ | | ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟରଲୋଜ<br>ଆଣ୍ଡ ଗାଇନୋକୋଲୋଜି | | |
| ୭୨ | | ମେଡି-ଏରା ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ | | |
| ୭୩ | | ରୋଶନ୍ ଆଇ କେୟାର | | |
| ୭୪ | | ଆରୋଗ୍ୟ ନର୍ସିଙ୍ଗ୍ ହୋମ୍ | ସଂଜୟ କୁମାର ରାଉତ | ୯୭୭୭୮୪୬୭୮୭ |
| ୭୫ | | ଦିଶା ହସ୍ପିଟାଲ | ଆଲୋକ ବେହେରା | ୭୭୮୭୦୪୬୭୪୪ |
| ୭୬ | | କଳିଙ୍ଗ ଆଇ ହସ୍ପିଟାଲ | ପ୍ରଜ୍ଞାପରମିତା ସାହୁ | ୭୯୭୮୨୦୭୧୯୧ |
| ୭୭ | | ମା ବୈଷ୍ଣୋଦେବୀ ନର୍ସିଙ୍ଗ୍ ହୋମ୍ | ସୁବ୍ରତ କୁମାର ଜାତି | ୬୩୭୨୧୨୭୩୨୭ |
| ୭୮ | | ପଣ୍ଡା ନର୍ସିଙ୍ଗ୍ ହୋମ୍ | ଦୀପ୍ତିପ୍ରକାଶ ରାଉତରାୟ | ୭୯୮୯୦୨୧୭୫୬ |
| ୭୯ | ଢେଙ୍କାନାଳ | ସର୍ବେଶ୍ୱର ମେମୋରିଆଲ୍ ଆଇ ହସ୍ପିଟାଲ | ଦେବେନ୍ଦ୍ର ସେଠୀ | ୭୦୦୮୧୮୧୧୦୯ |
| ୮୦ | | ସର୍ବେଶ୍ୱର ମେମୋରିଆଲ୍ ହସ୍ପିଟାଲ | ତ୍ରିନାଥ ଭୂୟାଁ | ୮୩୨୮୮୫୧୯୩୮ |
| ୮୧ | | ଶ୍ରୀ ଜଗନ୍ନାଥ ହସ୍ପିଟାଲ | ବିଶ୍ୱଜିତ୍ ମହାପାତ୍ର | ୭୦୦୮୯୮୪୬୧୦ |
| ୮୨ | | ଦେବୀ ଦୁର୍ଗା ହସ୍ପିଟାଲ | ସଗରିକା ସେଠୀ<br>ଡ଼ିଷ୍ଟ୍ରିକ୍ଟ୍ କୋଅର୍ଡିନେଟର, ଢେଙ୍କାନାଳ | ୯୧୨୪୨୦୯୩୩୪ |
| ୮୩ | | ଡ଼କ୍ଟର ରବି ନର୍ସିଙ୍ଗ୍ ହୋମ୍ | ମନୋଜ ଭୂୟାଁ | ୮୮୯୫୯୫୬୫୮୬ |
| ୮୪ | | ଲକ୍ଷ୍ମୀ ନର୍ସିଙ୍ଗ୍ ହୋମ୍ | | |
| ୮୫ | ଗଜପତି | ସାରା ଆଇ କେୟାର | ଭି ଦିଲେଶ୍ୱର ରାଓ | ୯୪୩୮୮୩୭୨୨୭ |
| ୮୬ | | ଭି.ଭି.ଏଲ୍ ନର୍ସିଙ୍ଗ୍ ହୋମ୍ | | |
| ୮୭ | | ଆସ୍ଥା ହସ୍ପିଟାଲ | ମୁରାରୀ କୁମାର ସାହୁ | ୯୦୪୦୪୬୨୨୧୩ |
| ୮୮ | | ରାଧାସାମୀ ସେବା ସଦନ | | |
| ୮୯ | | ଏଇସ୍ରତ୍ ହସ୍ପିଟାଲ | ପବିତ୍ର ରଞ୍ଜନ ଦାଶ | ୭୯୭୮୨୯୧୯୫୪ |
| ୯୦ | | ଅମିତ ହସ୍ପିଟାଲ | ଅଲିଭା କୁମାରୀ ନାୟକ | ୮୮୯୫୦୯୮୬୧୧<br>୮୧୪୪୫୩୦୪୮୮ |
| ୯୧ | | ଆଶୁତୋଷ ହସ୍ପିଟାଲ | ସନ୍ତୋଷ କୁମାର ପୃଷ୍ଟି | ୭୦୦୮୮୫୧୫୩୮ |
| ୯୨ | | ଆୟୁଷ ହସ୍ପିଟାଲ | ନରେନ୍ଦ୍ର କୁମାର ନାୟକ | ୭୦୬୪୩୩୩୩୯୭ |
| ୯୩ | | ଗୁରୁଦେବ ହସ୍ପିଟାଲ | | |
| ୯୪ | ଗଞ୍ଜାମ | ଡିଭାଇନ୍ ହସ୍ପିଟାଲ | ସାଗର ସାମଲ | ୭୬୮୪୮୪୮୭୮୫ |
| ୯୫ | | ନିୟୁ କଳିଙ୍ଗ ହସ୍ପିଟାଲ | | |
| ୯୬ | | ଇକୋସ୍ ଆଇ ହସ୍ପିଟାଲ | ଜ୍ୟୋତି ପଟ୍ଟନାୟକ | ୯୪୩୮୬୩୫୬୦୧ |
| ୯୭ | | କେଜିଏନ୍ ସ୍ୱର୍ଣ ହସ୍ପିଟାଲ | ମାନସ କୁମାର ଡ଼ାଙ୍ଗୁଆ | ୮୧୪୯୬୪୩୭୬୬ |
| ୯୮ | | ଶ୍ରୀ ସତ୍ୟସାଇ ହସ୍ପିଟାଲ | | |
| ୯୯ | | ମଡର୍ଣ୍ଣ ଆଇ କେୟାର୍ ସେଣ୍ଟର ଆଣ୍ଡ ହସ୍ପିଟାଲ | ପ୍ରଦେଶ କୁମାର ପଣ୍ଡା | ୯୦୪୦୬୨୬୬୪୬ |
| ୧୦୦ | | ରୁବି ଆଇ ହସ୍ପିଟାଲ | | |
| ୧୦୧ | | ନିୟୁ ନିଳାଚଳ ହସ୍ପିଟାଲ | ଅନୀତା ବାରିକ | ୮୨୪୯୩୪୩୪୯୧ |
| ୧୦୨ | | ଶଙ୍କର ଆଇ ହସ୍ପିଟାଲ | ବାସନ୍ତୀ ରେଡି | ୯୫୫୬୪୪୦୩୭୩ |
| ୧୦୩ | | ଶ୍ରୀ ରାମ ହସ୍ପିଟାଲ | ନନ୍ଦ କିଶୋର ବଡ଼ରାଇତା | ୮୧୪୪୨୯୫୦୬୨ |
| ୧୦୪ | | କେୟାର ୱେଲ୍ ହସ୍ପିଟାଲ | ଇପ୍ସିତା ମହାନ୍ତି | ୭୩୭୭୭୭୩୫୫୪ |
| ୧୦୫ | | ଖାନ୍ ନର୍ସିଂ ହୋମ୍ | ବର୍ଷାରାଣୀ ଜେନା | ୯୭୭୬୧୬୮୮୯୦ |
| ୧୦୬ | | ଏଲ୍ ଆଣ୍ଡ ପି ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର | ଦେବାଶିଷ ବିଶ୍ୱାଳ | ୭୮୭୩୦୭୯୦୩୩ |
| ୧୦୭ | | ଲାଇଫ ଲାଇନ୍ ନର୍ସିଙ୍ଗ୍ ହୋମ୍ | ସାଗତିକା ସାଇଁ | ୯୦୯୦୧୮୫୧୨୩ |
| ୧୦୮ | ଜଗତସିଂହପୁର | ମା ସାରଳା ନର୍ସିଙ୍ଗ୍ ହୋମ୍ | ବିଶ୍ୱଜିତ ସାଇଁ | ୯୬୬୮୬୩୬୫୨୫ |
| ୧୦୯ | | ସସ୍ତିକ୍ ନର୍ସିଂ ହୋମ୍ | | |
| ୧୧୦ | | ସନ୍ ହସ୍ପିଟାଲ | ନବପ୍ରକାଶ ସାହୁ | ୯୭୭୮୫୬୬୨୪୮<br>୭୦୦୮୭୭୧୩୮୫ |
| ୧୧୧ | | ତ୍ରିଲୋଚନ ନେତ୍ରାଳୟ | ଅଭୟ କୁମାର ମହାପାତ୍ର | ୯୮୫୩୩୨୮୧୫୩ |

## ଟୋଲ୍ ଫ୍ରି ନମ୍ବର: ୧୦୪

OIPR-10001/13/0055/2122

ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

# ନୂଆ ସ୍ମାର୍ଟ କାର୍ଡ଼ ଏବଂ ନୂଆ ରୂପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା






DSPL-196

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ତାଲିକାଭୁକ୍ତ ଡାକ୍ତରଖାନା ସହିତ ସ୍ୱାସ୍ଥ୍ୟ ମିତ୍ରଙ୍କ ନାମ ଓ ଫୋନ୍ ନମ୍ବର

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ଡାକ୍ତରଖାନାର ନାମ | ସ୍ୱାସ୍ଥ୍ୟ ମିତ୍ରଙ୍କ ନାମ | ଫୋନ୍ ନମ୍ବର |
|---|---|---|---|---|
| ୧୧୨ | ଯାଜପୁର | ଅନିମା ନର୍ସିଙ୍ଗ୍ ହୋମ୍ | ଅବିନାଶ ରାଉତ | ୭୩୨୭୮୩୨୦୩୬ |
| ୧୧୩ | | ଟାଟା ମେଡ଼ିକା ହସ୍ପିଟାଲ କଳିଙ୍ଗ ନଗର | | |
| ୧୧୪ | | ଭୂମିକା ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର | ଯଶୋଦା ରାଣୀ ପାଢ଼ୀ | ୮୧୪୪୬୫୫୫୦୪ |
| ୧୧୫ | | ଲକ୍ଷ୍ମୀ ହସ୍ପିଟାଲ | ପ୍ରତାପ କୁମାର ବେହେରା | ୯୦୯୦୬୦୪୭୦୯ |
| ୧୧୬ | | ସର୍ମିଷ୍ଠା ମେମୋରିଆଲ ହସ୍ପିଟାଲ | | |
| ୧୧୭ | | ଭୂମିକା ଆଇ ହସ୍ପିଟାଲ | | |
| ୧୧୮ | | ସାଇ ଶାନ୍ତି ଆଇ ହସ୍ପିଟାଲ | ଅବ୍ଦୁଲ୍ ମୁସ୍‌ଲିମ୍ ଖାନ୍ | ୯୬୫୮୯୭୫୨୨୩ |
| ୧୧୯ | | ଜୀବନ ଜ୍ୟୋତି ହସ୍ପିଟାଲ ଆଣ୍ଡ ଡ଼ାଇଗ୍ନୋଷ୍ଟିକ୍ | କବିତା ସାହୁ | ୭୦୦୮୦୦୨୪୫୮ |
| ୧୨୦ | | ଡ଼କ୍ଟର ବି କେ ମହାନ୍ତି ମେମୋରିଆଲ୍ ହେଲଥ୍ କେୟାର | ଭାଗ୍ୟରେଖା ଶତପଥୀ | ୮୮୯୫୯୩୪୧୦୩<br>୭୯୭୮୭୦୩୧୨୭ |
| ୧୨୧ | | ସାଇ ନେତ୍ର ମନ୍ଦିର | ଲିଙ୍ଗରାଜ ପଟ୍ଟନାୟକ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ଯାଜପୁର | ୯୮୬୧୯୪୫୩୦୪ |
| ୧୨୨ | | ଡ଼କ୍ଟର ସାର୍ଥକ ହସ୍ପିଟାଲ | | |
| ୧୨୩ | | ରୋହିଣୀ ହସ୍ପିଟାଲ | | |
| ୧୨୪ | | ପ୍ରଭାକେୟାର ମଲ୍ଟିସ୍ପେସିଆଲିଟି ହସ୍ପିଟାଲ | | |
| ୧୨୫ | | ସୁଶ୍ରୁସା ଆଇ ହସ୍ପିଟାଲ | | |
| ୧୨୬ | ଝାରସୁଗୁଡ଼ା | ମୋତିଲାଲ୍ ଯାଦବ ମେମୋରିଆଲ ସମଲେଶ୍ୱରୀ ହସ୍ପିଟାଲ | ଆଲୋକ ରଞ୍ଜନ କୁମ୍ଭାର<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ଝାରସୁଗୁଡ଼ା | ୭୦୦୮୮୦୦୭୩୪ |
| ୧୨୭ | କଳାହାଣ୍ଡି | ବେଦାନ୍ତ ହସ୍ପିଟାଲ | ହେମନ୍ତ ପଟେଲ | ୯୮୫୩୮୧୩୨୮୨ |
| ୧୨୮ | | ଜୁନାଗଡ଼ ନେତ୍ର ଚିକିତ୍ସାଳୟ - ଲେପ୍ରା ସୋସାଇଟି | ବିଭୁଚରଣ ନାୟକ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, କଳାହାଣ୍ଡି | ୭୯୭୮୦୧୩୩୦୦ |
| ୧୨୯ | | ମା ମଣିକେଶ୍ୱରୀ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ | | |
| ୧୩୦ | | ସାଇ ତରଙ୍ଗ ମଲ୍ଟିସ୍ପେସିଆଲିଟି କ୍ଲିନିକ୍ ଆଣ୍ଡ ହସ୍ପିଟାଲ | | |
| ୧୩୧ | | ଶ୍ରୀ ଜଗନ୍ନାଥ ନେତ୍ରାଳୟ | | |
| ୧୩୨ | | ସନ୍ ହସ୍ପିଟାଲ | | |
| ୧୩୩ | | ଶ୍ରୀ ବାଲାଜୀ ମଲ୍ଟିସ୍ପେସିଆଲିଟି ନର୍ସିଙ୍ଗ୍ ହୋମ୍ | | |
| ୧୩୪ | କେନ୍ଦ୍ରାପଡ଼ା | ବାବା କ୍ଷେତ୍ରମୋହନ ହେଲଥ୍ କେୟାର | ରୋଜାଲିନ୍ ପଣ୍ଡା | ୭୭୩୫୮୪୪୫୯୦<br>୭୨୮୭୮୩୮୦୪୫ |
| ୧୩୫ | | ଭଗବତୀ ହସ୍ପିଟାଲ | ରାଜଲକ୍ଷ୍ମୀ ସାହାଣୀ | ୯୪୩୮୮୧୯୪୯୯ |
| ୧୩୬ | | ସାଇ ହସ୍ପିଟାଲ | ସୌମ୍ୟରଞ୍ଜନ ପାଣ୍ଡେ | ୮୧୪୪୦୪୪୯୫୯ |
| ୧୩୭ | | ଭୂମିକା ହସ୍ପିଟାଲ | ବିଜୟଲକ୍ଷ୍ମୀ ମହାନ୍ତି | ୭୨୦୫୮୫୯୬୪୯ |
| ୧୩୮ | | ହେଲଥ୍ କେୟାର ନର୍ସିଙ୍ଗ୍ ହୋମ୍ | ଉର୍ମିଳା ସାହୁ | ୭୫୦୪୭୩୪୮୩୮<br>୯୪୩୭୫୮୮୭୫୬ |
| ୧୩୯ | | ଏମ୍ ବି ନର୍ସିଙ୍ଗ୍ ହୋମ୍ | ଏମ୍.ଡ଼ି ଇଫ୍‌ତେକର୍ ଅମିର୍ | ୯୫୮୩୬୯୪୯୩୬ |
| ୧୪୦ | | ସୂର୍ଯ୍ୟ ନର୍ସିଙ୍ଗ୍ ହୋମ୍ | ଗୀତାଞ୍ଜଳୀ ନାୟକ | ୮୨୪୯୪୯୫୮୫୯ |
| ୧୪୧ | | ବର୍ଷା ନର୍ସିଙ୍ଗ୍ ହୋମ୍ | ଅନ୍ନପୂର୍ଣ୍ଣା ନାୟକ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, କେନ୍ଦ୍ରାପଡ଼ା | ୯୪୩୭୬୦୩୦୭୨ |
| ୧୪୨ | କେନ୍ଦୁଝର | ରମାଦେବୀ ନର୍ସିଙ୍ଗ୍ ହୋମ୍ | ଦିବ୍ୟଜ୍ୟୋତି ନାୟକ | ୮୯୧୭୩୬୭୪୮୯ |
| ୧୪୩ | | ମା ତାରିଣୀ ହସ୍ପିଟାଲ ପ୍ରା. ଲି. | ଶୈଳବାଳା ମାହନ୍ତ | ୯୧୭୮୭୮୭୩୮୩ |
| ୧୪୪ | | ଆରତୀ ହସ୍ପିଟାଲ | ପ୍ରତିଭା ପ୍ରିୟଦର୍ଶିନୀ ବରା<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, କେନ୍ଦୁଝର | ୮୯୧୭୪୮୬୯୧୨ |
| ୧୪୫ | | କାଶୀନାଥ ହେଲଥ୍ କେୟାର | | |
| ୧୪୬ | | ଟ୍ରାଇବାଲ୍ ହେଲଥ୍ ସେଣ୍ଟର୍ ଓ୍ୱିଥ୍ ମ୍ୟାଟର୍‌ନିଟି ଆଣ୍ଡ ନିୟୁ ବର୍ନ କେୟାର | | |
| ୧୪୭ | ଖୋର୍ଦ୍ଧା | ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ | ବିଭୁନନ୍ଦନ ସାହୁ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର<br>ଖୋର୍ଦ୍ଧା (ଅର୍ବାନ୍) | ୯୪୩୭୪୪୪୯୭୯ |
| ୧୪୮ | | ହେମଲତା ହସ୍ପିଟାଲ୍‌ସ୍ ଲିମିଟେଡ୍ | | |
| ୧୪୯ | | ମା ଶକ୍ତି ହସ୍ପିଟାଲ | | |
| ୧୫୦ | | ମଡ଼ର୍ଣ୍ଣ ହେଲଥ୍ କେୟାର ହସ୍ପିଟାଲ | | |
| ୧୫୧ | | ନୀଳାଚଳ ହସ୍ପିଟାଲ | | |
| ୧୫୨ | | ନନ୍ଦିଘୋଷ ହସ୍ପିଟାଲ | | |
| ୧୫୩ | | ଓମ୍ ଶୁଭମ ହସ୍ପିଟାଲ | | |
| ୧୫୪ | | ସନ୍‌ସାଇନ୍ ହସ୍ପିଟାଲ | | |
| ୧୫୫ | | ସୁଶ୍ରୁତା ହସ୍ପିଟାଲ ଆଣ୍ଡ ଟ୍ରମା କେୟାର ପ୍ରା. ଲିଃ | | |
| ୧୫୬ | | ଭୂମିକା ଆଇ ହସ୍ପିଟାଲ | | |
| ୧୫୭ | | ଆଡ୍‌ଭାନସ୍ ଆଇ କେୟାର ହସ୍ପିଟାଲ | ନିରୁପମା ଖଟୋଇ | ୬୩୭୨୫୭୫୬୪୫ |
| ୧୫୮ | | ବିବେକାନନ୍ଦ ହସ୍ପିଟାଲ | ସାଗରିକା ସାହୁ | ୭୩୭୭୯୮୨୦୬୨ |
| ୧୫୯ | | ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ, ଭୁବନେଶ୍ୱର | ମନୋଜ କୁମାର ରାଉତରାୟ<br>ମାନସି ଗୋଛାୟତ<br>ଶେଖର ବିଶ୍ୱାଳ<br>ରାଜେଶ କୁମାର ପାତ୍ର | ୮୦୧୮୬୭୭୫୯୮<br>୮୯୧୭୪୮୯୫୩୨<br>୭୦୦୮୭୭୩୯୧୦<br>୭୭୩୫୮୩୨୨୦୮ |
| ୧୬୦ | | ଆମ୍ରୀ ହସ୍ପିଟାଲ | ବାସୁଦେବ ପାଟସାଣୀ | ୬୩୭୦୯୧୬୦୮୧ |
| ୧୬୧ | | ଆପୋଲୋ ହସ୍ପିଟାଲ | ମାନସ କୁମାର ସାହୁ | ୮୯୮୪୮୪୬୨୨୮ |
| ୧୬୨ | | ଆରୋଗ୍ୟ ହସ୍ପିଟାଲ | ତୃପ୍ତି ମହାନ୍ତି | ୬୩୭୧୫୩୭୩୨୨ |
| ୧୬୩ | | ଏ.ଏସ୍.ଜି. ଆଇ ହସ୍ପିଟାଲ | ପ୍ରିତିପଦ୍ମା ମହାନ୍ତ | ୮୮୪୭୮୩୧୩୭୬ |
| ୧୬୪ | | ପଣ୍ଡା ନର୍ସିଙ୍ଗ୍ ହୋମ୍ | | |
| ୧୬୫ | | ଅରୋ କେୟାର ନର୍ସିଙ୍ଗ୍ ହୋମ୍ | ପ୍ରଣତି ବଡ଼ଜେନା | ୭୨୦୫୩୦୭୧୪୧ |
| ୧୬୬ | | ବୈଦ୍ୟନାଥ ମେମୋରିଆଲ ହସ୍ପିଟାଲ | ବିଦ୍ୟୁତ ରଞ୍ଜନ ଚାଓ ପଟ୍ଟନାୟକ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର<br>ଖୋର୍ଦ୍ଧା (ରୁରାଲ୍) | ୯୩୪୮୨୦୬୩୭୩ |
| ୧୬୭ | | ପାର୍କଲ୍ୟାଣ୍ଡ ହସ୍ପିଟାଲ | | |
| ୧୬୮ | | ସାଇ ସେବା ସଦନ | | |
| ୧୬୯ | | ସାଥୀ ନର୍ସିଙ୍ଗ୍ ହୋମ୍ | | |
| ୧୭୦ | | ଶୁଭ ନର୍ସିଙ୍ଗ୍ ହୋମ୍ | | |
| ୧୭୧ | | ଉତ୍କଳ ଆଇ ହସ୍ପିଟାଲ | | |
| ୧୭୨ | | ବ୍ଲୁ ହ୍ୱିଲ୍ ହସ୍ପିଟାଲ | ସରୋଜ କୁମାର ଭୋଇ | ୬୩୭୨୨୧୩୩୨୪ |
| ୧୭୩ | ଖୋର୍ଦ୍ଧା | କେୟାର ହସ୍ପିଟାଲ | ପ୍ରତିମା ପ୍ରିୟଦର୍ଶିନୀ ପ୍ରଧାନ | ୭୦୭୭୪୮୫୬୫୫ |
| ୧୭୪ | | ଚତୁର୍ଭୁଜ ଜେନାମଣି ମେମୋରିଆଲ ହସ୍ପିଟାଲ | ସତ୍ୟବ୍ରତ ଦାଶ | ୮୬୩୭୨୭୦୦୬୫ |
| ୧୭୫ | | ହାଇଟେକ୍ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ | ରୋଜାଲିନ୍ ସାହୁ | ୭୯୭୮୬୦୧୮୧୫ |
| ୧୭୬ | | ଆଇ ଏମ୍ ଏସ୍ ଆଣ୍ଡ ସମ୍ ହସ୍ପିଟାଲ | ତାପସୀ ଜେନା | ୯୪୩୭୫୮୮୭୫୬ |
| ୧୭୭ | | ଜୀବନ ଜ୍ୟୋତି ହସ୍ପିଟାଲ | ଭାଗ୍ୟଧର ସାହୁ | ୮୦୯୩୩୯୬୭୪୩ |
| ୧୭୮ | | କଳିଙ୍ଗ ହସ୍ପିଟାଲ | ବିନମ୍ରତା ବାରିକ | ୮୪୫୧୮୫୨୭୮୭ |
| ୧୭୯ | | କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଆଣ୍ଡ ହସ୍ପିଟାଲ | ସ୍ୱର୍ଣ୍ଣପ୍ରଭା ସାହୁ | ୯୩୪୮୭୦୯୧୩୩ |
| ୧୮୦ | | ଏଲ୍ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ | ସନ୍ଦିପ ମିଶ୍ର | ୯୬୫୮୯୦୧୦୪୮ |
| ୧୮୧ | | ମା ତାରିଣୀ ନର୍ସିଙ୍ଗ୍ ହୋମ୍ | ଉମେଶ ଚନ୍ଦ୍ର ଜୟସିଂ | ୯୪୩୮୪୬୩୧୮୬ |
| ୧୮୨ | | ନନ୍ଦ ଟ୍ରିଟ୍‌ମେଣ୍ଟ ସେଣ୍ଟର୍ | ଦିବ୍ୟରଞ୍ଜନ ରାଉତରାୟ | ୭୨୦୫୯୫୧୫୦୧ |
| ୧୮୩ | | ରୋଟାରୀ ଆଇ ହସ୍ପିଟାଲ | ଆରତୀ ଛାଟୋଇ | ୮୩୩୯୦୫୬୨୦୫ |
| ୧୮୪ | | ସହଯୋଗ ହସ୍ପିଟାଲ | ଶୁଭଲକ୍ଷ୍ମୀ ପରିଡ଼ା | ୯୬୬୮୨୪୯୦୦୨ |
| ୧୮୫ | | ସାଉଥ୍ ସିଟି ହସ୍ପିଟାଲ | ପ୍ରିୟରଞ୍ଜନ ବିଶ୍ୱାଳ | ୯୩୪୮୮୦୭୧୩୮<br>୯୫୫୬୪୮୩୫୭୨ |
| ୧୮୬ | | ସ୍ୱର୍ଣ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ | ପ୍ରକାଶ କୁମାର ମଲ୍ଲିକ | ୯୪୩୯୩୯୫୦୦୬ |
| ୧୮୭ | | ସମ୍ ଅଲ୍ଟିମେଟ୍ | ମୋନାଲିସା ସାହୁ | ୭୦୦୮୨୪୯୨୫୭ |
| ୧୮୮ | | ଉତ୍କଳ ହସ୍ପିଟାଲ | ରମାମଣୀ ମହାପାତ୍ର | ୮୧୪୪୬୭୭୧୬୦ |
| ୧୮୯ | | ବିକାଶ ହସ୍ପିଟାଲ | ବିଭୁନନ୍ଦନ ସାହୁ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ଖୋର୍ଦ୍ଧା(ଅର୍ବାନ୍) | ୯୪୩୭୪୪୪୯୭୯ |
| ୧୯୦ | | ସଂଜିବନୀ ମେଡ଼ିକେୟାର ହସ୍ପିଟାଲ | | |
| ୧୯୧ | | ଭିଜନ୍ କେୟାର ଆଇ ହସ୍ପିଟାଲ | ମହମ୍ମଦ ରିହାନ୍ | ୭୯୭୮୦୧୮୩୭୫ |
| ୧୯୨ | କୋରାପୁଟ | ବିକାଶ ଡାଇଗ୍ନୋଷ୍ଟିକ ସେଣ୍ଟର ଆଣ୍ଡ୍ ହସ୍ପିଟାଲ୍ | ଭରତ ଚନ୍ଦ୍ର ମଲ୍ଲିକ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, କୋରାପୁଟ | ୯୦୯୦୦୨୨୮୨୯ |
| ୧୯୩ | | ଗୌରିଶଙ୍କର ନର୍ସିଙ୍ଗ ହୋମ | | |
| ୧୯୪ | ମୟୂରଭଞ୍ଜ | ଦୁର୍ଗା ନର୍ସିଙ୍ଗ୍ ହୋମ୍ | ମାନସ ରଞ୍ଜନ ସାଇଁ | ୭୮୭୩୨୯୭୮୮୬ |
| ୧୯୫ | | ଗାୟତ୍ରୀ ହସ୍ପିଟାଲ | | ୯୩୪୮୯୨୬୮୬୧ |
| ୧୯୬ | | ଜୀବନ ଦୀପ ହେଲଥ୍ କେୟାର | ପଲ୍ଲୀଶ୍ରୀ ମଲ୍ଲିକ | ୯୭୭୭୫୫୮୧୩୯ |
| ୧୯୭ | | ମହାତ୍ମା ଗାନ୍ଧୀ ଆଇ ହସ୍ପିଟାଲ | ସୁଶାନ୍ତ କୁମାର ଦଳାଇ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ମୟୂରଭଞ୍ଜ | ୭୯୭୮୬୩୧୧୫୧ |
| ୧୯୮ | | ଜୟା ହସ୍ପିଟାଲ | | |
| ୧୯୯ | ନବରଙ୍ଗପୁର | ଖ୍ରୀଷ୍ଟିଆନ୍ ହସ୍ପିଟାଲ | ଦେବେନ୍ଦ୍ର ବାଗ୍ | ୬୩୭୨୦୪୧୬୫୬<br>୮୪୫୫୯୨୭୬୯୦ |
| ୨୦୦ | ନୟାଗଡ଼ | ଚିଦାନନ୍ଦ ହସ୍ପିଟାଲ | ସନ୍ଦିଦ | ୭୬୮୨୮୧୯୫୮୮ |
| ୨୦୧ | | ଦିବ୍ୟଜ୍ୟୋତି ହସ୍ପିଟାଲ | ଦୟାନିଧି ମଲ୍ଲିକ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ନୟାଗଡ଼ | ୯୩୩୭୮୧୦୦୬୧ |
| ୨୦୨ | | କୁମାର ହସ୍ପିଟାଲ | ମିନତି କୁମାରୀ ସାହୁ | ୯୮୬୧୯୭୬୫୬୧<br>୬୩୭୨୧୮୫୧୫୭ |
| ୨୦୩ | | ରଶ୍ମି ହସ୍ପିଟାଲ | ସତ୍ୟଭାମା ସାହୁ | ୮୨୬୦୦୩୪୧୨୪<br>୮୬୫୮୮୬୩୭୮୭ |
| ୨୦୪ | | ଓମ୍ ନର୍ସିଙ୍ଗ୍ ହୋମ୍ | ରଞ୍ଜନ କୁମାର ବରାଡ଼ | ୮୨୪୯୨୪୩୯୯୪ |
| ୨୦୫ | | ସାହୁ ଭିକାରୀ ସେବା ସଦନ | | ୯୫୫୬୪୨୩୦୩୬ |
| ୨୦୬ | ପୁରୀ | ଆନନ୍ଦ ପଲ୍ଲୀ କ୍ଲିନିକ୍ ଆଣ୍ଡ ହସ୍ପିଟାଲ | ଇତିଶ୍ରୀ କରଣ | ୯୦୭୮୮୧୬୨୮୪ |
| ୨୦୭ | | ସାଇ ସନ୍ତୋଷୀ ହେଲଥ୍ କେୟାର | | |
| ୨୦୮ | | ପଣ୍ଡା ନର୍ସିଙ୍ଗ୍ ହୋମ୍ | | |
| ୨୦୯ | | ଏମର୍ଜେନ୍‌ସି ୨୪ ହସ୍ପିଟାଲ ପ୍ରା. ଲି. | ସସ୍ମିତା ପ୍ରଧାନ | ୭୮୪୮୦୨୧୧୭୩ |
| ୨୧୦ | | ରଘୁନାଥ ଚାରିଟେବୁଲ୍ ଟ୍ରଷ୍ଟ ହସ୍ପିଟାଲ | ପ୍ରଦୀପ କୁମାର ପ୍ରଧାନ | ୭୦୦୮୮୪୮୮୭୨ |
| ୨୧୧ | | ସରଧା ନର୍ସିଙ୍ଗ୍ ହୋମ୍ | ସ୍ମିତପ୍ରଜ୍ଞା ମିଶ୍ର | ୮୭୬୩୮୬୮୫୮୮ |
| ୨୧୨ | | ଶିବାନନ୍ଦ ନର୍ସିଙ୍ଗ୍ ହୋମ୍ | | |
| ୨୧୩ | | ସେବା ନର୍ସିଙ୍ଗ୍ ହୋମ୍ | ଅଞ୍ଜନା ଜେନା | ୬୩୭୧୧୧୦୧୯୮ |
| ୨୧୪ | | ଶ୍ରୀ କ୍ରୀଷ୍ଣା ହେଲଥ୍ କେୟାର ଆଣ୍ଡ ରିପ୍ରଡ଼କ୍ଟିଭ୍ ରିସର୍ଚ୍ଚ ସେଣ୍ଟର | ପ୍ରିୟଙ୍କା ପ୍ରଧାନ | ୬୩୭୨୪୦୦୫୪୩ |
| ୨୧୫ | | ରମାମଣୀ ମଲ୍‌ଟିସ୍ପେଶିଆଲିଟି ହସ୍ପିଟାଲ | | |
| ୨୧୬ | | ଉଷା ମେମୋରିଆଲ କ୍ଲିନିକ୍ | ସର୍ବେଶ୍ୱର ସାହୁ | ୮୦୯୩୭୧୦୭୩୬ |
| ୨୧୭ | | ଉଷାରାଣୀ ନର୍ସିଙ୍ଗ୍ ହୋମ୍ | ଲିଲିବାଳା ସାହୁ | ୮୧୧୭୦୩୬୦୨୩ |
| ୨୧୮ | | ଚିଲିକା ହସ୍ପିଟାଲ | | |
| ୨୧୯ | ରାୟଗଡ଼ା | ସୋମନାଥ ହସ୍ପିଟାଲ | ବିଭୁଚରଣ ନାୟକ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ରାୟଗଡ଼ା | ୭୯୭୮୦୧୩୩୦୦ |
| ୨୨୦ | ସମ୍ବଲପୁର | ଅମ୍ରିତା ହେଲଥ୍ କେୟାର | ପ୍ରଜ୍ଞାପରିମିତା ଦାଶ<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ସମ୍ବଲପୁର | ୯୯୩୭୫୧୩୩୬୧ |
| ୨୨୧ | | ସମଲେଶ୍ୱରୀ ନର୍ସିଙ୍ଗ୍ ହୋମ୍ | ଶ୍ରୀପନ ପ୍ରଧାନ | ୮୬୫୮୯୭୪୪୦୧ |
| ୨୨୨ | | ଶୁଶ୍ରୁତା ନର୍ସିଙ୍ଗ୍ ହୋମ୍ | ଭାଗୀରଥୀ ପ୍ରଧାନ | ୭୨୫୦୮୭୮୧୯୮ |
| ୨୨୩ | | ଗୌରୀଶଙ୍କର ନର୍ସିଙ୍ଗ୍ ହୋମ୍ | | |
| ୨୨୪ | | ତ୍ରିଲୋଚନ ନେତ୍ରାଳୟ | ଲାଲ୍ ବାହାଦୁର୍ ଗୋପାଳ | ୯୯୩୭୫୪୪୯୯୨ |
| ୨୨୫ | | ଅରୁଣାଶକ୍ତି ନର୍ସିଙ୍ଗ୍ ହୋମ୍ | | |
| ୨୨୬ | ସୋନପୁର | ଲେପ୍ରା ମହାନଦୀ ଆଇ ହସ୍ପିଟାଲ | ହେମନ୍ତ କୁମାର ପ୍ରଧାନ | ୭୦୭୭୩୧୬୩୨୩ |
| ୨୨୭ | | ହାଇଟେକ୍ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ | ଜୟନ୍ତୀ କର | ୯୭୭୬୬୯୮୮୨୫ |
| ୨୨୮ | ସୁନ୍ଦରଗଡ଼ | ଜୟପ୍ରକାଶ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର | ଆଲୋକ ରଞ୍ଜନ କୁମ୍ଭାର<br>ଡ଼ିଷ୍ଟ୍ରିକ୍ଟ କୋଅର୍ଡିନେଟର, ସୁନ୍ଦରଗଡ଼ | ୭୦୦୮୮୦୦୭୩୪ |

## ଟୋଲ୍ ଫ୍ରି ନମ୍ବର: ୧୦୪

OIPR-10001/13/0057/2122

# ଧରିତ୍ରୀ
DHARITRI

ସୋମବାର, ଅକ୍ଟୋବର ୧୮/୨୦୨୧ | Monday, October 18/2021 | ପୃଷ୍ଠା-୧


## ଜେଇଇ ଆଡ୍‌ଭାନ୍ସଡ୍: ୪୩ ର୍ୟାଙ୍କ୍‌ରେ ଓଡ଼ିଆ ପୁଅ ଓମ୍



ଭୁବନେଶ୍ୱର, ୧୭।୧୦(ବ୍ୟୁରୋ): ଖଡ଼ଗପୁର ଆଇଆଇଟି ଦ୍ୱାରା ପରିଚାଳିତ ଜେଇଇ ଆଡ୍‌ଭାନ୍ସଡ ରେଜଲ୍ଟ ପ୍ରକାଶ ପାଇଛି। ଏଥିରେ ଓଡ଼ିଆ ପୁଅ ଓମ୍ ଅଗ୍ରୱାଲ ୪୩ତମ ର୍ୟାଙ୍କ ହାସଲ କରିଛନ୍ତି। ଭୁବନେଶ୍ୱରର ଓମ୍ ମୋଟ ୩୬୦ରୁ ୩୦୩ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୪୩ତମ ସ୍ଥାନରେ ରହିଛନ୍ତି। ତେବେ ସେ ରାଜସ୍ଥାନରୁ ପରୀକ୍ଷା ଦେଇଥିଲେ। ତାଙ୍କ ପରିବାର ଭିଏସ୍‌ଏସ୍‌ନଗରରେ ରୁହନ୍ତି। ପିତା କମଳ ଅଗ୍ରୱାଲ ଜଣେ ବ୍ୟବସାୟୀ ଥିବାବେଳେ ମା’ ମଞ୍ଜୁ ଅଗ୍ରୱାଲ ଗୃହିଣୀ ଅଟନ୍ତି। ଓମ୍ ବିଜେବି ସ୍କୁଲରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ଏହାପରେ ସେ କୋଟାସ୍ଥିତ ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀରୁ ପଢ଼ାପଢ଼ି କରିବା ସହ ଆଲେନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ କୋଚିଂ ନେଇଥିଲେ। ସେ ଅନେକ ସର୍ବଭାରତୀୟ ପ୍ରତିଯୋଗିତା ପରୀକ୍ଷା ତଥା ବିଜ୍ଞାନ ଓ ଗଣିତ ଅଲିମ୍ପିଆଡ୍‌ରେ କୃତିତ୍ୱ ହାସଲ କରିଛନ୍ତି। ଏଥିସହିତ ସର୍ବଭାରତୀୟ ସ୍ତରରେ ସର୍ବୋଚ୍ଚ ସ୍ଥାନ ପାଇ ଅନେକ ☞ ପୃଷ୍ଠା-୨

# କଶ୍ମୀରରେ ବଢ଼ୁଛି ଟାର୍ଗେଟ କିଲିଂ

- ୟୁପି, ବିହାର ଲୋକେ ହତ୍ୟାର ଶିକାର
- କଶ୍ମୀରକୁ ବଦନାମ କରିବାକୁ ଷଡ଼ଯନ୍ତ୍ର: ଫାରୁକ୍
- କେନ୍ଦ୍ର ଦାୟୀ: ମେହବୁବା

ଶ୍ରୀନଗର/ନୂଆଦିଲ୍ଲୀ,୧୭।୧୦



ଶ୍ରୀନଗରରେ ହତ୍ୟାର ଶିକାର ହୋଇଥିବା ଜଣେ ବିହାରୀଙ୍କ ଠେଲା ପଡ଼ିରହିଛି।

କଶ୍ମୀରରେ ବାହାର ଲୋକଙ୍କୁ ଟାର୍ଗେଟ କରି ହତ୍ୟା ଘଟଣା ବଢ଼ିବାରେ ଲାଗିଛି। ହତ୍ୟାର ଶିକାର ହେଉଛନ୍ତି ହିନ୍ଦୀ ଭାଷୀ ରାଜ୍ୟ ଉତ୍ତର ପ୍ରଦେଶ ଓ ବିହାର ବାସିନ୍ଦା। ବିଶେଷକରି ଛୋଟମୋଟ ବ୍ୟବସାୟ କିମ୍ବା ଶ୍ରମିକ ଭାବେ କାମ କରୁଥିବା ଆର୍ଥିକ ଅସ୍ୱଚ୍ଛଳ ବର୍ଗର ଲୋକଙ୍କୁ ହତ୍ୟା କରାଯାଉଥିବାରୁ ପ୍ରଶାସନ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି। କାରଣ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫-ଏ ଉଚ୍ଛେଦ ପୂର୍ବରୁ ଏଭଳି ହତ୍ୟାକାଣ୍ଡ ଘଟୁନ ଥିଲା। ହିନ୍ଦୁ ଓ ଶିଖ୍ ସଂଖ୍ୟାଲଘୁଙ୍କ ଉପରେ ଲଗାତର ହେଉଥିବା ଏହି ଆକ୍ରମଣକୁ ଭାଜପା ସ୍ଥାନୀୟ ଆତଙ୍କବାଦୀଙ୍କ କାଣ୍ଡ ବୋଲି ଅଭିହିତ କରୁଥିବାବେଳେ ମୁଖ୍ୟସ୍ରୋତର ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏହାକୁ କଶ୍ମୀରୀଙ୍କୁ ବଦନାମ କରିବା ପାଇଁ ଏକ ଷଡ଼ଯନ୍ତ୍ର ଭାବେ ଅଭିହିତ କରିଛନ୍ତି। ଇତିମଧ୍ୟରେ ଉପରାଜ୍ୟପାଳ ମନୋଜ ସିହ୍ନା ଏହାର ନିନ୍ଦା କରିବା ସହ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଖୋଜି ପ୍ରତ୍ୟେକ ରକ୍ତବିନ୍ଦୁର ପ୍ରତିଶୋଧ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ଧାରା ୩୭୦କୁ ଉଚ୍ଛେଦ କରାଯାଇଥିଲା। ଏହାସହ ଉପତ୍ୟକାକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତିତ କରାଯାଇଥିଲା। ପୂର୍ବରୁ କଶ୍ମୀରରେ ବିଚ୍ଛିନ୍ନତାବାଦୀଙ୍କ ଟେକାମାଡ଼କାରୀ ଗୋଷ୍ଠୀ ସକ୍ରିୟ ଥିଲେ। ଆତଙ୍କବାଦୀଙ୍କ ଓ ସେନା ମଧ୍ୟରେ ସଂଘର୍ଷ ଘଟୁଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ଉପରୋକ୍ତ ନିଷ୍ପତ୍ତି ପରେ ହିଂସା ଭିଆଇବାର ☞ ପୃଷ୍ଠା-୨



“କଶ୍ମୀରରେ ନିରୀହ ଲୋକଙ୍କୁ ହତ୍ୟା କରିବା ଆତଙ୍କବାଦୀଙ୍କୁ ମହଙ୍ଗା ପଡ଼ିବ। ଆମେ ସେମାନଙ୍କୁ ଖୋଜି ବାହାର କରିବୁ ଓ ପ୍ରତ୍ୟେକ ରକ୍ତବିନ୍ଦୁର ପ୍ରତିଶୋଧ ନେବୁ।
- ମନୋଜ ସିହ୍ନା, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ

## ଆଜିଠୁ ୪ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

### ମନୀଷ ଅନୁରାଗ ହତ୍ୟା ମାମଲା



ଗିରଫ ୩ ଅଭିଯୁକ୍ତ।

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସଙ୍କ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ୩ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ୪ ଦିନିଆ ରିମାଣ୍ଡରେ ଆଣିବ। ଏଥିପାଇଁ ରବିବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ ଅନୁମତି ଦେଇଛନ୍ତି। ସୋମବାରଠାରୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ହତ୍ୟା ପଛରେ ଲୁଚି ରହିଥିବା ଅଧିକ ତଥ୍ୟ ପାଇବାକୁ ଲକ୍ଷ୍ୟ ରଖିଛି କମିଶନରେଟ ପୋଲିସ। ଏହି ଅଭିଯୁକ୍ତମାନେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଅମ୍ରିତ ପ୍ରୀତମ ବିଶ୍ୱାଳ, କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଅମଲାପଡ଼ାର ଦୀନେଶ କୁମାର ମହାପାତ୍ର ଓରଫ ଲିଟୁ ଓ ପିଅନପଡ଼ାର ମୃତ୍ୟୁଞ୍ଜୟ ମିଶ୍ର ଓରଫ ମୁନା। ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଘଟଣାରେ ଏବେ ବି ଅନେକ ରହସ୍ୟ ପରଦା ଆଢ଼ୁଆଳରେ ରହିଛି। ଅଧିକ ତଦନ୍ତ ପାଇଁ ଇନ୍‌ଫୋସିଟି ଥାନା ପୋଲିସ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା। ତେବେ ୪ଦିନ ପାଇଁ ଅନୁମତି ମିଳିଥିବାରୁ କିପରି ଅଭିଯୁକ୍ତଙ୍କଠାରୁ ଅଧିକ ତଥ୍ୟ ହାସଲ କରିହେବ ସେଥିପାଇଁ ପୋଲିସ ପୂରା ପ୍ରସ୍ତୁତ ରହିଛି। ସମସ୍ତଙ୍କୁ ସାମ୍ନାସାମ୍ନି ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ବହୁଚର୍ଚ୍ଚିତ ମନୀଷ ହତ୍ୟା ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। କମିଶନରେଟ ପୋଲିସ ତଦନ୍ତ ଚଳାଇବା ସହ ୩ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଅନେକ ପ୍ରସଙ୍ଗ ଲୁଚି ରହିଥିବା ଭଳି ମନେ ହେଉଛି। ଏଯାଏ ମନୀଷଙ୍କ ମୋବାଇଲକୁ ପୋଲିସ ଖୋଜିପାଇ ନାହିଁ। ମନୀଷ ଶନିବାର ରାତି ୩ଟା ୨୯ରେ ☞ ପୃଷ୍ଠା-୨

## ଏନ୍‌ଏଚ୍‌ଆର୍‌ସିଙ୍କ ପୁଣି ହସ୍ତକ୍ଷେପ ଲୋଡ଼ିଲେ ପିହୁଙ୍କ ପରିବାର

ବରୀ, ୧୭।୧୦ (ଡି.ଏନ୍.ଏ.): ବରୀ ବ୍ଳକ ତଥା ବିଞ୍ଝାରପୁର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ୨ ବର୍ଷର ଶିଶୁକନ୍ୟା ପିହୁ ୨୦୨୦ ଅଗଷ୍ଟ ୯ରେ ଗାଁଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲା। ପରିବାରର ସଦସ୍ୟମାନଙ୍କ ବିଞ୍ଝାରପୁର ଥାନାରେ ଅଭିଯୋଗ କ୍ରମେ ପୋଲିସ ୨୨୮/୨୦ ନମ୍ବରରେ ଏକ ନିଖୋଜ ମାମଲା ରୁଜୁ କରିଛି। କିନ୍ତୁ ଏଯାଏ ପିହୁର ସନ୍ଧାନ ମିଳିପାରୁନାହିଁ। ପିହୁର ମା’ ମୋନାଲିସା ନାୟକ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇ ଝିଅକୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିନାହିଁ। ପୋଲିସ ପ୍ରଶାସନର ହାଲୁକା ମନୋଭାବକୁ ଦୃଷ୍ଟିରେ ରଖି ପିହୁଙ୍କ ମା’ଗତ ଜୁନ୍ ୧୫ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ତଦନୁଯାୟୀ ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ଓଡ଼ିଶା ଡିଜିପିଙ୍କୁ ଗତ ଅଗଷ୍ଟ ୧୮ରେ ନିର୍ଦ୍ଦେଶ ଦେଇଥିଲେ। ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ମୋନାଲିସା ଗତ ୧୪ ତାରିଖରେ ପୁଣି ଥରେ କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରି ହସ୍ତକ୍ଷେପ ଲୋଡ଼ିଛନ୍ତି।

# ରାମ ମନ୍ଦିରରେ ରହିବ କୋଣାର୍କ ଡିଜାଇନ

## ସୂର୍ଯ୍ୟାଲୋକରେ ଆଲୋକିତ ହେବ ଗର୍ଭଗୃହ

ଅଯୋଧ୍ୟା, ୧୭।୧୦



ତ୍ରୟୋଦଶ ଶତାବ୍ଦୀର ସୂର୍ଯ୍ୟମନ୍ଦିର ତଥା ଓଡ଼ିଶାରେ ଥିବା ବିଶ୍ୱପ୍ରସିଦ୍ଧ କୋଣାର୍କ ଡିଜାଇନ୍ ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ରାମମନ୍ଦିରରେ ରହିବ। ପ୍ରତି ରାମନବମୀରେ ରାମମନ୍ଦିର ଗର୍ଭଗୃହ ଏବଂ ମୂର୍ତ୍ତିରେ ସୂର୍ଯ୍ୟକିରଣ ପଡ଼ିବ ବୋଲି ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ କାମେଶ୍ୱର ଚୌପାଲ କହିଛନ୍ତି। ଏ ନେଇ ଏକ ପ୍ରସ୍ତାବିତ ଡିଜାଇନ୍ ଅନୁସାରେ କାମ ଚାଲିଛି। ସୂର୍ଯ୍ୟକିରଣ ମନ୍ଦିରରେ ପହଞ୍ଚିବାରେ କୋଣାର୍କ ଥିବା ସୂର୍ଯ୍ୟ ମନ୍ଦିର ଏକ ଉଦାହରଣ। ଏହାକୁ ଅନୁକରଣ କରାଯାଇ ବୈଜ୍ଞାନିକ, ଜ୍ୟୋତିର୍ବିଦ ଏବଂ ଟେକ୍ନିସିଆନଙ୍କ ପରାମର୍ଶ କ୍ରମେ ରାମ ଲାଲାଙ୍କ ମୂର୍ତ୍ତିରେ ରାମନବମୀରେ ସୂର୍ଯ୍ୟକିରଣ ପଡ଼ିବା ଭଳି ଶୈଳୀରେ ମନ୍ଦିର ନିର୍ମାଣ କରାଯାଉଥିବା ସେ ପ୍ରକାଶ କରିଛନ୍ତି।

୨୦୨୩ ଡିସେମ୍ବର ସୁଦ୍ଧା ଗର୍ଭଗୃହ ନିର୍ମାଣ ଶେଷ ହେବା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ସୁବିଧା ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ବିଶେଷଜ୍ଞଙ୍କ ଏକ ଟିମ୍ ଗଠନ ହୋଇଛି। ଏଥିରେ ଦିଲ୍ଲୀ ଆଇଆଇଟି, ମୁମ୍ବାଇ ଏବଂ ରୁରକୀ ଆଇଆଇଟି ସମେତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ବିଲ୍ଡିଂ କନଷ୍ଟ୍ରକଶନ୍‌ର ବିଶେଷଜ୍ଞ ରହିଛନ୍ତି। ମନ୍ଦିର ନିର୍ମାଣ ପୂର୍ବରୁ ଏହାର ଭୌଗଳିକ ସ୍ଥିତିକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ସରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ନଭେମ୍ବର ୧୫ଠାରୁ ଆରମ୍ଭ ହେବ ବୋଲି ଟ୍ରଷ୍ଟର ଆଉଜଣେ ବରିଷ୍ଠ ସଦସ୍ୟ ସୂଚନା ଦେଇଛନ୍ତି। ପୂର୍ବରୁ ଧାର୍ଯ୍ୟ ମଡେଲରେ କିଛି ପରିବର୍ତ୍ତନ କରାଯାଇଥିବା ଚୌପାଲ କହିଛନ୍ତି। ମନ୍ଦିରରେ ଏକ ମ୍ୟୁଜିୟମ, ଅଡିଟୋରିୟମ, ଗୋଶାଳା, ପର୍ଯ୍ୟଟନ କେନ୍ଦ୍ର, ପ୍ରଶାସନିକ ବିଲ୍ଡିଂ, ଯୋଗ କେନ୍ଦ୍ର ସମେତ ଅନ୍ୟାନ୍ୟ ସୁବିଧା ରହିବ ବୋଲି ସେ ସୂଚନା ଦେଇଛନ୍ତି।

# ୩ ଏନ୍‌ଏଚ୍‌ରେ ୧୦୦ ବ୍ଲାକ୍‌ସ୍ପଟ୍

## ଦୁର୍ବଳ ରକ୍ଷଣାବେକ୍ଷଣ ଦୁର୍ଘଟଣା ପାଇଁ ଦାୟୀ: କମିଟି

ଯାଜପୁର ଅଫିସ,୧୭।୧୦



ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ସମ୍ପର୍କରେ ୨୦୨୦ ଡିସେମ୍ବରରେ ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ଲାକ୍‌ସ୍ପଟ୍ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ରାଜ୍ୟ ସରକାର ଅତି ଗୁରୁତର ଭାବେ ଗ୍ରହଣ କରି ଏକ ଅଭିଜ୍ଞ କମିଟି ଗଠନ କରିଛନ୍ତି। ଏଥିରେ ନ୍ୟାଶନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ), ରାଜ୍ୟ ସରକାରଙ୍କ ନିର୍ମାଣ ଓ ପରିବହନ ବିଭାଗର ପ୍ରମୁଖ ଅଧିକାରୀ ସାମିଲ ହୋଇଛନ୍ତି। ଏହି କମିଟି ଦ୍ୱାରା ୫୩, ୧୬ ଓ ୩୧୬ ନମ୍ବର ଜାତୀୟ ରାଜପଥରେ ୧୦୦ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ କରିଛନ୍ତି। ଏହାସହ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ନିୟନ୍ତ୍ରଣ କରିବାକୁ କମିଟି ଏକ ଦୀର୍ଘସ୍ଥାୟୀ ଓ କ୍ଷଣସ୍ଥାୟୀ ପ୍ରସ୍ତାବ ଦେଇଛି। ବିଶେଷକରି ଜାତୀୟ ରାଜପଥର ଦୁର୍ବଳ ରକ୍ଷଣାବେକ୍ଷଣ, ରାସ୍ତାକଡ଼ରେ ବେଆଇନ ଟ୍ରକ ପାର୍କିଂ, ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଚଳ, ରାସ୍ତାରେ ଉପଯୁକ୍ତ ସଂକେତର ଅଭାବ, ତ୍ରୁଟିପୂର୍ଣ୍ଣ ନିର୍ମାଣ ଇତ୍ୟାଦି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି କମିଟି ପକ୍ଷରୁ ରିପୋର୍ଟ ଦିଆଯାଇଛି। ଏହି ରିପୋର୍ଟକୁ ଆଧାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ମାଣ ବିଭାଗର ସଚିବଙ୍କୁ ପରିବହନ କମିଶନର ନିର୍ଦ୍ଦେଶ ଜାରି କରିଛନ୍ତି।

ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁସାରେ ରାଜ୍ୟରେ ୨୦୧୪ରେ ୩୯୩୧ ଏବଂ ୨୦୧୯ରେ ୫୩୩୩ ଜଣଙ୍କ ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି, ଯାହାକି ଏହି ୫ ମଧ୍ୟରେ ୩୬% ଅଧିକ। ଏଥିଯୋଗୁ ଦେଶରେ ଓଡ଼ିଶା ଦୁର୍ଘଟଣାଜନିତ ମୃତ୍ୟୁରେ ୧୬ରୁ ୧୨ ର୍ୟାଙ୍କକୁ ବୃଦ୍ଧି ଘଟିଛି। ସୁପ୍ରିମ୍‌କୋର୍ଟ ପକ୍ଷରୁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ଉପରେ ଏକ କମିଟି ଗଠନ ହୋଇଛି। ଏହି କମିଟି ଓଡିଶାରେ ସଡ଼କ ଦୁର୍ଘଟଣାର ମୃତ୍ୟୁହାରକୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇ ଆସୁଛି। କିନ୍ତୁ ପ୍ରଶାସନିକସ୍ତରରେ ଆବଶ୍ୟକ ପଦକ୍ଷେପ ଅଭାବରୁ ସୁପ୍ରିମ୍‌କୋର୍ଟ ସଡକ ସୁରକ୍ଷା କମିଟିର ନିର୍ଦ୍ଦେଶ ପାଣିର ଗାର ହୋଇଛି। ତେବେ ଅଭିଜ୍ଞ କମିଟିର କ୍ଷେତ୍ର ପରିଦର୍ଶନ ରିପୋର୍ଟ ଅନୁସାରେ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ଦୁହୁରିଆ ଛକ ଓ ବଡ଼ ପାଲଗଡ଼ା, ୧୬ ନମ୍ବର ଜାତୀୟ ରାଜପଥର ହଂସପାଳ ଛକ, ଭୁବନେଶ୍ୱର ପଲାଶୁଣୀ ଛକ, ବରମୁଣ୍ଡା ଫ୍ଲାଏଓଭର ଅଞ୍ଚଳ, ରାମାମଣି ପେଟ୍ରୋଲ ପମ୍ପ, ଖଣ୍ଡଗିରି ଛକ, କୋଳଥିଆ ଛକ, ଆଇଗଣିଆ ଛକ, ପାତ୍ରପଡ଼ା ଛକ, କଳିଙ୍ଗବିହାର ଛକ, ତମାଣ୍ଡୋ ଓଭରବ୍ରିଜ, ଗୋହରିଆ ଛକ, ବାଟଭୁଆସୁଣୀ ଛକ ଓ ଗଙ୍ଗପଡ଼ା ଛକ, ୩୧୬ ଜାତୀୟ ରାଜପଥର ଦାସିଆ ବାଉରି ପୀଠ, ପଟ୍ଟନାୟକିଆ ଛକ ☞ ପୃଷ୍ଠା-୨

# ହୀରାକୁଦ ସ୍ପିଲ୍‌ୱେ ନୂତନ ଟେଣ୍ଡରକୁ ଅନୁମୋଦନ

- ବ୍ୟୟ ଅଟକଳ ବୃଦ୍ଧି
- ଖୁବ୍‌ଶୀଘ୍ର କାମ ଆରମ୍ଭ

ସମ୍ବଲପୁର,୧୭।୧୦(ବ୍ୟୁରୋ)



ହୀରାକୁଦ ଡ୍ୟାମ

ପ୍ରାୟ ୨ବର୍ଷ ହେବ ବନ୍ଦ ରହିଥିବା ହୀରାକୁଦ ଜଳଭଣ୍ଡାରର ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାର ଆଶା ଉଜ୍ଜୀବିତ ହୋଇଛି। ରାଜ୍ୟ ସରକାର ଓ ଠିକାଦାରଙ୍କ ମଧ୍ୟରେ ବ୍ୟୟ ଅଟକଳ ଏବଂ ଜମି ଅଧିଗ୍ରହଣ ସମସ୍ୟାକୁ ନେଇ ବିବାଦ ହୋଇ ନିର୍ମାଣ କାମ ସମ୍ପୂର୍ଣ୍ଣ ବନ୍ଦ ଥିଲା। ତେବେ ରାଜ୍ୟ ସରକାରଙ୍କ ପ୍ରଶାସନିକ ବିଭାଗ ପକ୍ଷରୁ ବ୍ୟୟ ଅଟକଳ ବୃଦ୍ଧି ଓ ନୂତନ ଟେଣ୍ଡର ଆହ୍ୱାନ କରିବାକୁ ଅନୁମୋଦନ ପ୍ରଦାନ କରାଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ ଟେଣ୍ଡର କରାଯାଇ କାମ ଆରମ୍ଭ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ(ଅପର ବେସିନ) ଆଲୋକ ଚନ୍ଦ୍ର ସାହୁ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଟାଟା ପ୍ରୋଜେକ୍ଟ ଓ ତୁର୍କୀର ଏଜିଇ କମ୍ପାନୀ ଏହି କାମ କରୁଥିଲେ। ଏଥିପାଇଁ ୩୬୯.୫୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ୨୦୧୯ ମସିହାରେ କାମ ଆରମ୍ଭ କରି କିଛିମାସ ପରେ ବିଭିନ୍ନ ସମସ୍ୟାର ଆଳ ଦେଖାଇ ପ୍ରକଳ୍ପରୁ କମ୍ପାନି ଓହରି ଯାଇଥିଲା। ସେହିଦିନଠାରୁ କାମ ବନ୍ଦ ରହିଥିଲା। ବର୍ତ୍ତମାନ ପୁଣି ଥରେ ରିଭାଇଜ ଏଷ୍ଟିମେଟ କରାଯାଇ ୬୩୪.୨୧ କୋଟିକୁ ବୃଦ୍ଧି କରାଯାଇଛି। ଏହା ୪ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି ବୋଲି ସେ କହିଛନ୍ତି। ବୃହତ୍ତମ ମାଟିବନ୍ଧ ହୀରାକୁଦ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ଯୋଜନା କରାଯାଇଥିଲା। ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ କାମ ଆରମ୍ଭ ହୋଇଥିଲା। ପରେ ବିଭିନ୍ନ ଘଟଣାକୁ ନେଇ କମ୍ପାନୀ କାମ ବନ୍ଦ କରି ଜଳସମ୍ପଦ ବିଭାଗ ଉପରେ ପ୍ରାୟ ୪୯ କୋଟିର କ୍ଷତିପୂରଣ ଦାବି କରିଥିଲା। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ପକ୍ଷରୁ ମଧ୍ୟ କାମରେ ଅବହେଳା କରିବା, ଟେଣ୍ଡର ପାଇ ଏଗ୍ରିମେଣ୍ଟ ପରେ ବି ବିଳମ୍ବ କରିବାରୁ ଟାଟା କମ୍ପାନୀ ବିରୋଧରେ ଆଇନ ଅନୁସାରେ ୪୧୯ କୋଟି ଟଙ୍କା କ୍ଷତିପୂରଣ ଦାବି କରାଯାଇଥିଲା। ଏଭଳି ଭାବେ କମ୍ପାନୀ ଓ ସରକାର ମୁହାଁମୁହିଁ ହୋଇଥିଲେ। ଟାଟା କମ୍ପାନୀକୁ ବାରମ୍ବାର ଜଳସମ୍ପଦ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। କମ୍ପାନୀ ଓ ସଚିବ ସ୍ତରରେ ଏ ନେଇ ଆଲୋଚନା ହୋଇଥିଲେ ହେଁ ☞ ପୃଷ୍ଠା-୨

# ଶ୍ରମିକଙ୍କୁ ଢାଲ କରି ଖଣିଜ ଚୋରି

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୧୭।୧୦

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ଼ରେ ଖଣିମାଫିଆଙ୍କ କାର୍ଯ୍ୟକଳାପ ଦିନକୁ ଦିନ ସୀମା ଲଙ୍ଘିବାରେ ଲାଗିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶବିତ୍‌ମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନିକ

### ପ୍ରକଳ୍ପ ବନ୍ଦ ଲାଗି ମସୁଧା

ଅଧିକାରୀ ଏଭଳି ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବାକୁ ଅକ୍ଷମ। ଖଣିମାଫିଆମାନେ ଶ୍ରମିକଙ୍କୁ ନିୟୋଜିତ କରି କାମ କରାଇବା ବଦଳରେ ବଡ ବଡ ମେଶିନ ସାହାଯ୍ୟରେ ବ୍ଲାଷ୍ଟିଂ ଓ ପଥରଭଙ୍ଗା କାର୍ଯ୍ୟ କରୁଛନ୍ତି। ଖଣି ବନ୍ଦ ହେଲେ ଶ୍ରମିକଙ୍କ ଜୀବିକା ଠପ୍ ହୋଇଯିବାର ବାହାନା କରାଯାଉଛି। ମଝିରେ ମଝିରେ କେତେଜଣ ଗ୍ରାମବାସୀଙ୍କୁ ପଇସାପତ୍ର ଦେଇ ଖଣି ଚାଲୁ ବୋଲି ହୋହଲ୍ଲା କରି ରାଜ୍ୟସ୍ତର ଅଧିକାରୀଙ୍କ ଭ୍ରମ ସୃଷ୍ଟି କରାଯାଉଛି। ଏବେ ପର୍ଯ୍ୟଟନ ବିଭାଗ ତରଫରୁ ପାହାଡ଼ରେ ରହୁଥିବା ଜୀବଜନ୍ତୁଙ୍କ ପାଇଁ ଜଳସଂରକ୍ଷଣ



ପ୍ରପାତ ଜଳକୁ ଅଟକାଇ ପାହାଡ଼ କାଟି ଜଙ୍ଗଲଜମିରେ ରାସ୍ତା ନିର୍ମାଣ କରାଯାଉଛି।

ବ୍ୟବସ୍ଥା ଓ ପର୍ଯ୍ୟଟକଙ୍କ ପାଇଁ ଜଳପ୍ରପାତ ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା କରାଯାଉଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ଖଣିମାଫିଆ, ପ୍ରଶାସନ ଓ କିଛି ସ୍ଥାନୀୟ ନେତୃବୃନ୍ଦ ମସୁଧା ଚଳାଇଛନ୍ତି। ଯଦି କୌଣସି ପରିସ୍ଥିତିରେ ପ୍ରପାତ କିମ୍ବା ଜଳସଂରକ୍ଷଣ ପ୍ରକଳ୍ପକୁ ବନ୍ଦ କରାଯାଏ, ତେବେ ସ୍ଥାନୀୟ ଜନସାଧାରଣ, ପରିବେଶବିତ୍, ବହୁ ସ୍ୱେଚ୍ଛାସେବୀ ସଂଗଠନ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି।

ଶାରୀଶୁଆ ପାହାଡ଼ର ବିଭିନ୍ନ ଖଣିରେ ବ୍ଲାଷ୍ଟିଂ ଯୋଗୁ ୨୦ବର୍ଷ ମଧ୍ୟରେ ବିଭିନ୍ନ ଗ୍ରାମକୁ ଜୀବଜନ୍ତୁ ପଶିଆସି ପ୍ରାଣ ହରାଇଛନ୍ତି। ହାତୀ ଆକ୍ରମଣରେ ଜୀବନହାନି ହେବା ସହ ବହୁ ଗ୍ରାମବାସୀ ବନ୍ୟଜନ୍ତୁ ଆକ୍ରମଣରେ ଆହତ ହୋଇଛନ୍ତି। ବ୍ଲାଷ୍ଟିଂ ଯୋଗୁ ଗୁଆପାଳ ଗ୍ରାମର ସପନା ନାଇକଙ୍କ ଭଳି ଗ୍ରାମବାସୀଙ୍କ ଜୀବନ ଯାଇଛି। ପୂର୍ବରୁ ନିଲାମ ଦିଆଯାଉଥିବା ୧୭ଟି ଖଣି ହାତୀ ଚଳାପଥ ମଧ୍ୟରେ ଆସୁଥିବାରୁ ☞ ପୃଷ୍ଠା-୨

# ଗଞ୍ଜାମ ଜିଲ୍ଲାରେ ମହାବାତ୍ୟାର ୨୨ ବର୍ଷ

■ ୩୦ ବର୍ଷରେ ଘଟିଛି ଘନଘନ ପ୍ରାକୃତିକ ବିପର୍ଯ୍ୟୟ

■ ଅକ୍ଟୋବରରେ ଲଘୁଚାପ ସୃଷ୍ଟି ହେଲେ ବଢ଼ୁଛି ଭୟ

(ନରସିଂହ ସାହୁ)
ବ୍ରହ୍ମପୁର ଅଫିସ,୧୭।୧୦



ଗଞ୍ଜାମ ଜିଲାରେ ୧୯୯୯ ଅକ୍ଟୋବର ୧୭ ଓ ୧୮ ଏବଂ ୨୯ ଓ ୩୦ରେ ଦୁଇ ପର୍ଯ୍ୟାୟରେ ଘଟିଥିଲା ଲୋମଟାଙ୍କୁରା ମହାବାତ୍ୟା। ଏହାର ୨୨ ବର୍ଷ ବିତିଛି । ପ୍ରତିବର୍ଷ ଅକ୍ଟୋବରରେ ଏହି ଭୟଙ୍କର ଘଟଣା ଜିଲାବାସୀଙ୍କ ମନେପଡୁଛି। ଅପରପକ୍ଷରେ ଗଞ୍ଜାମ ଘନଘନ ପ୍ରାକୃତିକ ବିପର୍ଯ୍ୟୟ ଜିଲାରେ ପରିଣତ ହୋଇଛି। ବଙ୍ଗୋପସାଗରରେ ଲଘୁଚାପ ଘନୀଭୂତ ହେବା ମାତ୍ରେ ଲୋକଙ୍କ ଭୟ ବଢ଼ିଯାଉଛି। ସୂଚନାଯୋଗ୍ୟ, ୧୯୯୦ରେ ଲଘୁଚାପ ପ୍ରଭାବିତ ପ୍ରବଳ ବର୍ଷା ବିପ୍ଳାତରେ ନଦୀଗୁଡ଼ିକରେ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା। ଆସିକା ଋଷିକୂଲ୍ୟା ଓ ବଡ଼ନଦୀ ଏବଂ ଘୋଡ଼ାହାଡ଼ ନଦୀର ମୌଳାଭଞ୍ଜା ପୋଲ ଭୁଶୁଡ଼ି ଯାଇଥିଲା। ଫଳରେ ବର୍ଷ ବର୍ଷ ଧରି ବ୍ରହ୍ମପୁର-ଫୁଲବାଣୀ ଏବଂ କୋରାପୁଟ ଜିଲାକୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା।

ଏହାର ୪ ବର୍ଷ ପରେ ପୁଣି ୧୯୯୫ ସାମୁଦ୍ରିକ ଝଡ଼ ବର୍ଷାରେ ଗୋପାଳପୁର ବନ୍ଦର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସର ଭଞ୍ଜବିହାର ସମେତ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଗ୍ରାମାଞ୍ଚଳଗୁଡ଼ିକରେ ଖଣିରେ ପାଣି ପଶି ବହୁ କୋଟି ଟଙ୍କାର ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ପରବର୍ତ୍ତୀ ୧୯୯୯ ମହାବାତ୍ୟାରେ ପ୍ରଥମ ଅକ୍ଟୋବର ୧୭ ଓ ୧୮ରେ ବର୍ଷା ସାଙ୍ଗକୁ ୨୫୦ କି.ମି. ବେଗରେ ପବନ ବୋହିଥିଲା। ଫଳରେ ୨୨ ବ୍ଲକର ୪୪୪ ଗ୍ରାମ ପଞ୍ଚାୟତ, ୩୧୬୨ ଗ୍ରାମ, ୧୮ ସହରାଞ୍ଚଳରେ ନାହିଁ ନ ଥିବା କ୍ଷୟକ୍ଷତି ହୋଇଥିଲା। ୨୦ ଲକ୍ଷ ୬୦ ହଜାର ଲୋକ ପ୍ରଭାବିତ ହୋଇଥିଲେ। ୧୯୭ ଜଣଙ୍କ ଜୀବନ ଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ରିପୋର୍ଟ ସରକାରଙ୍କୁ ଦିଆଯାଇଥିଲା। ପବନ ଓ ବର୍ଷାରେ ୪୦୨ ଜଣ ଆହତ ହୋଇଥିବା ଦର୍ଶାଯାଇଥିଲା।

ମହାବାତ୍ୟାରେ ଜିଲାର ୭୮ ହଜାର ଘର ସମ୍ପୂର୍ଣ୍ଣ ଏବଂ ୨ ଲକ୍ଷ ୪୪ ହଜାର ଘର ଆଂଶିକ ଭାଙ୍ଗିରୁଜି ଯାଇଥିଲା। ଶହ ଶହ ଗୃହପାଳିତ ପ୍ରାଣୀ ଭାସି ଯାଇଥିବା ବେଳେ ଲକ୍ଷ ଲକ୍ଷ କୁକୁଡ଼ା ମରିଥିବା ସ୍ୱୀକାର କରାଯାଇଥିଲା। ସେତେବେଳେ ସ୍ୱର୍ଗତ ଜଗଦାନନ୍ଦ ପଣ୍ଡା ଦକ୍ଷିଣାଞ୍ଚଳ ଆରଡିସି ଥିଲେ ଏବଂ ବିପର୍ଯ୍ୟୟ ମୁକାବିଲା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଗଞ୍ଜାମ ଜିଲାରେ ମହାବାତ୍ୟା ଯୋଗୁ ୧୦ ହଜାର କୋଟି ଟଙ୍କାର ସମ୍ପତ୍ତି କ୍ଷତି ଘଟିଥିବା ପ୍ରାକ୍ ଆକଳନ କରାଯାଇଥିଲା। କେନ୍ଦ୍ରରୁ ସହାୟତା ମଗାଯାଇଥିଲା। ତେବେ ତତ୍କାଳୀନ ବାଜପେୟୀ ସରକାର ମାତ୍ର ୭ ଶହ କୋଟି ମଞ୍ଜୁର କରିଥିଲେ।

ମହାବାତ୍ୟାରେ ହଜାର ହଜାର ଏକର ଜମିରେ ଫସଲ ନଷ୍ଟ ସାଙ୍ଗକୁ ଉଦ୍ୟାନ ବିଭାଗର ମଧ୍ୟ ବ୍ୟାପକ କ୍ଷତି ହୋଇଥିଲା। ୧୯୯୫ ବିପର୍ଯ୍ୟୟ ପରେ ଜିଲାରେ ଲଗାତର ମରୁଡ଼ି ଦେଖାଦେଇଥିଲା। ୨୦୧୩ ଫାଇଲିନ ବାତ୍ୟାରେ ବ୍ରହ୍ମପୁର ସହର ଧ୍ୱଂସାଭିମୁଖୀ ହୋଇ ମାନଚିତ୍ର ବଦଳି ଯାଇଥିଲା। ଜାତିସଂଘ ପ୍ରତିନିଧି ଦଳ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ମୁକାବିଲା ପରିଚାଳନାରେ ସନ୍ତୋଷ ପ୍ରକାଶ କରି ରୋଲ ମଡେଲ ଆଖ୍ୟା ଦେଇଥିଲେ। ରେଶମ ସହର ଭିତ୍ତିଭୂମି ବିକାଶ ପାଇଁ ଜାତିସଂଘ ୨୦୦ କୋଟି ଅନୁଦାନ ଦେଇଥିଲେ। ତେବେ ବିନିଯୋଗରେ ବିଏମ୍‌ସିର ବିଫଳତା ଯୋଗୁ ଅର୍ଦ୍ଧେକ ଟଙ୍କା ଫେରିଯାଇଛି। ପରେ ହୁଡ୍‌ହୁଡ୍ ବାତ୍ୟା ହୋଇଥିଲେ ମଧ୍ୟ ଗଞ୍ଜାମରେ କ୍ଷତି ନ ଘଟି ଆନ୍ଧ୍ରର ବିଶାଖାପଟନମ୍‌ରେ ଲ୍ୟାଣ୍ଡଫଲ୍ କରିଥିଲା। ଫନୀ ବାତ୍ୟାରେ ମଧ୍ୟ ରେଶମ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୨୦୧୮ ଅକ୍ଟୋବର ୧୦ରେ ପୁଣି ତିତ୍‌ଲି ମହାବାତ୍ୟାରେ ଜିଲାର ପାତ୍ରପୁର ବ୍ଲକରେ ନାହିଁ ନ ଥିବା ବିପର୍ଯ୍ୟୟ ଘଟିଥିଲା। ଗଞ୍ଜାମ ସୀମାନ୍ତ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲାରେ ଲ୍ୟାଣ୍ଡଫଲ୍ କରିବାରୁ ପାତ୍ରପୁର ବ୍ଲକ ଉପାନ୍ତ ଇଲାକା ପ୍ରଭାବିତ ହୋଇଥିଲା। ପୂରିଆ ସାହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାଙ୍ଗି ପୁରାଣ ପ୍ରସିଦ୍ଧ ପର୍ଶୁରାମ କୁଣ୍ଡ ଧୋଇ ହୋଇଗଲା। ଏହାର ୩ ବର୍ଷ ବିତିଛି ଏବଂ ଏବେ ବି ତିତ୍‌ଲି କ୍ଷତି ଭରଣା ହୋଇ ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ଅମ୍ଫାନ ଯୋଗୁ ଏହି ଜିଲା ପ୍ରଭାବିତ ହୋଇ ନ ଥିଲା। ଏବେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇ ଗତ ୩ ଦିନ ହେବ ବର୍ଷା ଲାଗି ରହିଛି। ତେଣୁ ଜିଲାର ସମୁଦ୍ରକୂଳିଆ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଗତ ୩୦ ବର୍ଷରେ ଘନ ଘନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଜିଲାର ଅର୍ଥନୈତିକ ସ୍ଥିତି ମଧ୍ୟ ବିଗିଡ଼ି ଯାଇଛି।

# ନାଗାବଳୀ ନଦୀରେ ଭାସିଗଲେ ବାପ, ପୁଅ

ରାୟଗଡ଼ା ଅଫିସ, ୧୭।୧୦

### ପରିବାର, ସମ୍ପର୍କୀୟଙ୍କ ସହ ମଝିଘରିଆଣୀଙ୍କ ଦର୍ଶନ ପାଇଁ ଆସିଥିଲେ

ପରିବାର ଓ ସମ୍ପର୍କୀୟଙ୍କ ସହ ଗଜପତି ଜିଲା ପାରଳାଖେମୁଣ୍ଡିରୁ ରାୟଗଡ଼ା ବୁଲିବାକୁ ଆସିଥିଲେ। ସେଠାରେ ମା' ମଝି ଘରିଆଣୀଙ୍କ ଦର୍ଶନ କରି ଝୁଲାପୋଲ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳ ବୁଲିବେ ବୋଲି ସମସ୍ତେ ବେଶ୍ ଉତ୍ସାହିତ ଥିଲେ। କିନ୍ତୁ କିଛି ଅଲଗା ଥିଲା ବିଧିର ବିଧାନ। ନାଗାବଳୀ ନଦୀରେ ଗୋଡ଼ ଧୋଇବାବେଳେ ଭାସିଗଲେ ବାପ, ପୁଅ। ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ମିଳିନି। ନିଖୋଜମାନେ ହେଲେ ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅଧୀନ ଦୁର୍ଗମପେଟା ଗ୍ରାମର କେ. ଶ୍ରୀନିବାସ (୪୦) ଓ ତାଙ୍କ ପୁଅ କେ.ଜିତେନ୍ଦ୍ର।

ସୂଚନାନୁଯାୟୀ, କେ. ଶ୍ରୀନିବାସ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ପରେ ସେମାନେ ନାଗାବଳୀ ନଦୀ ତଟକୁ ବୁଲାବୁଲି କରିବାକୁ ଯାଇଥିଲେ। ଏହି ସମୟରେ କେ.ଶ୍ରୀନିବାସଙ୍କ ପାଦରେ ବାଲି ଲାଗିଯିବାରୁ ସେ ଧୋଇ ହେବାକୁ ନଦୀକୁ ଯାଇଥିଲେ। ଅସାବଧାନତା କାରଣରୁ ସେ ନଦୀ ସ୍ରୋତରେ ଭାସି ଯାଇଥିଲେ। ପୁଅ ଜିତେନ୍ଦ୍ର ବାପାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାବେଳେ ସେ ମଧ୍ୟ ଭାସି ଯାଇଥିଲେ। ପାଖରେ ଉପସ୍ଥିତ ଥିବା ଲୋକେ ରାୟଗଡ଼ା ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। କିନ୍ତୁ ଉଭୟଙ୍କର ପତ୍ତା ମିଳିନାହିଁ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି।

# ବାପାଙ୍କ ଅନ୍ତିମ ସଂସ୍କାର କଲେ ୪ ଦିବ୍ୟାଙ୍ଗ ଝିଅ

ରେମୁଣା, ୧୭।୧୦(ଡି.ଏନ.ଏ.)



ବାପାଙ୍କ ପାର୍ଥିବ ଶରୀରକୁ ମଶାଣିକୁ ନେଉଛନ୍ତି ୪ ଦିବ୍ୟାଙ୍ଗ ଝିଅ।

ପୁଅଟିଏ ହେଲେ ମା'ବାପାଙ୍କ ମୃତ୍ୟୁ ପରେ ଶବକୁ କାନ୍ଧ ଦେବା ସହ ମୁଖାଗ୍ନି ଦେବ ବୋଲି ସମସ୍ତେ ଆଶା କରିଥାନ୍ତି। ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ନିଜାମପୁର ପଞ୍ଚାୟତ ଦୁମୁଦା ଗ୍ରାମର ୪ ଦିବ୍ୟାଙ୍ଗ ଝିଅ ଅସହାୟ ହୋଇଥିବା ସତ୍ତ୍ୱେ ପୁଅମାନଙ୍କ ଭଳି ବୃଦ୍ଧ ବାପାଙ୍କ ମୃତ୍ୟୁ ପରେ ନିଜେ କାନ୍ଧରେ ବୋହି ମଶାଣିକୁ ନେବା ସହ ସଂସ୍କାର କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଝିଅମାନଙ୍କ ଏଭଳି କାର୍ଯ୍ୟ ଦେଖି ଗ୍ରାମବାସୀ ସହଯୋଗର ହାତ ବଢ଼ାଇଛନ୍ତି।

ଦୁମୁଦା ଗ୍ରାମର ବାଇଧର ଯେନା (୭୫)ଙ୍କ ସ୍ତ୍ରୀ ହାରମଣିଙ୍କ ୬ମାସ ପୂର୍ବେ ମୃତ୍ୟୁ ହୋଇଥିଲା। ବାଇଧରଙ୍କ ୪ ଦିବ୍ୟାଙ୍ଗ ଝିଅ ଅବନ୍ତୀ, ସୁକାନ୍ତି, ବାସନ୍ତୀ ଓ ଜୟନ୍ତୀ ସମସ୍ତେ ଜନ୍ମରୁ ମୂକ ଓ ବଧିର। ସେଥିପାଇଁ କେହି ବାହା ମଧ୍ୟ ହୋଇପାରିନାହାନ୍ତି। ଚାଷରୁ ପେଟ ପୁରୁ ନ ଥିଲେ ମଧ୍ୟ ଗରିବ ବାଇଧର ଝିଅମାନଙ୍କୁ ପାଖରେ ରଖି ଦୁଃଖକଷ୍ଟରେ ପରିବାର ଚଳାଇ ଆସୁଥିଲେ। କିଛିବର୍ଷ ତଳେ ପକ୍ଷାଘାତ ରୋଗରେ ପଡ଼ି ବାଇଧର ଶଯ୍ୟାଶାୟୀ ହୋଇଥିଲେ। ପରେ ୪ ଭଉଣୀ ଏକପ୍ରକାର ଅସହାୟ ହୋଇ ପଡ଼ିଥିଲେ। ସେପଟେ ବାଇଧର ଶଯ୍ୟାରେ ପଡ଼ିଥିବା ବେଳେ ଝିଅମାନେ ପାଳିଥିବା ଛେଳିଗୁଡ଼ିକ ବିକ୍ରି କରି ମାସେ, ଦୁଇମାସ ପର୍ଯ୍ୟନ୍ତ ଚଳିଥିଲେ। ଏଭଳି

### ସହାୟତା ପାଇଁ ନିବେଦନ କଲେ ଗ୍ରାମବାସୀ

ଦୁଃଖଦ ସମୟରେ ବାପାଙ୍କ ମୃତ୍ୟୁ ପରେ ଝିଅମାନେ ସମ୍ପୂର୍ଣ୍ଣ ଭାବେ ଅସହାୟ ହୋଇପଡ଼ିଛନ୍ତି। ସରକାରୀ ସହାୟତା ଭାବେ ସେମାନଙ୍କୁ କେବଳ ଭତ୍ତା ଓ କିଛି ଚାଉଳ ମିଳୁଛି। ଅର୍ଥାଭାବରୁ ବାପାଙ୍କ ନାଁରେ ମିଳିଥିବା ଆବାସ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏବେ ୪ ଭଉଣୀ ଛେଳି ଗୁହାଳରେ ମୁଣ୍ଡ ଗୁଞ୍ଜିଛନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବଗତ ହେବା ପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ କହି ପରବର୍ତ୍ତୀ ସମୟରେ ଭୁଲିଗଲେ। ମୂକ, ବଧିର ଏହି ୪ ଅସହାୟ ଭଉଣୀଙ୍କର ଥଇଥାନ ବ୍ୟବସ୍ଥା ତୁରନ୍ତ କରିବା ଲାଗି ଗ୍ରାମବାସୀ ଜିଲା ପ୍ରଶାସନ, ସ୍ଥାନୀୟ ନେତୃତ୍ୱ, ବଦାନ୍ୟ ବ୍ୟକ୍ତିବିଶେଷ ଏବଂ ସାମାଜିକ ଅନୁଷ୍ଠାନମାନଙ୍କୁ ନିବେଦନ କରିଛନ୍ତି।

# ଭତ୍ତା କରାଇଦେବାକୁ ଲାଞ୍ଚ

ବାଲେଶ୍ୱର ଅଫିସ/
ଜଳେଶ୍ୱର, ୧୭।୧୦(ଡି.ଏନ.ଏ.)

### ଅଡିଓ ଭାଇରାଲ ପରେ ହରଡ଼ଘଣାରେ ଅଧିକାରିଣୀ

ବାର୍ଦ୍ଧକ୍ୟ ଭତ୍ତାରୁ ଦିବ୍ୟାଙ୍ଗ ଭତ୍ତାକୁ ପରିବର୍ତ୍ତନ ଲାଗି ହିତାଧିକାରୀଙ୍କୁ ମଗାଯାଉଛି ଲାଞ୍ଚ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳରେ। ବ୍ଲକର ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରିଣୀ ଜଣେ ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତାକୁ ଦିବ୍ୟାଙ୍ଗ ଭତ୍ତାରେ ପରିବର୍ତ୍ତନ କରିବାକୁ ଲାଞ୍ଚ ମାଗୁଥିବାର ଅଡ଼ିଓ ଭାଇରାଲ୍ ହେବା ପରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ସୁଗୋ ଗ୍ରାମର ୭୦ ବର୍ଷୀୟ ହେମନ୍ତ ଜେନା ଜଣେ ଦିବ୍ୟାଙ୍ଗ ବ୍ୟକ୍ତି । ସେ ୨୦୧୪ରେ ଦିବ୍ୟାଙ୍ଗ ପ୍ରମାଣପତ୍ର ସ୍ୱାସ୍ଥ୍ୟ ବିଭାଗରୁ ପାଇବା ପରେ ଭତ୍ତା ନିମନ୍ତେ ଆବେଦନ କରିଥିଲେ। ସେ ୨୦୧୬ରୁ ଦିବ୍ୟାଙ୍ଗ ଭତ୍ତା ପରିବର୍ତ୍ତେ ବାର୍ଦ୍ଧକ୍ୟ ଭତ୍ତା ପାଇଆସୁଥିଲେ। ପରବର୍ତ୍ତୀ ସମୟରେ ସେ ଏହା ଜାଣି ଦିବ୍ୟାଙ୍ଗ ଭତ୍ତା ଲାଗି ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ମଧ୍ୟ କିଛି ସୁଫଳ ପାଇ ନ ଥିଲେ। ହିତାଧିକାରୀଙ୍କ ପୁଅ ତପୁ ଜେନା ବ୍ଲକର ଭତ୍ତା ଦାୟିତ୍ୱରେ ଥିବା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରିଣୀ ତିଳୋତ୍ତମା ପଣ୍ଡାଙ୍କ ସହିତ ଯୋଗାଯୋଗ କରିଥିଲେ। ତାଙ୍କୁ ୨ରୁ ୩ହଜାର ଟଙ୍କା ଲାଞ୍ଚ ଦେଲେ ଉପରିସ୍ଥ ଅଧିକାରୀଙ୍କୁ କହି ଦିବ୍ୟାଙ୍ଗ ଭତ୍ତା କରାଇଦେବେ ବୋଲି ଫୋନ୍‌ରେ ଟଙ୍କା ମାଗିଥିଲେ। ଏ ସମ୍ପର୍କିତ ବାର୍ତ୍ତାଳାପ ଏବେ ଭାଇରାଲ ହେବାରେ ଲାଗିଛି। ସମ୍ପୃକ୍ତ ଅଧିକାରିଣୀ ଏହି ଅଡିଓରେ ବାର୍ତ୍ତାଳାପ ତାଙ୍କର ନୁହେଁ ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି ଅଡ଼ିଓ ସମ୍ପର୍କରେ ଜାଣିବା ପରେ ବାର୍ତ୍ତାଳାପ ସମ୍ପୃକ୍ତ ଅଧିକାରିଣୀଙ୍କର କି ନୁହେଁ, ତାହା ତାଙ୍କ ମୋବାଇଲ୍‌ରୁ ହୋଇଥିଲା କି ନାହିଁ ଜାଣିବା ପାଇଁ ସାଇବର ସେଲ୍‌କୁ ପ୍ରଦାନ କରିଛନ୍ତି। ଏହାସହ ତଦନ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ଗଞ୍ଜାମରେ ୧.୫୮ କୋଟିର ଚାଉଳ ବାଟମାରଣା

## ୧୦ ମିଲରଙ୍କୁ ଅନୁକମ୍ପା, ରାଜ୍ୟ ଯୋଗାଣ ନିଗମରୁ ପୁଣି ଆସିଲା ଚିଠି

ଛତ୍ରପୁର,୧୭।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ୧.୫୮ କୋଟି ଟଙ୍କାର ଚାଉଳ ବାଟମାରଣା ହୋଇଛି। ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ. ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି।୨୦୧୨-୧୩ରେ ମିଲର୍‌ମାନେ ମିଲିଂ କରି ଚାଉଳ ଦେବାକୁ ଯୋଗାଣ ବିଭାଗଠାରୁ ଧାନ ନେଇଥିଲେ। ହେଲେ ଜିଲାର ୧୦ ମିଲର ମିଲିଂ କରି ଚାଉଳ ଦେଇ ନ ଥିଲେ। ଏହି ଖିଲାପୀ ମିଲରମାନଙ୍କଠାରୁ ଚାଉଳ କିମ୍ବା ଏ ବାବଦରେ ଟଙ୍କା ଆଦାୟ କରିବାକୁ ରାଜ୍ୟ ଯୋଗାଣ ନିଗମ ୨୦୧୪ରୁ ୨୦୧୮ ମଧ୍ୟରେ ଗଞ୍ଜାମ ଜିଲାର ତତ୍କାଳୀନ ଯୋଗାଣ ଅଧିକାରୀମାନଙ୍କ ନିକଟକୁ ବାରମ୍ବାର ନିର୍ଦ୍ଦେଶନାମା ପଠାଇଥିଲା। ଏହା ସତ୍ତ୍ୱେ ବି ଖିଲାପୀ ମିଲରମାନଙ୍କଠାରୁ ଚାଉଳ କିମ୍ବା ଟଙ୍କା ଆଦାୟ କରାଯାଇ ନ ଥିଲା। ଖିଲାପୀ ମିଲରମାନଙ୍କୁ ଅନୁକମ୍ପା ଦେଖାଇଥିବା ତଥା ଟଙ୍କା ଆଦାୟ ପାଇଁ ପଦକ୍ଷେପ ନେଇ ନ ଥିବା ତତ୍କାଳୀନ ଜିଲା ଯୋଗାଣ ଅଧିକାରୀ, ମାର୍କେଟିଂ ଇନ୍ସପେକ୍ଟର, ଅଧିକୃତ ଅଫିସରଙ୍କ ସମେତ ୧୦ ଜଣଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରିବାକୁ ୨୦୧୮ରେ ରାଜ୍ୟ ଯୋଗାଣ ନିଗମ ନିଷ୍ପତ୍ତି ନେଇଥିଲା। ତତ୍କାଳୀନ ଜଣେ ସିଏସ୍‌ଓ, ୩ ଜଣ ମାର୍କେଟିଂ ଇନ୍ସପେକ୍ଟର, ୪ ଜଣ ଅଧିକୃତ ଅଫିସରଙ୍କ ଉପରେ ଡ୍ରାଫ୍ଟ ଚାର୍ଜ ହେବା କଥା। ହେଲେ ତାହା ଏ ଯାଏ ହୋଇନାହିଁ। ପରେ ୨୦୧୮ରୁ ନିଗମ ପକ୍ଷରୁ ବାରମ୍ବାର ଏ ସମ୍ପର୍କରେ ତତ୍କାଳୀନ ଜିଲା ଯୋଗାଣ ଅଧିକାରୀଙ୍କୁ ଚିଠି ଆସିଛି। ଇତିମଧ୍ୟରେ ଜଣେ ଚାକିରିରୁ ଅବସର ମଧ୍ୟ ଗ୍ରହଣ କରିସାରିଥିଲେ ସୁଦ୍ଧା କାହାରି ବିରୋଧରେ ଡ୍ରାଫ୍ଟ ଚାର୍ଜ ଗ୍ରହଣ କରାଯାଇନି। ଡ୍ରାଫ୍ଟ ଚାର୍ଜ ଗ୍ରହଣ କରିବାକୁ ରାଜ୍ୟ ଯୋଗାଣ ନିଗମ ଲିଃ.ର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ କେଶରୀ ଦାସଙ୍କଠାରୁ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ପୁଣି ଏକ ଚିଠି (୧୪୩୪୪) ଆସିଛି। ଏଥିସହ ଏ ସମ୍ପର୍କରେ ଅବଗତ ପାଇଁ ଜିଲାପାଳଙ୍କ ନିକଟକୁ ଆଉ ଏକ ଚିଠି ଆସିଥିବା ଜଣାପଡ଼ିଛି। ତେବେ ଖିଲାପୀ ମିଲର ଓ ସେମାନଙ୍କୁ ଅନୁକମ୍ପା ଦେଖାଇଥିବା ଅଧିକାରୀ, କର୍ମଚାରୀଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଛି। ସୂଚନାଯୋଗ୍ୟ, ମିଲିଂ କରି ଚାଉଳ ଦେବାକୁ ୨୦୧୨-୧୩ ରେ କେତେଜଣ ମିଲର ଧାନ ନେଇଥିଲେ। ସେଥିରୁ ଚାଉଳ ପୈଠ କରି ନ ଥିବା ୧୦ ଜଣ ମିଲରଙ୍କୁ ଚାଉଳ ବାବଦରେ ୧,୫୮,୨୭,୩୮୪ ଟଙ୍କା ଜମା କରିବାକୁ କୁହାଯାଇଥିଲା। ସେମାନେ ଉକ୍ତ ଟଙ୍କା ଜମା କରି ନ ଥିବା ଯୋଗାଣ ନିଗମର ସ୍ୱତନ୍ତ୍ର ଅଡିଟ୍‌ରୁ ଜଣାପଡିଥିଲା।

ପ୍ରଥମ ପୃଷ୍ଠାରୁ...

### କଶ୍ମୀରରେ ବଢ଼ୁଛି...

ଧାରା ବଦଳିଯାଇଛି। ଏବେ ଅଧିକାଂଶ ସମୟରେ ହତ୍ୟାର ଶିକାର ହେଉଛନ୍ତି ବାହାର ଲୋକେ। ଏହି କ୍ରମରେ ରବିବାର ଦକ୍ଷିଣ କଶ୍ମୀରର କୁଲଗାମ ଜିଲାରେ ଦୁଇଜଣ ଅଣକଶ୍ମୀରୀ ଶ୍ରମିକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଛନ୍ତି। ସେମାନେ ହେଲେ ରାଜା ରେଶି ଦେବ ଓ ଯୋଗୀନ୍ଦର ରେଶି ଦେବ। ସେହିପରି ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଲହୁଲୁହାଣ ହୋଇଥିବା ଚୁନଚୁନ ରେଶି ଦେବଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ତିନିଜଣ ହେଉଛନ୍ତି ବିହାରୀ। ସଶସ୍ତ୍ର ଆତଙ୍କବାଦୀମାନେ ୱାନ୍‌ପୋହରେ ରହୁଥିବା ଏହି ଶ୍ରମିକମାନଙ୍କ ଘରକୁ ପଶିଥିଲେ। ଶ୍ରମିକମାନେ କିଛି ବୁଝିପାରିବା ପୂର୍ବରୁ ସେମାନଙ୍କ ଉପରକୁ ଆଖିବୁଜା ଗୁଳି କରିଥିଲେ। ଏହାର ଦିନକ ପୂର୍ବରୁ ଶ୍ରୀନଗରସ୍ଥିତ ଏକ ପାର୍କ ବାହାରେ ବିହାରୀ ଫେରିବାଲା ଅରବିନ୍ଦ କୁମାର ଶାହ ଏବଂ ପୁଲୱାମାରେ ୟୁପିର ଶାହରନପୁରରୁ ଆସି କାମ କରୁଥିବା ଶ୍ରମିକ ସାଗିର ଅହମ୍ମଦଙ୍କୁ ମଧ୍ୟ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଥିଲେ। ଗତ ସପ୍ତାହରେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଟାର୍ଗେଟ କରି ହତ୍ୟା କରିଥିବା ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ବୋଲି ପୋଲିସ ଦାବି କରିବାର ଦିନକ ପରେ ଏହି ଘଟଣା ଘଟିଥିଲା। ଭାଜପା ମୁଖପାତ୍ର ଅଲତାଫ୍ ଠାକୁର ଏହାକୁ ନିନ୍ଦା କରିବା ସହ ହତ୍ୟାକାରୀଙ୍କୁ ଧରି ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧକ୍ଷା ମେହବୁବା ମୁଫ୍‌ତି ଟୁଇଟ୍ କରି କହିଥିଲେ, ଜମ୍ମୁ-କଶ୍ମୀରକୁ ନେଇ କେନ୍ଦ୍ର ସରକାରଙ୍କ ବିଫଳ ନୀତି ଯୋଗୁ ଏଭଳି ହତ୍ୟାକାଣ୍ଡ ଘଟୁଛି ଏବଂ ନିରୀହ ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଛି। ସେହିପରି ଶ୍ରୀନଗର ଏମ୍‌ପି ତଥା ଏନ୍‌ସି ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲା କହିଛନ୍ତି, କଶ୍ମୀରୀମାନଙ୍କୁ ବଦନାମ କରିବା ପାଇଁ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡଗୁଡ଼ିକ ଘଟାଯାଉଛି। ଏଥିରେ କଶ୍ମୀରୀମାନେ ସମ୍ପୃକ୍ତ ନୁହନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ସ୍ତରୀୟ ଆଲୋଚନାକୁ ନେଇ ପ୍ରଶ୍ନ କରାଯିବାରୁ ଫାରୁକ୍ କହିଥିଲେ, ଦୁଇଦେଶ ମଧ୍ୟରେ ବନ୍ଧୁତ୍ୱ ପ୍ରତିଷ୍ଠା ହେଲେ ଆମେ ଶାନ୍ତିରେ ରହିପାରିବା। ମୋଟାମୋଟି ଭାବେ ଦେଖିଲେ ଏସବୁ ପାଇଁ ମେହବୁବା ଧାରା ୩୭୦ ଉଚ୍ଛେଦକୁ ଦାୟୀ କରିଥିବାବେଳେ ଫାରୁକ୍‌ଙ୍କ ଇଙ୍ଗିତ ହେଉଛି ପାକିସ୍ତାନ ଆଡ଼କୁ। ଏହା ପୂର୍ବରୁ ସଂଖ୍ୟାଲଘୁ ସମୁଦାୟର ୪ ଜଣଙ୍କୁ ହତ୍ୟା କରାଯାଇଥିଲା। କେନ୍ଦ୍ରଶାସିତ ଅଞ୍ଚଳରେ ଲଗାତର ଭାବେ ଏହି ଧରଣର ହତ୍ୟାକାଣ୍ଡ ବଢ଼ିଚାଲିଥିବାରୁ ରବିବାର ଜମ୍ମୁରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ସରକାରଙ୍କ କୁଶପୁତ୍ତଳିକା ଦାହ କରିବା ସହ ପଡ଼ୋଶୀ ଦେଶ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଶିବସେନା ଡୋଗ୍ରା ଫ୍ରଣ୍ଟ, ଅଲ୍ ଜମ୍ମୁ ଆଣ୍ଡ କଶ୍ମୀର ପଞ୍ଚାୟତ କନ୍‌ଫରେନ୍ସ, ରାଷ୍ଟ୍ରୀୟ ବଜରଙ୍ଗ ଦଳ, ରାଜପୁତ କର୍ଣ୍ଣୀ ସେନା ଏବଂ ଭାଜପା ଯୁବ ମୋର୍ଚ୍ଚା କର୍ମୀମାନେ ମଧ୍ୟ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅପରପକ୍ଷେ ନ୍ୟାଶନାଲ ପାନ୍ଥର୍ସ ପାର୍ଟି (ଏନ୍‌ପିପି) ଏହି କ୍ରମବର୍ଦ୍ଧିଷ୍ଣୁ ହିଂସା ପାଇଁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ଭାଜପା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ବିରୋଧୀ ଦଳଗୁଡ଼ିକୁ ଭାଙ୍ଗିବାରେ ଲାଗିଛି। ହେଲେ ଜମ୍ମୁ-କଶ୍ମୀରକୁ ୧୯୯୦ ଦଶକର ଆତଙ୍କବାଦ ପୁଣି ଫେରିବାରେ ଲାଗିଛି ବୋଲି ଏନ୍‌ପିପି ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ହର୍ଷଦେବ ସିଂ ସମାଲୋଚନା କରିଛନ୍ତି।

### ୩ ଏନ୍‌ଏଚ୍‌ରେ...

ନିକଟ, କାଦୁଆ ଛକ, ବ୍ଲକ ଛକ, ମାଳତୀପାଟପୁର, ଗୁଡିଆପୋଖରୀ ଛକ, ଦାଣ୍ଡମୁକୁନ୍ଦପୁର, ଦାଣ୍ଡମୁକୁନ୍ଦପୁର ବାଇପାସ୍ ଜଙ୍କସନ, ମଙ୍ଗଳପୁର, ତାରଗଜା ପ୍ରମୁଖ ସ୍ଥାନ ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ ହୋଇଛି। କେତେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରହିବା, ଜାତୀୟ ରାଜପଥର ଦୁର୍ବଳ ରକ୍ଷଣାବେକ୍ଷଣ ବ୍ୟବସ୍ଥା, ହାଇୱେ ଆଲୁଅ ବ୍ୟବସ୍ଥା ଅଚଳ ଇତ୍ୟାଦି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି କମିଟି ପକ୍ଷରୁ ଦର୍ଶାଯାଇଛି। ଏଥିପାଇଁ ବେଆଇନ ଜବରଦଖଲ, ଉପଯୁକ୍ତ ଭାବେ ସଙ୍କେତ, ଆଲୁଅ ବ୍ୟବସ୍ଥା, ଷ୍ଟ୍ରିଟ ପାର୍କିଂ ଇତ୍ୟାଦି ପଦକ୍ଷେପ ନେବାକୁ ପଡିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ ୧୬ ଓ ୫୩ ନମ୍ବର ଜାତୀୟ ରାଜପଥରେ ରୋଡସାଇଡ୍‌ରେ ଟ୍ରକ ପାର୍କିଂ ଏବଂ ଭୁଲ ପାର୍ଶ୍ୱରେ ଲୁହାପଥର ବୋଝେଇ ଗାଡ଼ି ଚଳାଚଳ ଅଣାୟତ୍ତ ହେଉଥିବା ଦେଖିବାକୁ ମିଳିଛି। କେତେଜଣ ପ୍ରଭାବଶାଳୀଙ୍କ ଗାଡ଼ି ଲାଇନ୍‌ରେ ନ ଯାଇ ଆଗତୁରା ପହଞ୍ଚିବାକୁ ବିପରୀତ ପାର୍ଶ୍ୱରେ ଗାଡ଼ି ଚଳାଚଳ କରୁଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କେହି ଆବଶ୍ୟକ ପଦକ୍ଷେପ ନେବାକୁ ସାହସ ଜୁଟାଇ ପାରୁନାହାନ୍ତି। ଫଳରେ ସୁପ୍ରିମକୋର୍ଟ କମିଟିର ୫୦ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏନ୍‌ଏଚ୍‌ଏଆଇର ଚିଫ୍ ଜେନେରାଲ ମ୍ୟାନେଜର, ଭୁବନେଶ୍ୱର ଓ ଏନ୍‌ଏଚ୍‌ର ଚିଫ ଇଞ୍ଜିନିୟରଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ମାଣ ବିଭାଗର ଅନୁ ସଚିବ ପି.କେ. ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି।

### ଆଜିଠୁ ୪ ଦିନିଆ...

ହୋଟେଲରୁ ବାହାରକୁ ଏକାକୀ ଯାଉଥିବାବେଳେ ବାଟରେ ସାଙ୍ଗଙ୍କ ସହ ଗଣ୍ଡଗୋଳ ହୋଇଥିଲା। ସେ ଅଭିଯୁକ୍ତଙ୍କ କବଳରୁ ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ୩ଜଣଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଶନିବାର ଡିସିପି ଉମାଶଙ୍କର ଦାସ ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ହେଲେ କାହା ଆଘାତରେ ମନୀଷଙ୍କ ମୃତ୍ୟୁ ହେଲା, କିଏ ପାଣିକୁ ଫିଙ୍ଗିଲେ, ମୁଖ୍ୟ ଅଭିଯୁକ୍ତ କିଏ, ଏଭଳି ଅନେକ ପ୍ରସଙ୍ଗରେ ପୋଲିସ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ, ଏଫ୍‌ଏସ୍‌ଏଲ୍ ଓ ଅନ୍ୟାନ୍ୟ ରିପୋର୍ଟକୁ ଅପେକ୍ଷା କରାଯାଇଥିବାବେଳେ କେବଳ ସିସିଟିଭି ଫୁଟେଜ, ଶେଷ ଫୋନ କଲ୍ ରେକର୍ଡ ଏବଂ ସାକ୍ଷୀଙ୍କ ବୟାନକୁ ନେଇ ଅଭିଯୁକ୍ତଙ୍କୁ କିପରି ଦୋଷୀ ପ୍ରମାଣିତ କରାଯିବ ତାହା ବର୍ତ୍ତମାନ କମିଶନରେଟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

### ହୀରାକୁଦ ସ୍ପିଲ୍‌ୱେ ନୂତନ...

ସମାଧାନର ବାଟ ଫିଟି ନ ଥିଲା। ଅନ୍ୟପଟେ ରାଜ୍ୟ ସରକାର ଏହି ମାମଲାକୁ ନେଇ ଅନୁଦାନ ଯୋଗାଇଥିବା ବିଶ୍ୱବ୍ୟାଙ୍କର ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ ଯେ,୨୦୧୫ ଏପ୍ରିଲରେ ବନ୍ଧ ସୁରକ୍ଷା ବିଭାଗ ସେଣ୍ଟ୍ରାଲ ୱାଟର କମିଶନ (ସିଡବ୍ଲ୍ୟୁସି)ଓ ବିଶ୍ୱବ୍ୟାଙ୍କର ଅଧିକାରୀ ହୀରାକୁଦ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ବନ୍ଧର ଲେଫ୍ଟ ଡାଇକ ପଟରେ ଏହା ନିର୍ମାଣ କରାଯାଉଛି। କମ୍ ସମୟରେ ଅଧିକ ଜଳ ନିଷ୍କାସନ ହୋଇ ପାରିବା ଲକ୍ଷ୍ୟ ରହିଛି। ବିଶ୍ୱବ୍ୟାଙ୍କ ପକ୍ଷରୁ ଏଥିପାଇଁ ୩୬୯ .୫୯ କୋଟି ଟଙ୍କା ସହାୟତା ଦିଆଯାଇଛି। ବନ୍ୟାଜଳ ନିଷ୍କାସନ ପାଇଁ ୯୧ ମିଟର ଲମ୍ବ ବିଶିଷ୍ଟ ଏହି ସ୍ପିଲୱେରେ ୪ଟି ସ୍ଲୁଇସ ଗେଟ ରହିବ। ହୀରାକୁଦ ଡ୍ୟାମରେ ଥିବା ସ୍ଲୁଇସ ଗେଟ୍‌ରେ ୯୮ ଗେଟ୍ ରହିଛି। ପ୍ରାୟ ୧୫ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସନ ହେବାର କ୍ଷମତା ରହିଛି। ଏବେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ହେଲେ ଏହା ୧୮ ଲକ୍ଷ କ୍ୟୁସେକକୁ ବୃଦ୍ଧି ପାଇବ। ସ୍ଥାନୀୟ କେବୁଲ କଲୋନି, ପ୍ରେସ୍ ନଗର, ରିଂରୋଲି ମିଲ, ଫାଷ୍ଟକ୍ୟାମ୍ପ, ଗାନ୍ଧୀ ନଗର, ଲକ୍ଷ୍ମୀନଗରର ମୋଟ ୧୪୧୫ ପରିବାର ବିସ୍ଥାପିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ୨ ଡିସିମିଲ ଜମି ଓ ୩ ଲକ୍ଷ ୮୦ ହଜାର ଟଙ୍କା ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଦିଆଯିବାକୁ ସ୍ଥିର ହୋଇଛି।

### ଶ୍ରମିକଙ୍କୁ ଢାଲ କରି...

୨୦୧୯ ଫେବୃୟାରୀରେ ୨ଟି ସାମାଜିକ ସଙ୍ଗଠନ ରୁରାଲ ଅର୍ଗାନାଇଜେଶନ ଫର୍ ସୋସିଆଲ ଏମ୍ପାୱାରମେଣ୍ଟ ଏବଂ ଆସୋସିଏଟେଡ୍ ସୋସିଆଲ ସର୍ଭିସ ଏଜେନ୍ସି ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇ ଖଣି ବ୍ୟବହାର ବନ୍ଦ ଲାଗି ନିବେଦନ କରିଥିଲେ। ଟ୍ରିବ୍ୟୁନାଲର ବିଚାରପତି ଏସ୍.ପି. ୱାଙ୍ଗଡି, ସତ୍ୟୱାନ ସିଙ୍ଗ ଗାରବବ୍ୟାଲ ସେହିବର୍ଷ ଅକ୍ଟୋବର ୧୬ତାରିଖରେ ଖଣି ଅଞ୍ଚଳ କୁଲଡିହା-ହଦଗଡ ଆନ୍ତଃଜିଲା ବନ୍ୟଜନ୍ତୁ ଚଲାପଥ କ୍ଷେତ୍ରରେ ଆସୁଥିବା ତଥା ଏହା ଜୈବ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା କାରଣରୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଖଣି ଖନନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖଇରା ଓ ତତ୍‌ସଂଲଗ୍ନ କପ୍ତିପଦା ତହସିଲ ଅଧୀନରେ ଆସୁଥିବା ପାଖାପାଖି ୧ଶହ ଖଣିରେ ୧୪୪ଧାରା ଲାଗୁ କରାଯାଇଛି। ହେଲେ ପୋଲିସ ମୁତୟନ କରାଯାଉ ନ ଥିବାରୁ କେତେଜଣ ଖଣିମାଫିଆ ଚୋରାରେ ରାତି ଅଧିଆ ଖଣିଖୋଳି ବିଶେଷ କରି କପ୍ତିପଦା ତହସିଲ ଶୁଖୁଆପଟା ମୌଜାର ୧ ଓ ୨ନଂ., ଖଇରା ତହସିଲ ବନ୍ଧନଟା ମୌଜାର ୮୬, ୮୭, ୮୯ ଓ ୯୦ ନମ୍ବର ଖଣିରୁ କପ୍ତିପଦା ବାରିପଦା ରାସ୍ତା ଦେଇ ପଶ୍ଚିମବଙ୍ଗକୁ ପଥରଚାଲାଣ କରୁଥିବା ଅଭିଯୋଗ ହୋଇଆସୁଛି। ବେଆଇନ ଭାବେ ଟନ୍ ଟନ୍ ପଥର ଜଙ୍ଗଲଜମିରେ ଗଚ୍ଛିତ ରଖୁଛନ୍ତି। ମାଲ୍ ପରିବହନର ସୁବିଧା ପାଇଁ କେତେଜଣ ଖଣିମାଲିକ ପଥର ଫଟାଇ ପାହାଡ଼ ମଝିରେ ୧୫ଫୁଟ୍ ଓସାର ରାସ୍ତା ନିର୍ମାଣ କରିବାକୁ ସକ୍ଷମ ହୋଇଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ରାସ୍ତା ଯୋଗୁ ପ୍ରପାତରୁ ପାଣି ପଡିବାରେ ବାଧା ସୃଷ୍ଟି ହେଉଥିଲେ ହେଁ ରାଜସ୍ୱ କି ଜଙ୍ଗଲ ବିଭାଗ କିଛି କରିବାକୁ ସାହସ କରିପାରୁନାହାନ୍ତି। କିଛି ନିର୍ଦ୍ଦିଷ୍ଟ ଖଣି ଉତ୍ତୋଳନକାରୀଙ୍କ ବିରୋଧକୁ ଖାତିର ନ କରି ସରକାର ପ୍ରକଳ୍ପ ନିର୍ମାଣ କରିବା ଦରକାର ବୋଲି ଗଗୁଆ ଗ୍ରାମର ସୁଦର୍ଶନ ନାଇକି, ପୀତାମ୍ବର ନାଇକି, ପଙ୍କଜ ପ୍ରଧାନ, ଗୋବିନ୍ଦ ଦାସ ଓ ଚନ୍ଦ୍ରମୋହନ ନାଇକି ପ୍ରମୁଖ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ ଗଜେନ୍ଦ୍ର ପରିଡା କହିଛନ୍ତି, ପର୍ଯ୍ୟଟନ ବିଭାଗ ତରଫରୁ ପ୍ରକଳ୍ପ ନିର୍ମାଣ ହେଲେ ଅନେକ ଲୋକ ରୋଜଗାର ପାଇବା ସହ ତୃଷାର୍ତ୍ତ ବନ୍ୟପ୍ରାଣୀଙ୍କ ପାଇଁ ଏହା ବେଶ୍ ଉପାଦେୟ ହୋଇପାରିବ। ଏହାସହ ଚୋରାରେ ଚାଲୁଥିବା ଖଣି ବ୍ୟବହାର ମଧ୍ୟ ବନ୍ଦ ହେବ। ଏଣୁ ପ୍ରକଳ୍ପ ନିର୍ମାଣକୁ ସମସ୍ତ ଗ୍ରାମବାସୀ ସହଯୋଗ କରିବା ଦରକାର ବୋଲି କହିଛନ୍ତି। ବାଲେଶ୍ୱର ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ, ପଥର ଗଚ୍ଛିତ କରି ରଖୁଥିବା ଏବଂ ଖଣିଜ ପରିବହନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପାଇଁ ସେ ସୋର ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେବେ। ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା କହିଛନ୍ତି, ଚୋରାରେ ଖଣି ବ୍ୟବହାର କରାଯାଉଥିବା ଅଭିଯୋଗର ତଦନ୍ତ କରାଯିବ।

### ଜେଇଇ ଆଡ୍‌ଭାନ୍ସଡ୍...

ପୁରସ୍କାର ଓ ସ୍କଲାରଶିପ୍ ପାଇଛନ୍ତି। ଭଗବାନଙ୍କ ଆଶୀର୍ବାଦ, ମାତାପିତା, ଆଲେନର ଅଧ୍ୟାପକ ଚନ୍ଦ୍ରମଣି ନାୟକଙ୍କ ସହଯୋଗ ଯୋଗୁ ଏହି ସଫଳତା ପାଇଥିବା ଓମ୍ କହିଛନ୍ତି। ଏବେ ସେ ମୁମ୍ବାଇ ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ କରିବାକୁ ସ୍ଥିର କରିଛନ୍ତି। ଦେଶବାସୀ ସମ୍ମୁଖୀନ ହେଉଥିବା କିଛି ସମସ୍ୟାକୁ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସମାଧାନ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୧୩,୭୪,୭୪୨ | ୪୯,୧୨,୭୮୩ | ୨୧,୮୫,୮୮,୪୯୪ |
| ଭାରତ | ୩,୪୦,୭୭,୫୫୬ | ୪,୫୨,୨୬୧ | ୩,୩୪,୨୫,୯୪୫ |
| ଓଡ଼ିଶା | ୧୦,୩୫,୦୭୭ | ୮୨୮୫(+୫୩) | ୧୦,୨୨,୨୫୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଓଲଟିଲା ମନ୍ତ୍ରୀଙ୍କ ଏସ୍କର୍ଟ ଗାଡ଼ି, ୫ ଆହତ



ଦୁର୍ଘଟଣାଗ୍ରସ୍ତ ପୋଲିସ ଗାଡ଼ି।

**ପାରଳାଖେମୁଣ୍ଡି,୧୭।୧୦ (ଡି.ଏନ୍.ଏ.):** ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ବିରିକୋଟ ଗ୍ରାମ ନିକଟ ଉଳିଆପଦାଠାରେ ରବିବାର ଅନୁସୂଚିତ ଜାତି, ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ସୁରକ୍ଷା ଦେବାକୁ ଆସିଥିବା ଏକ ଏସ୍କର୍ଟ ଗାଡ଼ି ଓଲଟି ପଡ଼ିଛି। ଏଥିରେ ୫ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ବିରିକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ମନ୍ତ୍ରୀ ସାରକା ରବିବାର ରାୟଗଡ଼ା ଜିଲା ଗସ୍ତରେ ଆସିଥିଲେ। ମଧ୍ୟାହ୍ନରେ ସେ ଭୁବନେଶ୍ୱର ଫେରୁଥିଲେ। ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସର ଏକ ଟିମ୍ ତାଙ୍କୁ ତପ୍ତପାଣିଠାରୁ ରାଇପଙ୍ଖା ପର୍ଯ୍ୟନ୍ତ ଏସ୍କର୍ଟ କରିବା ପାଇଁ ଯାଇଥିଲା। ଉଳିଆପଦର ନିକଟରେ ହଠାତ୍ ସମ୍ମୁଖକୁ ଏକ ବାଇକ୍ ଆସିଯିବାରୁ ଏସ୍କର୍ଟ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଡ଼ବା ଥାନା ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି।

# ବାଂଲାଦେଶରେ ହିନ୍ଦୁ ବିପନ୍ନ

**ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହିଂସା କ୍ରମାଗତ ବଢ଼ିଚାଲିଛି। ୧୯୦୧ରେ ଦେଶର ମୋଟ ଜନସଂଖ୍ୟାର ୩୩% ଥିଲେ ହିନ୍ଦୁ । ହେଲେ ୨୦୧୧ରେ ଏହା ୮.୫%କୁ ହ୍ରାସ ପାଇଛି। ଏଭଳି ସମସ୍ୟା କ୍ରମାଗତ ଲାଗି ରହିଲେ ୨୦୫୦ ବେଳକୁ ବାଂଲାଦେଶ ହିନ୍ଦୁ ଶୂନ୍ୟ ହୋଇଯିବ ବୋଲି ଏକ ରିପୋର୍ଟରେ କୁହାଯାଇଛି।**



**ନୂଆଦିଲ୍ଲୀ, ୧୭।୧୦**

ପାକିସ୍ତାନଠାରୁ ପୃଥକ୍ ହୋଇ ୧୯୭୧ରେ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ବାଲାଂଦେଶ ମୁକ୍ତି ସଂଗ୍ରାମର ଇତିହାସ ବେଶ୍ ରକ୍ତରଞ୍ଜିତ। ୧୯୭୨ ନଭେମ୍ବର ୪ରେ ବାଂଲାଦେଶ ସମ୍ବିଧାନ ପ୍ରଚଳନ ହୋଇଥିଲା। ଏଥିରେ ରାଷ୍ଟ୍ରକୁ ଧର୍ମନିରପେକ୍ଷ, ସମାଜବାଦୀ, ଗଣତାନ୍ତ୍ରିକ ରାଷ୍ଟ୍ର ଘୋଷଣା କରାଯାଇଥିଲା। କିନ୍ତୁ ଅଧିକ ଦିନ ଧରି ବାଲାଂଦେଶ ଧର୍ମନିରପେକ୍ଷ ହୋଇ ରହିପାରିଲା ନାହିଁ। ୧୯୮୮ ଜୁନ୍ ୭ରେ ନିଜକୁ ଇସ୍‌ଲାମିକ ରାଷ୍ଟ୍ର ଭାବେ ଘୋଷିତ କରିଥିଲା। ଏହାର ପରବର୍ତ୍ତୀ ସମୟରେ ମୁସ୍‌ଲିମ୍ ଭିନ୍ନ ଅନ୍ୟ ସମ୍ପ୍ରଦାୟ ପ୍ରତି ହିଂସା ବଢ଼ିବାରେ ଲାଗିଛି। କ୍ରମାଗତ ଆକ୍ରମଣ, ଅସହିଷ୍ଣୁତା, ହତ୍ୟା ସର୍ବୋପରି ଅସୁରକ୍ଷିତ ପରିବେଶ ବାଂଲାଦେଶରେ ହିନ୍ଦୁ ଗୋଷ୍ଠୀକୁ ଅତି ଅଳ୍ପସଂଖ୍ୟକରେ ପରିଣତ କରିଦେଇଛି। ଏବେ ଏହି ଭୂଖଣ୍ଡରେ ହିନ୍ଦୁଙ୍କ ସୁରକ୍ଷାକୁ ନେଇ ସବୁଆଡୁ ସ୍ୱର ତେଜିବାରେ ଲାଗିଛି।

ସଂଯୁକ୍ତ ଭାରତ ଜନଗଣନା ରିପୋର୍ଟ ଅନୁଯାୟୀ, ୧୯୦୧ରେ ବାଲାଂଦେଶରେ ୬୬.୧% ମୁସଲମାନ ଏବଂ ୩୩% ହିନ୍ଦୁ ବସବାସ କରୁଥିଲେ। ତେବେ ୧୧୦ ବର୍ଷ ଭିତରେ ଅର୍ଥାତ୍ ୨୦୧୧ ବେଳକୁ ମୁସଲମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୯୦%ରେ ପହଞ୍ଚିଥିବାବେଳେ ହିନ୍ଦୁଙ୍କ ସଂଖ୍ୟା ୮.୫%କୁ ଖସିଆସିଛି। ୧୯୪୭ରେ ଭାରତ ସ୍ୱାଧୀନତା ଲାଭ କରିବା ଏବଂ ୧୯୭୧ରେ ବାଲାଂଦେଶ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ପାଇବା ଯାଏ ହିନ୍ଦୁ ସମ୍ପ୍ରଦାୟ ସବୁଠାରୁ ଅଧିକ ପୀଡ଼ା ଭୋଗିଛନ୍ତି। ଯନ୍ତ୍ରଣାରେ କଲବଲ ହୋଇ ଲକ୍ଷାଧିକ ହିନ୍ଦୁ ଭାରତରେ ଶରଣ ନେଇଥିବାବେଳେ ଏକ ବଡ଼ ଗୋଷ୍ଠୀକୁ ବାଧ୍ୟତାମୂଳକ ଧର୍ମ ପରିବର୍ତ୍ତନ ଭଳି ଦାରୁଣ ଦୁଃଖର ସମ୍ମୁଖୀନ ହେବାକୁ ପଡ଼ିଛି। ହିନ୍ଦୁଙ୍କ ଉପରେ ସବୁଠାରୁ ବଡ଼ ଗଣସଂହାର ଭାବେ ମୂକସାକ୍ଷୀ ହୋଇ ରହିଛି ୧୯୭୧। ବାଲାଂଦେଶ ମୁକ୍ତି ସଂଗ୍ରାମ ସମୟରେ ପାକିସ୍ତାନ ସେନା ଗାଁ ଗାଁରେ ପଶି ହିନ୍ଦୁଙ୍କ ମୂଳୋତ୍ପାଟନ କରିବା ଆରମ୍ଭ କରିଦେଇଥିଲା। ଏକ ରିପୋର୍ଟ ଅନୁଯାୟୀ ସେତେବେଳେ ହାରାହାରି ୩୦ ଲକ୍ଷ ହିନ୍ଦୁଙ୍କ ଜୀବନ ଯାଇଥିଲା। ବାଲାଂଦେଶ ସ୍ୱାଧୀନ ହେବା ପରେ ବି ହିନ୍ଦୁଙ୍କ ଉପରେ ଅତ୍ୟାଚାର କମିନାହିଁ। ବିଗତ ୫୦ ବର୍ଷ ମଧ୍ୟରେ ହିନ୍ଦୁଙ୍କ ସଂଖ୍ୟା ୧୩.୫%କୁ ଖସିଆସି ୮%ରେ ପହଞ୍ଚିବା ଏହାର ସଦ୍ୟତମ ଉଦାହରଣ।

ବାଲାଂଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରର ପ୍ରମୁଖ କାରଣ ଜମି ହଡ଼ପ ମସୁଧା। ଏଥିଲାଗି ହିଂସାର ଆଶ୍ରୟ ନିଆଯାଉଛି। 'ଢାକା ଟାଇମ୍ସ'ର ଏକ ରିପୋର୍ଟରେ ଏହି ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଏକ ଅଞ୍ଚଳରେ ରହୁଥିବା ବହୁସଂଖ୍ୟକ ହିନ୍ଦୁଙ୍କ ଘରକୁ ପୋଡ଼ି ଦିଆଯିବା ଫଳରେ ସେମାନେ ଭୟଭୀତ ହୋଇ ଜୀବନ ବିକଳରେ ଅନ୍ୟତ୍ର ପଳାୟନ କରୁଛନ୍ତି। ଏହାପରେ ଉକ୍ତ ଜମିକୁ ମୁସ୍‌ଲିମ ଗୋଷ୍ଠୀ ଅକ୍ତିଆର କରି ନେଉଛନ୍ତି। ୨୦୦୧ ଯାଏ ବାଂଲାଦେଶରେ 'ଦି ଭେଷ୍ଟେଡ୍ ପ୍ରପର୍ଟି ଆକ୍ଟ'ର ପ୍ରଭାବ ରହିଥିଲା। ଏହି ଆଇନ ଅନୁଯାୟୀ ସରକାରଙ୍କ ପାଖରେ ଯେ କୌଣସି ବ୍ୟକ୍ତିଙ୍କ ଜମି ଅକ୍ତିଆର କରିବାର ଅଖଣ୍ଡ କ୍ଷମତା ରହିଥିଲା। ଏହାକୁ ପ୍ରୟୋଗ କରି ବାଲାଂଦେଶ ସରକାର ୨୬ ଲକ୍ଷ ଏକର ଜମି ନିଜ କବ୍‌ଜାକୁ ନେଇ ଆସିଥିଲେ, ଯେଉଁଥିରେ ସର୍ବାଧିକ ପ୍ରଭାବିତ ହୋଇଥିଲେ ହିନ୍ଦୁ ପରିବାର। ଯଦିଓ ସମୟକ୍ରମେ ଏଥିରେ ପରିବର୍ତ୍ତନ ଅଣାଯାଇଛି, ତଥାପି ଅଧିକାଂଶ କ୍ଷେତ୍ରରେ ନୂଆ ନିୟମ କଡ଼ାକଡ଼ି ଲାଗୁ କରାଯାଉନାହିଁ।

### ପୁସ୍ତକରେ ଉତ୍ପୀଡ଼ନର ଚିତ୍ର

ବାଲାଂଦେଶରେ ହିନ୍ଦୁଙ୍କ ସ୍ଥିତି ସମ୍ପର୍କରେ ୨୦୧୬ରେ ଏକ ପୁସ୍ତକ ପ୍ରକାଶିତ ହୋଇଥିଲା। ଏଥିରେ ଦର୍ଶାଯାଇଥିଲା ବର୍ଷ ବର୍ଷ ଧରି ହେଉଥିବା ହିନ୍ଦୁ ଉତ୍ପୀଡ଼ନର ଚିତ୍ର। ଢାକା ୟୁନିଭର୍ସିଟିର ପ୍ରଫେସର ଡ. ଅବୁଲ ବରକତଙ୍କ ଗବେଷଣାଲବ୍ଧ ତଥ୍ୟ ଉପରେ ଆଧାରିତ ଏହି ପୁସ୍ତକରେ କୁହାଯାଇଥିଲା, ବାଲାଂଦେଶରୁ ଦୈନିକ ହାରାହାରି ୬୩୨ ହିନ୍ଦୁ ପଳାୟନ କରୁଛନ୍ତି। ଗଣପଳାୟନର ଏହି ପ୍ରକ୍ରିୟା ଦୀର୍ଘ ୪୯ ବର୍ଷ ହେଲା ଚାଲିଛି। ଏହି ଧାରା ଆଗାମୀ ୩ ଦଶନ୍ଧି ମଧ୍ୟରେ ବାଲାଂଦେଶକୁ ହିନ୍ଦୁ ଶୂନ୍ୟ କରିଦେବ ବୋଲି ଏଥିରେ ଦାବି କରାଯାଇଥିଲା। କେବଳ ଏତିକି ନୁହେଁ, ୧୯୬୪ରୁ ୨୦୧୩ ମଧ୍ୟରେ ଧାର୍ମିକ ଉତ୍ପୀଡ଼ନ କାରଣରୁ ପ୍ରାୟ ୧.୧୩ କୋଟି ମୁସଲମାନ ମଧ୍ୟ ଦେଶ ଛାଡ଼ି ପଳାଇଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି।

#### ସୁପର ମଡେଲ ଅଫ୍ ଦି ଇୟର ସିଜନ୍-୨

# ଫାଇନାଲରେ ସ୍ୱପ୍ନା

**ଢେଙ୍କାନାଳ ଅଫିସ,୧୭।୧୦**

ଏମ୍‌ଟିଭିରେ ପ୍ରସାରିତ ରିୟଲିଟି ଶୋ' 'ସୁପର ମଡେଲ ଅଫ୍ ଦି ଇୟର ସିଜନ୍-୨' ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି ଢେଙ୍କାନାଳର ଯୁବ ମଡେଲ ସ୍ୱପ୍ନା ପ୍ରିୟଦର୍ଶିନୀ। ମୁକୁଟ ପାଇଁ ୩ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଥିବାବେଳେ ଏଥିରେ ସ୍ଥାନ ପକ୍କା କରିଛନ୍ତି ୧୯ ବର୍ଷୀୟା ସ୍ୱପ୍ନା। ସିକିମ୍‌ର ଏକ୍‌ସା ଓ ଅରୁଣାଚଳ ପ୍ରଦେଶର ରୋସ୍‌ନି ଡାଡାଙ୍କ ସହିତ ଫାଇନାଲ ପର୍ଯ୍ୟାୟ ପ୍ରତିଯୋଗିତା ହେବ ବୋଲି ରବିବାର ତାଙ୍କ ପିତା ବିଶ୍ୱଜିତ ରାଉତରାୟ ଫୋନ୍ ଯୋଗେ ସୂଚନା ଦେଇଛନ୍ତି।

ଭାଇକମ୍-୧୮ ପ୍ରଯୋଜନା ସଂସ୍ଥା ଦ୍ୱାରା ଏମ୍‌ଟିଭି 'ସୁପର ମଡେଲ ଅଫ୍ ଦି ଇୟର ସିଜନ୍-୨' ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ୧୫ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏକମାତ୍ର ଓଡ଼ିଆ ଝିଅ ଭାବେ ଅଂଶଗ୍ରହଣ କରିଛନ୍ତି ସ୍ୱପ୍ନା। ଶେଷ ପର୍ଯ୍ୟାୟରେ ସେ ନିଶ୍ଚିତ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବାଦୀ ଅଛନ୍ତି। ସ୍ୱପ୍ନାଙ୍କ ଘର ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳରେ। ତାଙ୍କ ବାପା ବିଶ୍ୱଜିତ୍ ମୁମ୍ବାଇ ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମୁଖ୍ୟ ପରିଚାଳକ। ମା' ମଧୁମିତା ରାଉତରାୟଙ୍କ ପ୍ରେରଣା ଜାତୀୟ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିବା ସ୍ୱପ୍ନା କହିଛନ୍ତି।



ସ୍ୱପ୍ନା ପ୍ରିୟଦର୍ଶିନୀ

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ ସ୍ୱାମୀ

**ପାଟଣାଗଡ଼, ୧୭।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲରମ୍ଭା ଥାନା ଅନ୍ତର୍ଗତ ଭରତବାହାଲ ଗ୍ରାମରେ ଶନିବାର ରାତିରେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ଯାଇଛି ସ୍ତ୍ରୀଙ୍କ ଜୀବନ। ମୃତା ମହିଳା ହେଲେ ମୀନା ନାୟକ(୨୨)। ରବିବାର ସକାଳେ ଅଭିଯୁକ୍ତ ସ୍ୱାମୀ ପଞ୍ଚୁ ନାୟକ(୨୫) ଲରମ୍ଭା ଥାନାରେ ଆତ୍ମସମର୍ପଣ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ସାମାନ୍ୟ ବଚସାରୁ ଉତ୍‌କ୍ଷିପ୍ତ ହୋଇ ସେ ଏଭଳି କାଣ୍ଡ ଘଟାଇଥିବା ପଞ୍ଚୁ ପୋଲିସକୁ କହିଛନ୍ତି। ଖବର ପାଇ ଏସ୍‌ପି ନୀତିନ କୁଶଲକର ଓ ଲରମ୍ଭା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଲଗା ଟାଙ୍ଗିଆ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ଘର ବାରଣ୍ଡାରୁ ଏକ ଠେକୁଆର ମୃତଦେହ ଜବତ ହୋଇଛି। ପଡୋଶୀଙ୍କ କହିବାନୁସାରେ ପଞ୍ଚୁ ଏହି ଠେକୁଆକୁ ଘରେ ପାଳିତ ଅବସ୍ଥାରେ ରଖିଥିଲେ। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ବର୍ଷକ ତଳେ ପଞ୍ଚୁ ଦାବକାନୀ ଗାଁର ମୀନାଙ୍କୁ ବିବାହ କରିଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି ନୀତି

**ପୁରୀ ଅଫିସ, ୧୭।୧୦**

ଶ୍ରୀମନ୍ଦିରରେ ରବିବାର ଗର୍ଭଣା ସଂକ୍ରାନ୍ତି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଗୋପାଳ ବଲ୍ଲଭ, ସକାଳ ଧୂପ, ବାଲଭୋଗ, ପ୍ରଥମ ଭୋଗମଣ୍ଡପ ପରେ ତିନିବାଡ଼ରେ ମଇଲମ ହୋଇ ପୂଜାର୍ଚ୍ଚନା ସରି ମହାସ୍ନାନ ନୀତି ହୋଇଥିଲା। ଘଟୁଆରୀ ଘରୁ ରୁପା ପିଙ୍ଗଣରେ ଚନ୍ଦନ ରଖାଯାଇ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ପଟୁଆରରେ ରତ୍ନସିଂହାସନକୁ ବିଜେ ହୋଇଥିଲା। ତିନିବାଡ଼ରେ ସର୍ବାଙ୍ଗ ନୀତି ପରେ ଶ୍ରୀବିଗ୍ରହମାନେ ବେଶ ହୋଇ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ମଧ୍ୟାହ୍ନ ଧୂପ ଉଠିବା ପରେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦ ଲାଗି ବଢ଼ିଥିଲା ଓ ଭୋଗ ପୂଜା ବସିଥିଲା। ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପୂଜାପଣ୍ଡା ବାହାରକୁ ଆସି ରୋଷ ପାଇକ ଅଲଗା ଭାବେ ରଖିଥିବା ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରର ୮ଟି ସ୍ଥାନରେ ବାଢ଼ିଥିଲେ। ଏହାକୁ 'ବଳି' କୁହାଯାଇଥାଏ। ଏହାପରେ ମଧ୍ୟାହ୍ନ ଧୂପ ଓ ଭୋଗ ସରି ପ୍ରସାଦ ବାହାରି ପାଣି ପଡ଼ିବା ସହ ବନ୍ଦାପନା ନୀତି ହୋଇଥିଲା। ଅନ୍ୟପକ୍ଷରେ ଗର୍ଭଣା ସଂକ୍ରାନ୍ତିରେ ପୁରୀରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଗୋଟିଏ ହାଣ୍ଡିରେ ଏକ ନାଗସାପକୁ ରଖାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଉକ୍ତ ସାପକୁ ନଗର ପରିକ୍ରମା କରାଯାଇ ମାନସିକଧାରୀଙ୍କ ଦୁଆର ସମ୍ମୁଖରେ ପୂଜା କରାଯାଏ। ଶ୍ରଦ୍ଧାଳୁଙ୍କୁ ଗଦ ପ୍ରଦାନ କରାଯାଇଥାଏ। ସନ୍ଧ୍ୟାରେ ଉକ୍ତ ସାପକୁ ନିଆଯାଇ ଜଙ୍ଗଲରେ ଛାଡ଼ି ଦିଆଯାଏ।




**ଚାଇନାର ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷା**

ଚାଇନା ଗତ ଅଗଷ୍ଟ ମାସରେ ଆଣବିକ ଶକ୍ତିସମ୍ପନ୍ନ ସୁପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବା ପୂର୍ବରୁ ପୃଥିବୀକୁ ପରିକ୍ରମା କରିଥିଲା। ତେବେ ଏହା ଲକ୍ଷ୍ୟଭେଦ କରିପାରି ନ ଥିବା ୩ଟି ସୂତ୍ରରୁ ଜଣାପଡିଛି। ଚାଇନା ବ୍ୟତୀତ ଆମେରିକା, ରୁଷିଆ ଓ ଅନ୍ୟ ୫ଟି ଦେଶ ହାଇପରସୋନିକ୍ ଟେକ୍ନୋଲୋଜି ଉପରେ କାମ କରୁଛନ୍ତି। ହାଇପରସୋନିକ୍ କ୍ଷେପଣାସ୍ତ୍ର ଶବ୍ଦ ବେଗଠାରୁ ୫ ଗୁଣ ବେଗରେ ଗତିକରିଥାଏ।

# କେରଳରେ ବର୍ଷା ନେଲାଣି ୨୬ ଜୀବନ

## ଅନେକ ନିଖୋଜ
## ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ

ନୂଆଦିଲ୍ଲୀ, ୧୭।୧୦

କେରଳରେ ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ବନ୍ୟା ଓ ଭୂସ୍ଖଳନରେ ୩ ଶିଶୁଙ୍କ ସମେତ ୨୬ ଜଣଙ୍କ ଜୀବନ ଗଲାଣି। କେବଳ କୋଟ୍ଟାୟାମ ଜିଲାରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇଡୁକିରେ ୯ ଏବଂ ଆଲାପୁଝା ଜିଲାରେ ୪ ଜଣଙ୍କର ମୃତ୍ୟୁ ହୋଇଛି। କୁଟ୍ଟିକାଲରେ ଭୂସ୍ଖଳନରେ କୋଠା ଭୁଶୁଡ଼ି ପଡ଼ିବାରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଶନିବାର ମିଳିଥିବାବେଳେ ରବିବାର ଅନ୍ୟ ୩ ଜଣଙ୍କ ମୃତଦେହ ଠାବ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସୈନ୍ୟବାହିନୀ, ଏନ୍‌ଡିଆର୍‌ଏଫ୍, ପୋଲିସ ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସ୍ଥାନୀୟ ଲୋକେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି।

ଇଡୁକି ଜିଲାର କୋକାୟାର ଏବଂ କୋଟ୍ଟାୟାମ ଜିଲାର କୁଟ୍ଟିକାଲରେ ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ହେବାରୁ ଅନେକ ଲୋକ ନିଖୋଜ ହୋଇଯାଇଛନ୍ତି। ମାଟି ଅତଡ଼ା ତଳୁ ନିଖୋଜ ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାବରିମାଲା ମନ୍ଦିରକୁ ସୋମବାର ପର୍ଯ୍ୟନ୍ତ ଭକ୍ତମାନଙ୍କ ଲାଗି ବନ୍ଦ କରିଦିଆଯାଇଛି। ପାହାଡ଼ିଆ ଅଞ୍ଚଳକୁ ନ ଯାଇ ଘରେ ରହିବା ଲାଗି ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।

ରବିବାର ସକାଳୁ ବର୍ଷାର ପରିମାଣ କମିଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ। ଅନେକ ଅଞ୍ଚଳ ଜଳାର୍ଣ୍ଣବ ରହିଥିବାବେଳେ ହଜାର ହଜାର ଲୋକ ପାଣି ଘେରରେ ଅଛନ୍ତି। କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କ ନିରାପତ୍ତା ପାଇଁ ପ୍ରାର୍ଥନା କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ବନ୍ୟାଞ୍ଚଳରୁ ଲୋକଙ୍କୁ ଉଦ୍ଧାର ଲାଗି ସମସ୍ତ ସାଧନର ବ୍ୟବହାର କରିବା ଲାଗି ସେ ପରାମର୍ଶ ଦେଇଥିଲେ। ସେହିପରି ଆଶ୍ରୟସ୍ଥଳଗୁଡ଼ିକରେ କୋଭିଡ୍ ପ୍ରୋଟୋକଲ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ୧୮ ତାରିଖରୁ ରାଜ୍ୟର କଲେଜଗୁଡ଼ିକ ଖୋଲିବାକୁ ଥିବାବେଳେ ଏହାକୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସମସ୍ତେ ସୁରକ୍ଷିତ ରହିବା ସହ ନିରାପତ୍ତା ନିୟମ ପାଳନ କରିବା ଲାଗି ୱାୟାନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଟୁଇଟ୍ କରିଛନ୍ତି।

ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରରେ ପାଣି ବଢ଼ିବାରୁ ମନିୟାର ଡ୍ୟାମ୍‌ର ଗେଟ୍‌ଗୁଡ଼ିକୁ ଖୋଲିଦିଆଯାଇଛି। କୋଟ୍ଟାୟାମ ଏବଂ ଇଡୁକି ଜିଲାରେ ଭୂସ୍ଖଳନ ହୋଇଥିଲା। ଖରାପ ପାଗ ଯୋଗୁ ଉକ୍ତ ଜିଲାରେ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଛି। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ସ୍ଥଳସେନା, ନୌସେନା ଏବଂ ବାୟୁସେନା ଯବାନମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ୧୧ଟି ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। କାଭାଲି, କୋଟ୍ଟାୟାମରେ ମାଟି ଅତଡ଼ା ତଳୁ ନିଖୋଜମାନଙ୍କୁ ଯବାନ ଖୋଜୁଥିବାବେଳେ ନୌସେନା ହେଲିକପ୍ଟରର ସହାୟତାରେ ବନ୍ୟାଞ୍ଚଳରେ ଆକାଶ ମାର୍ଗରୁ ରିଲିଫ ସାମଗ୍ରୀ ପକାଯାଉଛି। ବାୟୁସେନାର ଦୁଇଟି ହେଲିକପ୍ଟରକୁ ଷ୍ଟାଣ୍ଡବାଏ ରଖାଯାଇଛି।

ଠିକ୍ ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବିରୋଧୀ ଦଳ ନେତା ଭି.ଡି. ସାଥିସାନ ଅଭିଯୋଗ କରିଛନ୍ତି।


ଭୂସ୍ଖଳନ ସ୍ଥାନରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

## ବିଜୟନଙ୍କ ସହ କଥାହେଲେ ମୋଦି

ନୂଆଦିଲ୍ଲୀ, ୧୭।୧୦(ପି.ଟି.)

କେରଳର ବର୍ଷା ଓ ଭୂସ୍ଖଳନ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାଜ୍ୟ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ସହ ଆଲୋଚନା କରିଛନ୍ତି। ମୃତ୍ୟୁସଂଖ୍ୟା ୨୬ରେ ପହଞ୍ଚିଥିବାବେଳେ ମାଟି ଅତଡ଼ା ତଳୁ ନିଖୋଜଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ରାଜ୍ୟବାସୀଙ୍କ ସୁରକ୍ଷା ଓ ମଙ୍ଗଳ ପାଇଁ ସେ ପ୍ରାର୍ଥନା କରିଛନ୍ତି।

## ଆଫଗାନିସ୍ତାନ ସ୍ଥିତି ନେଇ ଏନ୍‌ଏସ୍‌ଏ ବୈଠକ ଆୟୋଜନ କରିବ ଭାରତ

ନୂଆଦିଲ୍ଲୀ, ୧୭।୧୦

ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଭାରତ ଆସନ୍ତା ମାସରେ ଆଞ୍ଚଳିକ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)ମାନଙ୍କ ବୈଠକ ଆୟୋଜନ କରୁଛି। ଏଥିରେ ଚାଇନା, ପାକିସ୍ତାନ, ଇରାନ, ରୁଷିଆ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନର ଏନ୍‌ଏସ୍‌ଏମାନେ ଯୋଗଦେବେ। ବୈଠକକୁ ତାଲିବାନ ନେତାଙ୍କୁ ଆମନ୍ତ୍ରଣ କରାଯିବା ଯୋଜନା ନାହିଁ। ଅଗଷ୍ଟ ମଧ୍ୟଭାଗରେ ତାଲିବାନ କାବୁଲ ଦଖଲ କରିବା ପରେ ଭାରତ ପ୍ରଥମ ଥର ଲାଗି ଏଭଳି ଏକ ବୈଠକର ଆୟୋଜନ କରିବାକୁ ଯାଉଥିବା ଘଟଣା ସହ ଜଡ଼ିତ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ନଭେମ୍ବର ୧୦-୧୧ରେ ବୈଠକ ଅନୁଷ୍ଠିତ ହେବା ଆଶା କରାଯାଉଥିବାବେଳେ ଚାଇନା ଓ ପାକିସ୍ତାନ ଯୋଗ ଦେବା ନେଇ ମଧ୍ୟ କୌଣସି ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲରେ ଆଫଗାନିସ୍ତାନର ଅଶ୍ରଫ ଗନି ସରକାରଙ୍କ ସହ ବୈଠକ ପାଇଁ ଭାରତ ଯୋଜନା କରିଥିଲା। ତେବେ କରୋନା ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବାରୁ ଏହି ବୈଠକ ବନ୍ଦ ରହିଥିଲା।

## ଉତ୍ତରାଖଣ୍ଡରେ ରେଡ୍ ଆଲର୍ଟ
### ବଦ୍ରିନାଥ ଯାତ୍ରା ସ୍ଥଗିତ

ଡେରାଡୁନ୍, ୧୭।୧୦

ଉତ୍ତରାଖଣ୍ଡରେ ସୋମବାର ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି ହୋଇଥିବାବେଳେ ୧୭ ଓ ୧୯ ତାରିଖ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଫଳରେ ବଦ୍ରିନାଥ ଯାତ୍ରାକୁ ସ୍ଥଗିତ ରଖାଯିବା ସହ ସୋମବାର ଚାମୋଲି ଏବଂ ଉତ୍ତରକାଶୀରେ ସମସ୍ତ ସ୍କୁଲ ବନ୍ଦ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପୋଲିସ ଅଧିକାରୀ, ଏସ୍‌ଡିଆର୍‌ଏଫ୍ ଏବଂ ଅନ୍ୟ ଅଧିକାରୀମାନଙ୍କୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ସେହିପରି ବଦ୍ରିନାଥ ଯାତ୍ରାରେ ବାହାରିଥିବା ତୀର୍ଥଯାତ୍ରୀମାନଙ୍କୁ ନିରାପଦ ସ୍ଥାନରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ପାଗ ଭଲ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଯୋଶିମଠ ଏବଂ ପଣ୍ଡୁକେଶ୍ୱରରେ ରହିବା ଲାଗି କୁହାଯାଇଛି।

## ସଂକ୍ଷେପରେ

### କେବଳ ହିନ୍ଦୁଙ୍କ ଲାଗି ନିଯୁକ୍ତି ବିଜ୍ଞାପନକୁ ନେଇ ଉତ୍ତେଜନା

**ଚେନ୍ନାଇ, ୧୭।୧୦(ଆଇଏଏନ୍‌ଏସ୍):** ହିନ୍ଦୁ ରିଲିଜିଅସ୍ ଆଣ୍ଡ ଚାରିଟେବଲ୍ ଏଣ୍ଡାଓମେଣ୍ଟ ପକ୍ଷରୁ ଏହାର ଏକ କଲେଜରେ ବିଭିନ୍ନ ପଦବୀରେ ନିଯୁକ୍ତି ନିମନ୍ତେ ଗତ ୧୩ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଥିଲା। ବିଜ୍ଞାପନରେ କେବଳ ହିନ୍ଦୁମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଇଥିବାରୁ ଏହାକୁ ନେଇ ତାମିଲନାଡୁରେ ଉତ୍ତେଜନା ଦେଖାଦେଇଛି। ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। କୋଲାଥୁରସ୍ଥିତ ଅରୁଲମିଗୁ କପାଲିଶ୍ୱରର ଆର୍ଟ୍ସ ଆଣ୍ଡ ସାଇନ୍ସ କଲେଜରେ ବିଭିନ୍ନ ଶିକ୍ଷକ ଓ ଅଣଶିକ୍ଷକ ପଦବୀରେ ନିଯୁକ୍ତି ଲାଗି କେବଳ ହିନ୍ଦୁମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ହିନ୍ଦୁ ରିଲିଜିଅସ୍ ଆଣ୍ଡ ଚାରିଟେବଲ୍ ଏଣ୍ଡାଓମେଣ୍ଟ ବିଭାଗ ଅଧୀନରେ ୩୬ ସ୍କୁଲ, ୫ ଆର୍ଟ୍ସ ଓ ସାଇନ୍ସ କଲେଜ ଏବଂ ଗୋଟିଏ ପଲିଟେକ୍‌ନିକ କଲେଜ ରହିଛି। ତେବେ ପ୍ରଥମ ଥର ଲାଗି ନିଯୁକ୍ତି କେବଳ ହିନ୍ଦୁମାନଙ୍କ ଲାଗି ସଂରକ୍ଷିତ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିବା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ପୂର୍ବତନ ସଭାପତି କେ. ପାଣ୍ଡ୍ୟାନ୍ କହିଛନ୍ତି। ସରକାରୀ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ଏଭଳି ପାତରଅନ୍ତର କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

### ପୁଅକୁ ୧୮ ବର୍ଷ ହେଲେ ବାପାଙ୍କ ଦାୟିତ୍ୱ ସରିଯିବ ନାହିଁ: ହାଇକୋର୍ଟ

**ନୂଆଦିଲ୍ଲୀ, ୧୭।୧୦(ପି.ଟି.):** ପୁଅ ସାବାଳକ ବୟସରେ ପହଞ୍ଚିବା କ୍ଷଣି ତାଙ୍କ ଶିକ୍ଷା ଖର୍ଚ୍ଚ ବହନ କରିବା ଦାୟିତ୍ୱରୁ ବାପା ଓହରିଯାଇ ପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ପିଲାଙ୍କ ମାଆ ସମ୍ପୂର୍ଣ୍ଣ ଶିକ୍ଷା ଖର୍ଚ୍ଚ ବହନ କରିପାରିବେ ନାହିଁ। ତେଣୁ ପିଲା ସମାଜରେ ଚଳିବା ଭଳି ସ୍ଥିତିରେ ପହଞ୍ଚିବା ପର୍ଯ୍ୟନ୍ତ ବାପାଙ୍କୁ ଆର୍ଥିକ ଭାର ବହନ କରିବାକୁ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ପୁଅ ୧୮ ବର୍ଷରେ ପହଞ୍ଚିଲେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ଏବଂ ନିଜେ ବଞ୍ଚିବା ଲାଗି ସମର୍ଥ ହୋଇ ନ ଥାଇପାରେ। ପିଲାଙ୍କ ପାଇଁ ନିଜର ସମ୍ବଳ ଖର୍ଚ୍ଚ କରିସାରିଥିବା ମାଆଙ୍କୁ କ୍ଷତିପୂରଣ ଦେବା ଲାଗି ବାପା ବାଧ୍ୟ ବୋଲି ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦ କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ସ୍ତ୍ରୀଙ୍କୁ ତାଙ୍କ ପୁଅ ସ୍ନାତକ ଶିକ୍ଷା ଶେଷ କରିବା କିମ୍ବା ରୋଜଗାର ଆରମ୍ଭ କରିବା ପର୍ଯ୍ୟନ୍ତ ମାସିକ ୧୫,୦୦୦ ଟଙ୍କା ଭରଣପୋଷଣ ଖର୍ଚ୍ଚ ଦେବା ଲାଗି ଏକ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସ୍ୱାମୀ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

### ୨୫ ମହଲାରୁ ଖସି ଯାଆଁଳା ଭାଇଙ୍କ ମୃତ୍ୟୁ

**ଗାଜିଆବାଦ, ୧୭।୧୦:** ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଏକ ଆପାର୍ଟମେଣ୍ଟର ୨୫ ମହଲାରୁ ଖସି ୧୪ ବର୍ଷର ଦୁଇ ଯାଆଁଳା ଭାଇଙ୍କ ମୃତ୍ୟୁ ଘଟିଛି। ସିଦ୍ଧାର୍ଥ ବିହାରସ୍ଥିତ ଆପାର୍ଟମେଣ୍ଟ କମ୍ପ୍ଲେକ୍ସରେ ଶନିବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଥିବାବେଳେ ସେମାନେ କିପରି ଖସିଲେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ କହିବା ଅନୁଯାୟୀ ପିଲାଙ୍କ ବାପା ଅଫିସ କାର୍ଯ୍ୟରେ ମୁମ୍ବାଇ ଯାଇଥିବାବେଳେ ଘରେ ସେମାନଙ୍କ ମାଆ ଓ ଭଉଣୀ ଥିଲେ। ଯାଆଁଳା ଭାଇ ସତ୍ୟନାରାୟଣ ଓ ସୂର୍ଯ୍ୟନାରାୟଣ ନବମ ଶ୍ରେଣୀରେ ପଢୁଥିଲେ।

# ବାଂଲାଦେଶରେ ମନ୍ଦିର ଭଙ୍ଗାରୁଜା ଜାରି



ବାଂଲାଦେଶରେ ହିନ୍ଦୁମନ୍ଦିର ଭଙ୍ଗାରୁଜା ପ୍ରତିବାଦରେ ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁରସ୍ଥିତ ବାଲୁରଘାଟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦେଶବ୍ୟାପୀ ଅନଶନ ଡାକରା ଦେଲେ ସଂଖ୍ୟାଲଘୁ

ଢାକା, ୧୭।୧୦

ବାଂଲାଦେଶରେ ଦୁର୍ଗାପୂଜା ବେଳେ ଇସ୍‌ଲାମ ଧର୍ମ ପ୍ରତି ଅସମ୍ମାନ କରାଯାଇଥିବା ବାର୍ତ୍ତା ପ୍ରଚାର ହେବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ମନ୍ଦିର ଭଙ୍ଗାରୁଜା ଓ ହିଂସାକାଣ୍ଡ ଜାରି ରହିଛି। ଏହାର ପ୍ରତିବାଦରେ ସଂଖ୍ୟାଲଘୁମାନଙ୍କ ପକ୍ଷରୁ ଦେଶବ୍ୟାପୀ ଅନଶନ ଡାକରା ଦିଆଯାଇଛି। ଜଣେ ହିନ୍ଦୁ ଦେବତାଙ୍କ ଆଣ୍ଠୁ ଉପରେ କୋରାନ ରଖାଯାଇଥିବାର ଫଟୋ ପ୍ରସାରିତ ହେବା ପରେ ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ସଂଖ୍ୟାଗରିଷ୍ଠ ମୁସଲମାନମାନେ କେତେକ ସ୍ଥାନରେ ଦୁର୍ଗାପୂଜା ପେଣ୍ଡାଲ ଭଙ୍ଗାରୁଜା କରିଥିଲେ। ଏହି ହିଂସା ପ୍ରାୟ ୧୨ଟି ଜିଲାକୁ ବ୍ୟାପିଥିଲା। ବୁଧବାର ହାଜିଗଞ୍ଜସ୍ଥିତ ଏକ ହିନ୍ଦୁ ମନ୍ଦିର ଭଙ୍ଗାରୁଜା କରୁଥିବା ଉଦ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳିଚାଳନା କରିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଦୁର୍ଗାପୂଜାର ଶେଷ ଦିନରେ ବେଗୁମଗଞ୍ଜ ସହରରେ ହିନ୍ଦୁମାନେ ଭସାଣି ଶୋଭାଯାତ୍ରା ବାହାର କରିବା ଲାଗି ପ୍ରସ୍ତୁତ ହେଉଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ମୁସଲମାନ ସେଠାରେ ପହଞ୍ଚି ଏକ ମନ୍ଦିର ଉପରେ ଆକ୍ରମଣ କରିବା ସହ ୨ ଜଣ ହିନ୍ଦୁଙ୍କୁ ହତ୍ୟା କରିଥିଲେ। ଶନିବାର ରାଜଧାନୀ ଢାକାଠାରୁ ୧୫୭ କିଲୋମିଟର ଦୂର ଫେନିଠାରେ ଏକ ହିନ୍ଦୁ ମନ୍ଦିର ଓ କେତେକ ଦୋକାନ ଭଙ୍ଗାଯିବା ସହ ଲୁଟ୍‌ପାଟ ହୋଇଛି। ସଂଘର୍ଷ ବେଳେ ଫେନି ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ୪୦ ଜଣ ଆହତ ହୋଇଥିଲେ। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳରେ ଅତିରିକ୍ତ ପୋଲିସ ଓ ଅର୍ଦ୍ଧସାମରିକ ଯବାନ ନିୟୋଜିତ କରାଯାଇଛି। ଏହାର ପ୍ରତିବାଦରେ ଦେଶବ୍ୟାପୀ ଅନଶନ ଡାକରା ଦିଆଯାଇଛି। ୨୩ ତାରିଖରୁ ଅନଶନରେ ବସିବା ଲାଗି ଚିଟାଗଙ୍ଗସ୍ଥିତ ବାଂଲାଦେଶ ହିନ୍ଦୁ ବୌଦ୍ଧ ଖ୍ରୀଷ୍ଟିଆନ ଏକତା ପରିଷଦ ପକ୍ଷରୁ ଘୋଷଣା କରାଯାଇଛି।

# ୬ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

## ସିଂଘୁ ସୀମାରେ ଶିଖ୍‌ଙ୍କୁ ହତ୍ୟା ଘଟଣା

ନୂଆଦିଲ୍ଲୀ, ୧୭।୧୦

ହରିୟାଣା-ଦିଲ୍ଲୀର ସିଂଘୁ ସୀମାରେ ଦଳିତ ଶିଖ୍ ଲଖବୀର ସିଂଙ୍କୁ ହତ୍ୟା ମାମଲାରେ ଗିରଫ ହୋଇଥିବା ନାରାୟଣ ସିଂ, ଭଗୱନ୍ତ ସିଂ ଏବଂ ଗୋବିନ୍ଦ ସିଂଙ୍କୁ ପୋଲିସ ୬ ଦିନ ପାଇଁ ରିମାଣ୍ଡରେ ନେଇଛି। ଏହି ୩ ଜଣଙ୍କୁ ରବିବାର ହରିୟାଣା ସୋନିପତର ଏକ କୋର୍ଟରେ ହାଜର କରାଯାଇଥିଲା। ପୋଲିସ ସେମାନଙ୍କୁ ୧୪ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଘଟଣାରେ ପ୍ରଥମେ ଆତ୍ମସମର୍ପଣ କରିଥିବା ଅଭିଯୁକ୍ତ ସର୍ବଜିତ୍ ସିଂଙ୍କ ସମେତ ଉକ୍ତ ୩ ଜଣଙ୍କୁ ହରିୟାଣା ପୋଲିସ ପଞ୍ଜାବକୁ ନେଇ ଅନ୍ୟ ଅଭିଯୁକ୍ତଙ୍କ ଚିହ୍ନଟ କରିବ। ପୂର୍ବରୁ ସର୍ବଜିତ୍‌ଙ୍କୁ ପୋଲିସ ୭ ଦିନିଆ ରିମାଣ୍ଡରେ ନେଇଛି।

ହତ୍ୟାରେ ବ୍ୟବହୃତ ଅସ୍ତ୍ର ଏବଂ ରକ୍ତଦାଗ ଥିବା ପୋଷାକ ଏ ପର୍ଯ୍ୟନ୍ତ ଜବତ ହୋଇ ନାହିଁ। ତେଣୁ ଅଭିଯୁକ୍ତଙ୍କୁ ଏଥିପାଇଁ ଘଟଣାସ୍ଥଳକୁ ନେବା ଆବଶ୍ୟକ ବୋଲି ହରିୟାଣା ପୋଲିସ କୋର୍ଟରେ କହିଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ନାଁ ଜାଣି ନ ଥିବାରୁ ଗିରଫ ଅଭିଯୁକ୍ତମାନେ ସେମାନଙ୍କ ମୁହଁ ଦେଖି ଚିହ୍ନଟ କରିବାକୁ କହିଥିବା ମଧ୍ୟ ପୋଲିସ ଜଣାଇଥିଲା। ଏସବୁ ଦୃଷ୍ଟିରୁ ଅଭିଯୁକ୍ତଙ୍କୁ ନେଇ ପଞ୍ଜାବ ଯିବାକୁ ପଡ଼ିପାରେ କୋର୍ଟରେ ପୋଲିସ ଜଣାଇଥିଲା। ସୂଚନାଯୋଗ୍ୟ, ଶିଖ୍ ଧର୍ମଗ୍ରନ୍ଥକୁ ଅପମାନିତ କରିଥିବା କହି ଗୁରୁବାର ବିଳମ୍ବିତ ରାତିରେ ନିହଙ୍ଗ ଶିଖ୍‌ମାନେ ଲଖବୀରଙ୍କୁ ଭିଡ଼ହିଂସାରେ ହତ୍ୟା କରିଥିଲେ। ତାଙ୍କ ହାତଗୋଡ଼ କାଟି ମୃତଦେହକୁ ଦିଲ୍ଲୀ-ହରିୟାଣା ସିଂଘୁ ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନସ୍ଥଳୀ ନିକଟ ବ୍ୟାରିକେଡ୍‌ରେ ଟାଙ୍ଗି ଦେଇଥିଲେ।

## ଭଓଁରି ଦେବୀ ହତ୍ୟା ମାମଲା
### ମୁଖ୍ୟ ଅଭିଯୁକ୍ତ ମହିପାଳଙ୍କର କ୍ୟାନ୍‌ସରରେ ମୃତ୍ୟୁ



ଯୋଧପୁର, ୧୭।୧୦(ପି.ଟି.)

୨୦୧୧ର ବହୁଚର୍ଚ୍ଚିତ ଭଓଁରି ଦେବୀ ଅପହରଣ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ମହିପାଳ ମଦର୍ନାଙ୍କର ରବିବାର ପରଲୋକ ହୋଇଯାଇଛି। ସେ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ଚେନ୍ନାଇରେ ଚିକିତ୍ସା ପରେ ସେ କିଛିଦିନ ହେଲା ଯୋଧପୁର ବାସଭବନରେ ରହି ଚିକିତ୍ସିତ ହେଉଥିଲେ ବୋଲି ତାଙ୍କ ପାରିବାରିକ ବନ୍ଧୁ ରାମ ପ୍ରକାଶ କହିଛନ୍ତି। ୨୦୦୮-୨୦୧୩ ଅଶୋକ ଗେହଲଟ ସରକାରରେ ମହିପାଳ ପବ୍ଲିକ୍ ହେଲ୍‌ଥ ଇଞ୍ଜିନିୟରିଂ ମନ୍ତ୍ରୀ ଥିଲେ। ୨୦୧୧ ସେପ୍ଟେମ୍ବରରେ ଏଏନ୍‌ଏମ୍ ଭଓଁରି ଦେବୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମହିପାଳଙ୍କୁ ସେହିବର୍ଷ ଅକ୍ଟୋବର ୧୬ରେ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ଗତବର୍ଷ ସେପ୍ଟେମ୍ବର ୧୮ରେ ତାଙ୍କୁ ଜାମିନରେ ଛଡ଼ାଯାଇଥିଲା। ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ସିବିଆଇ ୨୦୧୧ ଡିସେମ୍ବରରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଥିଲା। ତଳକୋର୍ଟରେ ଏହା ବିଚାରାଧୀନ ରହିଛି।

## ବାପା ସାମ୍‌ନାରେ ଝିଅକୁ ମାରିଦେଲା ଚିତାବାଘ

ସିଓନି (ମଧ୍ୟପ୍ରଦେଶ), ୧୭।୧୦

ମଧ୍ୟପ୍ରଦେଶର ସିଓନି ଜିଲାରେ ବାପାଙ୍କ ଆଖି ଆଗରେ ତାଙ୍କ ୧୬ ବର୍ଷର ଝିଅକୁ ଚିତାବାଘ ଝାମ୍ପିନେଇ ମାରିଦେଇଛି। ଶନିବାର ଅପରାହ୍ନରେ ପାଣ୍ଡିୱାଡ଼ା ଗ୍ରାମ ନିକଟବର୍ତ୍ତୀ କାହ୍ନିୱାଡ଼ା ଜଙ୍ଗଲ ମଧ୍ୟରେ ଏଭଳି ଅଘଟଣ ଘଟିଥିବା ବନ ବିଭାଗ ରେଞ୍ଜର ଯୋଗେଶ ପଟେଲ କହିଛନ୍ତି। ରବିନା ଯାଦବ ଓ ତାଙ୍କ ବାପା ଗୋରୁ ଚରାଇବାକୁ ଜଙ୍ଗଲ ମଧ୍ୟକୁ ଯାଇଥିବାବେଳେ ଚିତାବାଘଟି ପଛପଟୁ ଆସି ନାବାଳିକାଙ୍କ ବେକକୁ ଧରିଥିଲା। ଝିଅକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରି ବାପା ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଚିତ୍କାର ଶୁଣି ପାଖ ଅଞ୍ଚଳରୁ ଲୋକେ ପହଞ୍ଚିଯିବାରୁ ବାଘ ମୃତଦେହ ଛାଡ଼ି ପଳାଇଯାଇଥିଲା।


ହିମାଚଳପ୍ରଦେଶର କୁଲୁଠାରେ ଅନୁଷ୍ଠିତ 'କୁଲୁ ଦଶହରା' ଅବସରରେ ବାଦ୍ୟ ପରିବେଷଣ କରାଯାଉଛି।

# ୧୭ ଆମେରିକୀୟ ମିଶନାରୀଙ୍କୁ ଅପହରଣ

ପୋର୍ଟ-ୟୁ-ପ୍ରିନ୍ସ, ୧୭।୧୦

ହାଇତି ରାଜଧାନୀ ପୋର୍ଟ-ୟୁ-ପ୍ରିନ୍ସରେ ୧୭ ଆମେରିକୀୟ ଖ୍ରୀଷ୍ଟିଆନ ମିଶନାରୀ (ଧର୍ମ ପ୍ରଚାରକ) ଏବଂ ସେମାନଙ୍କ ପରିବାରକୁ ଶନିବାର ଅପହରଣ କରାଯାଇଛି। ଅପହୃତଙ୍କ ମଧ୍ୟରେ ଛୋଟ ପିଲା ମଧ୍ୟ ରହିଛନ୍ତି। ଏକ ଅନାଥାଶ୍ରମରୁ ବାହାରି ବିମାନବନ୍ଦର ଅଭିମୁଖେ ଯାଉଥିବାବେଳେ ସେମାନଙ୍କୁ ଦୁର୍ବୃତ୍ତମାନେ ଉଠାଇନେଇଥିଲେ। ଅପହରଣକାରୀ ଗୋଷ୍ଠୀ ପୋର୍ଟ-ୟୁ-ପ୍ରିନ୍ସ ଏବଂ ଡୋମିନିକାନ ରିପବ୍ଲିକ୍ ସୀମା ମଧ୍ୟରେ ଦୀର୍ଘଦିନରୁ ଅନେକ ଚୋରି, ଡକାୟତି, ଅପହରଣ ମାମଲାରେ ସମ୍ପୃକ୍ତ ଅଛନ୍ତି। ଅପହୃତ ମିଶନାରିମାନେ ହାଇତିରେ ଏକ ଅନାଥାଶ୍ରମ ନିର୍ମାଣ କରୁଥିଲେ ବୋଲି ଆମେରିକୀୟ ଖ୍ରୀଷ୍ଟିଆନ ସହଯୋଗୀ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଧାର୍ମିକ ମିଶନକୁ ବାର୍ତ୍ତା ଦିଆଯାଇଛି। ଅପହରଣ ରିପୋର୍ଟ ମିଳିବା ପରେ ଏହାର ତଦନ୍ତ ଚାଲିଥିବା ଆମେରିକା ସରକାରଙ୍କ ଜଣେ ମୁଖପାତ୍ର କହିଛନ୍ତି।

ଆଫ୍ରିକାର ସବୁଠାରୁ ଗରିବ ଦେଶମଧ୍ୟରୁ ଅନ୍ୟତମ ହାଇତିରେ ଅସ୍ତ୍ରଶସ୍ତ୍ରଧାରୀ ଡକାୟତ ଓ ଅପହରଣକାରୀ ଗୋଷ୍ଠୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜୁଲାଇ ୭ରେ ହାଇତି ରାଷ୍ଟ୍ରପତି ଜୋଭେନେଲ ମୋଇସିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପରେ ଅଗଷ୍ଟରେ ୭.୨ ତୀବ୍ରତାର ଭୂମିକମ୍ପ ଯୋଗୁ ୨ ହଜାରରୁ ଊର୍ଦ୍ଧ୍ୱ ହାଇତିବାସୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଇ ଘଟଣା ପରଠାରୁ ହାଇତିରେ ଅପହରଣ ସଂଖ୍ୟା ବୃଦ୍ଧିପାଇଛି। ଅପହରଣକାରୀ ଅପହୃତଙ୍କ ପରିବାରଠାରୁ ବିପୁଳ ମାତ୍ରାରେ ଅର୍ଥ ଦାବି କରୁଛନ୍ତି। ୨୦୨୧ରେ ସେପ୍ଟେମ୍ବର ସୁଦ୍ଧା ହାଇତିରେ ୬ଶହରୁ ଊର୍ଦ୍ଧ୍ୱ ଅପହରଣ ମାମଲା ରୁଜୁ ହୋଇଛି। ସମାନ ସମୟରେ ଗତ ବର୍ଷ ଏହି ସଂଖ୍ୟା ୨୩୧ ଥିଲା।



## ଆମେରିକା: ଟ୍ରେନ୍‌ରେ ମହିଳାଙ୍କୁ ବଳାତ୍କାର

ୱାଶିଂଟନ, ୧୭।୧୦

ଆମେରିକାର ଦକ୍ଷିଣପୂର୍ବ ପେନ୍‌ସିଲଭାନିଆ ପରିବହନ କର୍ତ୍ତୃପକ୍ଷ (ଏସ୍‌ଇପିଟିଏ)ଙ୍କ ଦ୍ୱାରା ମାର୍କେଟ ଓ ଫ୍ରାଙ୍କଫୋର୍ଡ ମଧ୍ୟରେ ଚଳାଚଳ କରୁଥିବା ଏକ ଟ୍ରେନ୍‌ରେ ଜଣେ ମହିଳାଙ୍କୁ ଅନ୍ୟ ଯାତ୍ରୀମାନଙ୍କୁ ସମ୍ମୁଖରେ ବଳାତ୍କାର କରାଯାଇଛି। ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅଭିଯୁକ୍ତ ୩୫ ବର୍ଷୀୟ ଫିଷ୍ଟନ୍ ନଗୟଙ୍କୁ ୬୯ତମ ଷ୍ଟ୍ରିଟ୍ ଟ୍ରାନ୍ସପୋର୍ଟ ସେଣ୍ଟରରୁ ଗିରଫ କରାଯାଇଛି। ବୁଧବାର ରାତିରେ ଏହି ବଳାତ୍କାର ଘଟିଥିଲା। ଏସ୍‌ଇପିଟିଏ କର୍ମଚାରୀ ଏନେଇ ପୋଲିସକୁ ଜଣାଇଥିଲେ। ସର୍ଭିଲାନ୍ସ ଭିଡିଓରୁ ପୋଲିସ ଘଟଣା ସମ୍ପର୍କରେ ଜାଣିବା ସହ ବଳାତ୍କାରୀଙ୍କୁ ଚିହ୍ନଟ କରିଥିଲା।

# ଉପକାରୀ ଗାଜର



ସବୁଜ ପନିପରିବା ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ଆମେ ନିଜକୁ କେତେକ ରୋଗଠାରୁ ଦୂରେଇ ରଖିପାରିବା। କାରଣ ଏଗୁଡ଼ିକରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତନ୍ମଧ୍ୟରୁ ଗାଜର ଅନ୍ୟତମ। ଏହା ହେଉଛି ଭିଟାମିନ୍, ଫାଇବର୍ ଓ ଆଣ୍ଟି ଅକ୍ସିଡ଼ାଣ୍ଟ ଗନ୍ତାଘର। ଜାଣନ୍ତୁ ଏହାର ଉପାଦେୟ ଗୁଣ ସମ୍ପର୍କରେ..

➔ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ , ଏହା ଆମ ଆଖି ପାଇଁ ବେଶ୍ ଉପଯୋଗୀ। ଏହା ସୂର୍ଯ୍ୟକିରଣଠାରୁ ଆଖିକୁ ରକ୍ଷା କରିବା ସହ ଆଖିରେ କାଟାରାକ୍ଟ ହେବାର ଆଶଙ୍କା ଅନେକାଂଶରେ ଦୂର କରିଥାଏ।

➔ଏଥିରେ ଭିଟାମିନ୍ 'ସି' ଭରିରହିଛି।। ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

➔ନିୟମିତ ଗାଜର ଖାଇଲେ ଏଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ତତ୍ତ୍ୱ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଏଥିପାଇଁ ଡାଇବେଟିସ୍, କ୍ୟାନ୍ସର ଆଦି ଆଶଙ୍କାରୁ କେତେକାଂଶରେ ରକ୍ଷା କରିଥାଏ।

➔ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜରକୁ ସାମିଲ କରନ୍ତୁ। ଏହାଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।

➔ଏହାକୁ ପ୍ରତିଦିନ ଖାଇଲେ ଉଚ୍ଚ ରକ୍ତଚାପର ସମ୍ମୁଖୀନ ହେବାର ଆଶଙ୍କା ମଧ୍ୟ ଅନେକାଂଶରେ କମ୍ ଥାଏ।

➔ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଏଥିରେ ରହିଛି। ଏପରି ତତ୍ତ୍ୱ ଅସ୍ଥି ମଜ୍ଜା ଓ ଅସ୍ଥିକୁ ମଜଭୁତ ରଖିଥାଏ।

➔ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ।

➔ଏଥିରେ ଥିବା ଫାଇବର ତତ୍ତ୍ୱ ଶରୀରର ଓଜନକୁ ସନ୍ତୁଳିତ ରଖିଥାଏ।

➔କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

➔ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନଥାଏ।

➔ଗାଜର ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।

➔ଗାଜରକୁ କଞ୍ଚା ଖାଇବା ସହ ଏହାକୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଏ।



# ଚର୍ମରେ ଇନ୍ଦ୍ରିୟବୋଧ



ଡା. ନିତ୍ୟାନନ୍ଦ ସ୍ୱାଇଁ



ନୋବେଲ ପୁରସ୍କାର-୨୦୨୧

ଭେଷଜ ବିଜ୍ଞାନ

ଡେଭିଡ୍ ଜୁଲିୟସ୍

ଆର୍ଡେମ ପାଟାପୌଟିଆନ୍

**କିଏ ପାଇଲେ :** ଚଳିତ ବର୍ଷ ପାଇଁ ଶରୀର ବିଜ୍ଞାନ ଏବଂ ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି ଦୁଇଜଣ ଆମେରିକୀୟ ବୈଜ୍ଞାନିକ। ଏ ଦୁହେଁ ହେଲେ ଡେଭିଡ୍ ଜୁଲିୟସ୍ ଏବଂ ଆର୍ଡେମ ପାଟାପୌଟିଆନ୍। ୭୫ ବର୍ଷ ବୟସ୍କ ଜୁଲିୟସ୍ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଶରୀର ବିଜ୍ଞାନ ପ୍ରଫେସର ଏବଂ ୫୪ବର୍ଷ ବୟସ୍କ ପ୍ରଫେସର ପାଟାପୌଟିଆନ୍ ଗବେଷଣାରତ ରହିଛନ୍ତି କାଲିଫର୍ଣ୍ଣିଆର ସ୍କ୍ରିପ୍ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ। ଆମେ ଗରମ, ଥଣ୍ଡା ଓ ସ୍ୱର୍ଶ ବାରିପାରୁ କିପରି, ତାହାର ରିସିପ୍ଟର ବା ଅଭିଗ୍ରାହକମାନ ଆବିଷ୍କାର କରିବାରେ ଉଭୟେ ଜୁଲିୟସ୍ ଏବଂ ପାଟାପୌଟିଆନ୍ ସଫଳ ହୋଇଛନ୍ତି। ଏହା ଏକ ଅସାଧାରଣ ଓ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ହୋଇଥିବାରୁ ଉଭୟ ବୈଜ୍ଞାନିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ପ୍ରତ୍ୟେକ ବିଜେତାଙ୍କୁ ପ୍ରଦାନ କରାଯିବ ପାଖାପାଖି ୮ କୋଟି ୨୫ଲକ୍ଷ ଟଙ୍କା, ଗୋଟିଏ ସ୍ୱର୍ଣ୍ଣ ପଦକ ଏବଂ ପୁରସ୍କାର ପାଇଥିବାର ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମ।

**ଆବିଷ୍କାରର ରୂପରେଖ :** ଆପଣମାନେ ଜାଣନ୍ତି ଯେ ଆମେ ଗରମ, ଥଣ୍ଡା, ସ୍ୱର୍ଶ, ଯନ୍ତ୍ରଣା ଓ କମ୍ପନ ବାରିପାରୁ। ସୁତରାଂ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତାପ ଓ ସ୍ୱର୍ଶ ଇତ୍ୟାଦି ଚର୍ମର ସ୍ନାୟୁରେ ଯେଉଁ ଉଦ୍ଦୀପନା ଜାତ କରିଥାଏ, ସ୍ନାୟୁରେ ସେହି ଉଦ୍ଦୀପନା ଜାତ ହୋଇଥାଏ କିପରି ? ଏହି ପ୍ରଶ୍ନଟିର ସମାଧାନ କରିଦେଇଛନ୍ତି ନୋବେଲ ବିଜେତା ଜୁଲିୟସ୍ ଓ ପାଟାପୌଟିଆନ୍। ଚର୍ମର ସ୍ନାୟୁ ପ୍ରାନ୍ତରେ ଥିବା ରିସିପ୍ଟରକୁ ଚିହ୍ନଟ କରିବା ନିମନ୍ତେ ଜୁଲିୟସ୍ କ୍ୟାପ୍‌ସାଇସିନ୍‌କୁ ଉପଯୋଗ କରିଥିଲେ। ପାଟାପୌଟିଆନ୍ ଉପଯୋଗ କରିଥିଲେ ସ୍ୱର୍ଶ ଅନୁଭବ କରିପାରୁଥିବା ଜୀବକୋଷ। ଏହା ସାହାଯ୍ୟରେ ସେ ଏକ ଅଭିନବ ଗୋଷ୍ଠୀର 'ରିସିପ୍ଟର' ଆବିଷ୍କାର କରିଥିଲେ, ଯାହା ଚର୍ମରେ ଏବଂ ଶରୀର ଅଭ୍ୟନ୍ତରରେ ସ୍ୱର୍ଶ ଅନୁଭବକୁ ଚିହ୍ନଟ କରିପାରେ।

ତେବେ ଜାଣିରଖିବା ଉଚିତ ଯେ ଗରମ, ଥଣ୍ଡା, ସ୍ୱର୍ଶ, ଯନ୍ତ୍ରଣା ଆଦି ପ୍ରତ୍ୟେକ ଅନୁଭବକୁ ବାରିବା ଓ ଏହି ତଥ୍ୟ ମସ୍ତିଷ୍କକୁ ବହନ କରି ନେବା ପାଇଁ ରହିଛି ଭିନ୍ନ ଭିନ୍ନ ସ୍ୱତନ୍ତ୍ର ସ୍ନାୟୁ। ସେ ଓ ତାଙ୍କ ସହଯୋଗୀ ଗବେଷକମାନଙ୍କ ଏକନିଷ୍ଠ ନିରବଚ୍ଛିନ୍ନ ଗବେଷଣା ଫଳରେ ସେମାନଙ୍କୁ ଏପରି ଏକ ଜିନ୍‌ର ସନ୍ଧାନ ମିଳିଲା ଯାହା ସ୍ନାୟୁକୋଷକୁ କ୍ୟାପ୍‌ସାଇସିନ୍ ପ୍ରତି ସମ୍ବେଦନଶୀଳ କରିଥାଏ। ଏହା ପରର ଗବେଷଣାରୁ ଜଣାପଡ଼ିଗଲା ଯେ ସେହି ଜିନ୍‌ଟି ଟିଆରପିଭି-୧ (TRPV-1) ନାମକ ଆୟନ ଚ୍ୟାନେଲ ପ୍ରୋଟିନ ସଂଶ୍ଳେଷଣ ପାଇଁ ଦାୟୀ। ସେହି ପ୍ରୋଟିନ୍‌ଟି ତାପ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିପାରିବା ପାଇଁ ସମର୍ଥ ବୋଲି ଜାଣିପାରିଲେ ଜୁଲିୟସ୍ ଓ ତାଙ୍କ ଗବେଷକ ଗୋଷ୍ଠୀ। ଟିଆରପିଭ-୧ର ଆବିଷ୍କାର ପରେ ଜୁଲିୟସ୍‌ଙ୍କର ହୃଦ୍‌ବୋଧ ହୋଇଗଲା ଯେ ସେ ଶରୀରର ତାପ ବାରିପାରୁଥିବା ରିସିପ୍ଟର ଆବିଷ୍କାର କରିବାରେ ସଫଳ ହୋଇଛନ୍ତି। ଚର୍ମରେ ତାପ ବାଜିଲେ ଏହି ରିସିପ୍ଟରଟି ସକ୍ରିୟ ହୋଇ ସ୍ନାୟୁ ଉଦ୍ଦୀପନା ସୃଷ୍ଟି କରେ ଓ ମସ୍ତିଷ୍କ ଉଦ୍ଦୀପିତ ହୋଇପଡ଼ିବାରୁ ଆମ ଚର୍ମରେ ଗରମ ବାଜିଥିବା କଥା ଆମେ ଜାଣିପାରୁ। ତାପ ଅନୁଭବ କରିପାରିବାର ପଦ୍ଧତି ତ ଜଣାପଡ଼ିଗଲା। ମାତ୍ର ସ୍ୱର୍ଶ ତଥା ଚାପ ଅନୁଭବ କରିପାରିବାର ସ୍ନାୟୁପଦ୍ଧତି ପରିଷ୍କାର ଭାବରେ ଜଣାପଡ଼ିଲାନି। ଏହି ରହସ୍ୟ ଉନ୍ମୋଚନ କରିବା ନିମନ୍ତେ ପାଟାପୌଟିଆନ୍ ଓ ତାଙ୍କର ସହଯୋଗୀ ଗବେଷକମାନେ ସମାନ ପ୍ରକାରର ଜିନ୍ ଥିବା ସାଧାରଣ ପ୍ରକାରର ଜୀବକୋଷକୁ ଏକ ସୂକ୍ଷ୍ମପିପେଟ ଦ୍ୱାରା ସ୍ୱର୍ଶ କରିବାରୁ ତାହା ଜଣାପଡ଼ିଲା ଜାଣି ହେଉଥିବା ବିଦ୍ୟୁତ୍ ସଂକେତ। ଏଭଳି ପରିଣତି ସମ୍ଭବତଃ ସକ୍ରିୟ ହୋଇପଡୁଥିବା ରିସିପ୍ଟରର ଆୟନ ଚ୍ୟାନେଲ ଯୋଗୁ ସମ୍ଭବ ବୋଲି ସେମାନେ ଚିନ୍ତା କଲେ।

ଏହି ନୋବେଲ ବିଜେତା ଦ୍ୱୟଙ୍କ ଯୁଗାନ୍ତକାରୀ ଆବିଷ୍କାର ଫଳରେ ଦୀର୍ଘକାଳୀନ ଯନ୍ତ୍ରଣାର ଚିକିତ୍ସା ସମେତ ହୃଦ୍‌ବୋଧ ଉଚ୍ଚରକ୍ତଚାପ ଇତ୍ୟାଦି ଅନେକ ରୋଗର ଚିକିତ୍ସା ସମ୍ଭବ ହୋଇଯିବ। ଏହି ଆବିଷ୍କାର ପରେ ଔଷଧ ବିଜ୍ଞାନ ବା ଫାର୍ମାକୋଲୋଜିର ପ୍ରଶସ୍ତ ଦ୍ୱାରା ଚିକିତ୍ସା ବିଜ୍ଞାନୀମାନଙ୍କ ପାଇଁ ଉନ୍ମୁକ୍ତ ହୋଇପାରିଛି।

''ଚଳିତ ବର୍ଷ ପାଇଁ ଶରୀର ବିଜ୍ଞାନ ଏବଂ ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି ଦୁଇଜଣ ଆମେରିକୀୟ ବୈଜ୍ଞାନିକ-ଡେଭିଡ ଜୁଲିୟସ୍ ଏବଂ ଆର୍ଡେମ ପାଟାପୌଟିଆନ୍।''





*-ଅଭୀପ୍ସା, ସେକ୍ଟର-୬,*
*ପ୍ଲଟ୍ ନଂ. ୧୧୩୧,*
*ଅଭିନବ ବିଡ଼ାନାସୀ, କଟକ-୧୪*
*ମୋ : ୮୩୨୮୯୭୫୧୧୮*

# ଡେଙ୍ଗୁ ଭୂତାଣୁ ଡିଇଏନ୍‌ଭି-୨



**ଦେ**ଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସମଗ୍ର ବିଶ୍ୱରେ କରୋନା ତା'ର କରାଳ ରୂପ ଦେଖାଇ ଚାଲିଛି। ଅବଶ୍ୟ କେତେକ ଦେଶରେ ଏହା ନିୟନ୍ତ୍ରଣକୁ ଆସିଥିବା ବେଳେ ଏହାର ନୂଆ ରୂପ ଚିନ୍ତା ବଢ଼ାଇଛି। ଅନ୍ୟପକ୍ଷରେ ଡେଙ୍ଗୁ ତାହାର ମଧ୍ୟ କାୟା ବିସ୍ତାର କରିଛି। ଡେଙ୍ଗୁର ନୂଆ ରୂପ ଭାବରେ 'ଡିଇଏନଭି-୨' ଭୂତାଣୁ ମାନବ ସମାଜ ପାଇଁ ଅଧିକ କ୍ଷତିକାରକ ବୋଲି ଜଣାପଡିଛି। ସାଧାରଣତଃ ଘରର ଆଖପାଖରେ ପାଣି ଜମି ରହିଲେ ଡେଙ୍ଗୁ ପାଇଁ ଦାୟୀ ଏଡିସ୍ ମଶା ସେମାନଙ୍କର ବଂଶ ବିସ୍ତାର କରିଥାଆନ୍ତି। ଏହି ନୂତନ ଭୂତାଣୁରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଅଧିକ ଜ୍ୱର ହେବା ସହ ସେମାନଙ୍କଠାରେ ରକ୍ତସ୍ରାବ ମଧ୍ୟ ଦେଖାଦିଏ। ଏହା ସହ ବାନ୍ତି ଲାଗିବା, କାମ କରିବାକୁ ଆଗ୍ରହ ନ ଲାଗିବା, ଆଣ୍ଠୁ ଗଣ୍ଠି ଭୀଷଣ ପୀଡ଼ା ହେବା ଆଦି ଲକ୍ଷଣମାନ ମଧ୍ୟ ଦେଖାଦିଏ। ପୂର୍ବରୁ ଡେଙ୍ଗୁ କିମ୍ବା ଡାଇବେଟିସ୍‌ରେ ଆକ୍ରାନ୍ତ ଥିବା ଲୋକଙ୍କୁ ଯଦି ଏହି ଭୂତାଣୁ ଥିବା ମଶା କାମୁଡ଼େ, ତେବେ ସେହି ରୋଗୀଙ୍କ ଅବସ୍ଥା ଭୟଙ୍କର ହେବାର ଆଶଙ୍କା ରହିଛି। ତେଣୁ ନିଜେ ରହୁଥିବା ପରିବେଶକୁ ପରିଷ୍କାର ରଖିବା, ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା, ଶୋଇବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ଘୋଡ଼ାଇ ରଖିବା, ମଶାରି ଟାଣି ଶୋଇବା ଦରକାର। ଏଣୁ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

# ଜାଣି ରଖନ୍ତୁ

▶ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ଘାତ ବା ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ନିଶାଦ୍ରବ୍ୟ ସେବନ କଲେ ସେଥିରେ ଥିବା କ୍ଷତିକାରକ ତତ୍ତ୍ୱ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଂଚାଳନକୁ ଆବଶ୍ୟକତାଠାରୁ ଆହୁରି ବଢ଼ାଇ ଦେଇଥାଏ, ଯାହାଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ। ଏହା ଯୋଗୁ ହାର୍ଟକୁ ଉପଯୁକ୍ତ ପରିମାଣର ରକ୍ତ ପହଞ୍ଚି ପାରି ନ ଥାଏ ଓ ହାର୍ଟର କାର୍ଯ୍ୟଧାରାରେ ବାଧା ସୃଷ୍ଟି ହୁଏ।

▶କେତେକ ବ୍ୟକ୍ତି ଅଧିକ ଲୁଣ ଖାଇବାକୁ ପସନ୍ଦ କରିଥାଆନ୍ତି। ହେଲେ ଏପରି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ଥାଏ, ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ପାଲଟିଯାଏ।

▶ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ହାର୍ଟ ପାଇଁ ସେତେ ଭଲ। ଏପରି ଖାଦ୍ୟ ଅଧିକ ଖାଇଲେ ତାହା ରକ୍ତରେ କୋଲେଷ୍ଟରଲ ସ୍ତରକୁ ବଢ଼ାଇ ଦେଇଥାଏ, ଯାହାଦ୍ୱାରା ହୃଦ୍‌ଘାତ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି।

▶କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପୋଟାସିୟମ୍ ରକ୍ତଚାପକୁ ସନ୍ତୁଳିତ ରଖିଥାଏ। ଫଳରେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା କେତେକାଂଶରେ କମ୍ ଥାଏ।

▶ଗ୍ରୀନ ଟି, ବ୍ଲାକ୍ ଟି, କଫି ଏବଂ ଫଳରସ ପିଇଲେ ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ।



# ସନ୍ତୁଳିତ ସୁଗାର ଦୂର କରେ ଷ୍ଟ୍ରୋକ୍ ଆଶଙ୍କା

**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି। ହେଲେ ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ସହ ରକ୍ତରେ ସୁଗାର ପରିମାଣ ଯେପରି ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାଇବେଟିସ୍ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ଏପରି କି ହାର୍ଟ ଆଟାକ୍, ଷ୍ଟ୍ରୋକ୍ ଆଦିର ଆଶଙ୍କା ମଧ୍ୟ ରହିଥାଏ। ତେବେ ଯଦି ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତିଙ୍କର ସୁଗାର ପରିମାଣ ଅଧିକାଂଶ ସମୟ ସନ୍ତୁଳିତ ରହିଲା, ତେବେ ସେ ଷ୍ଟ୍ରୋକ୍ ପରି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା କେତେକାଂଶରେ କମ୍ ରହିଛି ବୋଲି ଜଣାପଡିଛି। 'ସନ୍ତୁଳିତ ସୁଗାର ପରିମାଣ ଓ ଷ୍ଟ୍ରୋକ୍ ଆଶଙ୍କା' ଶୀର୍ଷକ ବିଷୟକୁ ନେଇ କୋରିଆର ସିଓଲ୍ ନ୍ୟାଶନାଲ୍ ୟୁନିଭର୍ସିଟି କଲେଜ ଅଫ୍ ମେଡିସିନ୍‌ର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଯେଉଁମାନଙ୍କର ସୁଗାର ସ୍ତର ଅଧିକାଂଶ ସମୟ ଅସନ୍ତୁଳିତ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।



# ସ୍ୱାସ୍ଥ୍ୟ ସୂଚନା



➤ଯଦି ଘରେ କୌଣସି ଔଷଧ ରଖୁଛନ୍ତି, ତେବେ ରଖିବା ପୂର୍ବରୁ ସେହି ଔଷଧର ନାମ ଏବଂ ତାହାର ଏକ୍ସପାଏରି ତାରିଖ ଡାଏରୀରେ ଲେଖି ରଖନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ତାହାକୁ ଔଷଧ ସହ ମିଳାଇ ନେଇ ଏକ୍ସପାଏରୀ ଡେଟ୍ ଟପିଯାଇଥିବା ମେଡିସିନ୍‌ଗୁଡିକୁ ଅଲଗା କରିଦିଅନ୍ତୁ।

➤ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳୁ ଜଳଖିଆ (ବ୍ରେକଫାଷ୍ଟ) ଖାଇବାକୁ ଭୁଲନ୍ତୁ ନାହିଁ। କାରଣ ଏହା ମନକୁ ଅନେକାଂଶରେ ସତେଜ ରଖିଥାଏ।

➤ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଚାପର ବଶବର୍ତ୍ତୀ ହେବାର ଆଶଙ୍କା କମ୍ ରହିବ ଏବଂ ନିଜେ କରୁଥିବା କାମକୁ ସୁଚାରୁ ରୂପେ ତୁଲାଇ ପାରିବେ।

➤ଯଦି ଆପଣ ଦିନତମାମ କିଛି ଗୁରୁତ୍ୱପୂର୍ଣ୍ଣ କାମରେ ବ୍ୟସ୍ତ ରହୁଛନ୍ତି, ତେବେ ତା' ଭିତରେ ସମୟ ବାହାର କରି କିଛି ଖାଇ ନିଅନ୍ତୁ। କାରଣ ଅଧିକ ସମୟ ଖାଲି ପେଟରେ ରହିଲେ ତାହା ଗ୍ୟାଷ୍ଟ୍ରିକ୍ ସମସ୍ୟା ସୃଷ୍ଟି କରିପାରେ।

➤ଯଦି ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି, ତେବେ ତାହାକୁ ବର୍ଜନ କରିବା ନିହାତି ଦରକାର। ଏହାତ ଗୋଟିଏ ଦିନରେ ହୋଇଯିବ ନାହିଁ। ଧୀରେ ଧୀରେ ଏପରି ଅଭ୍ୟାସଠାରୁ ନିଜକୁ ଦୂରେଇ ଯିବାକୁ ଚେଷ୍ଟା କରନ୍ତୁ।

➤ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହିସବୁ ଖାଦ୍ୟରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଆଦି ରହିବା ନିହାତି ଦରକାର।

